


## ବିଶ୍ୱକପ୍ ଖେଳିବେ ଅମିତ୍, ଶିଳାନନ୍ଦ

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-28 ◆WEDNESDAY ◆22 JULY 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୪ ◆ସଂଖ୍ୟା-୨୮ ◆ବୁଧବାର ◆୨୨ ଜୁଲାଇ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ନିଟ୍ ପ୍ରଶ୍ନପତ୍ର ଲିକ୍ ବିଭ୍ରାଟ

# ନ୍ୟାୟ ଦାବିକୁ ରକ୍ତାକ୍ତ ଦମନ

## ପ୍ରଧାନମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ କଂଗ୍ରେସର ଧାରଣା

### ରାହୁଲ ଓ ପ୍ରିୟଙ୍କାଙ୍କୁ ଉଠାଇନେଲା ପୁଲିସ

### ପୁଲିସ ବର୍ବରତା ପାଇଁ ସରକାର କ୍ଷମା ମାଗନ୍ତୁ

### ରାହୁଲଙ୍କୁ ଭେଟି ଆଲୋଚନା କଲେ କେନ୍ଦ୍ର ମନ୍ତ୍ରୀ ଜିତେନ୍ଦ୍ର

### ଯନ୍ତରମନ୍ତରରେ ପହଞ୍ଚିଲେ ପାୱାର, ସୁପ୍ରିୟା ସୁଲେ, କେଜ୍ରିୱାଲ, ଶାବନା ଆଜମୀ, ପ୍ରକାଶ ରାଜ



■ ନୂଆଦିଲ୍ଲୀ, ୨୧।୭ (ଏଜେନ୍ସି): ନିଟ୍ ପରୀକ୍ଷା ବିଭ୍ରାଟ ପ୍ରତିବାଦରେ ଗତକାଲି କକ୍ରୋଚ୍ ଜନତା ପାର୍ଟି (ସିଜେପି) ପକ୍ଷରୁ 'ସଂସଦ ଚଲୋ' ଅଭିଯାନ ବେଳେ ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କ ଉପରେ ପୁଲିସର ଅମାନୁଷିକ ଆକ୍ରମଣକୁ ନେଇ ଦେଶବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି। ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ଏହାର ନିନ୍ଦା କରିବା ସହିତ ସରକାର ଓ ପୁଲିସ ଉପରେ ବର୍ଷିଛନ୍ତି। ଛାତ୍ରଛାତ୍ରୀଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇ ହଜାର ହଜାର ଲୋକ ଜନ୍ତର ମନ୍ତରରେ ଏକତ୍ରିତ ହେଉଥିବା ବେଳେ ପୁଲିସ ବର୍ବରତାର ପ୍ରତିବାଦ ଜଣାଇ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ସାଂସଦ ଓ ମୁଖ୍ୟମନ୍ତ୍ରୀ ଆଜି ପ୍ରଧାନମନ୍ତ୍ରୀଙ୍କ ବାସଭବନ ଆଗରେ ଧାରଣା ଦେଇଛନ୍ତି। ପୁଲିସର ଅମାନୁଷିକତା ପାଇଁ ପ୍ରଧାନମନ୍ତ୍ରୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ କ୍ଷମା ମାଗନ୍ତୁ ବୋଲି କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ରାହୁଲ କହିଛନ୍ତି।

ଗତକାଲିର ପୁଲିସ ବର୍ବରତା ନେଇ ଆକ୍ରୋଶ ବୃଦ୍ଧି ପାଉଥିବା ବେଳେ ରାହୁଲଙ୍କ ନେତୃତ୍ୱରେ କଂଗ୍ରେସ ସାଂସଦ ଓ କଂଗ୍ରେସ ମୁଖ୍ୟମନ୍ତ୍ରୀ ଲୋକ କଲ୍ୟାଣ ମାର୍ଗ ▶ପୃଷ୍ଠା-୮

## ପ୍ରଶ୍ନପତ୍ର ଲିକ୍ 'ଘୋର ପାପ': ପ୍ରଧାନମନ୍ତ୍ରୀ



■ ନୂଆଦିଲ୍ଲୀ, ୨୧।୭ (ଏଜେନ୍ସି): ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ ସାରା ଦେଶରେ ଜନ ଅସନ୍ତୋଷ ଓ ବିରୋଧ ପ୍ରଦର୍ଶନ ଜାରି ରହିଛି। ବହୁ ବିଳମ୍ବରେ ହେଲେ ମଧ୍ୟ ଶେଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାକୁ କଡ଼ା ଭାଷାରେ ନିନ୍ଦା କରିଛନ୍ତି। ଏନଡିଏ ସଂସଦୀୟ ଦଳ ବୈଠକରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ପ୍ରଶ୍ନପତ୍ର ଲିକ୍‌କୁ ଏକ 'ପାପ' ବୋଲି ଅଭିହିତ କରିଛନ୍ତି। ଏହାସହ ଏଭଳି ଘଟଣା ଯେପରି ପୁନର୍ବାର ନଘଟେ ସେଥିପାଇଁ ଦୃଢ଼ ସଂକଳ୍ପ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ପ୍ରଶ୍ନପତ୍ର ଲିକ୍ ଘଟଣା ସାମ୍ନାକୁ ଆସିବା ମାତ୍ରେ ସରକାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏହି ମାମଲାରେ ସମ୍ପୃକ୍ତ ଥିବା ୧୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇସାରିଛି ଏବଂ ସେମାନେ ବର୍ତ୍ତମାନ ପୁଲିସ ହେପାଜତରେ ଅଛନ୍ତି। କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁଙ୍କ ସୂଚନା ଅନୁଯାୟୀ, ଦୋଷୀମାନଙ୍କୁ କଠୋରରୁ କଠୋର ଦଣ୍ଡ ପ୍ରଦାନ କରିବାକୁ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଭବିଷ୍ୟତରେ ଏଭଳି ଅପରାଧ ରୋକାଯିବା ପାଇଁ ଏବଂ ସର୍ବଭାରତୀୟ ସ୍ତରର ପରୀକ୍ଷାର ସ୍ୱଚ୍ଛତା ବଜାୟ ରଖିବାକୁ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସୁରକ୍ଷିତ ରଖିବା ପାଇଁ ସରକାରଙ୍କ ନିଷ୍ପତ୍ତି କ୍ରମେ ଜୁନ୍ ୨୧ ରେ ନିଟ୍ ପୁନଃ-ପରୀକ୍ଷା ସଫଳତାର ସହ ଶେଷ ହୋଇଛି ଏବଂ ନିର୍ଦ୍ଧାରିତ ସମୟରେ ଏହାର ଫଳାଫଳ ପ୍ରକାଶ କରାଯାଇଛି। ତଥାପି, ଫଳାଫଳ ପ୍ରକାଶ ପରେ ମହାରାଷ୍ଟ୍ର ଏବଂ ଉତ୍ତର ପ୍ରଦେଶର ଅନେକ ପ୍ରାର୍ଥୀ ଓଏମ୍‌ଆର୍ ସିଟ୍ ଏବଂ ସ୍କୋରରେ ତ୍ରୁଟି ଥିବା ନେଇ ନୂତନ ଅଭିଯୋଗ ଆଣିଛନ୍ତି। ସେପଟେ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଏହି ସମସ୍ତ ଅଭିଯୋଗକୁ ଭିତ୍ତିହୀନ କହି ପ୍ରତ୍ୟାଖ୍ୟାନ କରିଛି। ଆଜି ପ୍ରଧାନମନ୍ତ୍ରୀ ସମସ୍ତ ରାଜ୍ୟ ସରକାରଙ୍କୁ ଏହି ଦିଗରେ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି।

## ଦିଲ୍ଲୀରେ କେନ୍ଦ୍ର ସରକାରଙ୍କୁ ଘେରିଲେ ନବୀନ

# ଇସ୍ତଫା ଦିଅନ୍ତୁ ଶିକ୍ଷାମନ୍ତ୍ରୀ

■ ନୂଆଦିଲ୍ଲୀ, ୨୧।୭ (ସମିସ): ନିଟ୍ ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗରେ ଦିଲ୍ଲୀରେ କକ୍ରୋଚ ଜନତା ପାର୍ଟିର ଆନ୍ଦୋଳନ ତୀବ୍ର ହେଉଥିବା ବେଳେ କେନ୍ଦ୍ର ସରକାରଙ୍କ ଅଡୁଆ ବଢ଼ିବାରେ ଲାଗିଛି। ଦେଶବ୍ୟାପୀ ବିରୋଧୀ ଦଳ ଗୁଡ଼ିକ ସରକାରଙ୍କୁ ଘେରୁଥିବା ବେଳେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଦିଲ୍ଲୀ ଗସ୍ତ ଅବସରରେ ମଙ୍ଗଳବାର ଦଳୀୟ ସାଂସଦ ସହ ଆଲୋଚନା ପରେ ସେ ସାମ୍ପ୍ରତିକ ଘଟଣାବଳୀକୁ ସ୍ପର୍ଶକାତର ବୋଲି ମତ ରଖିଛନ୍ତି।

ଜାତୀୟ ଗଣମାଧ୍ୟମକୁ ନବୀନ କହିଛନ୍ତି ଯେ ଦିଲ୍ଲୀର ପରିସ୍ଥିତି ଅତ୍ୟନ୍ତ ଗମ୍ଭୀର ଏବଂ ଛାତ୍ରଛାତ୍ରୀଙ୍କ ଉପରେ ହୋଇଥିବା ହିଂସାତ୍ମକ ଆକ୍ରମଣ ଗଣତନ୍ତ୍ର ପାଇଁ ଚିନ୍ତାଜନକ। ମୁଁ ଦିଲ୍ଲୀରେ ଘଟିଥିବା ଅତ୍ୟନ୍ତ ଗୁରୁତର ପରିସ୍ଥିତି ସମ୍ପର୍କରେ ବିଜୁ ଜନତା ଦଳର ସାଂସଦମାନଙ୍କ ସହ ଏକ ବୈଠକ କରିଛି। ଦୁଇ ଦିନ ପୂର୍ବରୁ ମୁଁ ଏହି ବିଷୟରେ ବିସ୍ତୃତ ମତ ରଖିଥିଲି, ଯାହାକୁ ଜାତୀୟ ଗଣମାଧ୍ୟମ ବ୍ୟାପକ ଭାବେ ପ୍ରସାର କରିଛି। ବର୍ତ୍ତମାନର ସ୍ଥିତି ଅତ୍ୟନ୍ତ ଗୁରୁତର ଏବଂ ଉଦବେଗଜନକ। ଅନେକ ଯୁବ ଛାତ୍ରଛାତ୍ରୀଙ୍କ ଉପରେ ହିଂସାତ୍ମକ ଆକ୍ରମଣ ହୋଇଛି, ସେମାନେ ଗୁରୁତର ଭାବରେ ଆହତ ହୋଇଛନ୍ତି। ବିଜୁ ଜନତା ଦଳର ସାଂସଦମାନେ ଆହତ ଛାତ୍ରଛାତ୍ରୀଙ୍କୁ ଡ଼ାକ୍ତରଖାନାରେ ଭେଟିଛନ୍ତି। ଆହତ ଯୁବକ ଯୁବତୀମାନଙ୍କ ପାଇଁ ଯାହା ସମ୍ଭବ ସମସ୍ତ ସହାୟତା କରିବାକୁ ଆଶ୍ୱାସନା ଦେଇଛନ୍ତି ଓ ସହଯୋଗ କରୁଛନ୍ତି। ଦିଲ୍ଲୀରେ ଘଟିଥିବା ଘଟଣା ଅତ୍ୟନ୍ତ ଗମ୍ଭୀର। କେବଳ ଦିଲ୍ଲୀରେ ନୁହେଁ; ଦେଶର ବିଭିନ୍ନ ସହର ଓ ବିଦେଶରେ ବିଭିନ୍ନ ଦେଶ ରାଜଧାନୀରେ ଥିବା ଭାରତୀୟ ଦୂତାବାସ ସମ୍ମୁଖରେ ମଧ୍ୟ ଏହି ଘଟଣାକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି। ▶ପୃଷ୍ଠା-୮




### ଆହତଙ୍କୁ ସହାୟତା ଓ ସହଯୋଗ ଲାଗି ପ୍ରତିଶ୍ରୁତି

## ଓଡ଼ିଶାରେ କରୋନା



# ଏମ୍‌କେସିଜିରେ ୩ ସଂକ୍ରମିତ !

■ ବ୍ରହ୍ମପୁର, ୨୧।୭ (ସମିସ): ପଡ଼ୋଶୀ ଆନ୍ଧ୍ରପ୍ରଦେଶରେ କୋଭିଡ ସଂକ୍ରମଣ ଚିହ୍ନଟ ପରେ ଏବେ ଗଞ୍ଜାମରେ ମଧ୍ୟ କୋଭିଡ ପଜିଟିଭ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଚିହ୍ନଟ ହୋଇଥିବା ସମସ୍ତ ୩ଜଣ ଆକ୍ରାନ୍ତ ମହିଳା ହୋଇଥିବା ନିର୍ଭର ଯୋଗ୍ୟ ସୂତ୍ରରୁ ସୂଚନା ମିଳିଛି। ହସ୍ପିଟାଲର ମାଇକ୍ରୋବାୟୋଲୋଜି ବିଭାଗ ଅଧୀନରେ ଥିବା ଭାଇରାଲ୍ ରିସର୍ଚ୍ଚ ଏବଂ ଡାଇଗ୍ନୋଷ୍ଟିକ୍ ଲାବୋରେଟୋରୀ(ଭିଆରଡ଼ିଏଲ)ରେ ସନ୍ଦିଗ୍ଧ ରୋଗୀଙ୍କ ନମୁନା ପରୀକ୍ଷା କରାଯାଇଥିବା ବେଳେ କୋଭିଡ଼ ପଜିଟିଭ ଥିବା ଜଣାପଡିଥିଲା। ଆକ୍ରାନ୍ତଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲାର ଜଣେ ପ୍ରାୟ ୩୮ ବର୍ଷୀୟା ମହିଳା, ଜଣେ ଯୁବତୀ ଏବଂ ଜଣେ ମେଡିକାଲ କର୍ମଚାରୀ ରହିଥିବା ସୂଚନା ମିଳିଛି। ପ୍ରାୟ ୩୮ ବର୍ଷୀୟା ମହିଳା ଜଣକ ଏମକେସିଜି ମେଡ଼ିକାଲର ଏକ ନିର୍ଦ୍ଦିଷ୍ଟ ବିଭାଗରେ ଚିକିତ୍ସାଧୀନ ଥିଲେ। ଚିକିତ୍ସା ସମୟରେ ତାଙ୍କ ଠାରେ କୋଭିଡ ସଦୃଶ ଲକ୍ଷଣ ଦେଖାଯିବା ପରେ ଡାକ୍ତର କୋଭିଡ ପରୀକ୍ଷା ପାଇଁ ପରାମର୍ଶ ଦେଇଥିଲେ। ଭିଆରଡ଼ିଏଲ ପକ୍ଷରୁ ପ୍ରଦାନ କରାଯାଇଥିବା ପରୀକ୍ଷା ରିପୋର୍ଟରେ ସେ କୋଭିଡ ପଜିଟିଭ ଚିହ୍ନଟ ହୋଇଥିଲେ। ବର୍ତ୍ତମାନ ମେଡ଼ିକାଲ ପକ୍ଷରୁ ତାଙ୍କର ଚିକିତ୍ସା ଜାରି ରହିଥିବା ବେଳେ ସଂଘରୋଧ କକ୍ଷରେ ତାଙ୍କୁ ସ୍ଥାନାନ୍ତର ପାଇଁ ଯୋଜନା ଚାଲିଥିବା ଜଣାପଡିଛି। ଆକ୍ରାନ୍ତଙ୍କ ମଧ୍ୟରେ ଥିବା ଡାକ୍ତରଖାନାର ଜନୈକା କର୍ମଚାରୀ କିଛିଦିନ ଧରି ଛୁଟିରେ ଥିବା ଜଣାପଡ଼ିଛି। ତୃତୀୟ ଆକ୍ରାନ୍ତ ଜଣେ ଯୁବତୀ ବୋଲି ସୂଚନା ମିଳିଛି। ଏହି ଘଟଣା ପରେ ମେଡ଼ିକାଲ ପ୍ରଶାସନ ପକ୍ଷରୁ ସଂକ୍ରମିତଙ୍କ ଚିକିତ୍ସା ସହ ଆବଶ୍ୟକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଉଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଅନ୍ୟପକ୍ଷରେ କୋଭିଡ ଆକ୍ରାନ୍ତ ଚିହ୍ନଟ ଘଟଣାର କୌଣସି ସୂଚନା ନଥିବା ଏମକେସିଜି ମେଡ଼ିକାଲ ଅଧୀକ୍ଷକ ପ୍ରଫେସର ପ୍ରଫେସର ଡ଼ା. ସୁଦୀପା ଦାଶ କହିଛନ୍ତି। ଅପରପକ୍ଷରେ ଜିଲ୍ଲା ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ▶ପୃଷ୍ଠା-୮

## ଟନେଲ ଦୁର୍ଘଟଣା; ୧୦ ମୃତ

■ ନାମ୍‌ଚି, ୨୧।୭ (ଏଜେନ୍ସି): ସିକିମର ନାମଚି ଜିଲ୍ଲାରେ ସମରଦୁଙ୍ଗ ଅଞ୍ଚଳରେ ଏକ ନିର୍ମାଣାଧୀନ ଟନେଲରେ ଭୂସ୍ଖଳନ ଯୋଗୁଁ ୧୦ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୨୫ରୁ ୨୭ ଜଣ ଶ୍ରମିକ ଏବେ ବି ଭିତରେ ଫସି ରହିଛନ୍ତି। ଟନେଲ ମଧ୍ୟରେ ବିଷାକ୍ତ ଗ୍ୟାସ ଲିକ୍ ହେଉଥିବା ସନ୍ଦେହ କରାଯାଉଥିବାରୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଏନଏଚପିସି ତିସ୍ତା ଷ୍ଟେଜ୍-୬ ଜଳବିଦ୍ୟୁତ୍ ପ୍ରକଳ୍ପର ଅଂଶବିଶେଷ ଭାବେ ନିର୍ମାଣ କରାଯାଉଥିବା ଏହି ଟନେଲରେ ଭୂସ୍ଖଳନ ଯୋଗୁଁ ଦୁର୍ଘଟଣା ଘଟିଥିଲା। ଫଳରେ ଟନେଲର ପ୍ରବେଶ ପଥ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବା ସହ ଭିତରେ ଗ୍ୟାସ ଲିକ୍ ହୋଇଥିଲା। ଏପର୍ଯ୍ୟନ୍ତ ୧୦ଟି ମୃତଦେହ ଉଦ୍ଧାର କରାଯାଇଛି। ମୃତକଙ୍କ ମଧ୍ୟରେ ପଶ୍ଚିମବଙ୍ଗ, ଆସାମ, ପଞ୍ଜାବ, ଉତ୍ତରାଖଣ୍ଡ ଏବଂ ସ୍ଥାନୀୟ ନାମଚି ଅଞ୍ଚଳର ଶ୍ରମିକମାନେ ସାମିଲ ଅଛନ୍ତି। ଉଦ୍ଧାରକାରୀ ଦଳ ଅନୁଯାୟୀ, ଟନେଲ ମଧ୍ୟରେ ମିଥେନ୍ ଗ୍ୟାସର ପ୍ରଭାବ ଯୋଗୁଁ କାର୍ଯ୍ୟ କରିବା କଷ୍ଟକର ହୋଇପଡ଼ିଛି। ଗ୍ୟାସ ସଂସ୍ପର୍ଶରେ ଆସି କିଛି ଉଦ୍ଧାରକାରୀ କର୍ମଚାରୀ ମୁଣ୍ଡ ବୁଲାଇବା ଏବଂ ଚେତାଶୂନ୍ୟ ହୋଇଯାଉଥିବା ଜଣାପଡ଼ିଛି। ବର୍ତ୍ତମାନ ଏନଡିଆରଏଫ, ଏସଡିଆରଏଫ, ସିକିମ ପୁଲିସ ଏବଂ ପଶ୍ଚିମବଙ୍ଗରୁ ଆସିଥିବା ଏକ ସ୍ୱତନ୍ତ୍ର ବିଶେଷଜ୍ଞ ଦଳ ଗ୍ୟାସ ମାସ୍କ ଏବଂ ଅତ୍ୟାଧୁନିକ ଉପକରଣ ସହାୟତାରେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ସିକିମ ମୁଖ୍ୟମନ୍ତ୍ରୀ ପ୍ରେମ ସିଂ ତମାଙ୍ଗ ▶ପୃଷ୍ଠା-୮

### ୨୫ରୁ ଅଧିକ ଶ୍ରମିକ ଫସିଥିବା ଆଶଙ୍କା

## ପୁଲିସର ଦମନଲୀଳା

# ବିଜୟଚୌକରେ ବିଜେଡିର ପ୍ରତିବାଦ

## ହସ୍ପିଟାଲରେ ଆହତ ଛାତ୍ରଙ୍କୁ ଭେଟିଲେ ବିଜେଡି ସାଂସଦ

■ ନୂଆଦିଲ୍ଲୀ/ଭୁବନେଶ୍ୱର, ୨୧।୭ (ସମିସ): ସୋମବାର ଦିଲ୍ଲୀ ଯନ୍ତରମନ୍ତରରୁ ସଂସଦ ଅଭିମୁଖେ ଶାନ୍ତିପୂର୍ଣ୍ଣ ପଦଯାତ୍ରା କରୁଥିବା ଛାତ୍ରଛାତ୍ରୀଙ୍କ ଉପରେ ପୋଲିସର ବର୍ବରୋଚିତ ଆକ୍ରମଣକୁ କଡ଼ା ନିନ୍ଦା କରିଛି ବିଜୁ ଜନତା ଦଳ। ଦିଲ୍ଲୀ ବିଜୟ ଚୌକରେ ସମଗ୍ର ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ସହ ସାଂସଦମାନେ ପ୍ରତିବାଦ କରିଛନ୍ତି। ସଂସଦରେ ଏହି ଘଟଣା ସଂକ୍ରାନ୍ତରେ ସ୍ୱତନ୍ତ୍ର ଆଲୋଚନା ପାଇଁ ବିଜେଡି ଦାବି କରିବା ସହ ଆର୍‌ଏମ୍‌ଏଲ୍ ହସପିଟାଲରେ ଆହତ ଛାତ୍ରଛାତ୍ରୀଙ୍କୁ ସାଂସଦମାନେ ଭେଟିଛନ୍ତି।

ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳର ନେତା ମାନସ ରଞ୍ଜନ ମଙ୍ଗରାଜଙ୍କ ନେତୃତ୍ୱରେ ଡ.ସନ୍ତୃପ୍ତ ମିଶ୍ର, ଡ.ସସ୍ମିତ ପାତ୍ର, ଶୁଭାଶିଷ ଖୁଣ୍ଟିଆ, ସୁଲତା ଦେଇ ପ୍ରମୁଖ ମଙ୍ଗଳବାର ନୂଆଦିଲ୍ଲୀ ସ୍ଥିତ ଡଃ ରାମ ମନୋହର ଲୋହିଆ (ଆର୍‌ଏମ୍‌ଏଲ୍) ହସ୍ପିଟାଲକୁ ଯାଇ ଚିକିତ୍ସାଧୀନ ଥିବା ଛାତ୍ରଛାତ୍ରୀଙ୍କୁ ଭେଟି ଗଭୀର ସମବେଦନା ଜଣାଇଛନ୍ତି। ସାଂସଦମାନେ ଆହତ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିବା ସହ ନ୍ୟାୟ ପାଇଁ ସେମାନଙ୍କ ଲଢ଼େଇରେ ବିଜୁ ଜନତା ଦଳ ସଦାସର୍ବଦା ସେମାନଙ୍କ ସହ ରହିବ ବୋଲି ଆଶ୍ୱାସନା ଦେଇଛନ୍ତି।

ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ପକ୍ଷରୁ ଆହତ ଛାତ୍ରଛାତ୍ରୀଙ୍କ ପ୍ରତି ଗଭୀର ସମବେଦନା ଜଣାଇଥିଲେ ପ୍ରତିନିଧି ମଣ୍ଡଳୀ। ଏହି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ ▶ପୃଷ୍ଠା-୮



### ସବୁ ପ୍ରସଙ୍ଗ ସ୍ଥଗିତ ରଖି ଆକ୍ରମଣ ସଂକ୍ରାନ୍ତରେ ସଂସଦରେ ହେଉ ସ୍ୱତନ୍ତ୍ର ଆଲୋଚନା



## ଓଡ଼ିଶାରେ ଏସ୍‌ଆଇଆର୍

# ୫୮ ଲକ୍ଷ ଭୋଟରଙ୍କୁ ନୋଟିସ୍

### ତାଲିକାରେ ମ୍ୟାପିଂ ହୋଇ ନଥିବା ୧୨ ଲକ୍ଷ ମଧ୍ୟ ସାମିଲ

### ଦସ୍ତାବିଜ୍ ନ ଦେଲେ କଟିପାରେ ଭୋଟର ତାଲିକାରୁ ନାମ

### ସେପ୍ଟେମ୍ବର ୬ରେ ପ୍ରକାଶ ପାଇବ ଚୂଡ଼ାନ୍ତ ଭୋଟର ତାଲିକା

■ ଭୁବନେଶ୍ୱର, ୨୧।୭ (ସମିସ): ଆସନ୍ତା ସେପ୍ଟେମ୍ବର ୬ ତାରିଖରେ ରାଜ୍ୟରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଏହାପୂର୍ବରୁ ୫ ତାରିଖରେ ପ୍ରକାଶିତ ଚିଠା ଭୋଟର ତାଲିକାରେ ନାମ ଥିବା ପ୍ରାୟ ୫୮ ଲକ୍ଷରୁ ଅଧିକ ଲୋକଙ୍କୁ ସହାୟକ ନିର୍ବାଚକ ପଞ୍ଜୀକରଣ ଅଧିକାରୀ (ଏଇଆରଓ)ଙ୍କ ଜରିଆରେ ନୋଟିସ୍ ଜାରି କରାଯାଉଛି। ଏଭଳି ନୋଟିସ୍ ପାଇଥିବା ବ୍ୟକ୍ତିମାନେ ଆବଶ୍ୟକୀୟ ଦସ୍ତାବିଜ ସହ ଧାର୍ଯ୍ୟ ତାରିଖ ଓ ସ୍ଥାନରେ ଶୁଣାଣିରେ ଉପସ୍ଥିତ ରହିପାରିବେ ବା ନିର୍ଦ୍ଧାରିତ ପୋର୍ଟାଲରେ ଲଗ୍‌ଇନ୍ କରି ଅନଲାଇନ୍‌ରେ ମଧ୍ୟ ଦସ୍ତାବିଜ ଦାଖଲ କରିପାରିବେ। ଆବଶ୍ୟକସ୍ଥଳେ ଇଆରଓ ଏବଂ ଏଇଆରଓ ମାନେ ଭିଡିଓ କଲ୍ ମାଧ୍ୟମରେ ମଧ୍ୟ ଶୁଣାଣି କରିବେ ବୋଲି ସୂଚନା ଦେଇଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍ ଏସ ଗୋପାଳନ। ସେ କହିଛନ୍ତି ଯେ ମୁଖ୍ୟତଃ ୨ଟି କାରଣ ପାଇଁ ଲୋକମାନଙ୍କୁ ନୋଟିସ ଦିଆଯାଉଛି। ଯେଉଁ ଲୋକଙ୍କ ନାମ ମ୍ୟାପିଂ କରାଯାଇପାରି ନାହିଁ, ଅର୍ଥାତ୍ ଯେଉଁ ଭୋଟରମାନଙ୍କ ତଥ୍ୟ ୨୦୦୨ ମସିହାର ଭୋଟର ତାଲିକା ସହିତ ମେଳ ଖାଉ ନାହିଁ ସେମାନଙ୍କୁ ଏଇଆରଓଙ୍କ ଜରିଆରେ ନୋଟିସ୍ ଜାରି କରାଯାଉଛି। ସେପରି ଲୋକଙ୍କ ସଂଖ୍ୟା ୧୨ ଲକ୍ଷ। ଏହାବ୍ୟତୀତ ବୟସ, ନାମ, ଠିକଣାରେ ତ୍ରୁଟି ଥିବା ୪୬ ଲକ୍ଷ ଲୋକଙ୍କୁ ମଧ୍ୟ ନୋଟିସ୍ ଜାରି କରାଯିବ। ତେବେ ଯଦି ମ୍ୟାପିଂ ହୋଇପାରିନଥିବା ଲୋକେ ସନ୍ତୋଷଜନକ ତଥା ଆବଶ୍ୟକୀୟ ଦସ୍ତାବିଜ୍ ଦାଖଲ ନ ▶ପୃଷ୍ଠା-୮

## ଋଣ ଭାରରେ ଭାରତ

# ବର୍ଷ ଶେଷ ସୁଦ୍ଧା ଟପିବ ୨୧୮ ଲକ୍ଷ କୋଟି

## କେବଳ ସୁଧ ପରିଶୋଧରେ ଯିବ ୧୪.୦୪ ଲକ୍ଷ କୋଟି ଟଙ୍କା

■ ନୂଆଦିଲ୍ଲୀ/ ଭୁବନେଶ୍ୱର, ୨୧।୭ (ସମିସ): ଦେଶର ଆର୍ଥିକ ସ୍ଥିତି ଏବଂ ସରକାରୀ ଋଣବୋଝକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଛି। ଚଳିତ ୨୦୨୬-୨୭ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଭାରତର ସମୁଦାୟ ଋଣ ପରିମାଣ ୨୧୮.୬୩ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ ବୋଲି କେନ୍ଦ୍ର ସରକାର ଆକଳନ କରିଛନ୍ତି। ୨୦୨୫-୨୬ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଦେଶର ଋଣ ପରିମାଣ ୨୦୧.୧୭ ଲକ୍ଷ କୋଟି ଟଙ୍କା ଥିଲା। ଚଳିତ ବର୍ଷ ଏଥିରେ ୧୭.୪୬ ଲକ୍ଷ କୋଟି ଟଙ୍କା ବୃଦ୍ଧି ହେବାର ସମ୍ଭାବନା ରହିଛି। ରାଜ୍ୟସଭାରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଏହି ତଥ୍ୟ ପ୍ରଦାନ କରିଛନ୍ତି।

ସରକାରଙ୍କ ତଥ୍ୟ ଅନୁସାରେ ଦେଶର ଋଣ ବଢ଼ିବା ସହିତ ଋଣର ମୂଳଧନ ପରିଶୋଧ ପରିମାଣ ମଧ୍ୟ ଲଗାତାର ବୃଦ୍ଧି ପାଉଛି। ୨୦୨୦-୨୧ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ୨.୬୨ ଲକ୍ଷ କୋଟି ଟଙ୍କା ମୂଳଧନ ପରିଶୋଧ କରିଥିବା ବେଳେ, ୨୦୨୧-୨୨ରେ ୩ ଲକ୍ଷ କୋଟି, ୨୦୨୨-୨୩ରେ ୩.୫୩ ଲକ୍ଷ କୋଟି, ୨୦୨୩-୨୪ରେ ୪.୮୮ ଲକ୍ଷ କୋଟି, ୨୦୨୪-୨୫ରେ ୪.୧୬ ଲକ୍ଷ କୋଟି ଏବଂ ୨୦୨୫-୨୬ରେ ୪.୬୧ ଲକ୍ଷ କୋଟି ଟଙ୍କା ପରିଶୋଧ କରିଛନ୍ତି। ଚଳିତ ୨୦୨୬-୨୭ ବର୍ଷରେ ଏହି ପରିମାଣ ୬.୨୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପ୍ରତିବର୍ଷ ସରକାର ସୁଧ ବାବଦରେ ବିପୁଳ ଅର୍ଥ ପ୍ରଦାନ କରୁଛନ୍ତି। ୨୦୨୦-୨୧ରେ ସରକାର ୬.୮୦ ଲକ୍ଷ କୋଟି ଟଙ୍କା ସୁଧ ଦେଇଥିବାବେଳେ, ୨୦୨୧-୨୨ରେ ୮.୦୫ ଲକ୍ଷ କୋଟି, ୨୦୨୨-୨୩ରେ ୯.୨୯ ଲକ୍ଷ କୋଟି, ୨୦୨୩-୨୪ରେ ୧୦.୬୪ ଲକ୍ଷ କୋଟି ଏବଂ ୨୦୨୪-୨୫ରେ ୧୧.୧୬ ଲକ୍ଷ କୋଟି ଟଙ୍କା ସୁଧ ପରିଶୋଧ ହୋଇଛି। ୨୦୨୫-୨୬ରେ ଏହା ୧୨.୪୩ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଥିଲା ଓ ଚଳିତ ୨୦୨୬-୨୭ ଆର୍ଥିକ ବର୍ଷରେ ସୁଧ ବାବଦରେ ୧୪.୦୪ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ମନ୍ତ୍ରୀ ଆକଳନ କରିଛନ୍ତି।

ଅର୍ଥନୀତି ବିଶେଷଜ୍ଞଙ୍କ ମତରେ, ବିକାଶମୂଳକ ପ୍ରକଳ୍ପ, ଭିତ୍ତିଭୂମି ନିର୍ମାଣ ଓ ପୁଞ୍ଜି ବିନିଯୋଗ ପାଇଁ ▶ପୃଷ୍ଠା-୮



# ରକ୍ତମୁଖା ପୁଲିସର ବର୍ବରତା ବିରୋଧରେ ବ୍ୟାପୁଛି ଆକ୍ରୋଶ



ଯନ୍ତର ମନ୍ତରରେ କକ୍ରୋଚ୍ ପାର୍ଟିର ଆନ୍ଦୋଳନ

## କୁହୁଳୁଛି ଯନ୍ତର ମନ୍ତର

ନୂଆଦିଲ୍ଲୀ, ୨୧।୭(ଏଜେନ୍ସି): ଦେଶର ରାଜଧାନୀରେ ଚାଲିଥିବା କକ୍ରୋଚ୍ ଜନତା ପାର୍ଟି (ସିଜେପି) ବିକ୍ଷୋଭକୁ ସମର୍ଥନ କରି ଏବଂ ଛାତ୍ରଛାତ୍ରୀଙ୍କ ଉପରେ ହୋଇଥିବା ପୁଲିସ କାର୍ଯ୍ୟାନୁଷ୍ଠାନ ବିରୋଧରେ ବଲିଉଡର ଅନେକ ଜଣାଶୁଣା କଳାକାର ସ୍ୱର ଉତ୍ତୋଳନ କରିଛନ୍ତି। ଦିଲ୍ଲୀର ରାଜରାସ୍ତାରେ ଛାତ୍ରଛାତ୍ରୀ ଏବଂ ପୁଲିସ ମଧ୍ୟରେ ଘଟିଥିବା ହିଂସାତ୍ମକ ପରିସ୍ଥିତିର ଦିନକ ପରେ ଏହି କଳାକାର ମାନେ ଛାତ୍ରଛାତ୍ରୀଙ୍କ ସମର୍ଥନରେ ବାହାରିବା ସହ ସରକାରଙ୍କୁ ଆଲୋଚନା ପାଇଁ ଆହ୍ୱାନ କରିଛନ୍ତି। ପଞ୍ଜାବୀ ଅଭିନେତା ତଥା ଗାୟକ ଦିଲଜିତ ଦୋସାଞ୍ଜ ଛାତ୍ରଛାତ୍ରୀଙ୍କ ପ୍ରତି ହୋଇଥିବା ବ୍ୟବହାରକୁ ଅତ୍ୟନ୍ତ ଦୁଃଖଦାୟକ କହିବା ସହ କର୍ତ୍ତୃପକ୍ଷ ସେମାନଙ୍କ ଅଭିଯୋଗ ଶୁଣିବା ଉଚିତ ବୋଲି ମତ ଦେଇଛନ୍ତି। ଅଭିନେତା ଦମ୍ପତି ରିତେଶ ଦେଶମୁଖ ଏବଂ ଜେନେଲିଆ ଡିସୁଜା ଯୁବପିଢ଼ିଙ୍କ ଯୁବଶକ୍ତିର ସ୍ୱର ବିନା ଭୟରେ ଶୁଣାଯିବା ଆବଶ୍ୟକ ବୋଲି କହିବା ସହ ଯୁବପିଢ଼ିଙ୍କୁ ଗଣତନ୍ତ୍ରର ସ୍ପନ୍ଦନ ଏବଂ ଦେଶର ଭବିଷ୍ୟତର ପ୍ରକୃତ ନିର୍ମାତା ଭାବେ ଅଭିହିତ କରିଛନ୍ତି। ବରିଷ୍ଠ ଅଭିନେତ୍ରୀ ଶବାନା ଆଜମୀ ଏବଂ ଅଭିନେତା-ନିର୍ଦ୍ଦେଶକ ପ୍ରକାଶ ରାଜ ଦିଲ୍ଲୀର ଯନ୍ତର ମନ୍ତରଠାରେ ବିକ୍ଷୋଭକାରୀଙ୍କ ସହ ସାମିଲ ହୋଇନ୍ତି। ଶବାନା ଆଜମୀ ଏହି ଆନ୍ଦୋଳନ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଏବଂ ସାମ୍ବିଧାନିକ ମୂଲ୍ୟବୋଧ ଉପରେ ଆଧାରିତ ବୋଲି କହିଛନ୍ତି। ଅଭିନେତ୍ରୀ ହୁମା କୁରେଶୀ

**ଛାତ୍ର ଆନ୍ଦୋଳନକୁ ସମର୍ଥନ ଜଣାଇ ଧାରଣା ସ୍ଥଳରେ ନେତା ଓ ସେଲିବ୍ରିଟି**

ଛାତ୍ରମାନଙ୍କ ଉପରେ ହୋଇଥିବା ଲାଠିଚାର୍ଜର ଦୃଶ୍ୟକୁ ନେଇ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଅନ୍ୟପଟେ ନନ୍ଦିତା ଦାସ କହିଛନ୍ତି ଯେ, ଗଠନମୂଳକ ଅସନ୍ତୋଷ ହିଁ ଗଣତନ୍ତ୍ରକୁ ଜୀବନ୍ତ ରଖିଥାଏ। ଅଭିନେତ୍ରୀ ସୋନାକ୍ଷୀ ସିହ୍ନା, ଭୂମି ପେଡନେକର, ନାସିରୁଦ୍ଦିନ ଶାହା, ରତ୍ନା ପାଠକ ଶାହା ଏବଂ ଅଭୟ ଦେଓଲଙ୍କ ପରି କଳାକାରମାନେ ମଧ୍ୟ ଏହି ଆନ୍ଦୋଳନକୁ ସମର୍ଥନ ଜଣାଇବା ସହ ଶାନ୍ତିପୂର୍ଣ୍ଣ ଭାବେ ନିଜର ଦାବି ଉପସ୍ଥାପନ କରିବାକୁ ନିବେଦନ କରିଛନ୍ତି। ଶିକ୍ଷା ବ୍ୟବସ୍ଥାରେ ଥିବା ତ୍ରୁଟି ଯୋଗୁଁ ପ୍ରଭାବିତ ଛାତ୍ରଛାତ୍ରୀଙ୍କ ସମସ୍ୟା ଉପରେ ଧ୍ୟାନ ଦେବାକୁ ଭୂମି ପେଡନେକର କହିଛନ୍ତି। ସୂଚନାଯୋଗ୍ୟ, ଗତକାଲି ଦିଲ୍ଲୀରେ ହୋଇଥିବା ଏହି ଆନ୍ଦୋଳନ ସମୟରେ ଜଣେ ୨୦ ବର୍ଷୀୟା ଯୁବତୀ ଗୁରୁତର ଆହତ ହୋଇ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ଏହି ଘଟଣା ପରେ ସେଲିବ୍ରିଟିମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଆଜି ସିଜେପି ନେତୃତ୍ୱାଧିନ ଛାତ୍ର ଆନ୍ଦୋଳନକୁ ସମର୍ଥନ କରି ଯନ୍ତର ମନ୍ତରରେ ବହୁ ବିଶିଷ୍ଟ ନେତା ମଧ୍ୟ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରେ ଏନସିପି (ଏସପି) ମୁଖ୍ୟ ଶରଦ ପାୱାର, ବାମପନ୍ଥୀ ସାଂସଦଙ୍କ ଏକ ପ୍ରତିନିଧିମଣ୍ଡଳୀ ଜନ୍ ବ୍ରିଟାସ୍, ଏଏ ରହିମ୍ ଏବଂ ଆମରା ରାମଙ୍କ ସମେତ ଏବଂ ଆପ୍‌ର ଅନେକ ନେତାଙ୍କ ସମେତ ଅରବିନ୍ଦ କେଜ୍ରିୱାଲ୍ ସାମିଲ ରହିଥିଲେ। ସେହିପରି ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ପ୍ରଧାନମନ୍ତ୍ରୀଙ୍କ ବାସଭବନ ସମ୍ମୁଖ ଲୋକକଲ୍ୟାଣ ମାର୍ଗରେ ପ୍ରଦର୍ଶନ ଜାରି ରହିଥିଲା। ଏଥିରେ ଅଖିଳେଶ ଯାଦବ, ଯୋଗେନ୍ଦ୍ର ଯାଦବ, ପ୍ରିୟଙ୍କା ଗାନ୍ଧୀ, ଜୟରାମ ରମେଶ, ସୁପ୍ରିୟା ସୁଲେ, କେରଳ ମୁଖ୍ୟମନ୍ତ୍ରୀ ସତୀଶନ ପ୍ରମୁଖ ଯୋଗ ଦେଇଥିଲେ।

## ଭେଣ୍ଟିଲେଟରରେ ଆହତ ୨୦ ବର୍ଷୀୟା ଛାତ୍ରୀ



ନୂଆଦିଲ୍ଲୀ, ୨୧।୭(ଏଜେନ୍ସି): ଦିଲ୍ଲୀର ଯନ୍ତର ମନ୍ତରଠାରେ କକ୍ରୋଚ୍ ଜନତା ପାର୍ଟି (ସିଜେପି) ପକ୍ଷରୁ ଆୟୋଜିତ ବିକ୍ଷୋଭ ପ୍ରଦର୍ଶନ ସମୟରେ ପୁଲିସର କାର୍ଯ୍ୟାନୁଷ୍ଠାନ ଯୋଗୁଁ ଜଣେ ୨୦ ବର୍ଷୀୟା ଯୁବତୀ ଗୁରୁତର ଭାବେ ଆହତ ହୋଇଛନ୍ତି। ସୂତ୍ର ଅନୁସାରେ, ବର୍ତ୍ତମାନ ସେ ରାମ ମନୋହର ଲୋହିଆ (ଆର୍‌ଏମ୍‌ଏଲ୍) ହସ୍ପିଟାଲର ଆଇସିୟୁରେ ଭେଣ୍ଟିଲେଟର ସହାୟତାରେ ଚିକିତ୍ସିତ ହେଉଛନ୍ତି। ଗତ ସୋମବାର ଯନ୍ତର ମନ୍ତରଠାରେ ପୁଲିସ ଏବଂ ପ୍ରଦର୍ଶନକାରୀଙ୍କ ମଧ୍ୟରେ ହୋଇଥିବା ସଂଘର୍ଷରେ ସମୁଦାୟ ୯୦ ଜଣ ଛାତ୍ରଛାତ୍ରୀ ଆହତ ହୋଇଥିଲେ। ପୁଲିସ କାର୍ଯ୍ୟାନୁଷ୍ଠାନ ସମୟରେ ଉକ୍ତ ଯୁବତୀ ଜଣକ ଏକ ବ୍ୟାରିକେଡ୍ ସହିତ ଧକ୍କା ହେବା ଫଳରେ ଗୁରୁତର ଆହତ ହୋଇଥିଲେ। ମଙ୍ଗଳବାର ସକାଳ ସୁଦ୍ଧା ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଆହତମାନଙ୍କ ମଧ୍ୟରୁ ୭ ୯ ଜଣଙ୍କୁ ଡିସଚାର୍ଜ କରାଯାଇଛି। ନିଟ୍-ୟୁଜି ପରୀକ୍ଷା ପ୍ରଶ୍ନପତ୍ର ଲିକ ଏବଂ ପରୀକ୍ଷା ପରିଚାଳନାରେ ଅନିୟମିତତାକୁ ବିରୋଧ କରି ସିଜେପିର 'ସଂସଦ ଚଲୋ' ପଦଯାତ୍ରାରେ ହଜାର ହଜାର ସମର୍ଥକ ଏବଂ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ବିକ୍ଷୋଭକାରୀମାନେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିବା ସହ ସୋନମ ୱାଙ୍ଗଚୁକଙ୍କ ବିନା ସର୍ତ୍ତରେ ମୁକ୍ତି ଏବଂ ମୃତ ନିଟ୍ ଆଶାର୍ଥୀଙ୍କ ପରିବାରକୁ କ୍ଷତିପୂରଣ ଦେବା ପାଇଁ ଦାବି କରିଛନ୍ତି। ଦିଲ୍ଲୀ ପୁଲିସର ସୂଚନା ଅନୁଯାୟୀ, ଏହି ସଂଘର୍ଷରେ ୧୧୮ ରୁ ଅଧିକ ପୁଲିସ କର୍ମଚାରୀ ଏବଂ ପ୍ରାୟ ୬୦ ଜଣ ପ୍ରଦର୍ଶନକାରୀ ଆହତ ହୋଇଛନ୍ତି। ଏଥିସହ ବିକ୍ଷୋଭକାରୀଙ୍କ ଆକ୍ରମଣରେ ପ୍ରାୟ ୨୦ଟି ପୁଲିସ ଗାଡି କ୍ଷତିଗ୍ରସ୍ତ ହୋଇଛି। ଏହି ଘଟଣାରେ ପୁଲିସ ବର୍ତ୍ତମାନ ସୁଦ୍ଧା ୪ଟି ଏଫ୍‌ଆଇଆର୍ ରୁଜୁ କରିଥିବା ବେଳେ ଆହୁରି ମାମଲା ରୁଜୁ କରିବା ପାଇଁ ପ୍ରସ୍ତୁତି ଚଳାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି. ନଡ୍ଡା ମଙ୍ଗଳବାର ଆରଏମଏଲ ଏବଂ ଲେଡି ହାର୍ଡିଙ୍ଗ ହସ୍ପିଟାଲ ପରିଦର୍ଶନ କରି ଆହତମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଅନ୍ୟପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପରୀକ୍ଷାର ଅନିୟମିତତାକୁ ନିନ୍ଦା କରିଛନ୍ତି।

## ଦ୍ୱିତୀୟ ଦିନ ଧରି ସଂସଦ ଅଚଳ

ନୂଆଦିଲ୍ଲୀ, ୨୧।୭(ଏଜେନ୍ସି): ସଂସଦର ମୌସୁମୀ ଅଧିବେଶନର ଦ୍ୱିତୀୟ ଦିନରେ ମଧ୍ୟ ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଏବଂ ଛାତ୍ରଛାତ୍ରୀଙ୍କ ଉପରେ ହୋଇଥିବା ପୁଲିସ କାର୍ଯ୍ୟାନୁଷ୍ଠାନକୁ ନେଇ ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ଜାରି ରହିଥିଲା। ବାରମ୍ବାର ମୁଲତବୀ ପରେ ଶେଷରେ ଉଭୟ ଲୋକସଭା ଓ ରାଜ୍ୟସଭାକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି। ମଙ୍ଗଳବାର ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ସଦସ୍ୟମାନେ



ସୋମବାର କକ୍ରୋଚ୍ ଜନତା ପାର୍ଟି (ସିଜେପି) ଦ୍ୱାରା ଆୟୋଜିତ ପ୍ରତିବାଦ ଶୋଭାଯାତ୍ରା ସମୟରେ ଛାତ୍ରଛାତ୍ରୀଙ୍କ ଉପରେ ହୋଇଥିବା ପୁଲିସ ଲାଠିଚାର୍ଜ ଏବଂ ଲୁହବୁହା ଗ୍ୟାସ ପ୍ରୟୋଗ ପ୍ରସଙ୍ଗ ଉଠାଇଥିଲେ। ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବାଚସ୍ପତି ଓମ ବିର୍ଲାଙ୍କୁ ଭେଟି ଏହି ବର୍ବରତା ଏବଂ ପରୀକ୍ଷା ପରିଚାଳନାରେ ସରକାରଙ୍କ ଉତ୍ତରଦାୟିତ୍ୱ ଅଭାବ ଉପରେ ସଂସଦରେ ବିସ୍ତୃତ ଆଲୋଚନା ପାଇଁ ଦାବି କରିଥିଲେ। ରାହୁଲ ଅଭିଯୋଗ କରିଛନ୍ତି ଯେ ବାଚସ୍ପତିଙ୍କ କହିବା ଅନୁଯାୟୀ, ଏହି ବିଷୟରେ ଆଲୋଚନା ପାଇଁ ସରକାରଙ୍କ ଅନୁମତି ଆବଶ୍ୟକ, ଯାହାକୁ ସେ ଗଣତନ୍ତ୍ର ବିରୋଧୀ ବୋଲି ଦର୍ଶାଇଛନ୍ତି। ରାଜ୍ୟସଭାରେ ମଧ୍ୟ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାଡଗେ ଏହି ପ୍ରସଙ୍ଗ ଉଠାଇଥିଲେ। ତେବେ ସେ ଅଭିଯୋଗ କରିଛନ୍ତି ଯେ ସେ କହିବା ଆରମ୍ଭ କଲା ବେଳକୁ ତାଙ୍କ ମାଇକ୍ ବନ୍ଦ କରିଦିଆଯାଇଥିଲା। ସେହିପରି କଂଗ୍ରେସ ସାଂସଦ ଶଶି ଥରୁର ଏବଂ ଆମ୍ ଆଦମୀ ପାର୍ଟିର ସାଂସଦମାନେ ମଧ୍ୟ ସଂସଦ ପରିସରରେ ପ୍ରତିବାଦ କରି ଗୃହରେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଜବାବ ଦାବି କରିଥିଲେ।

ଅନ୍ୟପକ୍ଷରେ, ଏନଡିଏ ସଂସଦୀୟ ଦଳର ବୈଠକ 'ମଙ୍ଗଳ ମିଳନ'ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଟ୍ ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗରେ କହିଛନ୍ତି ଯେ ଏହା ଏକ 'ଘୋର ପାପ'। ସେ କହିଛନ୍ତି ଯେ ସରକାର ଏହି ଘଟଣା ସାମ୍ନାକୁ ଆସିବା ମାତ୍ରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ସୂଚନା ଦେଇଛନ୍ତି ଯେ ପ୍ରଧାନମନ୍ତ୍ରୀ ଦୋଷୀଙ୍କୁ କଠୋର ଦଣ୍ଡ ଦେବା ଏବଂ ଏକ ସୁରକ୍ଷିତ ପରୀକ୍ଷା ବ୍ୟବସ୍ଥା ଗଠନ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ବିଜେପି ସାଂସଦ ଜଗଦମ୍ବିକା ପାଲ ବିରୋଧୀଙ୍କୁ ସମାଲୋଚନା କରି କହିଛନ୍ତି ଯେ ସେମାନଙ୍କର ଗୃହ ଚଳାଇବାରେ କୌଣସି ଆଗ୍ରହ ନାହିଁ ଏବଂ ସେମାନେ ଜନସାଧାରଣଙ୍କ ଅର୍ଥ ନଷ୍ଟ କରୁଛନ୍ତି। ଆଜି ଅଧିବେସନ ଆରମ୍ଭ ହେବା ପରେ ଲୋକସଭା ଏବଂ ରାଜ୍ୟସଭାରେ ବିରୋଧୀ ସଦସ୍ୟମାନେ ପୋଷ୍ଟର, ବ୍ୟାନର ଏବଂ କଳା କପଡ଼ା ଧରି ଗୃହର ମଧ୍ୟଭାଗକୁ ଆସି ସ୍ଲୋଗାନ ଦେଇଥିଲେ। ଅଧ୍ୟକ୍ଷ ଦିଲ୍ଲୀପ ସାଇକିଆ ସଦସ୍ୟମାନଙ୍କୁ ସେମାନଙ୍କ ଆସନକୁ ଫେରିବାକୁ ଅନୁରୋଧ କରିଥିଲେ ମଧ୍ୟ ହଟ୍ଟଗୋଳ ଥମିନଥିଲା। ଫଳରେ ଉଭୟ ଗୃହକୁ ଦିନକ ପାଇଁ ମୁଲତବୀ ରଖାଯାଇଛି। ଆସନ୍ତାକାଲି ସକାଳ ୧୧ଟାରେ ପୁଣି ଥରେ ଅଧିବେଶନ ଆରମ୍ଭ ହେବ।



## ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ କ୍ଷମା ମାଗନ୍ତୁ: ରାହୁଲ

ନୂଆଦିଲ୍ଲୀ, ୨୧।୭(ଏଜେନ୍ସି): କକ୍ରୋଚ୍ ଜନତା ପାର୍ଟି (ସିଜେପି) ପ୍ରତିବାଦ ଶୋଭାଯାତ୍ରା ସମୟରେ ଛାତ୍ରଛାତ୍ରୀଙ୍କ ଉପରେ ହୋଇଥିବା ପୁଲିସର ଲାଠିମାଡ଼ ଘଟଣାକୁ ନେଇ କଂଗ୍ରେସ ନେତା ତଥା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସୋମବାର ହୋଇଥିବା ଦମନମୂଳକ କାର୍ଯ୍ୟାନୁଷ୍ଠାନକୁ ସେ 'ଅଣ-ଭାରତୀୟ' ବୋଲି ଅଭିହିତ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏଥିପାଇଁ କ୍ଷମା ମାଗନ୍ତୁ ବୋଲି ଦାବି କରିଛନ୍ତି। ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହ କଥାବାର୍ତ୍ତା ସମୟରେ ରାହୁଲ ପ୍ରଧାନମନ୍ତ୍ରୀଙ୍କ ନୀରବତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଯେ, ନିରୀହ ଛାତ୍ରଛାତ୍ରୀଙ୍କୁ ପୁଲିସ ଦ୍ୱାରା ପିଟାଯିବା ସମ୍ପୂର୍ଣ୍ଣ ରୂପେ ଅଗଣତାନ୍ତ୍ରିକ ଏବଂ ଏହି ଘଟଣା ପାଇଁ ପ୍ରଧାନମନ୍ତ୍ରୀ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ରଖିନାହାନ୍ତି। ଏହା ପୂର୍ବରୁ ରାହୁଲ ଏବଂ କିଛି ବିରୋଧୀ ସାଂସଦ ବାଚସ୍ପତି ଓମ ବିର୍ଲାଙ୍କୁ ଭେଟି ସଂସଦରେ ଏହି ପ୍ରସଙ୍ଗରେ ଆଲୋଚନା ପାଇଁ ଅନୁରୋଧ କରିଥିଲେ। ମାତ୍ର ବାଚସ୍ପତି କହିଥିଲେ ଯେ, ସଂସଦରେ ବିତର୍କ ପାଇଁ ତାଙ୍କୁ କେନ୍ଦ୍ର ସରକାରଙ୍କ ଅନୁମତି ନେବାକୁ ପଡ଼ିବ। ଏହି ବୟାନକୁ ନେଇ ରାହୁଲ ବିରକ୍ତି ପ୍ରକାଶ କରିଛନ୍ତି। ଦେଶର ଶିକ୍ଷା ଏବଂ ପରୀକ୍ଷା ପରିଚାଳନା ବ୍ୟବସ୍ଥା ଆଜି ସମ୍ପୂର୍ଣ୍ଣ ରୂପେ ଦୁର୍ବଳ ହୋଇପଡ଼ିଛି ବୋଲି ସେ କହିଛନ୍ତି। ଛାତ୍ରଛାତ୍ରୀଙ୍କ ଅଭିଯୋଗକୁ ସରକାର ଶୁଣିବା ପରିବର୍ତ୍ତେ ସେମାନଙ୍କ ଉପରେ ପୁଲିସ ଦ୍ୱାରା ଦମନ ଚଳାଇଛନ୍ତି। ଏଥିପାଇଁ ସେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏବଂ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିଛନ୍ତି। ଗୃହମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ରିପୋର୍ଟ କରୁଥିବାରୁ, ପ୍ରଧାନମନ୍ତ୍ରୀ ମଧ୍ୟ ନିଜ ପଦରୁ ଇସ୍ତଫା ଦେବା ଉଚିତ ବୋଲି ସେ କହିଛନ୍ତି। ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ମଧ୍ୟ ଏହି ଘଟଣାରେ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସେ ଏହି ପୁଲିସ କାର୍ଯ୍ୟାନୁଷ୍ଠାନକୁ ହିଟଲରଙ୍କ ଶାସନ ସହ ତୁଳନା କରିଛନ୍ତି। ସରକାର ନିଜ ଲୋକଙ୍କ ବିରୋଧରେ ଘରୋଇ ସେନା ବ୍ୟବହାର କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ସେହିପରି କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଦେଶରେ ବାରମ୍ବାର ହେଉଥିବା ପ୍ରଶ୍ନପତ୍ର ଲିକ ଘଟଣାକୁ ନେଇ ସରକାରଙ୍କୁ ସମାଲୋଚନା କରିଛନ୍ତି। ଏହି ଲାଠିମାଡ଼ରେ ଅନେକ ଛାତ୍ର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ମଙ୍ଗଳବାର ରାହୁଲ ଗାନ୍ଧୀ, ଅରବିନ୍ଦ କେଜ୍ରିୱାଲ ପ୍ରମୁଖ ଆହତ ଛାତ୍ରମାନଙ୍କୁ ଭେଟିବା ପାଇଁ ଆରଏମଏଲ ହସ୍ପିଟାଲକୁ ଯାଇଥିବା ସୂଚନା ମିଳିଛି।

## ରୁଷ୍ ରାଷ୍ଟ୍ରଦୂତଙ୍କୁ ସମନ କଲା ଭାରତ

ନୂଆଦିଲ୍ଲୀ, ୨୧।୭(ଏଜେନ୍ସି): ୟୁକ୍ରେନର ଓଡେସା ଉପକୂଳରେ ଏକ ବାଣିଜ୍ୟିକ ଜାହାଜ ଉପରେ ହୋଇଥିବା ମିସାଇଲ ଆକ୍ରମଣରେ ୪ଜଣ ଭାରତୀୟ ଜାହାଜ ସଦସ୍ୟଙ୍କ ମୃତ୍ୟୁ ଘଟିବା ପରେ ଭାରତ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏହି ଘଟଣାକୁ ନେଇ ଭାରତ ମଙ୍ଗଳବାର ରୁଷିଆର ଦୂତଙ୍କୁ ସମନ କରି ଦୃଢ଼ ପ୍ରତିବାଦ ଜଣାଇଛି। ଗତକାଲି ଗିନି-ବିସାଉ ପତାକାଧାରୀ ବାଣିଜ୍ୟିକ ଜାହାଜ 'ଏମଭି ଗୋଲଡେନ୍ ଲିଓ' ୟୁକ୍ରେନର ଓଡେସା ବନ୍ଦରରୁ ମକା ବୋଝେଇ କରି ବାହାରୁଥିବା ବେଳେ ଏହି ଆକ୍ରମଣର ଶିକାର

**କ୍ଷେପଣାସ୍ତ୍ର ମାଡ଼ର ପ୍ରତିବାଦ ଜଣାଇଲା**


ହୋଇଥିଲା। ରୁଷିଆ ପକ୍ଷରୁ ୩ଟି କ୍ରୁଜ୍ ମିସାଇଲ ମାଡ଼ କରାଯିବା ଫଳରେ ଜାହାଜରେ ନିଆଁ ଲାଗିଯାଇଥିଲା। ଜାହାଜରେ ଥିବା ମୋଟ ୧୭ ଜଣ କ୍ରୁ ସଦସ୍ୟଙ୍କ ମଧ୍ୟରୁ ୫ ଜଣ ଭାରତୀୟ ଥିଲେ। ସେମାନଙ୍କ ମଧ୍ୟରୁ ୪ ଜଣ ଭାରତୀୟ ପ୍ରାଣ ହରାଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ଭାରତୀୟ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ନୂଆଦିଲ୍ଲୀରେ ଅବସ୍ଥାପିତ ରୁଷିଆର ଚାର୍ଜ ଡି' ଆଫେୟାର୍ସ ଭ୍ଲାଦିମିର ଲାଦାନୋଭଙ୍କୁ ତଲବ କରି ଏହି ଘଟଣାରେ ନିଜର କଡ଼ା ଆପତ୍ତି ଜଣାଇବା ସହ ସ୍ପଷ୍ଟୀକରଣ ମାଗିଛି। ଭାରତ ଏହି ଆକ୍ରମଣକୁ 'ଅତ୍ୟନ୍ତ ନିନ୍ଦନୀୟ' ବୋଲି ଅଭିହିତ କରିଛି ଏବଂ ନିଜ ନାଗରିକଙ୍କ ମୃତ୍ୟୁ ପାଇଁ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବାକୁ ରୁଷିଆ ନିକଟରେ ଦାବି କରିଛି। ଭାରତ ସରକାର ଏକ ବିବୃତ୍ତିରେ ସ୍ପଷ୍ଟ କରିଛନ୍ତି ଯେ ବାଣିଜ୍ୟିକ ଜାହାଜ ଏବଂ ନିରୀହ ସାଧାରଣ ନାଗରିକଙ୍କୁ ଟାର୍ଗେଟ କରିବା କଦାପି ଗ୍ରହଣୀୟ ନୁହେଁ। ସାମୁଦ୍ରିକ ପରିବହନ ଏବଂ ବାଣିଜ୍ୟର ସ୍ୱାଧୀନତାକୁ ବାଧା ପହଞ୍ଚାଇବା ଭଳି କାର୍ଯ୍ୟରୁ ନିବୃତ୍ତ ରହିବା ଆବଶ୍ୟକ ବୋଲି ଭାରତ ପୁନର୍ବାର ଦୋହରାଇଛି।



## ମେଦାନ୍ତ ହସ୍ପିଟାଲଙ୍କୁ ସ୍ଥାନାନ୍ତର ହେଲେ ୱାଙ୍ଗ୍‌ଚୁକ୍

ନୂଆଦିଲ୍ଲୀ, ୨୧।୭(ଏଜେନ୍ସି): ସୋନମ ୱାଙ୍ଗଚୁକଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଦୃଷ୍ଟିରେ ରଖି ତାଙ୍କ ସୁବିଧା ଅନୁସାରେ ତୁରନ୍ତ ଗୁରୁଗ୍ରାମର ମେଦାନ୍ତ ହସ୍ପିଟାଲକୁ ସ୍ଥାନାନ୍ତର କରିବା ପାଇଁ ଦିଲ୍ଲୀ ହାଇକୋର୍ଟ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀର ଯନ୍ତର ମନ୍ତରଠାରେ ଗତ ୨୦ ଦିନ ଧରି ଅନଶନରେ ବସିଥିବା ୱାଙ୍ଗଚୁକଙ୍କୁ ପୁଲିସ ଜବରଦସ୍ତି ସେଠାରୁ ହଟାଇ ସଫଦରଜଙ୍ଗ ହସ୍ପିଟାଲରେ ଭର୍ତ୍ତି କରିଥିଲା। ୱାଙ୍ଗଚୁକଙ୍କ ପତ୍ନୀ ଗୀତାଞ୍ଜଳି ଆଙ୍ଗମୋଙ୍କ ଦ୍ୱାରା ଦାୟର କରାଯାଇଥିବା ଆବେଦନ ଉପରେ ଶୁଣାଣି କରି କୋର୍ଟ ଏହି ନିଷ୍ପତ୍ତି ଶୁଣାଇଛନ୍ତି। ଆବେଦନରେ ଉଲ୍ଲେଖ କରାଯାଇଥିଲା ଯେ ଦୀର୍ଘ ଦିନର ଅନଶନ ଯୋଗୁଁ ୱାଙ୍ଗଚୁକଙ୍କ ସ୍ୱାସ୍ଥ୍ୟବସ୍ଥା ଦ୍ରୁତ ଗତିରେ ବିଗିଡ଼ିବାରେ ଲାଗିଛି। ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ ୱାଙ୍ଗଚୁକଙ୍କୁ ମେଦାନ୍ତ ହସ୍ପିଟାଲରେ ଏକ ବିଶେଷଜ୍ଞ ଡାକ୍ତରୀ ପ୍ୟାନେଲଙ୍କ ତତ୍ତ୍ୱାବଧାନରେ ଚିକିତ୍ସା କରାଯାଉ। ଏଥିସହ ସଫଦରଜଙ୍ଗ ହସ୍ପିଟାଲରେ ହୋଇଥିବା ସମସ୍ତ ପରୀକ୍ଷା ରିପୋର୍ଟ ଓ ଚିକିତ୍ସା ସମ୍ବନ୍ଧୀୟ ତଥ୍ୟ ମେଦାନ୍ତ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିବାକୁ କୋର୍ଟ କହିଛନ୍ତି। ଜବାବରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କୋର୍ଟଙ୍କୁ ଜଣାଇଥିଲେ ଯେ ୱାଙ୍ଗଚୁକଙ୍କୁ ମେଦାନ୍ତ ହସ୍ପିଟାଲକୁ ସ୍ଥାନାନ୍ତର କରିବାରେ ସରକାରଙ୍କର କୌଣସି ଆପତ୍ତି ନାହିଁ। ତେବେ ସେ ଆଶଙ୍କା ପ୍ରକଟ କରିଥିଲେ ଯେ କିଛି ବ୍ୟକ୍ତି ତାଙ୍କୁ ଡାକ୍ତରୀ ପରାମର୍ଶ ବିନା ହସ୍ପିଟାଲରୁ ବାହାର କରି ପୁଣି ଥରେ ପ୍ରତିବାଦ ସ୍ଥଳକୁ ନେବାକୁ ଚେଷ୍ଟା କରୁଛନ୍ତି। ମେହେଟ୍ଟା ଯୁକ୍ତି ବାଢ଼ିଥିଲେ ଯେ ଯଦି ସେ ଏହି ଅବସ୍ଥାରେ ପୁଣି ଥରେ ଅନଶନ ସ୍ଥଳକୁ ଫେରିଯାଆନ୍ତି, ତେବେ ତାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇପାରେ। ହାଇକୋର୍ଟଙ୍କ ବେଞ୍ଚ୍ ୱାଙ୍ଗଚୁକଙ୍କ ଚିକିତ୍ସା କରୁଥିବା ଡାକ୍ତରଙ୍କ ସହ ଆଲୋଚନା କରିବା ପରେ ଏହି ସମସ୍ୟାର ସମାଧାନ କରିଛନ୍ତି। କୋର୍ଟ କହିଛନ୍ତି ଯେ ୱାଙ୍ଗଚୁକଙ୍କୁ ନିରନ୍ତର ଡାକ୍ତରୀ ନିରୀକ୍ଷଣରେ ରହିବା ଆବଶ୍ୟକ ଏବଂ ସେ ନିଜେ ମେଦାନ୍ତ ହସ୍ପିଟାଲକୁ ପସନ୍ଦ କରିଥିବାରୁ ତାଙ୍କୁ ସେଠାକୁ ପଠାଯିବ। ଏହି ନିର୍ଦ୍ଦେଶ ପରେ ୱାଙ୍ଗଚୁକଙ୍କ ପତ୍ନୀ ଗୀତାଞ୍ଜଳି ସାମାଜିକ ଗଣମାଧ୍ୟମରେ ହାଇକୋର୍ଟଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ ଏହାକୁ ୱାଙ୍ଗଚୁକଙ୍କ ଆଇନଗତ ବିଜୟ ବୋଲି ଅଭିହିତ କରିଛନ୍ତି।

## ଯୌନ ନିର୍ଯାତନା ଅଭିଯୋଗ ପରେ ଆଇପିଏସ୍ ଅଧିକାରୀଙ୍କ ଆତ୍ମହତ୍ୟା ଉଦ୍ୟମ



ହାଇଦ୍ରାବାଦ, ୨୧।୭(ଏଜେନ୍ସି): ସହକର୍ମୀଙ୍କ ଦ୍ୱାରା ଗୁରୁତର ଯୌନ ନିର୍ଯାତନା ଓ ଅସଦାଚରଣ ଅଭିଯୋଗ ଆସିବା ପରେ ହାଇଦ୍ରାବାଦର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଜାତୀୟ ପୁଲିସ ଏକାଡେମୀର ଜଣେ ଆଇପିଏସ ତାଲିମ ପ୍ରଶିକ୍ଷାର୍ଥୀ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଅଭିଯୁକ୍ତ ପ୍ରଶିକ୍ଷାର୍ଥୀ ଉଦୟ କ୍ରିଷ୍ଣା ରେଡ୍ଡୀ ବିଷ ପାନ କରିଥିବା ସନ୍ଦେହ କରାଯାଉଛି। ସେ ବର୍ତ୍ତମାନ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଜଣେ ୩୦ ବର୍ଷୀୟା ମହିଳା ଆଇପିଏସ ପ୍ରଶିକ୍ଷାର୍ଥୀ ଉଦୟଙ୍କ ବିରୋଧରେ ହାଇଦ୍ରାବାଦ ପୁଲିସ ନିକଟରେ ଅଭିଯୋଗ କରିଥିଲେ। ଉଦୟ ତାଙ୍କୁ ପିଛା କରିବା, ମାରପିଟ କରିବା ଏବଂ ତାଙ୍କର ଏକ ବ୍ୟକ୍ତିଗତ ଭିଡିଓ ବିନା ଅନୁମତିରେ ରେକର୍ଡ କରିବା ଭଳି କାର୍ଯ୍ୟ କରିଥିବା ଅଭିଯୋଗ ସେ କରିଥିଲେ। ଏଥିସହିତ ଉଦୟ ତାଙ୍କୁ ଅଶ୍ଳୀଳ ହ୍ୱାଟ୍ସଆପ୍ ମେସେଜ୍ ପଠାଇବା ସହ ଅନ୍ୟମାନଙ୍କ ଆଗରେ ଅପମାନିତ କରିଥିବା ମଧ୍ୟ ସେ ଅଭିଯୋଗରେ ଦର୍ଶାଇଛନ୍ତି। ଉଦୟ ତାଙ୍କୁ ଛୁରି ଦେଖାଇ ହତ୍ୟା ଧମକ ଦେବା ସହ ଜୋର ଜବରଦସ୍ତି ତାଙ୍କ ଫୋନ୍ ଛଡ଼ାଇ ନେଇଥିବା ସେ କହିଛନ୍ତି। ଏହି ଅଭିଯୋଗ ଆଧାରରେ ପୁଲିସ ବିଭିନ୍ନ ଧାରାରେ ମାମଲା ରୁଜୁ କରିଛି। ଆତ୍ମହତ୍ୟା ଉଦ୍ୟମ କରିବା ପୂର୍ବରୁ ଉଦୟ ଏକ ଦୁଇ ପୃଷ୍ଠାର ସୁଇସାଇଡ୍ ନୋଟ୍ ଲେଖିଥିଲେ। ସେଥିରେ ସେ ସମସ୍ତ ଅଭିଯୋଗକୁ ମିଥ୍ୟା ବୋଲି କହିଛନ୍ତି। ସେ ଏବଂ ସମ୍ପୃକ୍ତ ମହିଳା ୨୦୨୫ ଜୁନ୍‌ରୁ ପ୍ରେମ ସମ୍ପର୍କରେ ଥିଲେ ଏବଂ ମହିଳାଙ୍କ ବିବାହ ପରେ ମଧ୍ୟ ସେ ସମ୍ପର୍କ ରଖିବାକୁ ଜିଦ୍ ଧରିଥିଲେ। ଉଦୟ ଅଭିଯୋଗ କରିଛନ୍ତି ଯେ, 'ମହିଳା ଜଣକ ବିନା ଅନୁମତିରେ ମୋତେ କିସ୍ କରିଥିଲେ ଏବଂ ଆଲିଙ୍ଗନ କରିଥିଲେ'। ପ୍ରମାଣ ସ୍ୱରୂପ ସେ ଏହି ଘଟଣାର ଭିଡିଓ ରେକର୍ଡ କରି ମହିଳାଙ୍କ ସ୍ୱାମୀଙ୍କ ପାଖକୁ ପଠାଇଥିଲେ ବୋଲି ସ୍ୱୀକାର କରିଛନ୍ତି।

## ଓଲଟିଲା 'ଜଗନ୍ନାଥ ଏକ୍ସପ୍ରେସ'; ୬ ଗୁରୁତର



ତାଳଚେର ସହର/କଣିହାଁ/ପବିତ୍ରନଗର, ୨୧।୭(ସମିସ): ଅନୁଗୋଳ ଜିଲ୍ଲା ସମଲ ଥାନା ୧୪୯ ନମ୍ବର ଜାତୀୟ ରାଜପଥର ବୁରୁକୁନା ଛକ ନିକଟରେ ସୋମବାର ଓଏସ୍ଆରଟିସି "ଜଗନ୍ନାଥ ଏକ୍ସପ୍ରେସ' ବସ୍ ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତା କଡ଼କୁ ଓଲଟି ପଡ଼ିଛି। ପ୍ରାଥମିକ ସୂଚନା ଅନୁଯାୟୀ, ଏହି ଦୁର୍ଘଟଣାରେ ୬ ଜଣ ଗୁରୁତର ଆହତ ହୋଇଥିବା ବେଳେ ୨୫ରୁ ଅଧିକ ଯାତ୍ରୀ ସାମାନ୍ୟ ଆହତ ହୋଇଛନ୍ତି। ସୂଚନା ଅନୁସାରେ, ବସ୍‌ଟି ପୁରୀରୁ ସୁନ୍ଦରଗଡ଼ ଅଭିମୁଖେ ଯାତ୍ରୀ ନେଇ ଯାଉଥିଲା। ବୁରୁକୁନା ଛକ ନିକଟରେ ପହଞ୍ଚିବା ବେଳେ ଚାଳକ ଭାରସାମ୍ୟ ହରାଇବାରୁ ବସ୍‌ଟି ରାସ୍ତା କଡ଼କୁ ଓଲଟି ପଡ଼ିଥିଲା। ବସ୍‌ରେ ପ୍ରାୟ ୫୦ରୁ ଅଧିକ ଯାତ୍ରୀ ଥିବା କଥା କିଛି ଯାତ୍ରୀ କହିଛନ୍ତି। ଦୁର୍ଘଟଣାର ଖବର ପାଇ ଅଗ୍ନିଶମ ବିଭାଗ, ୧୦୮ ଆମ୍ବୁଲାନ୍ସ ଓ ସ୍ଥାନୀୟ ପ୍ରଶାସନର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚଳାଇଥିଲେ। ଆହତମାନଙ୍କୁ ପ୍ରଥମେ ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପରେ ଗୁରୁତର ଆହତଙ୍କୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଆବଶ୍ୟକତା ଅନୁଯାୟୀ କଟକ ଓ ଭୁବନେଶ୍ୱରର ବିଭିନ୍ନ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ୫ ହଜାର ଟଙ୍କା ଲାଞ୍ଚ ନେଇ ଧରାପଡ଼ିଲେ ପିଇଓ



ଯାଜପୁର, ୨୧।୭(ସମିସ): କୋରେଇ ବ୍ଲକ କାଚରାସାହି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ଅନ୍ତ୍ୟୋଦୟ ଗୃହ ଯୋଜନାର ଅନ୍ତିମ କିସ୍ତି ପଇଠ ପାଇଁ ହିତାଧିକାରୀଙ୍କଠାରୁ ୫ ହଜାର ଲାଞ୍ଚ ନେଉଥିଲେ। ଏନେଇ ଅଭିଯୋଗ ପରେ ଭିଜିଲାନ୍‌ସ ପକ୍ଷରୁ ପୂର୍ବ ଯୋଜନା ମୁତାବକ ସମ୍ପୃକ୍ତ ପିଇଓ ପ୍ରଫୁଲ୍ଲ ନାଥଙ୍କୁ କାବୁ କରି ନେଇଛି। ଏହାସହ ଲାଞ୍ଚ ଟଙ୍କା ଜବତ କରାଯାଇଛି ଏବଂ ତାଙ୍କ ବିଭିନ୍ନ ଘର ଉପରେ ଚଢ଼ଉ ଜାରି ରଖିଛି ଭିଜିଲାନ୍‌ସ ଟିମ୍। ସୂଚନା ମୁତାବକ, କାଚରାସାହି ପଞ୍ଚାୟତର ଜଣେ ବିଧବାଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଶେଷ କିସ୍ତି ପ୍ରଦାନ ପାଇଁ ପିଇଓ ଶ୍ରୀ ନାଥ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ପରେ ୫ ହଜାର ଟଙ୍କାରେ କଥା ଛିଣ୍ଡିଥିଲା। ଏହାପରେ ହିତାଧିକାରୀ ଯାଜପୁର ଭିଜିଲାନ୍ସ ବିଭାଗ ସହିତ ଯୋଗାଯୋଗ କରିଥିଲେ। ଆଜି ପିଇଓ ନିଜ କାର୍ଯ୍ୟାଳୟରେ ଥିବା ସମୟରେ ସେ ହିତାଧିକାରୀଙ୍କଠାରୁ ଉକ୍ତ ଲାଞ୍ଚ ଟଙ୍କା ନେଉଥିବା ସମୟରେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିନେଇଥିଲେ। ଏହାପରେ ଶ୍ରୀ ନାଥଙ୍କ ଯାଜପୁର ସଦର ଥାନା ଅନ୍ତର୍ଗତ ବେରୁଦା ଗ୍ରାମର ବାସଭବନରେ ମଧ୍ୟ ଚଢ଼ଉ କରାଯାଇଛି। ଆଜି ଶ୍ରୀ ନାଥଙ୍କୁ ଗିରଫ କରାଯିବା ସହିତ ତାଙ୍କୁ ପଚରାଉଚରା କରାଯାଉଛି।

### ଦକ୍ଷିଣ ମୋଡ଼ରେ ବର୍ଷା ବାଧକ

## ନାକଚଣା ଦ୍ୱାରରେ ଦେବଦଳନ

ପୁରୀ,୨୧।୭(ସମିସ): ପବିତ୍ର ହେରାପଞ୍ଚମୀରେ ଲକ୍ଷ୍ମୀ ଠାକୁରାଣୀ ମହାପ୍ରଭୁଙ୍କୁ ଶ୍ରୀମନ୍ଦିରକୁ ଫେରାଇ ନେବାକୁ ଆସିଥିଲେ। ହେଲେ ମହାପ୍ରଭୁ ସାଙ୍ଗରେ ନ ଯିବାରୁ ଅଭିମାନ କରି ଚାଲିଗଲେ ଲକ୍ଷ୍ମୀ ସାଆନ୍ତାଣୀ। ପ୍ରାଣପ୍ରିୟାଙ୍କ ମନକଥା ଜାଣିପାରି ଏବେ ବଡ଼ଦେଉଳକୁ ଫେରିବା ଲାଗି ପ୍ରସ୍ତୁତ ଆରମ୍ଭ କରିଛନ୍ତି ବିଶ୍ୱନିୟନ୍ତା। ଆସନ୍ତା ୨୪ ତାରିଖରେ ବାହୁଡ଼ା ଯାତ୍ରା। ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିବେ ଚତୁର୍ଦ୍ଧାମୂର୍ତ୍ତି। ଏଥିଲାଗି ପରମ୍ପରା ଅନୁଯାୟୀ

- ଅଧାରେ ବନ୍ଦ ରହିଲା ତାଳଧ୍ୱଜ, ଗଡ଼ିନି ନନ୍ଦିଘୋଷ
- ଆଜି ସକାଳେ ହେବ ଦକ୍ଷିଣ ମୋଡ଼
- ଅଢ଼େଇ ଘଣ୍ଟା ବିଳମ୍ବରେ ଆଜ୍ଞାମାଳ ବିଜେ



ମଙ୍ଗଳବାର ତିନିରଥର ଦକ୍ଷିଣ ମୋଡ଼ କରାଯାଉଥିଲା। ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥ ଦକ୍ଷିଣ ମୋଡ଼ ହୋଇ ଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାର ସମ୍ମୁଖରେ ଲାଗିଛି। ନୀତି ବିଳମ୍ବ ଏବଂ ପ୍ରବଳ ବର୍ଷା ଯୋଗୁଁ ତାଳଧ୍ୱଜ ରଥଟଣା ଅଧାରୁ ବନ୍ଦ ରଖାଯାଇଥିବାବେଳେ ନନ୍ଦିଘୋଷ ରଥ ଆଦୌ ଗଡ଼ି ନାହିଁ। ବୁଧବାର ତାଳଧ୍ୱଜ ଏବଂ ନନ୍ଦିଘୋଷ ରଥକୁ ଦକ୍ଷିଣ ମୋଡ଼ କରାଯିବ। ମଧ୍ୟାହ୍ନ ସାଢ଼େ ୧୨ଟାରେ ଆଜ୍ଞାମାଳ ବିଜେ ହେବା ଲାଗି ସମୟ ନିର୍ଘଣ୍ଟ ହୋଇଥିଲା। ହେଲେ ଅଢ଼େଇ ଘଣ୍ଟା ବିଳମ୍ବରେ ଅର୍ଥାତ୍ ଅପରାହ୍ଣ ୩ଟା ୧୦ରେ ଆଜ୍ଞାମାଳ ବିଜେ ହୋଇଥିଲା।

ନବଦିନାତ୍ମକ ଯାତ୍ରାରେ ବାହାରିଥିବା ଚତୁର୍ଦ୍ଧାବିଗ୍ରହ ଏବେ ଆଡ଼ପ ମଣ୍ଡପରେ ଅବସ୍ଥାନ କରି ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ଠାକୁରଙ୍କ ନୀତିକାନ୍ତି ସୁରୁଖୁରୁରେ ଚାଲିଛି। ସୋମବାର ହେରାପଞ୍ଚମୀ ନୀତି ବିଳମ୍ବ ହୋଇଥିଲା। ତେଣୁ ମଙ୍ଗଳବାର ସକାଳ ସାଢ଼େ ୮ଟାରେ ମଙ୍ଗଳ ଆଳତି ହୋଇଥିଲା। ପୂର୍ବାହ୍ଣ ୧୦ଟା ୪୫ରେ ଅବକାଶ ନୀତି ବଢ଼ିବା ପରେ ସାହାଣମେଲା ଦର୍ଶନ ହୋଇଥିଲା। ଏହାପରେ ଦ୍ୱାରପାଳ ପୂଜା ଶେଷ ହୋଇ ଅପରାହ୍ଣ ୨ଟା ୧୦ରେ ସକାଳ ଧୂପ ଓ ଭୋଗମଣ୍ଡପ ଉଠିବା ପରେ ୨ଟାରେ ଆଜ୍ଞାମାଳ ବିଜେ ହୋଇଥିଲା। ତିନିଠାକୁରଙ୍କ ଆଜ୍ଞାମାଳ ନେଇ ତିନିବାଡ଼ର ପୂଜାପଣ୍ଡା ସାମନ୍ତ ରଥ ପାଖକୁ ଆସିଥିଲେ। ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରହିଥିବା ତିନିରଥକୁ ବାହୁଡ଼ା ବିଜେ ଲାଗି ଆଜ୍ଞାମାଳ ପ୍ରଦାନ କରିଥିଲେ। ଏହାପରେ ବିଜେ କାହାଳୀ, ଘଣ୍ଟଘଣ୍ଟା ବାଜିବା ପରେ ଦେବଦଳନ ରଥର ଦକ୍ଷିଣ ମୋଡ଼ ଆରମ୍ଭ ହୋଇଥିଲା। ଏହି ସମୟରେ ପାଗରେ ଆସିଥିଲା ପରିବର୍ତ୍ତନ। ଶ୍ରୀକ୍ଷେତ୍ର ଆକାଶକୁ ମେଘ ଢାଙ୍କି ରହିଥିଲା। ପୂର୍ବରୁ ଭୋଇ ସେବକଙ୍କ ଦ୍ୱାରା ରଥର ବ୍ରେକ୍ ଓ ଦଉଡ଼ି ସଂଯୋଗ କରାଯାଇଥିଲା। ରାସ୍ତାର ଦୁଇପାଶ୍ୱର୍ରେ ଦକ୍ଷିଣ ମୋଡ଼ ପାଇଁ ବାଲି ପକାଯାଇଥିଲା। ପୁଲିସ କର୍ମଚାରୀମାନେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରୁ ବଡ଼ଶଙ୍ଖ ପର୍ଯ୍ୟନ୍ତ ଦେବଦଳନ ରଥକୁ ଟାଣି ନେଇଥିଲେ। ସେଠାରେ ରଥକୁ ବୁଲାଯାଇ ନାକଚଣା ଦ୍ୱାରକୁ ଅଣାଯାଇଥିଲା। ଏହାପରେ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ଟଣା ଆରମ୍ଭ ହୋଇଥିଲା। ଏହି ସମୟରେ ପ୍ରବଳ ବର୍ଷା ହୋଇଥିଲା ପୁରୀରେ। ବର୍ଷା ସତ୍ତ୍ୱେ କିଛି ସମୟ ରଥଟଣା ଯାଇଥିଲା। ସନ୍ଧ୍ୟା ନଇଁଯିବା ଏବଂ ବର୍ଷା ଯୋଗୁଁ ତାଳଧ୍ୱଜ ରଥର ଦକ୍ଷିଣ ମୋଡ଼ ସନ୍ଧ୍ୟା ୬ଟା ୧୦ରେ ବନ୍ଦ ରଖାଯାଇଥିଲା। ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଆଦୌ ଗଡ଼ି ନାହିଁ। ବୁଧବାର ସକାଳେ ଅଧାବାଟରେ ଥିବା ତାଳଧ୍ୱଜ ଓ ନନ୍ଦିଘୋଷ ରଥ ଦକ୍ଷିଣ ମୋଡ଼ କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି।

### ପ୍ରାଥମିକ ଶିକ୍ଷାରେ ବିକଳ ଚିତ୍ର

## ରାଜ୍ୟରେ ବଢ଼ିଲା ଏକ ଶିକ୍ଷକ ସ୍କୁଲ ସଂଖ୍ୟା

ଭୁବନେଶ୍ୱର,୨୧।୭(ସମିସ): ରାଜ୍ୟରେ ଶିକ୍ଷା ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ସରକାର ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଯୋଜନା କରିଛନ୍ତି। ନୂତନ କୋଠା ସାଙ୍ଗକୁ ଆନୁସଙ୍ଗିକ ନିର୍ମାଣ କରିବା ପାଇଁ ଅର୍ଥ ମଞ୍ଜୁର କରୁଛନ୍ତି। ମାତ୍ର ବିଦ୍ୟାଳୟରେ ପିଲାଙ୍କୁ ପାଠ ପଢ଼ାଇବା ପାଇଁ ସ୍କୁଲରେ ଶିକ୍ଷକ ନାହାନ୍ତି। ରାଜ୍ୟର ୧,୪୫୮ ଟି ବିଦ୍ୟାଳୟରେ ମାତ୍ର ଜଣେ ଲେଖାଏଁ ଶିକ୍ଷକ ରହିଛନ୍ତି।

- ବର୍ଷକରେ ୩୬୯ ସ୍କୁଲରେ କମିଲେ ଶିକ୍ଷକ
- ୧୪୫୮ ସ୍କୁଲରେ ମାତ୍ର ଜଣେ ଶିକ୍ଷକ

୨୦୨୪-୨୫ ତୁଳନାରେ ୨୦୨୫-୨୬ ଶିକ୍ଷାବର୍ଷରେ ଆହୁରି ୩୬୯ ଟି ସ୍କୁଲ୍ ଏକକ ଶିକ୍ଷକରେ ପରିଣତ ହୋଇଛି। କ୍ରମାଗତ ଭାବେ ଶିକ୍ଷକ ସଂଖ୍ୟା କମିବା ଏବଂ ଏକକ ଶିକ୍ଷକ ଥିବା ବିଦ୍ୟାଳୟ ସଂଖ୍ୟା ବଢୁଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟର ୟୁ-ଡାଇଜ୍ ପ୍ଲସ୍ ରିପୋର୍ଟରେ ପ୍ରକାଶ ପାଇବା ପରେ ରାଜ୍ୟ ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ରକୁ ପଦାରେ ପଡ଼ିଛି।

ରିପୋର୍ଟ ଅନୁଯାୟୀ ୨୦୨୪-୨୫ ଶିକ୍ଷାବର୍ଷରେ ରାଜ୍ୟରେ ୧,୦୮୯ ଟି ବିଦ୍ୟାଳୟରେ ଜଣେ ଲେଖାଏଁ ଶିକ୍ଷକ କାର୍ଯ୍ୟରତ ଥିଲେ। ୨୦୨୫-୨୬ ବେଳକୁ ତାହା ୧,୪୫୮ରେ ପହଞ୍ଚିଛି। ମାତ୍ର ଗୋଟିଏ ବର୍ଷରେ ନୂତନ ଭାବେ ୩୬୯ଟି ବିଦ୍ୟାଳୟ ଏହି ଏକକ ଶିକ୍ଷକ ତାଲିକାରେ ଯୋଡ଼ି ହୋଇଛି। ଅପରପକ୍ଷରେ ଏସବୁ ସ୍କୁଲ୍‌ରେ ପ୍ରାୟ ୫୯ହଜାର ୬୭୨ କୋମଳମତି ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ୨୦୨୪-୨୫ରେ ୪୭,୯୪୦ ପିଲା ଜଣେ ଶିକ୍ଷକ ଥିବା ବିଦ୍ୟାଳୟରେ ପଢୁଥିଲେ। ଗୋଟିଏ ବର୍ଷରେ ପ୍ରାୟ ୧୧ ହଜାର ୭୩୨ ଜଣ ଅଧିକ ପିଲା ଏକକ ଶିକ୍ଷକ ଥିବା ବିଦ୍ୟାଳୟରେ ବଢ଼ିଛନ୍ତି।

ଏସବୁ ବିଦ୍ୟାଳୟରେ ପିଲା ସଂଖ୍ୟା ବଢୁଥିବାବେଳେ ଶିକ୍ଷକଙ୍କ ସଂଖ୍ୟା କମୁଥିବାରୁ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଭବିଷ୍ୟତ ଭଗବାନଙ୍କ ଭରସାରେ ରହିଛି। ଏକକ ଶିକ୍ଷକ କାରଣରୁ ଗୋଟିଏ ଶ୍ରେଣୀରେ କେବଳ ଗୋଟିଏ ଶ୍ରେଣୀ ନୁହେଁ, ବରଂ ୫ଟି ଶ୍ରେଣୀର ପିଲାଙ୍କୁ ବସାଇ ପାଠ ପଢ଼ାଇବାକୁ ପଡୁଛି। ଏହା ବାଦ୍ ପିଲାଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତ କରିବା ଏବଂ ନିର୍ବାଚନ ଡ୍ୟୁଟି, ଜନଗଣନାଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାରର ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପରି ଅଣଶିକ୍ଷା କାର୍ଯ୍ୟରେ ନିୟୋଜିତ ହେବା ଶିକ୍ଷାଦାନ ବ୍ୟବସ୍ଥାକୁ ଅଧିକ ବିପର୍ଯ୍ୟସ୍ତ କରୁଛି। ଚଳିତ ବର୍ଷ ପିଲାଙ୍କ ପଢ଼ା ବହିରେ ମାଳମାଳ ତ୍ରୁଟି ରହିଥିବାବେଳେ ଜଣେ ଶିକ୍ଷକ ଥିବା ବିଦ୍ୟାଳୟରେ ପିଲାଙ୍କୁ କିପରି ଉନ୍ନତ ଶିକ୍ଷାଦାନ କରାଯାଇ ପାରିବ ଶିକ୍ଷାବିତମାନେ ପ୍ରଶ୍ନ କରିଛନ୍ତି।

## ହାଇକୋର୍ଟରେ ୧୬ ବିଚାରପତି ପଦ ଖାଲି

### ୧ ଲକ୍ଷ ୬୯ ହଜାର ମାମଲା ବିଚାରାଧୀନ

କଟକ,୨୧।୭(ସମିସ): ଓଡ଼ିଶା ହାଇକୋର୍ଟରେ ବିଚାରାଧୀନ ମାମଲା ବୋଝ ବଢୁଥିବା ବେଳେ ବିଚାରପତି ସଂଖ୍ୟା କମିକମି ଚାଲିଛି। ଖାଲି ପଡିଥିବା ମଞ୍ଜୁରିପ୍ରାପ୍ତ ବିଚାରପତି ପଦ ପୂରଣ ହୋଇପାରୁନାହିଁ। ବର୍ତ୍ତମାନ ହାଇକୋର୍ଟରେ ମୋଟ ୩୩ଟି ମଞ୍ଜୁରିପ୍ରାପ୍ତ ବିଚାରପତି ପଦବି ଥିବା ବେଳେ ଏବେ ମୁଖ୍ୟ ବିଚାରପତିଙ୍କ ସମେତ ମୋଟ ୧୭ଜଣ ବିଚାରପତି ରହିଛନ୍ତି। ଯାହା ବିଗତ ୫ବର୍ଷ ମଧ୍ୟରେ ସର୍ବନିମ୍ନ ବୋଲି ଜଣାପଡିଛି।

ମିଳିଥିବା ସୂଚନାନୁସାରେ, ୨୦୨୨ମସିହା ଶେଷ ଆଡକୁ ହାଇକୋର୍ଟରେ ୨୨ଜଣ କାର୍ଯ୍ୟରତ ବିଚାରପତି ଥିଲେ। ଏପରିକି ୨୦୨୩ ଡିସେମ୍ବର ମାସ ସୁଦ୍ଧା ଏହା କମି ୨୦ରେ ପହଞ୍ଚିଥିଲା। ଚଳିତ ବର୍ଷ ବିଚାରପତି ସଂଖ୍ୟା ୧୯ଥିଲା ବେଳେ ନିକଟ ଅତୀତରେ ଦୁଇ ଜଣ ବିଚାରପତି ଜଷ୍ଟିସ ଆନନ୍ଦଚନ୍ଦ୍ର ବେହେରା ଓ ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦଙ୍କ ଅବସର ଗ୍ରହଣ ପରେ ସଂଖ୍ୟା ୧୭କୁ ହ୍ରାସ ପାଇଛି। ସେହିଭଳି ଆସନ୍ତା ନଭେମ୍ବର ମାସରେ ମୁଖ୍ୟ ବିଚାରପତି ଅବସର ଗ୍ରହଣ କରିବାକୁ ଥିବା ବେଳେ ୨୦୨୭ ମସିହା ପ୍ରଥମାର୍ଦ୍ଧରେ ଆଉ ଦୁଇ ବିଚାରପତି ଅବସର ନେବେ। ବର୍ତ୍ତମାନ ଖାଲି ପଡିଥିବା ବିଚାରପତି ପଦ ସଂଖ୍ୟା ୧୬ରେ ପହଞ୍ଚିଛି। ଏଥିମଧ୍ୟରେ ୭ ବିଚାରପତି ଓ ୯ଅତିରିକ୍ତ ବିଚାରପତି ପଦ ରହିଛି। ବିଚାରପତିଙ୍କ ସଂଖ୍ୟା କମିବା ହାଇକୋର୍ଟରେ ମାମଲା ଫଏସଲା ହାରକୁ ପ୍ରଭାବିତ କରିବ ବୋଲି କୁହାଯାଉଛି। ମଞ୍ଜୁରୀପ୍ରାପ୍ତ ବିଚାରପତି ପଦର ୪୮ ପ୍ରତିଶତ ଖାଲି ଥିବା ଜଣାପଡିଛି।

ସୂଚନାନୁସାରେ, ହାଇକୋର୍ଟରେ ଗତ୨୦୨୫ମସିହା ଜାନୁଆରୀ୧ରୁ ମେ୩୧ ମଧ୍ୟରେ ମାମଲା ଫଏସଲା ହାର ଥିଲା ୮୮.୨୧ପ୍ରତିଶତ। ହେଲେ ଚଳିତବର୍ଷ ଅର୍ଥାତ ୨୦୨୬ଜାନୁଆରୀ ପହିଲାରୁ ମେ୩୧ ମଧ୍ୟରେ ମାମଲା ଫଏସଲା ହାର ହ୍ରାସ ପାଇ ୮୨.୯୮ପ୍ରତିଶତ ରହିଛି। ୨୦୨୫ ଜାନୁଆରୀ ପହିଲାରୁ ମେ୩୧ପର୍ଯ୍ୟନ୍ତ ୫ମାସ ମଧ୍ୟରେ ମୋଟ ୩୭୮୮୪ଟି ନୂତନ ମାମଲା ରୁଜୁ ହୋଇଥିଲା ବେଳେ ୩୩୨୧୯ଟି ଫଏସଲା ହୋଇପାରିଥିଲା। ୨୦୨୬ର ଏହି ଅବଧି ମଧ୍ୟରେ ୪୦,୩୮୧ମାମଲା ରୁଜୁ ହୋଇଥିବା ବେଳେ ୩୩,୫୧୦ଟି ମାମଲା ଫଏସଲା ହୋଇଛି। ଗତ୨୦୨୫ ମସିହା ମେ୩୧ ସୁଦ୍ଧା ବିଚାରାଧିନ ମାମଲା ସଂଖ୍ୟା ୧,୬୪,୬୪୪ ରହିଥିଲା। ବର୍ତ୍ତମାନ ସୁଦ୍ଧା ହାଇକୋର୍ଟରେ ବିଚାରାଧୀନ ମାମଲା ସଂଖ୍ୟା ରହିଛି ୧ଲକ୍ଷ୬୯ ହଜାର ୧୨୩ରେ ପହଞ୍ଚିଛି।

## ହୀରାକୁଦର ଆଉ ୬ ଗେଟ୍ ଖୋଲିଲା

ସମ୍ବଲପୁର, ୨୧।୭ (ସମିସ) : ଉପରମୁଣ୍ଡରେ ବର୍ଷା ଏବଂ ଛତିଶଗଡ଼ରେ କଲମା ଡ୍ୟାମ ଓ ବ୍ୟାରେଜ୍‌ରୁ ଜଳ ନିଷ୍କାସନ ପରେ ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଉଛି। ସୋମବାର ୪ଟି ଗେଟ୍ ଖୋଲାଯାଇଥିବାବେଳେ ମଙ୍ଗଳବାର ପର୍ଯ୍ୟାୟକ୍ରମେ ଆଉ ୬ଟି ଗେଟ୍ ଖୋଲାଯାଇଛି। ମୋଟ ୧୦ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଉଲ୍ଲେଖଯୋଗ୍ୟ ଯେ, ଗତ ୯ ତାରିଖ ହୀରାକୁଦ ନଦୀବନ୍ଧରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ୧୦ଟି ଗେଟ୍ ଦେଇ ଆରମ୍ଭ ହୋଇଥିଲା। ଜଳପ୍ରବେଶ ପରିମାଣ ଓ ଜଳସ୍ତର ହ୍ରାସ ପାଇବାସହ ବର୍ଷା ବନ୍ଦ ହୋଇଯିବାରୁ ପରବର୍ତ୍ତୀ ଦିନ ମାନଙ୍କରେ ପର୍ଯ୍ୟାୟକ୍ରମେ ଗେଟ୍ ଗୁଡ଼ିକ ବନ୍ଦ କରି ଦିଆଯାଇଥିଲା। ମଙ୍ଗଳବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୩.୪୭ ଫୁଟ୍ ରହିଛି। ନଦୀବନ୍ଧର ବାମପାଶ୍ୱର୍ର ୭ଟି ଏବଂ ଡାହାଣ ପାଶ୍ୱର୍ର ୩ଟି ଏହିପରି ମୋଟ ୧୦ଟି ସ୍ଲୁଇସ୍ ଗେଟ୍ ଖୋଲାରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୪୭,୫୪୬ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧,୫୯,୫୮୧ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧,୨୪,୯୭୯ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୦୯୫୨ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୪୭ କ୍ୟୁସେକ୍, କେନାଲ ପାଇଁ ୩୪୦୩ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୧୩,୬୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ପଥର୍ଲାଠାରେ ୩୮,୮୦୭ କ୍ୟୁସେକ୍, ଖଇରମାଳଠାରେ ୧,୭୦,୦୦୦ କ୍ୟୁସେକ୍, ବାରମୁଲଠାରେ ୧,୩୫,୭୫୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୧,୫୨,୩୦୪ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ମଙ୍ଗଳବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୨୫.୦୫ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୧୮.୨୭ ମିମି ବର୍ଷା ହୋଇଥିବା ସୂଚନା ମିଳିଛି।

## ଭିସୁଟ୍‌ରେ ଛାତ୍ର ଅଶାନ୍ତି

ସମ୍ବଲପୁର, ୨୧।୭ (ସମିସ) : ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) ହଷ୍ଟେଲରେ ନିମ୍ନମାନର ଖାଦ୍ୟ ଓ ୟୁନିଫର୍ମକୁ ନେଇ ମଙ୍ଗଳବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ। ନିମ୍ନମାନର ଖାଦ୍ୟ ଓ ଅନ୍ୟ ସମସ୍ୟାକୁ ନେଇ ବାରମ୍ବାର ଅଭିଯୋଗ ପରେ ବି କର୍ତ୍ତୃପକ୍ଷ ପଦକ୍ଷେପ ନ ନେବାରୁ ପ୍ରତିବାଦ କରୁଛନ୍ତି। ଶହଶହ ସଂଖ୍ୟାରେ ଛାତ୍ରଛାତ୍ରୀ ପ୍ରଥମେ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ



କରିଥିଲେ। ପରେ ଭିସୁଟ୍ ମୁଖ୍ୟଫାଟକ ସମ୍ମୁଖରେ ଘଣ୍ଟାଘଣ୍ଟା ଧରି ଧାରଣାରେ ବସିଥିଲେ। ଭିସୁଟ୍ କୁଳପତି ବୋର୍ଡ ବୈଠକରେ ନିଷ୍ପତ୍ତି ନିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଛାତ୍ରଛାତ୍ରୀମାନେ ଧାରଣାରୁ ହଟିଥିଲେ। ବିଶ୍ୱବିଦ୍ୟାଳୟ ଓ ଛାତ୍ରାବାସରେ ଦେଖାଦେଇଥିବା ବିଭିନ୍ନ ସମସ୍ୟା ସମାଧାନ ଦାବିରେ ଭିସୁଟ୍ ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ହଷ୍ଟେଲରେ ନିମ୍ନମାନର ଖାଦ୍ୟ ପରିବେଷଣ, ଜଳଯୋଗାଣରେ ଅନିୟମିତତା, ଗୋଟିଏ ରୁମ୍‌ରେ ଅଧିକ ସଂଖ୍ୟକ ଛାତ୍ରଛାତ୍ରୀ ରଖାଯିବା ଆଦି ମୌଳିକ ପ୍ରସଙ୍ଗ ସହ ବିଶ୍ୱବିଦ୍ୟାଳୟରେ ୟୁନିଫର୍ମ (ଡ୍ରେସକୋଡ୍) ବାଧ୍ୟତାମୂଳକ କରାଯିବା ନିଷ୍ପତ୍ତିକୁ ଛାତ୍ରଛାତ୍ରୀମାନେ ବିରୋଧ କରିଛନ୍ତି। ସେମାନେ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କଲାପରେ ପୁଣି ଭିସୁଟ୍ ମୁଖ୍ୟଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ। ଏହାକୁ ନେଇ ଭିସୁଟ୍ କର୍ତ୍ତୃପକ୍ଷ ଓ ଛାତ୍ରଛାତ୍ରୀମାନେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କୁ ଭିସୁଟ୍ କର୍ତ୍ତୃପକ୍ଷ ଧମକଚମକ ଦେବା ଅଭିଯୋଗ ହୋଇଛି। ସମସ୍ୟା ଗୁଡ଼ିକର ଶୀଘ୍ର ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ରତର କରାଯିବ ବୋଲି ଛାତ୍ରଛାତ୍ରୀମାନେ ଚେତାବନୀ ଦେଇଛନ୍ତି। ଏନେଇ ଭିସୁଟ୍ କୁଳପତି ପ୍ରଫେସର ଦୀପକ କୁମାର ସାହୁ କହିଛନ୍ତି, ଛାତ୍ରଛାତ୍ରୀ ମାନଙ୍କ ଆନ୍ଦୋଳନର ମୁଖ୍ୟ ପ୍ରସଙ୍ଗ ଥିଲା ସେମାନେ ବିଶ୍ୱବିଦ୍ୟାଳୟର ପ୍ରଚଳିତ ୟୁନିଫର୍ମ ପିନ୍ଧିବେନି। ତେବେ, ଏହା ସେମାନଙ୍କ ସୁରକ୍ଷା ସହିତ ଅନୁଷ୍ଠାନର ଶୃଙ୍ଖଳିତ ବ୍ୟବସ୍ଥା ସକାଶେ ଜରୁରୀ। ଆସନ୍ତା ଗୁରୁବାର ୧୦ଟା ବେଳେ ଅଭିଭାବକ ମାନଙ୍କ ଏକ ବୈଠକ ଡକାଯାଇଛି। ସେଥିରେ ଏନେଇ ଆଲୋଚନା କରାଯିବ। ଏହାପରେ ଅପରାହ୍ଣରେ ପୂର୍ବ ନିର୍ଦ୍ଧାରିତ ଅନୁଯାୟୀ ଏକାଡେମିକ କାଉନସିଲ ବୈଠକ ରହିଥିବା କୁଳପତି ପ୍ରଫେସର ସାହୁ ସୂଚନା ଦେଇଛନ୍ତି।

### କେନ୍ଦୁଝରେ ଜିଲ୍ଲା ଯୋଜନା ବୋର୍ଡ ନିର୍ବାଚନ

## ସମସ୍ତ ୧୪ ସିଟ୍‌ରେ ବିଜେଡିର ବାଜିମାତ୍




କେନ୍ଦୁଝର, ୨୧।୭(ସମିସ): କେନ୍ଦୁଝର ଜିଲ୍ଲା ଯୋଜନା ବୋର୍ଡ ନିର୍ବାଚନରେ ବିଜୁ ଜନତା ଦଳର ପ୍ରାର୍ଥୀମାନେ ବାଜିମାତ କରିଛନ୍ତି। ସମସ୍ତ ୧୪ଟି ସିଟରେ ବିଜୁ ଜନତା ଦଳର ପ୍ରାର୍ଥୀମାନେ ବିପୁଳ ବିଜୟ ହାସଲ କରିଛନ୍ତି। ଜିଲ୍ଲା ଯୋଜନା ବୋର୍ଡରେ ସଦସ୍ୟ ନିମନ୍ତେ ନାମାଙ୍କନ ପରେ ଗତ ୮/୭/୨୦୨୬ରେ ଯାଞ୍ଚ ହୋଇ ପ୍ରଥମ ଦଫାରେ ବିଜେଡିର ସମସ୍ତ ୭ ଜଣ ସାଧାରଣ ବର୍ଗର ପ୍ରାର୍ଥୀ ୨ ନମ୍ବର ଜୋନର ସଦସ୍ୟ ଜିତେନ୍ଦ୍ର ସାମଲ, ୫ ଜୋନ ସଦସ୍ୟ ରଥ ମୁଣ୍ଡା, ୯ ନମ୍ବର ଜୋନ ସଦସ୍ୟ ସୁରେନ୍ଦ୍ର ଜେନା, ୨୦ ନମ୍ବର ଜୋନର କେଦାରଚନ୍ଦ୍ର ପ୍ରଧାନ, ୨୬ ନମ୍ବର ଜୋନର ଶଶିକାନ୍ତ ଖିଲାର, ୨୯ ନମ୍ବର ଜୋନର ସଦସ୍ୟ ବୁଦ୍ଧଦେବ ମହାକୁଡ଼ ଏବଂ ୩୭ ନମ୍ବର ଜୋନ ଜିଲ୍ଲା ପରିଷଦ ସଦସ୍ୟ ବିମ୍ବାଧର ବିଶ୍ୱାଳ ପ୍ରମୁଖ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିଲେ। ତେବେ, ମହିଳା ବର୍ଗର ୭ଟି ପଦ ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେପିର ୧ ନମ୍ବର ଜିଲ୍ଲା ପରିଷଦ ସଦସ୍ୟା ଅସୀମା ମିଶ୍ର ପରାଜିତ ହୋଇଥିବାବେଳେ ବିଜେଡିର କୌଶଲ୍ୟା ସେଠୀ, କ୍ଷୀରୋଦିନି ମହାକୁଡ଼, ମଧୁସ୍ମିତା ଦାସ, ମଇନ ସୋରେନ, ରମଣୀ ନାୟକ, ରୁନୁ ମହାନ୍ତ ଏବଂ ଶାନ୍ତିଲତା ରଣା ପ୍ରମୁଖ ବିଜେଡିର ୭ ଜଣ ପ୍ରାର୍ଥିନୀ ବିଜୟୀ ହୋଇଛନ୍ତି।

ସୂଚନାଯୋଗ୍ୟ ଯେ କେନ୍ଦୁଝର ଜିଲ୍ଲା ପରିଷଦର ୩୭ଟି ଜୋନ ମଧ୍ୟରୁ ସଦର ବ୍ଲକର ୪ ନମ୍ବର ଜୋନ ସଦସ୍ୟା ଲୀଳାବତୀ ମହାନ୍ତ ଏବଂ ପାଟଣା ବ୍ଲକର ଜୋନ ନମ୍ବର ୨୧ର ସଦସ୍ୟ ପ୍ରଫୁଲ୍ଲ ନାୟକଙ୍କର ମୃତ୍ୟୁ ଯୋଗୁଁ ପଦ ଖାଲି ରହିଛି। ଅନ୍ୟପକ୍ଷରେ ଘଟଗାଁ ବ୍ଲକ ୮ ନମ୍ବର ଜୋନର ସଦସ୍ୟା ରଞ୍ଜିତା ନାୟକ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ବର୍ତ୍ତମାନ ୩୪ ଜଣ ଜିଲ୍ଲା ପରିଷଦ ସଦସ୍ୟ/ସଦସ୍ୟା ରହିଛନ୍ତି। ଜିଲ୍ଲା ଯୋଜନା ବୋର୍ଡରେ ବିଜେଡିର ସମସ୍ତ ୧୪ଟି ସିଟରେ ବିଜୟୀ ପ୍ରାର୍ଥୀଙ୍କୁ ବିଜେଡିର କେନ୍ଦୁଝର ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତି, ବିଜେଡି ନେତା ତଥା ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର, ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ପ୍ରମୋଦ ପଟ୍ଟନାୟକ, ବିଜେଡି ନେତ୍ରୀ ତଥା ପୂର୍ବତନ ପୌରାଧକ୍ଷା ମୀନା ମାଝୀ, ବିଜେଡି ନେତା ପୂର୍ଣ୍ଣଚନ୍ଦ୍ର ସାହୁ, ବିଜେଡି ଆଇଟି ସେଲର ଜଗଦୀଶ ଆପଟଙ୍କ ସମେତ ବହୁ ବିଜେଡି ନେତା ଜିଲ୍ଲା ପରିଷଦ କାର୍ଯ୍ୟାଳୟକୁ ଯାଇ ଶୁଭେଚ୍ଛା ଜଣାଇଥିଲେ।

## ମୌସୁମୀ ସକ୍ରିୟ, ବର୍ଷା ଜାରି

ଭୁବନେଶ୍ୱର,୨୧।୭(ସମିସ): ସକ୍ରିୟ ମୌସୁମୀ ପ୍ରଭାବରେ ରାଜ୍ୟରେ ବର୍ଷା ସ୍ଥିତି ଲାଗି ରହିଛି। ମୌସୁମୀ ଟ୍ରଫ ସକ୍ରିୟ ରହିଥିବା ବେଳେ ଏବେ ଓଡ଼ିଶା ଉପରେ ଗୋଟିଏ ଘୂର୍ଣ୍ଣିବଳୟର ମଧ୍ୟ ପ୍ରଭାବ ରହୁଛି। ଏଥିପାଇଁ ମଙ୍ଗଳବାର ରାଜ୍ୟର ଅଧିକାଂଶ ସ୍ଥାନରେ ଦିନତମାମ୍ ବର୍ଷା ଲାଗିରହିଛି। ଭୁବନେଶ୍ୱରରେ ଅପରାହ୍ଣ ୪ଟା ପରେ ବର୍ଷା ଆରମ୍ଭ ହୋଇ ପ୍ରାୟ ସାଢ଼େ ୬ଟା ପର୍ଯ୍ୟନ୍ତ ଜାରି ରହିଥିବା ବେଳେ ରାଜ୍ୟର ଅନ୍ୟ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ମଧ୍ୟ ଭଲ ବର୍ଷା ଅନୁଭୂତ ହୋଇଛି। ରାଜ୍ୟରେ ଆହୁରି ୬ ଦିନ ଯାଏ ବର୍ଷା ସମ୍ଭାବନା ରହିଛି। ଏମିତିକି ଆସନ୍ତା ୨୩-୨୪ ବେଳକୁ ଏକ ଲଘୁଚାପର ମଧ୍ୟ ଆଶଙ୍କା କରାଯାଉଛି। ଏହାଦ୍ୱାରା ବାହୁଡ଼ାରେ ମଧ୍ୟ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ଆଶଙ୍କା ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗତ ୩୬ ଘଣ୍ଟାରେ ରାଜ୍ୟରେ ୧୦ ଟି ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ଏଥିରେ କେନ୍ଦୁଝରରେ ୮୩ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ଟିଟିଲାଗଡ଼ରେ ୮୧ ମିମି ବର୍ଷା ରେକର୍ଡ ହୋଇଛି। ଏହା ବ୍ୟତୀତ ଝାରସୁଗୁଡ଼ା ୫୦, କଟକ ୪୪, ସୁନ୍ଦରଗଡ଼ ୪୬, ମାଲକାନଗିରି ୪୮, ସୋନପୁର ୫୮, ଦେବଗଡ଼ ୪୬ ମିମି ବର୍ଷା ରେକର୍ଡ ହୋଇଛି। ବୁଧବାର କେନ୍ଦୁଝର, ମୟୂରଭଞ୍ଜ, ଝାରସୁଗୁଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼ ଏହି ୫ ଜିଲ୍ଲାରେ ପ୍ରବଳ ବର୍ଷା ସହ କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ, ଯାଜପୁର ଓ ବାଲେଶ୍ୱରରେ ବିଜୁଳି ଘଡ଼ଘଡ଼ି ସହ ୩୦ରୁ ୪୦ କିମି ଝଟକା ପବନ ବହିବାର ସମ୍ଭାବନାକୁ ନେଇ ୟେଲୋ ୱର୍ଣ୍ଣିଂ ଜାରି କରାଯାଇଛି। ଏହିପରି ୨୭ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳରେ ବର୍ଷା ନେଇ ଆଲର୍ଟ ଜାରି କରାଯାଇଛି। ରାଜ୍ୟରେ ଜୁନ ୧ରୁ ଏଯାବତ ୪୮୮.୯ ମିମି ବର୍ଷା ହୋଇଥିବା ବେଳେ ସ୍ୱାଭାବିକ ବର୍ଷାଠାରୁ ବର୍ଷାର ପରିମାଣ ୧୩ ପ୍ରତିଶତ ଅଧିକ ରହିଛି।

### ରାଜ୍ୟରେ ସାର ସଙ୍କଟ ତୀବ୍ର

## ସବୁଜ ସାର ଯୋଜନା ବାଟବଣା

### କାହା ପକେଟ ଭରିବାକୁ ୪ ଗୁଣ ହେଲା ଧନିଚା ବିହନ ମୂଲ୍ୟ

ଭୁବନେଶ୍ୱର, ୨୧।୭ (ସମିସ): ମଧ୍ୟପ୍ରାଚ୍ୟରେ ଚାଲିଥିବା ସଂଘର୍ଷର ପ୍ରଭାବ ଏବେ ଦେଶର କୃଷି କ୍ଷେତ୍ରରେ ଗଭୀର ଭାବରେ ପଡ଼ିଛି। ଖରିଫ ଚାଷ ଋତୁ ଆରମ୍ଭ ହୋଇଥିବାରୁ ୟୁରିଆ, ଡିଏପି ଓ ଏନ୍‌ପିକେ ଭଳି ରସାୟନିକ ସାରର ଚାହିଦା ବଢ଼ିଥିବା ବେଳେ ଯୋଗାଣ ଅଭାବ ରାଜ୍ୟର ଚାଷୀଙ୍କ ଚିନ୍ତା ବଢ଼ାଇଛି। ଏପରି ସ୍ଥିତିରେ ସରକାର ରସାୟନିକ ସାରର ବିକଳ୍ପ ଭାବେ ଧନିଚା ଚାଷକୁ ପ୍ରୋତ୍ସାହନ ଲାଗି କରିଥିବା ଯୋଜନା ବି ଆଗେଇ ପାରିନାହିଁ। ଧନିଚା ବିହନର ଅସ୍ୱାଭାବିକ ଦରବୃଦ୍ଧି ଓ ଡିବିଟି ବ୍ୟବସ୍ଥାର ଜଟିଳତା ଏହି ଯୋଜନା କ୍ଷେତ୍ରରେ ବାଧକ ହୋଇଛି।

କୃଷି ବିଶେଷଜ୍ଞଙ୍କ ମତରେ ଧନିଚା ଏକ ଉତ୍କୃଷ୍ଟ ସବୁଜ ସାର। ଏହାକୁ ଚାଷ କରି ପରେ ମାଟିରେ ମିଶାଇ ଦିଆଯିବା ପରମ୍ପରା ଅନେକ ବର୍ଷରୁ ଚାଲି ଆସିଛି। ଧନିଚା ମୃତ୍ତିକାରେ ଜୈବିକ ପଦାର୍ଥ ଓ ନାଇଟ୍ରୋଜେନର ପରିମାଣ ବୃଦ୍ଧି କରିଥାଏ ଓ ରାସାୟନିକ ସାର ବ୍ୟବହାର ୩୦ରୁ ୩୫% ପର୍ଯ୍ୟନ୍ତ ହ୍ରାସ କରିପାରେ। ଏହା କେବଳ ଚାଷୀଙ୍କ ଖର୍ଚ୍ଚ କମାଏ ନୁହେଁ, ମାଟିର ଉର୍ବରତା ବଜାୟ ରଖିବା ସହ ପରିବେଶ ସୁରକ୍ଷାରେ ମଧ୍ୟ ସହାୟକ ହୋଇଥାଏ। କିନ୍ତୁ ଚଳିତ ବର୍ଷ ସରକାର ଧନିଚା ବିହନର ମୂଲ୍ୟ ପ୍ରତି କିଲୋ ୧୯୧.୨୦ ଟଙ୍କା ଧାର୍ଯ୍ୟ କରିଛନ୍ତି। ଯଦିଓ ଏଥିରୁ ୧୫୧.୨୦ ଟଙ୍କା ସବସିଡି ସିଧାସଳଖ ଡିବିଟି (ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର) ମାଧ୍ୟମରେ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଫେରସ୍ତ ହେବାର ବ୍ୟବସ୍ଥା ରହିଛି, ମାତ୍ର ବ୍ୟବସ୍ଥାଗତ ତ୍ରୁଟି ଯୋଗୁଁ ଚାଷୀମାନେ ଧନିଚା କିଣିବାରୁ ବଞ୍ଚିତ ହୋଇଛନ୍ତି। ଅନେକ ବ୍ଲକ୍ ଓ କୃଷି କାର୍ଯ୍ୟାଳୟରେ ଧନିଚା ବିହନ ବଣ୍ଟନ ନହୋଇ ପଡ଼ିରହିଥିବା ଅଭିଯୋଗ ହୋଇଛି।

ଦୁଇବର୍ଷ ପୂର୍ବେ ରାଜ୍ୟ ସରକାର ଚାଷୀଙ୍କୁ ସିଧାସଳଖ ୪୦ ଟଙ୍କା କିଲୋ ଦରରେ ଧନିଚା ବିହନ ଯୋଗାଉଥିଲେ। କିନ୍ତୁ ଏଥର ହଠାତ୍ କ୍ରୟ ମୂଲ୍ୟ ୧୯୧ ଟଙ୍କାକୁ ବୃଦ୍ଧିକୁ ଚାଷୀମାନେ ଗ୍ରହଣ କରିପାରୁନାହାନ୍ତି। ବିରି, ମୁଗ ପରି ଡ଼ାଲିଜାତୀୟ ଓ ଚିନାବାଦାମ, ସୋରିସ ପରି ତୈଳବୀଜ ବିହନ ତୁଳନାରେ ଧନିଚା ବିହନ ଦର ଅଧିକ ରଖାଯିବାକୁ ନେଇ ମଧ୍ୟ ଚାଷୀମାନେ ପ୍ରଶ୍ନ ଉଠାଇଛନ୍ତି। ଧନିଚା ବିହନର ଚଢ଼ା ମୂଲ୍ୟ ତଥା କ୍ରୟ ପ୍ରକ୍ରିୟାର ସ୍ୱଚ୍ଛତାକୁ ନେଇ ମଧ୍ୟ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଅପରପକ୍ଷରେ ସବସିଡି ବାବଦରେ ବହୁ କୋଟି ଟଙ୍କାର ଅତିରିକ୍ତ ଭାର ଶେଷରେ ରାଜ୍ୟ ରାଜକୋଷ ଉପରେ ପଡ଼ିବ ବୋଲି କୁହାଯାଉଛି। ଓଡ଼ିଶା ସରକାର ପ୍ରତିବର୍ଷ ପୂର୍ବୋତ୍ତର ରାଜ୍ୟଗୁଡ଼ିକରୁ ବହୁ ପରିମାଣରେ ଧନିଚା ବିହନ କିଣି ଚାଷୀଙ୍କୁ ଯୋଗାଇଥାନ୍ତି। ରାଜ୍ୟରେ ଏପର୍ଯ୍ୟନ୍ତ ଧନିଚା ବିହନର ବାଣିଜ୍ୟିକ ଉତ୍ପାଦନକୁ ପ୍ରୋତ୍ସାହନ ମିଳିନଥିବାରୁ ପ୍ରତିବର୍ଷ କୋଟି କୋଟି ଟଙ୍କା ଅନ୍ୟ ରାଜ୍ୟକୁ ଚାଲିଯାଉଛି। କୃଷି ବିଶେଷଜ୍ଞମାନଙ୍କ ମତରେ ଓଡ଼ିଶାରେ ଧନିଚା ବିହନ ଉତ୍ପାଦନକୁ ପ୍ରୋତ୍ସାହନ ଦିଆଗଲେ ଚାଷୀମାନେ ଅତି କମ୍ ଦରରେ ବିହନ ପାଇପାରିବେ ଏବଂ ସରକାରଙ୍କ ସବସିଡି ବ୍ୟୟ ମଧ୍ୟ କମିବ।

ଏପଟେ ସାର ସଙ୍କଟ ଯୋଗୁଁ ବହୁ ଅଞ୍ଚଳରେ ୟୁରିଆ ଓ ଡିଏପି ସାର ଚଢ଼ା ଦରରେ ବିକ୍ରି ହେଉଥିବା ଅଭିଯୋଗ ଆସୁଛି। ଅନେକ ଗ୍ରାମାଞ୍ଚଳରେ ଚାଷୀମାନେ ଗୋବର ଖତ, କମ୍ପୋଷ୍ଟ ଓ ଅନ୍ୟାନ୍ୟ ଜୈବିକ ସାର ବ୍ୟବହାର କରୁଥିଲେ ମଧ୍ୟ ଏଗୁଡ଼ିକ ରସାୟନିକ ସାରର ସମ୍ପୂର୍ଣ୍ଣ ବିକଳ୍ପ ହୋଇପାରୁନାହିଁ। ବିଶେଷକରି ବର୍ତ୍ତମାନ ଧାନ ତଳିଘେରା ପ୍ରସ୍ତୁତି ସମୟରେ ୟୁରିଆର ଚାହିଦା ସର୍ବାଧିକ ରହିଛି। ତେଣୁ ସାର ସଙ୍କଟର ଦୀର୍ଘମିଆଦି ସମାଧାନ ପାଇଁ ସରକାର କେବଳ ବିକଳ୍ପ ସାର ଯୋଗାଇଲେ ହେବ ନାହିଁ। ମୃତ୍ତିକା ପରୀକ୍ଷା ଆଧାରରେ କେଉଁ ଫସଲ ପାଇଁ କେତେ ପରିମାଣରେ ନାଇଟ୍ରୋଜେନ, ଫସଫରସ ଓ ପଟାସିୟମ ଆବଶ୍ୟକ, ସେ ସମ୍ପର୍କରେ ଚାଷୀଙ୍କୁ ବ୍ୟାପକ ସଚେତନ କରିବା ଦରକାର। ଏହାଦ୍ୱାରା ରସାୟନିକ ସାରର ଅପବ୍ୟବହାର କମିବା ସହ ଉତ୍ପାଦନ ବ୍ୟୟ ହ୍ରାସ ପାଇବ ଏବଂ ସାର ସଙ୍କଟର ପ୍ରଭାବକୁ ମଧ୍ୟ ବହୁ ପରିମାଣରେ ମୁକାବିଲା କରାଯାଇପାରିବ।

### ବିଦ୍ୟୁତ ଯୋଗାଣ ସହ ମୌଳିକ ସୁବିଧାରୁ ବଞ୍ଚିତ ୧୫୦ ପରିବାର

# ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ କୁମ୍ଭିଟାଙ୍ଗିରୀ ଗ୍ରାମବାସୀଙ୍କ ଦାବିପତ୍ର

କେନ୍ଦୁଝର,୨୧।୭ (ସମିସ)



କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଶଗଡ଼ପଟା ଗ୍ରାମପଞ୍ଚାୟତ ଅଧୀନ ପାଲବଣି ରାଜସ୍ୱ ଗ୍ରାମର ୧୫ ନମ୍ବର ୱାର୍ଡସ୍ଥିତ କୁମ୍ଭିଟାଙ୍ଗିରୀ ଗ୍ରାମର ୧୫୦ ପରିବାର ବିଦ୍ୟୁତ ସେବା ସମେତ ଅନ୍ୟାନ୍ୟ ମୌଳିକ ସେବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଗ୍ରାମକୁ ବିଦ୍ୟୁତ ସେବା ଯୋଗାଣ ଦାବିରେ ମଙ୍ଗଳବାର କେନ୍ଦୁଝର ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନ ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଦର୍ଶାଯାଇଛି ଯେ ଏହି ଗ୍ରାମର ବାସିନ୍ଦା ଆଜି ବିଦ୍ୟୁତ ସେବା ଭଳି ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି। ଫଳରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ପିଲାମାନେ ରାତିରେ ପାଠ ପଢ଼ିବା ସମସ୍ୟା ଭୋଗୁଛନ୍ତି। ସେମାନଙ୍କୁ କେନ୍ଦ୍ର ସରକାରଙ୍କ 'ସୌଭାଗ୍ୟ' ଯୋଜନାରେ ବିଦ୍ୟୁତ ସେବା ଯୋଗାଇ ଦେବାକୁ ଗ୍ରାମବାସୀ ଲିଖିତ ନିବେଦନ ରଖିଛନ୍ତି। ତତସହିତ ଗ୍ରାମରେ ମୋବାଇଲ ନେଟୱର୍କ ସାତସପନ ହୋଇ ରହିଛି। ମୋବାଇଲ ନେଟୱର୍କ ବ୍ୟବସ୍ଥା ପାଇଁ ମଧ୍ୟ ଦାବି କରାଯାଇଛି। ୯ ବର୍ଷ ପୂର୍ବରୁ ଗ୍ରାମରେ ନିର୍ମାଣ ଚାଲିଥିବା ବସୁଧା ପାଣି ଟାଙ୍କି ଆଜି ବି ଅସଂପୂର୍ଣ୍ଣ ଅବସ୍ଥାରେ ପଡ଼ି ରହି ଥିବାରୁ ଗ୍ରାମବାସୀ ପାନୀୟଜଳରୁ ବଞ୍ଚିତ ହେଉଛନ୍ତି। ଉକ୍ତ ପାଣି ଟାଙ୍କିକୁ ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣ କରାଯିବା ସକାଶେ ଦାବି କରିଛନ୍ତି। ଗ୍ରାମବାସୀ କହିଛନ୍ତି, ସେମାନଙ୍କ ଦାବି ୧୫ ଦିନ ମଧ୍ୟରେ ସମାଧାନ ହୋଇ ନ ପାରିଲେ ଓଡ଼ିଶା ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଗଣଧାରଣା ଦେବେ। କାର୍ଯ୍ୟକ୍ରମରେ ଗ୍ରାମର ରାଜେଶ ବାନ୍ଦିଆ, ସାମାଜିକ କର୍ମୀ ଗାମାଏ ରୀମିଲ ସିଂ ଗୋଇପାଇ, ପିଣ୍ଟୁ ହେମ୍ବ୍ରମ, ଜମାଦାର ବାଲମୁଚୁ, ଜଗତା ଗୋଇପାଇ, ରବି ଗୁଇୟା, ମଟକା ଚାତାର, ରାମ ସିଂ ବୁଲିଉଲି, ରାଜେନ୍ଦ୍ର ହେମ୍ବ୍ରମ, ଗଣେଶ ଜେରାଇ, ଜଗେନ୍ଦ୍ର ମୋହନ ପୂର୍ତ୍ତି, ରାଜେନ ତିୟୁ, ଅଭିମନ୍ୟୁ ହେମ୍ବ୍ରମ, ଛତିଶ ପୂର୍ତ୍ତି ପ୍ରମୁଖ ଉପସ୍ଥିତ ରହି ଅତିରିକ୍ତ ଜିଲ୍ଲା।।ପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ କହିଛନ୍ତି, ସମ୍ପୃକ୍ତ ଗ୍ରାମରେ ବିଦ୍ୟୁତ ଯୋଗାଣ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

## ବାଇକ୍‌କୁ ଧକ୍କାଦେଲା ଟ୍ରେଲର୍; ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

ତୁରୁମୁଙ୍ଗା, ୨୧।୭(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ୨୨୦ ନମ୍ବର ଜାତୀୟ ରାଜପଥର ବଡ଼ ଧନୁର୍ଯ୍ୟୟପୁର ନିକଟରେ ମଙ୍ଗଳବାର ଅପରାହ୍ନରେ ଏକ ଟ୍ରେଲର ଧକ୍କାରେ ବାଇକରେ ଯାଉଥିବା ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରୁ ସ୍ତ୍ରୀଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଏଥିରେ ସ୍ୱାମୀ ଗୁରୁତର ଆହତ ହୋଇଛନ୍ତି। ମୃତ ମହିଳା ହେଲେ ଖମୁଆଁ ଗ୍ରାମର ସାବିତ୍ରୀ ମହାନ୍ତ(୩୪)। ଗୁରୁତର ସ୍ୱାମୀ ଗଣେଶ୍ୱର ମହାନ୍ତଙ୍କୁ ପ୍ରଥମେ ପାଟଣା ମେଡିକାଲ, ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସ୍ୱାମୀ-ସ୍ତ୍ରୀ ଘଟଗାଁ ବ୍ଲକର କୁଣ୍ଡାପିଠା ଗ୍ରାମକୁ ଏକ ଶୁଦ୍ଧିକ୍ରିୟା କାର୍ଯ୍ୟରେ ଯୋଗଦେବା ପାଇଁ ବାଇକରେ ଯାଉଥିବା ବେଳେ ଏହି ଦୁର୍ଘଟଣା ଫଳରେ ସାବିତ୍ରୀ ଛିଟିକି ପଡିଥିଲେ। ପାଟଣା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରିଛି।

## ପିଏମ୍‌ଶ୍ରୀ ମହତାବ ହାଇସ୍କୁଲ୍‌ରେ ଚାରା ବଣ୍ଟନ




ଚମ୍ପୁଆ, ୨୧।୭(ସମିସ): ପରିବେଶ ସୁରକ୍ଷା ଓ ସବୁଜ ଭବିଷ୍ୟତ ଗଠନର ଉଦ୍ଦେଶ୍ୟରେ ଚମ୍ପୁଆସ୍ଥିତ ପିଏମ୍‌ଶ୍ରୀ ମହତାବ ସରକାରୀ ଉଚ୍ଚବିଦ୍ୟାଳୟରେ 'ଏକ ପେଡ ମା'ଙ୍କ ନାମ–୩.୦' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରାୟ ୫୦୦ଟି ଚାରା ଛାତ୍ରଛାତ୍ରୀଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ବିଦ୍ୟାଳୟ ସଭାପତି ପ୍ରତୀପ କୁମାର ରାଜ ଏବଂ ବରିଷ୍ଠ ସାମ୍ବାଦିକ ମହେଶ୍ୱର ଦାସ ଅତିଥି ଭାବେ ଯୋଗ ଦେଇଥିଲେ। ଗଛ ହିଁ ଆଗାମୀ ପିଢ଼ି ପାଇଁ ସୁସ୍ଥ ପରିବେଶର ଆଧାର ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷକଶିକ୍ଷୟିତ୍ରୀ ଓ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସମସ୍ତଙ୍କୁ ଅଧିକରୁ ଅଧିକ ଗଛ ଲଗାଇ ସବୁଜ ଓ ସୁସ୍ଥ ପରିବେଶ ଗଠନରେ ସହଯୋଗ କରିବାକୁ ଆହ୍ୱାନ କରାଯାଇଥିଲା।

## ବନାଞ୍ଚଳସ୍ତରୀୟ ସମନ୍ୱୟ ବୈଠକ



ତୁରୁମୁଙ୍ଗା, ୨୧।୭(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳ କାର୍ଯ୍ୟାଳୟରେ ମଙ୍ଗଳବାର ବନ ସୁରକ୍ଷା ସମିତି ଏବଂ ଜଙ୍ଗଲ ବିଭାଗର ମିଳିତ ଭାବରେ ବନାଞ୍ଚଳସ୍ତରୀୟ ସମ୍ମନୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବଡପାଟଣା ସରପଞ୍ଚ ବିନତି ବାନରାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ପାଟଣା ପ୍ରାଣୀ ଚିକିତ୍ସାଳୟ ଅଧିକାରୀ ଲକ୍ଷ୍ମୀକାନ୍ତ ଜେନା, ସାଂସଦ ପ୍ରତିନିଧି ଯୁଧିଷ୍ଠିର ମହାନ୍ତ, ପାଟଣା ରେଞ୍ଜର ବନବିହାରୀ ସର୍ଦ୍ଦାର, ପାଟଣା ବନପାଳ ନିରଞ୍ଜନ ସେଠୀ, ସାହାରପଡା ବନପାଳ ଶ୍ରୀମନ୍ତ ବେହେରା ବିଭିନ୍ନ ଅଞ୍ଚଳରେ ଥିବା ସମସ୍ୟାର ସମାଧାନ କରିଥିଲେ। ହାତୀଙ୍କ ଦ୍ୱରା କ୍ଷତିଗ୍ରସ୍ତ ହୋଇଥିବା ୪୦ ଜଣଙ୍କ ପରିବାରଙ୍କୁ ଶସ୍ୟ ବାକ୍ସ ଏବଂ ହାତୀ ଉପଦ୍ରବ ଅଞ୍ଚଳ ଗ୍ରାମଗୁଡିକୁ ୨ଟି ଲେଖାଏଁ ମୋଟ ୧୨ଟି ଟର୍ଚ୍ଚ ଲାଇଟ ଗ୍ରାମକୁ ପ୍ରଦାନ କରାଯାଇଥିଲା। ଏହି ସାମଗ୍ରୀଗୁଡିକ ହାତୀ ଚଳପ୍ରଚଳ ଅଞ୍ଚଳରେ ସୁରକ୍ଷା ଓ ସଚେତନତାରେ ବେଶ୍ ସହାୟକ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

## କେନାଲ ସଫେଇ କାର୍ଯ୍ୟର ତଦାରଖ କଲେ ବିଧାୟକ ଓ ଉପାଧ୍ୟକ୍ଷ

ହାଟଡ଼ିହୀ,୨୧।୭(ସମିସ): ବର୍ଷା ମାତ୍ରକେ ହାଟଡ଼ିହୀ ବ୍ଲକ୍ ଶିବନାରାୟଣପୁର ଗ୍ରାମରେ ପାହାଡ଼ ପାଣି ପଶି ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ପ୍ରତିବର୍ଷ ନାହିଁ ନଥିବା କ୍ଷୟକ୍ଷତି ହୋଇଥାଏ। ଚଳିତବର୍ଷ ମଧ୍ୟ ସମାନ ଢ଼ଙ୍ଗରେ ଲଗାଣ ବର୍ଷା ଯୋଗୁଁ ଗାଁ ସହ ଚାଷବିଲରେ ପାହାଡ଼ ପାଣି ପଶି ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ଆଣ୍ଠୁଏ ଉଚ୍ଚତାର ବର୍ଷାଜଳ ଲହଡ଼ି ଭାଙ୍ଗିଥିଲା। ଅବସ୍ଥା ଅଣାୟତ୍ତ ହେଉଥିବା ଦୃଷ୍ଟିକୁ ଆସିଲା ପରେ ବ୍ଲକ୍ ଉପାଧ୍ୟକ୍ଷ ରତିକାନ୍ତ ରାଉତଙ୍କ ଉଦ୍ୟମରେ ପଦକ୍ଷେପ ନିଆଯାଇଛି। ଦୀର୍ଘଦିନ ଧରି ମୁଗୁପୁର ବଣ୍ଟନ କେନାଲ୍ ସଫା ନହେବା ଯୋଗୁଁ ବର୍ଷାଜଳ ନିଷ୍କାସନ ହୋଇ ନପାରି ବର୍ଷାଜଳ ଗାଁ ଭିତରକୁ ପଶିଥିଲା। ବର୍ତ୍ତମାନ ଶହ ଶହ ଏକର ଚାଷବିଲ ବର୍ଷାଜଳରେ ବୁଡ଼ି ରହିଥିବାରୁ ଅନେକ ଲୋକଙ୍କ ଚାଷ ନଷ୍ଟ ହୋଇଛି। ଲଗାଣ ବର୍ଷା ସମୟରେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଓ ରାଜ୍ୟ ବିଜେଡ଼ି ସମ୍ପାଦକ ତଥା ହାଟଡ଼ିହୀ ବ୍ଲକ୍ ଉପାଧ୍ୟକ୍ଷ ରତିକାନ୍ତ ରାଉତ ଶିବନାରାୟଣପୁର ଗ୍ରାମକୁ ଯାଇ ବନ୍ୟାବସ୍ଥା ପରିଦର୍ଶନ କରିବା ସହ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ଗାଁ ସହ ଚାଷବିଲରୁ ସଠିକ୍ ଢ଼ଙ୍ଗରେ ବର୍ଷାଜଳ ନିଷ୍କାସନ ପାଇଁ ମୁଗୁପୁର ବଣ୍ଟନ କେନାଲ୍ ସଫା କରାଇବା ଦିଗରେ ବିଧାୟକ ଏବଂ ଉପାଧ୍ୟକ୍ଷ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଆଗାମୀ ଦିନରେ ପୁଣି ଲଘୁଚାପ ବର୍ଷା ଆଶଙ୍କାରେ ଲୋକେ ଆତଙ୍କିତ ହୋଇ ପଡ଼ିଛନ୍ତି। ସମ୍ଭାବ୍ୟ ଲଘୁଚାପ ପୂର୍ବରୁ ଉପାଧ୍ୟକ୍ଷ ଶ୍ରୀ ରାଉତ ବିଭାଗୀୟ କନିଷ୍ଠଯନ୍ତ୍ରୀ ଶୁଭ୍ରାଂଶୁ ଶେଖର ଦାସଙ୍କ ସମେତ ୬୭ ନଂ ପାଣି ପଞ୍ଚାୟତର ସଭାପତି ପ୍ରଭାକର ଖଣ୍ଡା, ସମ୍ପାଦକ ସୁଦର୍ଶନ ସା, କୋଷାଧ୍ୟକ୍ଷ ଦୀନବନ୍ଧୁ ସାହୁ, ମାନସ ବେହେରା, ବଳରାମ ଘଡ଼େଇ, ଗୌରାଙ୍ଗ ପାତ୍ର, ଟୁନା ଜେନା, ନିହାର ରଞ୍ଜନ ଜେନା, ନନ୍ଦ ବେହେରା, ଧନେଶ୍ୱର ସେଠୀ, ଭାବଗ୍ରାହୀ ବେହେରା, ପ୍ରଦ୍ୟୁମ୍ନ ବେହେରା, ଦୀନବନ୍ଧୁ ବେହେରା, ନକୁଳ ମହାନ୍ତି, ଖଗେଶ୍ୱର ରାଉତ, କାଠିଆ ବେହେରା, ରମାକାନ୍ତ ସାହୁ, ମହେନ୍ଦ୍ର ଜେନା, ରବିନ୍ଦ୍ର ଜେନା, ସନାତନ ବେହେରା, ହରେକୃଷ୍ଣ ଜେନା, ମିନହରି ଜେନା ପ୍ରମୁଖ ଚାଷୀଙ୍କ ଉପସ୍ଥିତିରେ କେନାଲ୍ ସଫା କରାଇ ଜଳ ନିଷ୍କାସନର ସୁବ୍ୟବସ୍ଥା କରାଇଛନ୍ତି। ଏଥିପାଇଁ ଚାଷୀକୁଳ ଏବଂ ଗ୍ରାମବାସୀ ଖୁସି ବ୍ୟକ୍ତ କରିଛନ୍ତି।



## ପୋଡ଼ାଖମଣରେ ବିଜେପି ଯୁବ ସମ୍ମିଳନୀ



ଆନନ୍ଦପୁର, ୨୧।୭ (ସମିସ): ଆନନ୍ଦପୁର ପୌରାଞ୍ଚଳର ଘସିପୁରା ୧୫ ନଂ ୱାର୍ଡ ପୋଡ଼ାଖମଣ ଗ୍ରାମରେ ବିଜେପି ଜିଲ୍ଲା ଯୁବମୋର୍ଚ୍ଚା ସଂଯୋଜକ ଆଶିଷ ବେହେରାଙ୍କ ସଂଯୋଜନାରେ ଏକ ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଯୁବ ସଂଗଠନ ସୁଦୃଢ଼ୀକରଣ, ସାଂଗଠନିକ ବିସ୍ତାର ଓ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ମାର୍ଗଦର୍ଶନ ସହ ଏହା ଆଗାମୀ ଦିନରେ ଏକ ନୂତନ ଶକ୍ତି ଓ ପ୍ରେରଣାର ସଞ୍ଚାର କରିବା ବିଶ୍ୱାସରେ ଏହି ସମ୍ମିଳନୀର ଆହ୍ୱାନ କରାଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମ, ସ୍ୱଚ୍ଛ ଭାରତ ଅଭିଯାନ, ରକ୍ତଦାନ ଶିବିର ଏବଂ ଏକ ପେଡ୍ ମା କେ ନାମ୍ ଅଭିଯାନରେ ସାମିଲ ହୋଇ ସେହି ୱାର୍ଡରେ କିପରି ବ୍ୟାପକ ଭାବରେ କାର୍ଯ୍ୟ କରିବାକୁ ହେବ ସେନେଇ ଆଲୋଚନା କରାଯାଇଥିଲା। ଆନନ୍ଦପୁର ନଗର ବିଜେପି ସାଧାରଣ ସମ୍ପାଦକ ମାନସ ସାହୁ, ଝାଡେଶ୍ୱର ଶକ୍ତିକେନ୍ଦ୍ର ସହ ପ୍ରଭାରୀ ମନ୍ମଥ ସାହୁ, ଛାତ୍ର ନେତା ଦୀପକ ସାହୁ, ସ୍ୱାଧୀନ ବେହେରା, ରଜତ ଖଟୁଆ, ଜୟନ୍ତ ସାହୁ, ଦୀପକ ଖଟୁଆ, ସୁରେଶ ଖଟୁଆ, ଅନିଲ ନାୟକ, ସୁରେଶ ମୁଖୀ, ବୁଥ୍ ସଭାପତି ବିଦ୍ୟାଧର ଖଟୁଆ ସମେତ ପ୍ରାୟ ୫୦ ଜଣ ଯୁବକ ଯୋଗ ଦେଇଥିଲେ।

## ଫସଲ ବୀମା ସମ୍ପର୍କିତ ସଚେତନତା ଶିବିର




ତେଲକୋଇ, ୨୧।୭ (ସମିସ): ତେଲକୋଇ ପଞ୍ଚାୟତ ସମିତି ସଭାଗୃହରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ସମ୍ପର୍କିତ ଏକ ସଚେତନତା ଶିବିର କେନ୍ଦୁଝର କୃଷି ଜିଲ୍ଲା ଅଧିକାରୀ ବିଶ୍ୱଜଇ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ତଥା କୃଷି ଜିଲ୍ଲା ଅଧିକାରୀ ବିଶ୍ୱଜୟୀ ମିଶ୍ର ଯୋଜନାର ସମସ୍ତ ତଥ୍ୟ, ଏହାର ଉପକାରିତା ଏବଂ ଆବେଦନ ପ୍ରକ୍ରିୟା ବିଷୟରେ ବୁଝାଇଥିଲେ। ପ୍ରାକୃତିକ ବିପର୍ଯ୍ୟୟ ଯଥା ଅନାବୃଷ୍ଟି, ବାତ୍ୟା, ବନ୍ୟା, ମରୁଡି, କୁଆପଥର ମାଡ଼, ବାଦଲଫଟା ବର୍ଷା ଓ ରୋଗପୋକ ଆକ୍ରମଣରୁ ଫସଲର ସୁରକ୍ଷା ନିମନ୍ତେ ସର୍ବାଧିକ ୫ ଏକର ଜମି ପାଇଁ ପ୍ଲଟ ପିଛା ମାତ୍ର ୧ ଟଙ୍କା ଟୋକେନ ମନି ଦାଖଲ କରି ଚାଷୀ ଭାଇ ଓ ଭଉଣୀ ମାନେ ଏହି ଯୋଜନାର ଲାଭ ଉଠାଇ ପାରିବେ ବୋଲି ମତ ବ୍ୟକ୍ତ କରିଥିଲେ। ତେଲକୋଇ ବ୍ଲକ ଅନ୍ତର୍ଗତ ଗ୍ରାମପଞ୍ଚାୟତର ସରପଞ୍ଚ ଏବଂ ସମିତି ସଭ୍ୟ/ସଭ୍ୟା, କୃଷକ ସାଥି, ଅଗ୍ରଣୀ ଚାଷୀ ଯୋଗ ଦେଇଥିଲେ। ସାଂସଦ ପ୍ରତିନିଧି ହରିହର ପ୍ରଧାନ ବୀମା ସଚେତନତାରେ ଭାଗିଦାରୀ ହେବାକୁ ଆହ୍ୱାନ ଦେଇଥିଲେ। ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁ ଫସଲ ବୀମାର ଉପାଦେୟତା ଉପରେ ଗୁରୁତ୍ୱାରୋପ କରିଥିଲେ। ଇନ୍ସୁରାନ୍ସ କମ୍ପାନୀର ଜିଲ୍ଲା ସଂଯୋଜକ ସୌଭାଗ୍ୟ ଦାସ ଏବଂ ବ୍ଲକ ସଂଯୋଜକ ରାଜକିଶୋର ନାୟକ ଯୋଗ ଦେଇଥିଲେ। ତେଲକୋଇ ସହକାରୀ କୃଷି ଅଧିକାରୀ ଶ୍ରୀ ଘୋଷ ଧନ୍ୟବାଦ ଦେଇଥିଲେ।

## ଝାଡ଼େଶ୍ୱର ଉଚ୍ଚବିଦ୍ୟାଳୟରେ ନୂତନ ପ୍ରଧାନଶିକ୍ଷକ



ଆନନ୍ଦପୁର, ୨୧।୭ (ସମିସ): ଆନନ୍ଦପୁର ଉପଖଣ୍ଡର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଘଷିପୁରାସ୍ଥିତ ପିଏମଶ୍ରୀ ଝଡ଼େଶ୍ୱର ସରକାରୀ ଉଚ୍ଚବିଦ୍ୟାଳୟରେ ଆଜି ନୂତନ ପ୍ରଧାନଶିକ୍ଷକ ଭାବରେ ଆଲୋକ କୁମାର ରଣା ଯୋଗଦାନ କରିଛନ୍ତି। ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଉକ୍ତ ବିଦ୍ୟାଳୟଟିରେ ଶିଶୁ ବାଟିକାରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୫୦୦ରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନରତ ଅଛନ୍ତି। ସୁଶାନ୍ତ କୁମାର ସାହୁ, ନିରଞ୍ଜନ ମିଶ୍ର, ବିଶ୍ୱରଞ୍ଜନ ସାହୁ, ବାଣୀଆଦିତି ପରିଡ଼ା, ଜ୍ୟୋତିର୍ମୟୀ ଖଣ୍ଡାଇ, ରାଜେଶ୍ୱରୀ ନାହାକ, ଗଣନାଥ ମହାରଣା, ମଧୁସ୍ମିତା ପାଣିଗ୍ରାହୀ, ଜୀନା ଜେନା ଓ ସରିତା ବେହେରା ପ୍ରମୁଖ ଶିକ୍ଷକଶିକ୍ଷୟିତ୍ରୀ ନୂତନ ପ୍ରଧାନଶିକ୍ଷକଙ୍କୁ ସ୍ୱାଗତ କରିଥିଲେ। ସାରା ରାଜ୍ୟରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକମାନଙ୍କର ପ୍ରଧାନଶିକ୍ଷକ ପଦୋନ୍ନତି ହେବା ପରେ ଏଠାରେ ଜୁନ୍ ୭ ତାରିଖରେ ବୈଶାଲିନି ମିଶ୍ର ପ୍ରଧାନଶିକ୍ଷକ ଭାବରେ ଯୋଗ ଦେଇଥିଲେ। ପୁନଶ୍ଚ ତାଙ୍କର ଅନ୍ୟତ୍ର ବଦଳି ହେବା ପରେ ଆଜି ଏଠାରେ ନୂଆ ଭାବରେ ପୁଣି ଶ୍ରୀ ରଣା ଯୋଗଦାନ କରିଛନ୍ତି। କେତକ ସ୍ଥାନରେ ଦୀର୍ଘଦିନ ଧରି ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦାୟିତ୍ୱରେ ଥିବା ଶିକ୍ଷକ ସେହି ସ୍ଥାନରେ ପଦୋନ୍ନତି ପାଇଥିବା ନଜିର ରହିଛି।

## ୨୮ରୁ ପ୍ରାଣବଲ୍ଲଭ ସ୍କୁଲରେ ଦୁଇଦିନିଆ ଖୋ ଖୋ

ଆନନ୍ଦପୁର, ୨୧।୭ (ସମିସ): ଚଳିତମାସ ୨୮ ଓ ୨୯ ତାରିଖ ଦୁଇଦିନ ଧରି ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲରେ କ୍ଲଷ୍ଟର ଟୁ ଖୋ ଖୋ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି କ୍ଲଷ୍ଟର ଟୁ ଖେଳରେ ଛତିଶଗଡ, ପଶ୍ଚିମବଙ୍ଗ ଓ ଓଡ଼ିଶାର ସିବିଏସଇ ମାନ୍ୟତାପ୍ରାପ୍ତ ଶିକ୍ଷାନୁଷ୍ଠାନରୁ ୧୪ ବର୍ଷ ୧୭ ବର୍ଷ ଓ ୧୯ ବର୍ଷରୁ କମ ଉଭୟ ବାଳକ ଓ ବାଳିକା ବର୍ଗର ଛାତ୍ରଛାତ୍ରୀ ଯୋଗ ଦେବେ। ବିଗତବର୍ଷଗୁଡ଼ିକରେ ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲ ଏହି କ୍ଲଷ୍ଟର ସ୍ତରୀୟ ଖୋ ଖୋ ଓ ଭଲିବଲ ସଫଳତାର ସହିତ ଆୟୋଜନ କରି ପ୍ରଶଂସିତ ହୋଇଛି। ଖେଳରେ ପାଖାପାଖି ଏକ ହଜାର ଛାତ୍ରଛାତ୍ରୀଙ୍କ ନାମ ସିବିଏସଇ ପୋର୍ଟାଲରେ ପଞ୍ଜିକୃତ ହୋଇଛି। ଏହି ଖେଳର ସୁପରିଚାଳନା ପାଇଁ ଜିଲ୍ଲା ଶିକ୍ଷାଧିକାରୀ ୨୦ ଜଣ ଖେଳ ଶିକ୍ଷକଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି। ଶାନ୍ତିଶୃଙ୍ଖଳା ପାଇଁ କେନ୍ଦୁଝର ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ ସମସ୍ତ ପ୍ରକାର ସହଯୋଗ କରିବେ। ଆନନ୍ଦପୁରର ଉପଜିଲ୍ଲାପାଳ ନୀଳମାଧବ ସୁନା ଓ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ କମଳ କୁମାର ପଣ୍ଡା ତଥା ଗୋହିରା ସରପଞ୍ଚ ମନ୍ଦାକିନୀ ପାତ୍ର ଉଦଘାଟନୀ ଏବଂ ଉଦଯାପନୀରେ ସିବିଏସଇ ସେଣ୍ଟର ଅଫ ଏକ୍‌ସଲେନ୍ସର ସିଇଓ ଥାଙ୍ଗୋକୋଲେଟ୍ ମାଟେ, ଘସିପୁରା ବ୍ଲକ ଶିକ୍ଷାଧିକାରୀ ସଦ୍ୟସ୍ନାନ ପଣ୍ଡା, ଆନନ୍ଦପୁର ବ୍ଲକ ଶିକ୍ଷାଧିକାରୀ ହରିହର ଦଳେଇ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ପରିଚାଳନା କରିବା ନିମିତ୍ତ ସ୍କୁଲର ଅଧ୍ୟକ୍ଷା ଡ. ସୁଜାତା ଘୋଷ, ଉପାଧ୍ୟକ୍ଷା ଗଂଜିତା ଜେନା, ପାଟଶାଣୀ ଜେନେରାଲ ମ୍ୟାନେଜର ସନ୍ତୋଷ ସା, ଆକାଡେମିକ କୋଅର୍ଡିନେଟର ଅଭିମନ୍ୟୁ ସାହୁ ଓ ଏହି ଖେଳର ପରିଚାଳନା ଦାୟିତ୍ୱରେ ଥିବା ଚିଫ୍ କନ୍ସଲଷ୍ଟାଣ୍ଟ ସତ୍ୟବ୍ରତ ସାହୁ ପ୍ରମୁଖ ସମସ୍ତ ବ୍ୟବସ୍ଥାର ଅନୁଧ୍ୟାନ କରିବେ ବୋଲି ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲର ମ୍ୟାନେଜିଙ୍ଗ ଟ୍ରଷ୍ଟି ଡ. ଅଶୋକ କୁମାର ପୁହାଣ ଜଣାଇଛନ୍ତି।

## ରଥଯାତ୍ରା ଅବସରରେ ସଚେତନତା ମଣ୍ଡପ ଉଦ୍‌ଘାଟିତ




କେନ୍ଦୁଝର, ୨୧।୭(ସମିସ): ପବିତ୍ର ରଥଯାତ୍ରା ଅବସରରେ କେନ୍ଦୁଝରର ଆରାଧ୍ୟ ଶ୍ରୀ ଶ୍ରୀ ବଳଦେବଜୀଉଙ୍କର ନବଦିନାତ୍ମକ ଶ୍ରୀ ଗୁଣ୍ଡିଚା ମନ୍ଦିର ରହଣି କାଳରେ ଗୁଣ୍ଡିଚା ମନ୍ଦିର ପରିସରରେ ଜିଲ୍ଲା ଆଇନସେବା ପ୍ରାଧିକରଣ ଦ୍ୱାରା ଏକ ସଚେତନତା ମଣ୍ଡପ ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ଗୋପାଳଚନ୍ଦ୍ର ବେହେରାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ସଚେତନତା ମଣ୍ଡପରେ ବନବିଭାଗ ଦ୍ୱାରା ଚାରା ବଣ୍ଟନ, ଶ୍ରମ ବିଭାଗ ଦ୍ୱାରା ଶ୍ରମ କାର୍ଡ ଓ ଆର୍ଥିକ ଅନୁଦାନ ପ୍ରଦାନ, ବ୍ଲକ ଦ୍ୱାରା ବିଭିନ୍ନ କାର୍ଯ୍ୟାଦେଶ ପ୍ରଦାନ ଓ ଶିକ୍ଷା ବିଭାଗ ଦ୍ୱାରା ଛାତ୍ରଛାତ୍ରୀମାନଙ୍କୁ ବୃତ୍ତି ପ୍ରଦାନ କରାଯିବା ସଂଗେ ସଂଗେ ପ୍ରତିଦିନ ପାନେଲ ଅଧିବକ୍ତା ଓ ପାରା ଆଇନ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଜଜ୍ (ଦୁର୍ନୀତି ନିବାରଣ) ଭଗବାନ ପ୍ରଧାନ, ପରିବାର ଅଦାଲତ ବିଚାରପତି ଶ୍ୱେତା ମିଶ୍ର, ଅତିରିକ୍ତ ଜିଲ୍ଲା ଜଜ୍ ଦିଲ୍ଲୀପ ମିଶ୍ର, ଅତିରିକ୍ତ ଜିଲ୍ଲା ଜଜ୍ (ଫାଷ୍ଟଟ୍ରାକ୍) ବିଜୟ ମିଶ୍ର, ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷ ଇ. ବିଘ୍ନେଶ୍ୱର ରାଓ, ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ହିମାଂଶୁ ବିଶ୍ୱାଳ, ଉପଖଣ୍ଡୀୟ ବିଚାରପତି ସନ୍ତୋଷ ବାରିକ, ପ୍ରଥମଶ୍ରେଣୀ କନିଷ୍ଠ ବିଚାରପତି ପ୍ରଜ୍ଞା ପରିମିତା ସ୍ୱାଇଁ ଉପସ୍ଥିତ ଥିବାବେଳେ ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କୋର୍ଟ ପରିଚାଳକ ଅଚ୍ୟୁତ ସାମନ୍ତରା, ପ୍ରାଧିକରଣ ସଦସ୍ୟ ତଥା ତଦାଶା ସଂପାଦକ ଅକ୍ଷୟ କୁମାର ଚକ୍ର, ପାନେଲ ଅଧିବକ୍ତା, ପାରା ଆଇନ ସ୍ୱେଚ୍ଛାସେବୀ, ପ୍ରାଧିକରଣ କର୍ମୀ ସହଯୋଗ କରିଥିଲେ।

## ଦୁର୍ଲ୍ଲଭପୁରରେ ଗୋଠଛଡ଼ା ଦନ୍ତାର ଉତ୍ପାତ

ତେଲକୋଇ, ୨୧।୭(ସମିସ): ତେଲକୋଇ ରେଞ୍ଜ ବିମଳା ଫରେଷ୍ଟ ସେକ୍ସନ ଦୁର୍ଲ୍ଲଭପୁର ଗାଁରେ ଗତକାଲି ବିଳମ୍ବିତ ରାତିରେ ଗୋଠଛଡା ଦନ୍ତା ପଶି ଉତ୍ପାତ କରିଥିଲା। ଗାଁର ଜଗବନ୍ଧୁ ବିଶ୍ୱାଳ, ମଣି ବିଶ୍ୱାଳଙ୍କ ଘର ଭାଙ୍ଗିବା ସହ ଘରେ ଥିବା ଟେବୁଲ ଓ ଫ୍ୟାନ ମଧ୍ୟ କଚାଡି ଭାଙ୍ଗି ଦେଇଛି। ଅନ୍ୟପଟେ ଉପେନ୍ଦ୍ର ବିଶ୍ୱାଳଙ୍କ କାକୁଡି ବାଡ଼ିରେ ପଶି କାକୁଡି ଗଛକୁ ଦଳିମକଚି ନଷ୍ଟ କରିଦେଇଛି। ଉପେନ୍ଦ୍ର ଧାର କରଜ କରି ଏକରେ ଜମିରେ କାକୁଡି ଚାଷ କରିଥିଲେ। କାକୁଡି ବିକ୍ରି କରି ଲକ୍ଷେ ଟଙ୍କା ରୋଜଗାର କରିଥାନ୍ତେ। ଆଜି ସେ କାକୁଡି ତୋଳି ବଜାରକୁ ବିକ୍ରି ପାଇଁ ନେଇଥାନ୍ତେ। ତେବେ ଗତକାଲି ବିଳମ୍ବିତ ରାତିରେ ହାତୀ କାକୁଡି ଫସଲକୁ ନଷ୍ଟ କରିଦେଇଛି। ହାତୀକୁ ଘଉଡାଇବା ପାଇଁ ଚେଷ୍ଟା କରି ମଧ୍ୟ ଉପେନ୍ଦ୍ର ବିଫଳ ହୋଇଥିଲେ। ହାତୀ କାକୁଡି ବାଡିରୁ ଯାଇ ନଥିଲା। ବାଡିକୁ ଦଳିମକଚି ନଷ୍ଟ କରିଦେଇଥିଲା। ଏବେ ଧାର କରଜ କେମିତି ଶୁଝିବେ ସେନେଇ ଉପେନ୍ଦ୍ର ଚିନ୍ତାରେ ଅଛନ୍ତି।



# ତିନିମାସ ଧରି ଝାଡ଼ଖଣ୍ଡୀ ହାତୀର ଉପଦ୍ରବ





ଆନନ୍ଦପୁର, ୨୧।୭ (ସମିସ): ଆନନ୍ଦପୁର ବନଖଣ୍ଡ ଅଞ୍ଚଳରେ ଗତ ତିନି ମାସ ଧରି ଝାଡ଼ଖଣ୍ଡରୁ ଆସିଥିବା ଏକ ଗୋଠଛଡ଼ା ଦନ୍ତା ହାତୀ ଉପଦ୍ରବ ଜାରି ରଖିଛି। ଏଥିଯୋଗୁଁ ଗ୍ରାମାଞ୍ଚଳରେ ଭୟର ବାତାବରଣ ରହିଛି। ଗରିବ ଲୋକଙ୍କ ଘରଦ୍ୱାର ଓ ବାଡି ବଗିଚାରେ ପନିପରିବା ମଧ୍ୟ ନଷ୍ଟ ହେଉଥିବାରୁ ଅଞ୍ଚଳବାସୀ ନିରାଶ ହୋଇପଡିଛନ୍ତି। ଜଙ୍ଗଲ ବିଭାଗ ପକ୍ଷରୁ ଏହି ହାତୀକୁ ଘଉଡ଼ାଇ ଦିଆଯାଇଥିବା ବେଳେ ପୁଣି ସାତକୋଶିଆରୁ ଫେରିଆସି ତିନିଦିନ ଧରି ଆନନ୍ଦପୁର ଅଞ୍ଚଳରେ ଏହି ହାତୀ ଘୁରି ବୁଲୁଥିବାରୁ ଜଙ୍ଗଲ ବିଭାଗ ନାକେଦମ୍ ହୋଇପଡିଛି। ଆନନ୍ଦପୁର ବ୍ଲକ୍ କଣ୍ଟିପାଳ, କାଠକଟା ଆଦି ପଞ୍ଚାୟତରେ ହାତୀ ଉପଦ୍ରବ ଦେଖିବାକୁ ମିଳିଥିବା ବେଳେ ଅଧୁନା ଘଷିପୁରା ବ୍ଲକ ବୀରଗୋବିନ୍ଦପୁର ପଞ୍ଚାୟତର ଭୁଗୁପୁର ଓ ଗୋହିରାବଣୀ ଅଞ୍ଚଳରେ ୨ଟି ହାତୀ ଉପଦ୍ରବରେ ୪ ଜଣ ବ୍ୟକ୍ତିଙ୍କ ଘର ଭାଙ୍ଗିବା ସହ ଫସଲ ନଷ୍ଟ ହୋଇଛି। ଗୋହିରାବଣି ଗ୍ରାମର ପଦ୍ମାବତୀ ଘଡ଼େଇ, ଆରତ ନାହାକ, ଲକ୍ଷ୍ମଣ ହେମ୍ବ୍ରମ ଓ ଶରତ ନାୟକଙ୍କ ଘର ଭାଙ୍ଗିଛି। ଆରତ ଘରେ ରାତି ଶୋଇଥିବା ବେଳେ ହାତୀ ଘର ଭିତରକୁ ପଶିବାକୁ ଉଦ୍ୟମ କଲା ସମୟରେ ଲୋକେ ପାଟିକରି ହାତୀ ଘୋଉଡ଼ାଇ ଦେଇଥିଲେ। ଫଳରେ ଘରେ ଶୋଇଥିବା ନାବାଳକ ଅଳ୍ପକେ ରକ୍ଷା ପାଇଯାଇଥିଲା। ଲୋକେ ଏଭଳି କ୍ଷୟକ୍ଷତିର ସମ୍ମୁଖୀନ ବର୍ଷସାରା ହେଉଥିବା ବେଳେ ଏହି ଘଟଣା ସେମାନଙ୍କର ମୁଣ୍ଡବିନ୍ଧାର ମୁଖ୍ୟ କାରଣ ହୋଇଛି। ଆନନ୍ଦପୁର ଡିଏଫ୍‌ଓ ପ୍ରଶାନ୍ତ ପଣ୍ଡାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ପ୍ରତ୍ୟେକ ସ୍ଥାନରେ ରେଞ୍ଜର ମାନଙ୍କ ତଦନ୍ତ ଅନୁଯାୟୀ କ୍ଷତିପୂରଣ ପ୍ରଦାନ ହେବ। ହାତୀ ଉପଦ୍ରବ ସ୍ଥାନରେ ବନ ବିଭାଗର କର୍ମଚାରୀ ତୀକ୍ଷଣ ନଜର ରଖିଥିବା ଶ୍ରୀ ପଣ୍ଡା ପ୍ରକାଶ କରିଛନ୍ତି।

ନାହିଁ ବିଦ୍ୟୁତ୍ ସଂଯୋଗ

# ୪ ଦିନ ଧରି ଅନ୍ଧାରରେ କରଞ୍ଜିଆ ପୂର୍ତ୍ତ ବିଭାଗ ଡାକବଙ୍ଗଳା

କରଞ୍ଜିଆ, ୨୧।୭(ସମିସ): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ସହରସ୍ଥ ପୂର୍ତ୍ତ ବିଭାଗ ଡାକବଙ୍ଗଳା ଗତ ଚାରିଦିନ ଧରି ବିଦ୍ୟୁତ୍ ବିହୀନ ଅବସ୍ଥାରେ ରହିଥିବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ସରକାରୀ ଅତିଥିଙ୍କ ରହଣି, ପ୍ରଶାସନିକ ବୈଠକ ଓ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ପାଇଁ ବ୍ୟବହୃତ ଏହି ଗୁରୁତ୍ୱପୂର୍ଣ୍ଣ ଅତିଥି ଗୃହରେ ଦୀର୍ଘ ସମୟ ଧରି ବିଦ୍ୟୁତ୍ ସରବରାହ ବନ୍ଦ ରହିବା ପ୍ରଶାସନିକ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇଛି।

ଡାକବଙ୍ଗଳାରେ ବିଦ୍ୟୁତ୍ ସଂଯୋଗ ନାହିଁ। ଫଳରେ ରାତ୍ର ସମୟରେ ସମ୍ପୂର୍ଣ୍ଣ ପରିସର ଅନ୍ଧାରରେ ବୁଡ଼ି ରହୁଛି। ବିଦ୍ୟୁତ୍ ନ ଥିବାରୁ ବହୁ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଫଳରେ ଡାକବଙ୍ଗଳାକୁ ଆସୁଥିବା ସରକାରୀ ଅଧିକାରୀ, ଅତିଥି ଓ କର୍ମଚାରୀ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଜୁଳି ନ ଥିବାରୁ ରାତି ସମୟରେ ସୁରକ୍ଷା ବ୍ୟବସ୍ଥା ମଧ୍ୟ ପ୍ରଭାବିତ ହେଉଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ପୂର୍ତ୍ତ ବିଭାଗର ଏଭଳି ଗୁରୁତ୍ୱପୂର୍ଣ୍ଣ ସରକାରୀ ପ୍ରତିଷ୍ଠାନରେ ଚାରିଦିନ ଧରି ବିଦ୍ୟୁତ୍




ସମସ୍ୟା ଲାଗି ରହିବା ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସମସ୍ୟା ସମ୍ପର୍କରେ ସମ୍ପୃକ୍ତ ବିଭାଗକୁ ଅବଗତ କରାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସ୍ଥାୟୀ ସମାଧାନ ହୋଇ ନ ଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଏଭଳି ଅବ୍ୟବସ୍ଥା ଯୋଗୁଁ ସରକାରୀ ଅତିଥି ଗୃହର ଭାବମୂର୍ତ୍ତି ମଧ୍ୟ କ୍ଷୁର୍ଣ୍ଣ ହେଉଥିବା ମତ ପ୍ରକାଶ ପାଇଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ ସାଧାରଣ ଲୋକ ତୁରନ୍ତ ବିଦ୍ୟୁତ୍ ସରବରାହ ସ୍ୱାଭାବିକ କରିବା ସହ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସମ୍ପୃକ୍ତ ବିଭାଗ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି କରିଛନ୍ତି। କେବେ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହେବ ଓ ସମ୍ପୃକ୍ତ ବିଭାଗ ଏହି ସମସ୍ୟାର କିଭଳି ଶୀଘ୍ର ସମାଧାନ କରିବ, ଏବେ ସମସ୍ତଙ୍କ ନଜର ରହିଛି।

# ସମଗ୍ର ଶିକ୍ଷା ପକ୍ଷରୁ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ବଣ୍ଟନ

ବାରିପଦା, ୨୧।୭(ସମିସ): ସମଗ୍ର ଶିକ୍ଷା ମୟୂରଭଞ୍ଜ ପକ୍ଷରୁ ୨୦୨୫-୨୬ ଶିକ୍ଷାବର୍ଷରେ ଜିଲ୍ଲାର ୧୬ଟି ସ୍ଥାନରେ ଭିନ୍ନକ୍ଷମ ଶିଶୁମାନଙ୍କର ଚିହ୍ନଟ ଶିବିର ଆୟୋଜନ କରାଯାଇଥିଲା। ଏହି ଚିହ୍ନଟ ପ୍ରକ୍ରିୟାରେ ୫୮୮ ଭିନ୍ନକ୍ଷମ ଛାତ୍ରଛାତ୍ରୀ ବିଭିନ୍ନ ପ୍ରକାରର କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ରାଜ୍ୟ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଅତ୍ୟାଧୁନିକ ପୁନର୍ବାସ




କେନ୍ଦ୍ର, ମୟୂରଭଞ୍ଜର ସହଯୋଗରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ପୂର୍ବରୁ ଚିହ୍ନଟ ହୋଇଥିବା ଶିକ୍ଷାର୍ଥୀଙ୍କୁ ନିର୍ଦ୍ଧାରିତ ସ୍ଥାନଗୁଡ଼ିକରେ ପର୍ଯ୍ୟାୟକ୍ରମେ ଏହି ଉପକରଣ ବଣ୍ଟନ କରାଯାଇଛି। ଏହି କ୍ରମରେ ଜିଲ୍ଲା ଅନ୍ତର୍ନିବେଶୀ ଶିକ୍ଷା ସାଧନ କେନ୍ଦ୍ର, ଲାଲବଜାର, ବାରିପଦାଠାରେ ଦୁଇଦିନିଆ ବଣ୍ଟନ ଶିବିର ଆୟୋଜିତ ହୋଇଥିଲା। ଏଥିରେ ୩ଟି ବ୍ଲକ୍ର ମୋଟ ୯୪ ଜଣ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ବଣ୍ଟନ କରାଯାଇଥିଲା। ପ୍ରଥମ ଦିନରେ ମୋରଡା ବ୍ଲକ୍ର ୧୪ ଜଣ ଏବଂ ଶାମାଖୁଣ୍ଟା ବ୍ଲକ୍ର ୩୦ ଜଣ ଶିକ୍ଷାର୍ଥୀଙ୍କୁ ଉପକରଣ ବଣ୍ଟନ କରାଯାଇଥିବା ବେଳେ ଦ୍ୱିତୀୟ ଦିନରେ ବାରିପଦା ବ୍ଲକ୍ ଓ ପୌରାଞ୍ଚଳର ୫୦ ଜଣ ଶିକ୍ଷାର୍ଥୀଙ୍କୁ ଉପକରଣ ପ୍ରଦାନ କରାଯାଇଥିଲା। ଏହି ଉପକରଣର ବ୍ୟବହାର ଦ୍ୱାରା ଶିଶୁମାନଙ୍କର ଚଳନ କ୍ଷମତା ଏବଂ ଅନ୍ୟାନ୍ୟ ଅଙ୍ଗର କାର୍ଯ୍ୟକ୍ଷମତାରେ ଉନ୍ନତି ଆସିଥାଏ। ଫଳସ୍ୱରୂପ ସେମାନେ ନିୟମିତ ବିଦ୍ୟାଳୟକୁ ଯାଇ ଶିକ୍ଷାଗ୍ରହଣ କରିବା ସହିତ ଲେଖାପଢ଼ା ଓ ଦୈନନ୍ଦିନ କାର୍ଯ୍ୟ ସହଜରେ ସମ୍ପାଦନ କରିପାରିବେ। କାର୍ଯ୍ୟକ୍ରମର ପ୍ରଥମ ଦିନରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଏକାଡେମିକ୍) ବିନୋଦ ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଦ୍ୱିତୀୟ ଦିନରେ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀ ଉପସ୍ଥିତ ରହି ଦିବ୍ୟାଙ୍ଗ ଶିକ୍ଷାର୍ଥୀଙ୍କ ଅଭିଭାବକଙ୍କୁ ଉପକରଣ ବଣ୍ଟନ କରିବା ସହିତ ଏହାର ସଠିକ୍ ବ୍ୟବହାର, ନିୟମିତ ଅଭ୍ୟାସ, ଶିକ୍ଷାରେ ସକ୍ରିୟ ଅଂଶଗ୍ରହଣ ଓ ଶିଶୁଙ୍କ ଆତ୍ମବିଶ୍ୱାସ ବୃଦ୍ଧି ସମ୍ପର୍କରେ ପରାମର୍ଶ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ର, ମୟୂରଭଞ୍ଜର ବରିଷ୍ଠ ପ୍ରୋସ୍ଥେଟିଷ୍ଟ ଓ ଅର୍ଥୋଟିଷ୍ଟ ବିପିନ ବିହାରୀ ବେହେରା, ଅଭିଷେକ ଶା ଏବଂ ତାପସ କୁମାର ପ୍ରଧାନ ଉପସ୍ଥିତ ରହି ଉପକରଣର ସଠିକ୍ ଓ ନିୟମିତ ବ୍ୟବହାର ସମ୍ପର୍କରେ ଶିକ୍ଷାର୍ଥୀ ଓ ଅଭିଭାବକଙ୍କୁ ବିସ୍ତୃତ ଭାବେ ବୁଝାଇଥିଲେ। ସମଗ୍ର ଶିକ୍ଷାର ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ନିରଞ୍ଜନ ନାୟକ ଉପସ୍ଥିତ ରହି ଅଭିଭାବକଙ୍କୁ ନିଜ ପିଲାଙ୍କୁ ନିୟମିତ ବିଦ୍ୟାଳୟକୁ ପଠାଇବା ସହ ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଯୋଜନାର ସୁବିଧା ସମ୍ପର୍କରେ ସଚେତନ କରିଥିଲେ। ଶିବିରର ସୁପରିଚାଳନାରେ ମୋରଡା, ଶାମାଖୁଣ୍ଟା ଓ ବାରିପଦା ବ୍ଲକ୍ର ଅନ୍ତର୍ନିବେଶୀ ସାଧନ କର୍ମୀମାନେ ସକ୍ରିୟ ଭୂମିକା ଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳତାର ସହ ସମ୍ପନ୍ନ କରିଥିଲେ।

# ମୁଣ୍ଡାରୀ ବିଦ୍ୟାଳୟ ପ୍ରତିଷ୍ଠା




ସାରସକଣା, ୨୧।୭(ସମିସ): ସାରସକଣା ବ୍ଲକ୍ ଅଧୀନସ୍ଥ ଭୁରୁସାଣି ଗ୍ରାମପଞ୍ଚାୟତ ଅନ୍ତର୍ଗତ କୁଆଁରଡିହି ଗ୍ରାମସ୍ଥିତ ବିର୍ସା ମୁଣ୍ଡା ସାଂସ୍କୃତିକ ଯୁବକ ସଂଘ ଗୃହ ସମ୍ମୁଖରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସାରସକଣା ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ଗ୍ରାମପଞ୍ଚାୟତ, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡରୁ ମୁଣ୍ଡାରୀ ଭାଷାଭାଷୀ ପୁରୁଷ ଓ ମହିଳାମାନେ ଉପସ୍ଥିତ ଥିଲେ। ଏହି ସଭାରେ ସର୍ବସମ୍ମତିକ୍ରମେ ପଣ୍ଡିତ ସିଂଙ୍କୁ ଶିକ୍ଷକ ଭାବେ ନିୟୋଜିତ କରାଗଲା ଏବଂ ବିଦ୍ୟାଳର ନାମ "ମାରାଂ ଗଙ୍କେ ଜୟପାଲ୍ ସିଂ ମୁଣ୍ଡା ମୁଣ୍ଡାରୀ ସ୍କୁଲ, କୁଆଁରଡିହି" ନାମରେ ନାମିତ କରାଗଲା। ଏହି ଗ୍ରାମରେ ମୁଣ୍ଡାରୀ ମାତୃଭାଷାଭିତ୍ତିକ ଶିକ୍ଷାର ପ୍ରସାର, ସଂରକ୍ଷଣ ଓ ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ପ୍ରତିନିଧିମାନେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଗ୍ରାମର ଅଭିଭାବକ ନିଜ ସନ୍ତାନମାନଙ୍କୁ ଉକ୍ତ ବିଦ୍ୟାଳୟରେ ନାମଲେଖାଇବା ସହ ବିଦ୍ୟାଳୟ ପରିଚାଳନାରେ ସକ୍ରିୟ ସହଯୋଗ କରିବେ ବୋଲି ସ୍ଥିର କରାଯାଇଥିଲା। ମୁଣ୍ଡାରୀ ଭାଷା ସମନ୍ୱୟ କମିଟି ପକ୍ଷରୁ ପଣ୍ଡିତ ସିଂଙ୍କୁ ଶିକ୍ଷକ ଭାବେ ନିଯୁକ୍ତି/ ମନୋନୟନ, ଶିକ୍ଷାଦାନ ସାମଗ୍ରୀ ପାଠ୍ୟକ୍ରମ, ଏକାଡେମୀକ ତତ୍ତ୍ୱାବଧାନ ଓ ନିୟମିତ ମୂଲ୍ୟାଙ୍କର ବ୍ୟବସ୍ଥା କରାଯିବ। ଗ୍ରାମପଞ୍ଚାୟତ ଏହି ମାତୃଭାଷାଭିତ୍ତିକ ଶିକ୍ଷା କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସମ୍ଭବପର ସମସ୍ତ ସହଯୋଗ ପ୍ରଦାନ କରିବେ। ଶ୍ରୀଯୁକ୍ତ କରମ ଚାନ୍ଦ ସିଂଙ୍କ ସଂଯୋଜନାରେ ଆୟୋଜିତ ଏହି ବୈଠକରେ ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର କେନ୍ଦ୍ରୀୟ ଆବାହକ ବିରବଲ ସିଂ, ସାଧାରଣ ସମ୍ପାଦକ ଇଂ. ସୁନାରାମ ସିଂ, ପର୍ଯ୍ୟବେକ୍ଷକ ଶ୍ରୀ ରାମେଶ୍ୱର ସିଂ, ବଡ଼ସାହି ବ୍ଲକ ଆବାହକ ବୈଦ୍ୟନାଥ ସିଂ, ବାଉଁଶବିଲା ଗ୍ରାମପଞ୍ଚାୟତର ଆବାହକ ସୁନାରାମ ସିଂ, ମୁଣ୍ଡାରୀ ଚଳଚ୍ଚିତ୍ର ନିର୍ଦ୍ଦେଶକ ବିଲକାନ ପ୍ରଭୁଦୟାଲ ନାଗ, ମୁଣ୍ଡାରୀ ଶିକ୍ଷା ପରିଷଦର ସମ୍ପାଦକ ବୁଧିଆ ସିଂ, ଝାରପୋଖରିୟା ଗ୍ରାମପଞ୍ଚାୟତର ସରପଞ୍ଚ ମାଳତୀ ସିଂ, କୁଳିଅଣା ବ୍ଲକର ଚାନ୍ଦୁଆ ମୁଣ୍ଡାରୀବାଣୀ ଶିକ୍ଷକ ବୁଧୁ ସିଂ, କଖାରୁଶୋଳ ମୁଣ୍ଡାରୀବାଣୀ ଶିକ୍ଷକ ସୁବୋଧ ଚନ୍ଦ୍ର ସିଂ, ସମାଜସେବୀ ମାନୀନ୍ଦ୍ର ସିଂ, କୁଳିଅଣା ବ୍ଲକ ସମ୍ପାଦକ ସତକଟି ଚାନ୍ଦ ସିଂ ଏହି ଗ୍ରାମର ଦେହୁରୀ ରଥ ସିଂ, ଡାକୁଆ ଜଲେଶ୍ୱରୀ ସିଂ, ନିମାଇଁ ସିଂ, ଖକେନ ସିଂ, ମନୋରଞ୍ଜନ ସିଂ, ସୁକଦେବ ସିଂ, ମତିଲାଲ ସିଂ, ଧିରେନ ସିଂ, ସାଗର ସିଂ, ବସେନ ସିଂ, ସୁସ୍ମିତା ସିଂ, ଦୁଖୁ ସିଂ, ଗୌର ମୋହନ ପୁଟିଆ ସାରଜମ୍, ଭାରତୀ ସିଂ, ସୁକୁମାରୀ ସିଂ ଓ ସୁମତୀ ସିଂ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଣ୍ଡା ଶାସନ ଗୁଟଗାମର ସଭାପତି ମନୋରଞ୍ଜନ ସିଂଙ୍କ ସଭାପତିତ୍ୱରେ ଆୟୋଜିତ କରିଥିଲେ ଏବଂ ଶେଷରେ ପଣ୍ଡିତ ସିଂ ସଭା ଭଙ୍ଗ କରିଥିଲେ।

● ଚେକ୍ ବାଉନ୍ସ ମାମଲା

# ୭.୭୦ଲକ୍ଷ ଟଙ୍କା ପୈଠ ନିର୍ଦ୍ଦେଶ ଓ ୬ ମାସ ଜେଲ୍

ବାରିପଦା, ୨୧।୭(ସମିସ): ବେତନଟୀ ବ୍ଲକ ବାହାନଡ଼ା ଗ୍ରାମର ଜଣେ ବ୍ୟବସାୟୀଙ୍କଠାରୁ ଟଙ୍କା ନେଇ ଚେକ ପ୍ରଦାନ କରିବା ଓ ପରବର୍ତ୍ତୀ ସମୟରେ ଉକ୍ତ ଚେକ ବାଉନ୍ସ ହେବା ମାମଲାରେ ବାରିପଦା ଏସଡିଜେଏମ ଅଦାଲତର ବିଚାରପତି ସୋମବାର ରାୟ ପ୍ରକାଶ କରିବା ସହିତ ଅଭିଯୁକ୍ତକୁ ୭ ଲକ୍ଷ ୭୦ ହଜାର ଟଙ୍କା ପୈଠ ନିର୍ଦ୍ଦେଶ ସାଙ୍ଗକୁ ୬ ମାସ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଆବେଦନକାରୀ ବେତନଟୀ ଉପକଣ୍ଠ ବାହାନଡା ଗ୍ରାମର ନକୁଳ ବେହେରାଙ୍କ ପୁଅ ଦେବନାରାୟଣ ପାତ୍ରଙ୍କ ଅଭିଯୋଗ ମୁତାବକ ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ଅଧୀନ ବଣକାଟି ନିକଟ ନହରା ଗ୍ରାମର ଗିରିଶଚନ୍ଦ୍ର ବେହେରାଙ୍କ ପୁଅ ଅର୍ଜୁନ ଆବେଦନକାରୀଙ୍କଠାରୁ ୫ ଲକ୍ଷ ଟଙ୍କା ଧାର ନେଇଥିବା ବାବଦକୁ ୨୦୧୯ ଅଗଷ୍ଟ ମାସ ୨୯ ତାରିଖରେ ବାରିପଦାସ୍ଥ ଫେଡେରାଲ ବ୍ୟାଙ୍କର ଏକ ଚେକ ଦେବନାରାୟଣଙ୍କୁ ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ଦେବନାରାୟଣ ଉକ୍ତ ଚେକ୍ ବେତନଟୀସ୍ଥ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆରେ ଥିବା ନିଜ ଆକାଉଣ୍ଟରେ ଜମା କରିଥିଲେ। ୨୦୧୯ ନଭେମ୍ବର ୨୨ ତାରିଖରେ ଉକ୍ତ ଚେକ ବାଉନ୍ସ ହୋଇଥିବା ନେଇ ବ୍ୟାଙ୍କ ପକ୍ଷରୁ ଅବଗତ କରାଯାଇଥିଲା। ଏ ନେଇ ଦେବନାରାୟଣ ପାତ୍ର ୨୦୨୦ରେ ଅଦାଲତର ଆଶ୍ରୟ ନେଇଥିବାବେଳେ ମାମଲାଟି ବିଚାରାଧୀନ ଥିଲା। ମାମଲାର ସମସ୍ତ ଦସ୍ତାବିଜ ଓ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବାରିପଦା ଏସଡିଜେଏମ ଅଦାଲତର ବିଚାରପତି ଅଭିଯୁକ୍ତ ଅର୍ଜୁନ ବେହେରାଙ୍କୁ ସୁଧମୂଳ ସମେତ ମୋଟ ୭ଲକ୍ଷ ୭୦ ହଜାର ଟଙ୍କା ପୈଠ କରିବାକୁ ନିର୍ଦ୍ଦେଶ ଦେବା ସାଙ୍ଗକୁ ୬ ମାସ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଧାର୍ଯ୍ୟ ଅର୍ଥ ଅନାଦେୟ ବାବଦକୁ ଅତିରିକ୍ତ ଦୁଇମାସ କାରାଦଣ୍ଡ ଶୁଣାଇଛନ୍ତି। ଅଦାଲତଙ୍କ ରାୟପ୍ରକାଶ ପରେ ଅଭିଯୁକ୍ତ ଅର୍ଜୁନ ବେହେରା ଏକମାସ ପାଇଁ ସର୍ତ୍ତମୂଳକ ଜାମିନରେ ଯାଇଥିବାବେଳେ ଆବେଦନକାରୀଙ୍କ ପକ୍ଷରୁ ଯୁବ ଆଇନଜୀବୀ ସନ୍ଦୀପ କୁମାର ମିଶ୍ର ଓ ତାରାକାନ୍ତ ବେହେରା ମାମଲା ପରିଚାଳନା କରୁଥିଲେ।

# ମା' ଆଦିଶକ୍ତି ଉଦ୍ୟୋଗ ଉଦ୍‌ଘାଟିତ

ବାରିପଦା/ଶୁଳିଆପଦା, ୨୧।୭(ସମିସ): ମୟୂରଭଞ୍ଜ ଜିଲ୍ଲାର ଶୁଳିଆପଦା ବ୍ଲକ ଅନ୍ତର୍ଗତ ଦେଉଳିଠାରେ ଆଜି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ମା' ଆଦିଶକ୍ତି ଉଦ୍ୟୋଗ ପରିସର ଉଦ୍‌ଘାଟନ କରାଯାଇଛି। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ସଂଖ୍ୟାଲଘୁ ସମ୍ପ୍ରଦାୟ, ପଛୁଆ ବର୍ଗ କଲ୍ୟାଣ ବିଭାଗ ଓ ମିଶନ ଶକ୍ତି ବିଭାଗ ସହଭାଗିତାରେ ୩୫ ଲକ୍ଷ ଟଙ୍କା ବ୍ୟୟରେ ପ୍ରତିଷ୍ଠିତ ଏହି ଉଦ୍ୟୋଗ ପରିସର ମାଧ୍ୟମରେ ୫୦୦ରୁ ଅଧିକ ମହିଳା ଉପକୃତ ହେବେ। ଏ ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଥିଲେ ଯେ, ମହିଳାଙ୍କ ଆର୍ଥିକ ସଶକ୍ତୀକରଣ ଓ ସ୍ୱାବଲମ୍ବନ ରାଜ୍ୟ ସରକାରଙ୍କ ପ୍ରାଥମିକତା। ଦକ୍ଷତା ବିକାଶ ଓ ସ୍ୱରୋଜଗାରର ସୁଯୋଗ ସୃଷ୍ଟି ମାଧ୍ୟମରେ ଗ୍ରାମାଞ୍ଚଳର ମହିଳାଙ୍କ ଜୀବନଜୀବିକାରେ ସକାରାତ୍ମକ ପରିବର୍ତ୍ତନ ଆସିପାରିବ ବୋଲି ସେ କହିଥିଲେ। ଉଦ୍ୟୋଗ ପରିସରରେ ସିଲାଇ, ଛତୁ ଚାଷ, ଶାଳପତ୍ର ଥାଳି ପ୍ରସ୍ତୁତି, ଅଗରବତୀ, ମହମବତୀ ଓ ଛତୁଆ ପ୍ରସ୍ତୁତି ଭଳି ବିଭିନ୍ନ ଜୀବିକାମୂଳକ ପ୍ରଶିକ୍ଷଣ ଓ ଉତ୍ପାଦନ କାର୍ଯ୍ୟକ୍ରମର ସୁବିଧା ଉପଲବ୍ଧ ହେବ। ଏହା ମାଧ୍ୟମରେ ମହିଳାମାନେ ନିଜ କୌଶଳର ବିକାଶ କରି ଆର୍ଥିକ ଭାବେ ସ୍ୱାବଲମ୍ବୀ ହେବା ସହ ସ୍ୱରୋଜଗାରର ସୁଯୋଗ ସୃଷ୍ଟି କରିପାରିବେ। ଏହି ଉଦ୍ୟୋଗ ପରିସର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ), ବାରିପଦା ଦ୍ୱାରା ପରିଚାଳିତ ହେବ।



ଉକ୍ତ ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ରାଜ୍ୟ ସରକାରଙ୍କ ମହିଳା ସଶକ୍ତିକରଣ ଓ ଜୀବିକା ବିକାଶ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିବା ସହ ମହିଳାଙ୍କୁ ଏହି ସୁଯୋଗର ସଦୁପଯୋଗ କରି ଆତ୍ମନିର୍ଭରଶୀଳ ହେବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ (ଏସଡିସି) ଅଧ୍ୟକ୍ଷ ଡା ବୁଢ଼ାନ ମୁର୍ମୁ, ଏସ୍‌ଡିସି ଉପାଧ୍ୟକ୍ଷା କୌଶଲ୍ୟା ସିଂ, ଜିଲ୍ଲାପାଳ ହେମକାନ୍ତ ସଏ, ପୂର୍ବତନ ବିଧାୟକ କାଦ୍ରା ସୋରେନ, ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ପ୍ରଣୟ ରଞ୍ଜନ ବେହେରାଙ୍କ ସମେତ ବହୁ ଜନପ୍ରତିନିଧି, ବରିଷ୍ଠ ଅଧିକାରୀ, ମିଶନ ଶକ୍ତିର ସଦସ୍ୟା ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

# ଶିକ୍ଷକ ନିଯୁକ୍ତି ଦାବିରେ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଧାରଣା



କଳାବାଡିଆ, ୨୧।୭(ସମିସ): ବାଙ୍ଗିରିପୋଷି ବ୍ଲକ୍ ବଣକାଟୀ ପଞ୍ଚାୟତର ଜାମଦାପାଳ ଓଡିଶା ଆଦର୍ଶ ବିଦ୍ୟାଳୟରେ ଖାଲି ଥିବା ଶିକ୍ଷକ ପଦବି ପୂରଣ ଦାବିକୁ ନେଇ ମଙ୍ଗଳବାର ଛାତ୍ରଛାତ୍ରୀ ଓ ଅଭିଭାବକଗଣ ବିଦ୍ୟାଳୟ ଫାଟକ ସମ୍ମୁଖରେ ଧାରଣା ଦେଇଛନ୍ତି। ଶିକ୍ଷକ ଅଭାବ ପାଇଁ ଛାତ୍ରଛାତ୍ରୀ ବିଦ୍ୟାଳୟରେ ଗୋଟିଏ, ଦୁଇଟି କ୍ଲାସ୍ କରି ଘରକୁ ଫେରୁଛନ୍ତି। ଛଅ ମାସ ପରେ ଦଶମ ଶ୍ରେଣୀ ପିଲାଙ୍କ ବୋର୍ଡ ପରୀକ୍ଷାଥିବା ବେଳେ ଏହାକୁ ନେଇ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କୁ ଚିନ୍ତା ଘାରିଛି। ଓଡ଼ିଆ, ପଦାର୍ଥ ବିଜ୍ଞାନ, କମ୍ପ୍ୟୁଟର, ରସାୟନ ବିଜ୍ଞାନ, ଗଣିତ, ସାମାଜିକ ବିଜ୍ଞାନ, ହିନ୍ଦୀ ବିଷୟରେ ଶିକ୍ଷକ ପଦ ଫାଙ୍କା ଥିବାରୁ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଗପସପରେ ଦିନ ଯାଉଛି। ଏନେଇ ଅଭିଭାବକ ବିଧାୟିକା ସଞ୍ଜଲୀ ମୁର୍ମୁ, ଥାନା ଅଧିକାରୀ ପଞ୍ଚାନନ ମହାନ୍ତି, ବିଦ୍ୟାଳୟ ଅଧକ୍ଷା ଚୁମକି ରାଣୀ ମାଝୀଙ୍କୁ ଲିଖିତ ଭାବେ ଜଣାଇଥିଲେ ହେଁ ସମସ୍ୟା ସମାଧାନ ନହେବାରୁ ମଙ୍ଗଳବାର ବିଦ୍ୟାଳୟ ଗେଟ୍ ସମ୍ମୁଖରେ ଛାତ୍ରଛାତ୍ରୀ ଓ ଅଭିଭାବକ ଧାରଣା ଦେଇଥିଲେ। ବିଦ୍ୟାଳୟ ଖୋଲିବାର ଗୋଟିଏ ମାସ ବିତିଗଲା। ବିନା ପାଠପଢ଼ାରେ ପିଟିଂ ପରୀକ୍ଷା ସରିଗଲା। ପିଲା ପରୀକ୍ଷାରେ କିଛି ଲେଖି ପାରିଲେ ନାହିଁ। ଶିକ୍ଷକ ପଦବି ପୂରଣ ପାଇଁ ଅଭିଭାବକ ଅଡି ବସିଥିଲେ। ଖବର ପାଇ ରାଇରଙ୍ଗପୁରସ୍ଥ ଓଏଭିର ନୋଡାଲ ପ୍ରିନ୍ସିପାଲ ପ୍ରତାପ ଚନ୍ଦ୍ର ବେହେରା ଶନିବାର ସୁଦ୍ଧା ଶିକ୍ଷକ ପଦବି ପୂରଣ ହେବ ବୋଲି ପ୍ରତିଶୃତି ଦେଲା ପରେ ଅଭିଭାବକ ଧାରଣାରୁ ଉଠିଥିଲେ। ପ୍ରତିଶ୍ରୁତି ପୂରଣ ନ ହେଲେ ଜାତୀୟ ରାଜପଥ ୪କୁ ଅବରୋଧ କରାଯିବ ବୋଲି ଅଭିଭାବକ ଚେତାବନୀ ଦେଇଛନ୍ତି।

● ମୟୂରଭଞ୍ଜ ସଂକୀର୍ତ୍ତନ ମହାସଂଘ ଗଠିତ

# ଭରତ ସଭାପତି, ଦେବେନ୍ଦ୍ର ସାଧାରଣ ସମ୍ପାଦକ

ବାରିପଦା, ୨୧।୭(ସମିସ): ସ୍ଥାନୀୟ ଅବସରପ୍ରାପ୍ତ କର୍ମଚାରୀ ଭବନରେ ଶିକ୍ଷାବିତ୍ ଭରତ ଚନ୍ଦ୍ର ମହାନ୍ତଙ୍କ ସଭାପତିତ୍ୱରେ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ସଂକୀର୍ତ୍ତନ ମଣ୍ଡଳୀର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ମାନିତ ଅତିଥି ଦଶରଥ ଧଡା, ତ୍ରିଲୋଚନ କର, ଦେବେନ୍ଦ୍ର ନାଥ ସିଂ ଓ ସତୀଶ ଚନ୍ଦ୍ର ଶେଜପଡ଼ା ଯୋଗଦେଇ କୀର୍ତ୍ତନର ଧାରା, ବର୍ତ୍ତମାନର ସ୍ଥିତି ଓ ଭବିଷ୍ୟତ କାର୍ଯ୍ୟପନ୍ଥା ବିଷୟରେ ଆଲୋକପାତ କରିଥିଲେ। ରବୀନ୍ଦ୍ର ନାଥ ନାଏକ, ଅରବିନ୍ଦ ଦାସ, ବଙ୍କିଚନ୍ଦ୍ର ତୁଙ୍ଗ, ନିରଞ୍ଜନ ଘୋଷ, ତ୍ରିଲୋଚନ ନାଏକ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ। ସଭାପତି ଭରତ ଚନ୍ଦ୍ର ମହାନ୍ତ ତାଙ୍କ ସ୍ୱାଗତ ଭାଷଣରେ ସଂକୀର୍ତ୍ତନ ଏକ ସାମାଜିକ ମୂଲ୍ୟବୋଧର ରକ୍ଷାକବଚ ବୋଲି କହିଥିଲେ। ପରେ ଅତିଥିଙ୍କ ଦ୍ୱାରା ଅନୁଷ୍ଠାନର ଲୋଗୋ ଉନ୍ମୋଚନ ହୋଇଥିବାବେଳେ ଅନୁଷ୍ଠାନର ନାମକରଣ 'ମୟୂରଭଞ୍ଜ ସଂକୀର୍ତ୍ତନ ମହାସଂଘ' ରଖାଯାଇ ଏହାର କର୍ମକର୍ତ୍ତା ଚୟନ କରାଯାଇଥିଲା ସଭାପତି ରୂପେ ଭରତ ଚନ୍ଦ୍ର ମହାନ୍ତ, କାର୍ଯ୍ୟକାରୀ ସଭାପତି ପଦ୍ମନାଭ ନାଏକ, ସାଙ୍ଗଠନିକ ସମ୍ପାଦକ ଦଶରଥ ଧଡା, ସାଧାରଣ ସମ୍ପାଦକ ଦେବେନ୍ଦ୍ର ନାଥ ସିଂ, ଉପସଭାପତି ତ୍ରିଲୋଚନ କର, ସହସମ୍ପାଦକ ଅରବିନ୍ଦ ଦାସ ଓ ଦିଲ୍ଲୀପ କୁମାର ନାଏକ, କୋଷାଧକ୍ଷ ଅଶୋକ କୁମାର ଦାସ ଓ ସଭ୍ୟ ସରୋଜ କୁମାର ସିଂହ, ହେମନ୍ତ ପୃଷ୍ଟି, ହୃଦାନନ୍ଦ ମହାନ୍ତଙ୍କୁ ଚୟନ କରାଯାଇଥିଲା। ଶେଷରେ ସତୀଶ ଚନ୍ଦ୍ର ଶେଜପଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ରଥଯାତ୍ରାରେ ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍‌ର ସେବା ଶିବିର

ବାରିପଦା ୨୧।୭(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନଏସଏସ୍) ବ୍ୟୁରୋ ପକ୍ଷରୁ ରଥଯାତ୍ରା ଉପଲକ୍ଷେ 'ରଥଯାତ୍ରା ସ୍ୱତନ୍ତ୍ର ସେବା ଶିବିର-୨୦୨୬' ଆୟୋଜିତ ହୋଇଯାଇଛି। ଏହି ଶିବିରକୁ କୁଳପତି ପ୍ରଫେସର




ମହେନ୍ଦ୍ର କୁମାର ମହାନ୍ତି ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ପିଜି ପୁରୁଷ ଓ ମହିଳା ୟୁନିଟ୍ ସମେତ ଏମପିସି କଲେଜ, ମହିଳା ମହାବିଦ୍ୟାଳୟ, ବାରିପଦା କଲେଜ, ଏମସିଏଏମ୍ କଲେଜ, ଏସସିବି କଲେଜ, ବି ବି କଲେଜ ଏବଂ ଶ୍ରୀମା ମହାବିଦ୍ୟାଳୟର ପ୍ରାୟ ୧୫୦ ଜଣ ସ୍ୱେଚ୍ଛାସେବୀ ଏନଏସ୍‌ଏସର 'ନଟ୍ ମି ବଟ୍ ୟୁ' ଆଦର୍ଶକୁ ବାସ୍ତବ ରୂପ ଦେଇ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ସ୍ୱେଚ୍ଛାସେବୀମାନେ ରଥଯାତ୍ରା ସମୟରେ ଭିଡ଼ ନିୟନ୍ତ୍ରଣ, ପରିବେଶ ପରିଷ୍କାର, ଶ୍ରଦ୍ଧାଳୁଙ୍କୁ ମାର୍ଗଦର୍ଶନ, ଶୃଙ୍ଖଳା ରକ୍ଷା, ପାନୀୟ ଜଳ ବଣ୍ଟନ ଏବଂ ଆବଶ୍ୟକ ସ୍ଥଳରେ ଜିଲ୍ଲା ପ୍ରଶାସନ ଓ ପୁଲିସକୁ ସହଯୋଗ ପ୍ରଦାନ କରିଥିଲେ। ଏନଏସ୍‌ଏସ୍. ବ୍ୟୁରୋର ସଂଯୋଜକ ଡ଼ ପ୍ରିୟ ରଞ୍ଜନ ଦେବତାଙ୍କ ତତ୍ତ୍ୱାବଧାନରେ ପି ଜି ପୁରୁଷ ୟୁନିଟ୍‌ର କାର୍ଯ୍ୟକ୍ରମ ଅଧିକାରୀ ଡ଼. ଯତୀନ୍ଦ୍ରନାଥ ବେଶ୍ରା, ପି ଜି ମହିଳା ୟୁନିଟ୍‌ର କାର୍ଯ୍ୟକ୍ରମ ଅଧିକାରୀ ଡ଼ ପ୍ରିୟଙ୍କା ଦାସ ଏବଂ ଅଂଶଗ୍ରହଣକାରୀ ମହାବିଦ୍ୟାଳୟମାନଙ୍କର କାର୍ଯ୍ୟକ୍ରମ ଅଧିକାରୀ ଡ଼ ପ୍ରିୟବ୍ରତ ବେହେରା, ରୂପାଲି ବିଶୋଇ, ସୁଶ୍ରୀ ନାୟକ, ଯମୁନା ମାଝୀ, ଜ୍ୟୋସ୍ନା ରାଣୀ ଦତ୍ତ, ସରୋଜ କୁମାର ବେହେରା, ଆନନ୍ଦ ଶଙ୍କର ଆଚାର୍ଯ୍ୟ, ମିସ୍ ସ୍ୱର୍ଣ୍ଣକାନ୍ତା ଓ ଡ଼ ପ୍ରିୟନ୍ତା ବେହେରା ପ୍ରମୁଖ ସହଯୋଗ କରିଥିଲେ। ଏହାବ୍ୟତୀତ ଏନ୍‌ଏସ୍‌ଏସ୍ ବ୍ୟୁରୋର କର୍ମଚାରୀ ଅଜୟ କୁମାର ବଳ, ସୁସ୍ମିତା ପାତ୍ର ଓ ସୁନେଲିକା ପ୍ରହରାଜ ପ୍ରମୁଖ ସହଯୋଗ କରିଥିଲେ।

# ପାଲବଣିରେ ବିପଦ ତାରିଣୀ ବ୍ରତ



ବାରିପଦା, ୨୧।୭(ସମିସ): ସ୍ଥାନୀୟ ପାଲବଣିସ୍ଥ ମା' ତାରିଣୀ ପୀଠରେ ମଙ୍ଗଳବାର ବିପଦ ତାରିଣୀ ବ୍ରତ ଅତ୍ୟନ୍ତ ନିଷ୍ଠା ଓ ଭକ୍ତିର ସହିତ ପାଳିତ ହୋଇଛି। ପରିବାରର ମଙ୍ଗଳ କାମନା କରି ସମସ୍ତ ବିପଦରୁ ରକ୍ଷା ପାଇବା ପାଇଁ ମହିଳାମାନେ ଏହି ବ୍ରତ ପାଳନ କରନ୍ତି। ରଥଯାତ୍ରା ବାହୁଡ଼ା ଯାତ୍ରା ମଧ୍ୟରେ ଶ୍ରୀଜିଉମାନେ ମାଉସୀ ମା' ମନ୍ଦିରରେ ଥିବା ସମୟରେ ଯେଉଁ ମଙ୍ଗଳବାର ପଡ଼େ, ସେହିଦିନ ଏହି ପୂଜା ହୁଏ। ସକାଳ ଠାରୁ ଅପରାହ୍ନ ପର୍ଯ୍ୟନ୍ତ ମାନସିକଧାରୀ ମହିଳା ଶ୍ରଦ୍ଧାଳୁଙ୍କ ସମାଗମରେ ପୀଠଟି ଚଳଚଞ୍ଚଳ ହୋଇଉଠିଥିଲା। ପରିବାରର ସମସ୍ତ ଦୁଃଖ, କ୍ଳେଶ ହରଣ ପାଇଁ ମହିଳାମାନେ ମାନସିକ ରଖି ପୂଜା କରିବା ସହିତ ଲୋକଙ୍କ ଭାବାବେଗକୁ ସମ୍ମାନ ଜଣାଇ ନାନୁ ଦା ପ୍ରତିଷ୍ଠା କରିଥିବା ତାରିଣୀ ପୀଠର ମାହାତ୍ମ୍ୟ ଦିନକୁ ଦିନ ବଢ଼ି ଚାଲିଛି ବୋଲି ପୂଜାର୍ଚ୍ଚନାରେ ଭାଗ ନେଇଥିବା ଶ୍ରଦ୍ଧାଳୁ ମନୋରମା ପଣ୍ଡା, ମୋସୁମୀ ବୋଷ, ପୂର୍ଣ୍ଣିମା ପାତ୍ର, ଇତିଶ୍ରୀ ସାହୁ, ସୁସ୍ମିତା ମିଶ୍ର, ସଂଯୁକ୍ତା ବେହେରା, ଅର୍ଚ୍ଚନା ପାଇନ୍ ପ୍ରମୁଖ ପ୍ରକାଶ କରିଛନ୍ତି।

ହଜିଗଲା ମାନବିକତା

# ମୃତ୍ୟୁର ୬ ଦିନ ପରେ ଶବ ସତ୍କାର

ବାରିପଦା, ୨୧।୭(ସମିସ): ହଜିଗଲା ମାନବିକତା। ପାରିବାରିକ ବିବାଦ ଓ କଳହ ଆଗରେ ହାର୍ ମାନିଲା ରକ୍ତର ସମ୍ପର୍କ। ମୃତ୍ୟୁର ୬ ଦିନ ବିତିଯାଇଥିଲେ ବି ଜଣେ ମହିଳାଙ୍କ ଶବ ସତ୍କାର ହୋଇପାରିନଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ଡାକ୍ତରଖାନାରେ ସଂରକ୍ଷିତ ଭାବେ ରହି ନ୍ୟାୟ ମାଗୁଥିଲାବେଳେ ବାପ ଘର କି ଶାଶୂଘର ଲୋକେ ଶବ ନେବାକୁ ଆସିନଥିଲେ। ଅନ୍ୟପଟେ ମା'କୁ ହରାଇ ଏବଂ ବାପାର ଠିକଣା ନଥାଇ ଅସହାୟ ୩ ନାବାଳିକା ଝିଅଙ୍କୁ ଜାଗ ମୟୂରଭଞ୍ଜ ଜାଗ ସ୍ୱେଚ୍ଛାସେବୀ ସଂଗଠନ ସାହା ହୋଇଛି । ଘଟଣାଟି ଘଟିଛି ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଦୁର୍ଗାପୁର ପଞ୍ଚାୟତର ଚିଲବସା ଗାଁରେ। ଗତ ଗୁରୁବାର ଦିନ ବେତନଟୀ ଥାନା ବଡଜାମବଣୀ ଫାଣ୍ଡି ଅନ୍ତର୍ଗତ ଚିଲବସା ଗ୍ରାମର ବୀଣାପାଣି ସିଂ (୨୮) ନାମ୍ନୀ ଜଣେ ମହିଳାଙ୍କର ବାରିପଦା ମେଡିକାଲ କଲେଜରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଶୁକ୍ରବାର ଦିନ ଶବ ବ୍ୟବଚ୍ଛେଦ କରାଯାଇ ଶବକୁ ଚିହ୍ନଟ ଓ ହସ୍ତାନ୍ତର



ପାଇଁ ଡାକ୍ତରଖାନା ଶବଗୃହରେ ସୁରକ୍ଷିତ ରଖାଯାଇଥିଲା।

ସୂଚନା ମୁତାବକ, ବୀଣାପାଣି ନିଜ ଗାଁ'ର ମାନସ ସିଂଙ୍କୁ ପ୍ରେମ ବିବାହ କରିଥିଲେ । ସେମାନଙ୍କର ୩ ନାବାଳିକା କନ୍ୟା ସନ୍ତାନ ଅଛନ୍ତି। ପୁଅ ନ ହେବାରୁ ଶ୍ୱଶୁର ଘର ଏବଂ ସ୍ୱାମୀ ପାଖରୁ ବୀଣାପାଣିଙ୍କୁ ସ୍ନେହ ଆଦର ମିଳିଲାନି। ସ୍ୱାମୀ ସ୍ତ୍ରୀଙ୍କ ସମ୍ପର୍କ ଏମିତି ହୋଇଥିଲା ଯେ, ବୀଣାପାଣି ଶ୍ୱଶୁର ଘରେ ୩ଝିଅଙ୍କୁ ଛାଡ଼ି ବାର ଦୁଆର ହୋଇଥିଲେ। ମାନସିକ ନିର୍ଯ୍ୟାତନା ଆଉ ଭୋକ ଓପାସ ଯୋଗୁଁ ବୀଣାପାଣିଙ୍କୁ ରୋଗ ମାଡ଼ିବସିଲା। ସେ ଏକ ସଂକ୍ରମଣ ରୋଗରେ ପୀଡ଼ିତ ହୋଇ ସପ୍ତାହେ ତଳେ ବାରିପଦା ରଙ୍ଗାମାଟିଆ ସ୍ଥିତ ପିଆରଏମ ମେଡିକାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ବୀଣାପାଣିଙ୍କ ଅକାଳ ମୃତ୍ୟୁପରେ ପାରିବାରିକ ମତଭେଦ ଓ ସାମାଜିକ ଦ୍ୱନ୍ଦ୍ୱ ହେତୁ ୬ ଦିନ ଧରି ଶବ ଡାକ୍ତରଖାନାରେ ପଡ଼ି ରହିଥିଲା। ତେବେ ଜାଗ ମୟୂରଭଞ୍ଜ ଜାଗ ସ୍ୱେଚ୍ଛାସେବୀ ସଙ୍ଗଠନର ମୁଖ୍ୟ ଅରୁଣ ବେହେରାଙ୍କ ଉଦ୍ୟମରେ ବେତନଟୀ ଥାନା ପୁଲିସ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ହସ୍ତକ୍ଷେପ ପରେ ସମସ୍ୟା ସୁଧୁରିଛି । ଉଭୟ ବାପ ଘର ଓ ଶାଶୁ ଘର ଲୋକଙ୍କ ଉପସ୍ଥିତିରେ ଆଲୋଚନା କରାଯାଇ ଶବ ହସ୍ତାନ୍ତର କରାଯାଇଛି। ବାରିପଦା ବାରୁଣୀ ଶ୍ମଶାନରେ ସାମାଜିକ ରୀତିନୀତି ଅନୁସାରେ ଶବ ଦାହ କରାଯାଇଛି। ଏଥିସହିତ, ମା'ର ସତ୍କାର କର୍ମକାର୍ଯ୍ୟ ଶେଷ ହେବା ପରେ ୩ଅସହାୟନାବାଳିକା କନ୍ୟାଙ୍କ ଭବିଷ୍ୟତ ଓ ସୁରକ୍ଷା ପାଇଁ ସେମାନଙ୍କୁ ଶିଶୁ ସୁରକ୍ଷା ବିଭାଗକୁ ହସ୍ତାନ୍ତର କରାଯିବ ବୋଲି ପରିବାର ଲୋକେ ସହମତି ପ୍ରକାଶ କରିଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ

କାହାରି ଅନିଷ୍ଟ ନ କରି, କାହାରିକୁ ପୀଡ଼ା ନ ଦେଇ ସ୍ୱଚ୍ଛନ୍ଦ ଜୀବନଯାପନର କଳାକୁ ଆୟତ୍ତ କରିବା ଆଜିର ଲକ୍ଷ୍ୟ ହେବା ଉଚିତ।
-ମା' ରମାଦେବୀ

## ଏ ବର୍ଷ ମଧ୍ୟ ସାର ସଙ୍କଟ

ଓଡ଼ିଶାର ଚାଷ ଓ ଚାଷୀଙ୍କ ପାଇଁ ତିନିଟି ସମସ୍ୟା ଭାଗ୍ୟଲିଖନ। ରୁଆ ବେଳେ ବିହନ ଓ ସାର ଅଭାବ, ଅବିନିଆ ବର୍ଷା କିମ୍ବା ଶିଳା ମରୁଡ଼ି ଏବଂ ଅମଳରେ ମଣ୍ଡି ଜଞ୍ଜାଳ। ଏ ତିନି ସମସ୍ୟା ମଧ୍ୟରୁ ଦ୍ୱିତୀୟଟି ଦୈବ ହାତରେ ଥିବା ବେଳେ ପ୍ରଥମ ଓ ତୃତୀୟଟି ସମ୍ପୂର୍ଣ୍ଣ ଭାବେ ମଣିଷକୃତ। ବିଡ଼ମ୍ବନା ହେଉଛି ଗତାନୁଗତିକ ଭାବରେ ଏହାକୁ ସବେଟେମିତି ବ୍ୟବସ୍ଥାର ଏକ ଅଙ୍ଗ ଭାବେ ସ୍ୱୀକୃତି ଦିଆଯାଇଛି। ତେଣୁ ଦୀର୍ଘସ୍ଥାୟୀ ସମାଧାନର ବାଟ ବାହାର କରିବାକୁ ଆନ୍ତରିକତା ପ୍ରକାଶ ପାଉନାହିଁ। ଏ ପର୍ଯ୍ୟନ୍ତ ମଣ୍ଡି ଜଞ୍ଜାଳରୁ ମୁକ୍ତି ନଥିବା ଓଡ଼ିଶାର ଚାଷୀମାନେ ସାର ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ରାତି ଅଧରୁ ଆଧାର କାର୍ଡ ଧରି ଧାଡ଼ିରେ ଠିଆ ହୋଇ ରହିଥିଲେ ମଧ୍ୟ ନିରାଶ ହେବାକୁ ପଡ଼ୁଛି। ବିଡ଼ମ୍ବନା ହେଲା ଚାଷୀଙ୍କୁ ବୋନସ୍ ଲୋଭ ଦେଖାଇ କ୍ଷମତାକୁ ଆସିଥିବା ସରକାର ନା ତ ମଣ୍ଡି ପରିଚାଳନାକୁ ବ୍ୟବସ୍ଥିତ କରିପାରିଛି ନା ସାର ସମସ୍ୟାର ସମାଧାନ ହୋଇପାରୁଛି। କ୍ରମାଗତ ତିନିବର୍ଷ ଧରି ସାର ସମସ୍ୟା ଲାଗି ରହିଛି।

ରାଜ୍ୟର ଅନେକ ମଣ୍ଡିରେ ରବି ଧାନ ବିକ୍ରି ହୋଇ ନ ପାରି ପଡ଼ି ରହିଛି। 'ତଥାପି ସରକାର କିଣିବେ' ବୋଲି କେତେକ ଚାଷୀ ଆଶା ବାନ୍ଧି ବସିଥିବା ବେଳେ ଆଉ କେତେଜଣ ଭାଗ୍ୟକୁ ଆଦରି କମ୍ ଦାମ୍‌ରେ ଦଲାଲଙ୍କୁ ବିକ୍ରି ପୁଣି ଖରିଫ୍ ଚାଷ ପାଇଁ ଲାଗି ପଡ଼ିଛନ୍ତି। ଏ ସନ ଭଲ ବର୍ଷା ହୋଇଥିବାରୁ ଅମଳ ଭଲ ହେବ ବୋଲି ଚାଷୀ ଆଶା ବାନ୍ଧି ବସିଥିଲା। କିନ୍ତୁ ବର୍ତ୍ତମାନ ସେଭଳି ସରି ଧାନ କେଣ୍ଡା ବାହାରିବାକୁ ପ୍ରସ୍ତୁତ ହେଉଥିବା ବେଳେ ୟୁରିଆ ଅଭାବ ଦାଉ ସାଧୁଛି। ପ୍ୟାକ୍ସ ଓ ସମବାୟ କେନ୍ଦ୍ରଗୁଡ଼ିକରେ ଆଧାର କାର୍ଡ ପିଛା ମାତ୍ର ଗୋଟିଏ ବସ୍ତା ୟୁରିଆ ମିଳୁଥିବା ବେଳେ ତାହା ସମୁଦ୍ରକୁ ଶଙ୍ଖେ ସଦୃଶ। ତା' ମଧ୍ୟ ଚାହିଦା ତୁଳନାରେ ଯୋଗାଣ ବହୁତ କମ୍ ଥିବାରୁ ସମସ୍ତଙ୍କୁ ମିଳୁନାହିଁ। ବର୍ଷାରେ ରାତି ଅଧରୁ ଧାଡ଼ିରେ ରହି ମଧ୍ୟ ନ ପାଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଛି। ଅପରପକ୍ଷରେ ଖୋଲା ବଜାରରେ ସରକାରୀ ମୂଲ୍ୟଠାରୁ ତିନି/ଚାରିଗୁଣା ଉଚ୍ଚ ଦରରେ ୟୁରିଆ ସାର ବିକ୍ରି ହେଉଛି, ଯାହା ଚାଷୀ ଅସହାୟତାକୁ ଆହୁରି ତୀବ୍ର କରିଛି। ଖୋଲା ବଜାରରେ ଯାହାକୁ ଯେତେ ସାର ବିକ୍ରି ହେବା ଅର୍ଥ ରାଜ୍ୟରେ ସାରର ଅଭାବ ନାହିଁ। କିନ୍ତୁ ସରକାରୀ ବ୍ୟବସ୍ଥା ଭିତରକୁ ତାହା ଆସିପାରୁନାହିଁ। ଏହା ସରକାରୀ ବାବୁ ଓ କଳାବଜାରୀର ମଧ୍ୟସନ୍ଧିକା ଦିଗକୁ ଇଙ୍ଗିତ କରୁଛି। କୃଷି ଓ ଯୋଗାଣ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ଥିବା ମଧ୍ୟ ସ୍ପଷ୍ଟ ହେଉଛି।

ସବୁଜ ବିପ୍ଳବ ପ୍ରଭାବରେ ଆମ ଦେଶର ଚାଷ ଓ ଚାଷୀ ସଙ୍କରଜାତୀୟ ବିହନ ଓ ସାର ଉପରେ ନିର୍ଭରଶୀଳତା କ୍ରମଶଃ ବଢ଼ିବାରେ ଲାଗିଛି। ଭାରତ ଖାଦ୍ୟ ଶସ୍ୟ ଉତ୍ପାଦନରେ ସ୍ୱାବଲମ୍ବୀ ଏବଂ କେତେକ ଶସ୍ୟରେ ବଳକା ଦେଶ ହେବାର ରେକର୍ଡ ସୃଷ୍ଟି କରିଥିଲେ ମଧ୍ୟ ସାର ପାଇଁ ଏ ପର୍ଯ୍ୟନ୍ତ ଆମଦାନୀ ଉପରେ ହିଁ ନିର୍ଭର କରିବାକୁ ପଡ଼ୁଛି। ଭାରତ ଏବେ ୟୁରିଆ ଚାହିଦାର ୨୦%, ଡିଏପିର ୬୦% ଓ ଏମ୍‌ଓପିର ୧୦୦% ଆମଦାନୀ କରୁଛି। ତେଣୁ ବିଶ୍ୱ ଭୂରାଜନୈତିକ ସ୍ତରରେ ଅସ୍ଥିରତା ସୃଷ୍ଟି ହେଲେ ତାହାର ସିଧାସଳଖ ପ୍ରଭାବ ଭାରତୀୟ କୃଷି ଉପରେ ପଡ଼ୁଛି। ଉଦାହରଣ ସ୍ୱରୂପ ଡିଏପି ପାଇଁ ଭାରତୀୟ କୃଷି ମୁଖ୍ୟତଃ ଚୀନ୍ ଉପରେ ନିର୍ଭରଶୀଳ। ଚୀନ୍‌ରୁ ଭାରତ ବାର୍ଷିକ ହାରାହାରି ୨୨ ଲକ୍ଷ ୯୦ ହଜାର ଟନ୍ ଡିଏପି ଆମଦାନୀ କରୁଛି। କିନ୍ତୁ ଇଲେକ୍ଟ୍ରୋନିକ ଯାନରେ ବ୍ୟବହୃତ ବ୍ୟାଟେରି ଉତ୍ପାଦନ ପାଇଁ ଡିଏପିର ଘରୋଇ ଚାହିଦା ବୃଦ୍ଧି ପାଉଥିବାରୁ ଚୀନ୍ ଇତିମଧ୍ୟରେ ଡିଏପି ରପ୍ତାନୀ କାଟଛାଣ୍ଟ କରିଛି। ତେଣୁ ଭାରତ ବାଧ ହୋଇ ମଧ୍ୟପ୍ରାଚ୍ୟ ଆଡ଼କୁ ମୁହାଁଇଛି। ସେଠାରେ ମଧ୍ୟ ଅସ୍ଥିରତା ଯୋଗୁଁ ପଣ୍ୟବାହୀ ଜାହାଜମାନ ଲୋହିତ ସାଗର ପରିବର୍ତ୍ତେ 'କେପ୍ ଅଫ୍ ଗୁଡ୍ ହୋପ୍' ଦେଇ ଆସୁଥିବାରୁ ପରିବହନ ଖର୍ଚ୍ଚ ବୃଦ୍ଧି ପାଉଛି ଏବଂ ସାର ପହଞ୍ଚିବାରେ ବିଳମ୍ବ ହେଉଛି। ଏସବୁ କାରଣ ସହିତ କଳାବଜାରୀ ମିଶି ଯିବାରୁ ଦେଶରେ ସାର ସଙ୍କଟ ଉତ୍କଟ ହେବାରେ ଲାଗିଛି, ଯାହାର ପ୍ରଭାବ ଓଡ଼ିଶା ଉପରେ ଏବେ ଏବେ ଅନୁଭୂତ ହୋଇଛି। ଗତ ଜୁନ୍ ୧ ତାରିଖ ସୁଦ୍ଧା ଭାରତରେ ମୋଟ ଡିଏପି ମହଜୁଦ ପରିମାଣ ୯ ଲକ୍ଷ ଟନ୍ ଥିଲା, ଯାହା ପୂର୍ବବର୍ଷର ଏହି ସମୟ ତୁଳନାରେ ୪୨% କମ୍।

ରାସାୟନିକ ସାର ଯୋଗାଣ ପାଇଁ ରାଜ୍ୟମାନେ କେନ୍ଦ୍ର ସରକାରଙ୍କ ଉପରେ ନିର୍ଭରଶୀଳ। ଇଫ୍‌କୋ, ଆରସିଏଫ୍ ଓ ଏନ୍‌ଏଫ୍‌ଏଲ୍ ପରି ରାଷ୍ଟ୍ରାୟତ୍ତ ଉଦ୍ୟୋଗମାନେ ଯେତିକି ସାର ମହଜୁଦ ରଖୁଛନ୍ତି ତାହା କେବଳ ୩୦ରୁ ୪୦ ଦିନର ଚାହିଦା ପୂରଣ କରିବାରେ ସକ୍ଷମ। ଯଦି ବିଶ୍ୱସ୍ତରରେ ଅଧିକ ଦିନ ଅସ୍ଥିରତା ଦେଖାଦିଏ ତେବେ ଭାରତର କୃଷି ଉତ୍ପାଦନ ଗୁରୁତର ବ୍ୟାହତ ହେବ, ଯାହା ଏବେ ପ୍ରାୟତଃ ଦେଖିବାକୁ ମିଳୁଛି। ଏଭଳି ସମ୍ବେଦନଶୀଳ ସ୍ଥିତିକୁ ଦୃଷ୍ଟିରେ ରଖି ଭାରତ ଯଥାଶୀଘ୍ର ସାର ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ। ଏ ଦିଗରେ ପ୍ରମୁଖ ପ୍ରତିବନ୍ଧକ ହେଉଛି କଞ୍ଚାମାଲ। କଞ୍ଚାମାଲ୍ ଆମଦାନୀ ସୁଗମ ଓ ସୁଲଭ କରିବା ପାଇଁ ଭାରତ କୂଟନୈତିକ-ବାଣିଜ୍ୟିକ-ରଣନୀତିରେ ଆବଶ୍ୟକ ପରିବର୍ତ୍ତନ କରିବାକୁ ହେବ। ଏହାଛଡ଼ା ଭାରତରେ ସାର ଉତ୍ପାଦନ ଶିଳ୍ପର ଯନ୍ତ୍ରାଂଶଗୁଡ଼ିକ ପୁରୁଣାକାଳିଆ ଏବଂ ଅଧିକ ଶକ୍ତି ଆହରଣକାରୀ। ଏହାକୁ ଆମୂଳଚୂଳ ପରିବର୍ତ୍ତନ ନ କରିବା ପର୍ଯ୍ୟନ୍ତ ଘରୋଇ ସାର ଉତ୍ପାଦନ ଆମଦାନୀ ତୁଳନାରେ ମହଙ୍ଗା ପଡ଼ିବ। ତେଣୁ ଏ ଦିଗରେ ଦୀର୍ଘମିଆଦୀ ପୁଞ୍ଜିନିବେଶ ପାଇଁ ସରକାର ଯୋଜନା କରିବାକୁ ହେବ। ଏହାଛଡ଼ା ବିତରଣ ବ୍ୟବସ୍ଥାରେ ମଧ୍ୟ ଉନ୍ନତି ଆଣିବାକୁ ପଡ଼ିବ। ଏବେ ୟୁରିଆ ସାର ଉପରେ ସରକାର ସମ୍ପୂର୍ଣ୍ଣ ରିହାତି ଦେଉଥିବାରୁ ଏହାର କଳାବଜାରୀ ଅଧିକ ହେଉଥିବା ଅଭିଯୋଗ ଆସୁଛି। ଡିଏପି ଓ ଏମ୍‌ଓପିରେ ଚାଷୀ ପାଉଥିବା ଆଂଶିକ ରିହାତି ବଜାରଭିତ୍ତିକ। ଅର୍ଥାତ୍ ବିଶ୍ୱ ବଜାରରେ ମୂଲ୍ୟ ବୃଦ୍ଧି ପାଇଲେ ଚାଷୀ ମଧ୍ୟ ଅଧିକ ଦାମରେ କିଣିବାକୁ ବାଧ, ଠିକ୍ ରୋଷେଇ ଗ୍ୟାସ୍ କିଣିବା ପରି।

ବିଶେଷକରି ଭାରତ ଭଳି କୃଷିପ୍ରଧାନ ଦେଶରେ ସାର ଏଭଳି ଏକ ପ୍ରସଙ୍ଗ, ଯାହା କୋଟିକୋଟି ଲୋକଙ୍କ ଜୀବନ ଜୀବିକା ସହିତ ଜଡ଼ିତ। ତେଣୁ ସାର ରିହାତି ବାବଦ ବୋଝ ବୃଦ୍ଧି ପାଉଥିଲେ ମଧ୍ୟ ସରକାର ଏ ଦିଗରେ ବିଶେଷକିଛି କରିବା ଅବସ୍ଥାରେ ନାହାନ୍ତି; ଅଥଚ କୃଷି-ଶିଳ୍ପ ସଂସ୍ଥାମାନେ ଏଥିରୁ ଭରପୂର ଫାଇଦା ଉଠାଉଛନ୍ତି। ଏବେ ସମୟ ଆସିଛି କେନ୍ଦ୍ର ସରକାର ସାରକୁ ଜାତୀୟ ଅତ୍ୟାବଶ୍ୟକ ନୀତିରେ ସାମିଲ୍ କରିବା ଦିଗରେ ଅଧିକ ବିଚାରବିମର୍ଶ ଲାଗି ପଥ ଉନ୍ମୋଚନ କରିବା ଆବଶ୍ୟକ। ସେମିକଣ୍ଡକ୍ଟର ଭଳି ସାର ଶିଳ୍ପକୁ ମଧ୍ୟ ଆତ୍ମନିର୍ଭରଶୀଳ ଭାରତ ଅଧୀନ କରିବା ଆବଶ୍ୟକ।

# ଧାରଣା-ଦୁର୍ନୀତି-ଉତ୍ତରଦାୟୀ

**ଅଶୋକ ପରିଡ଼ା**

୨୦୧୧ ମସିହାରେ 'ଇଣ୍ଡିଆ ଏଗନେଷ୍ଟ କରପ୍ସନ୍' ଆନ୍ଦୋଳନ ଓ ଆନ୍ନା ହଜାରେଙ୍କ ଅନଶନ ସହିତ ଅନେକ ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ, ନୂଆପିଢ଼ିର ଯୁବକ ଯୁବତୀ, ଡାକ୍ତର, ବୈଜ୍ଞାନିକ, ଇଞ୍ଜିନିଅର, ଏନ୍‌ଆର୍‌ଆଇ ଯୋଗ ଦେଇଥିଲେ। ସାରା ଦେଶରେ ଏହାର ଖୁବ୍ ଚର୍ଚ୍ଚା ହେଲା। ଭାରତୀୟ ରାଜନୀତି ଓ ଦେଶର ଦିଗ ପରିବର୍ତ୍ତନର ଏକ ସୂଚନା ଜଳଜଳ ଦିଶୁଥିଲା। ଏହି ମନ୍ଥନରୁ ଯେଉଁ ଅମୃତ ବାହାରିଲା ସେଥିରୁ ଆମେ ପାଇଲୁ ଲୋକପାଳ ଓ ଲୋକାୟୁକ୍ତ। ଏହି ବିଲ୍ ପାର୍ଲାମେଣ୍ଟରେ ୨୦୧୩ରେ ପାରିତ୍ ହୋଇଥିଲା, ଯାହାର ସୁଫଳ ଆମେ ଆଜି ଭୋଗ କରୁଛେ। ଏହି ମନ୍ଥନରୁ 'ଆମ୍ ଆଦ୍‌ମୀ ପାର୍ଟି'(ଆପ୍) ନାଁରେ ଏକ ନୂତନ ରାଜନୈତିକ ଦଳ ମଧ୍ୟ ଜନ୍ମ ନେଇଥିଲା। ଏହାର ନେତା ଚତୁର ଅରବିନ୍ଦ କେଜ୍‌ରିୱାଲ୍ ଠଉରେଇ ନେଇଥିଲେ ଭାରତୀୟଙ୍କ ମାନସିକତା। ଆନ୍ନା ହଜାରେଙ୍କଠାରୁ ଅଲଗା ହୋଇ ଆରମ୍ଭ କଲେ ନୂଆ ରାଜନୈତିକ ଦଳ। ଏହି ନୂତନ ଦଳର ମୂଳ ଆଭିମୁଖ୍ୟ ଥିଲା ମହାତ୍ମା ଗାନ୍ଧୀଙ୍କ 'ଗ୍ରାମ ସ୍ୱରାଜ'କୁ ପ୍ରୟୋଗ କରିବା। ଗ୍ରାମ ସଭା, ମହଲା ସଭା, ଲୋକଙ୍କ ମତ ସର୍ବାଗ୍ରେ ରହିବା ସହିତ ଗ୍ରାମକୁ ହିଁ ପ୍ରାଧାନ୍ୟ ଦିଆଯିବ ଓ ଲୋକଙ୍କ ଶାସନ ହେବ। ସବୁ କ୍ଷେତ୍ରରେ ଉତ୍ତରଦାୟୀ ରହିବାକୁ ବାଧ୍ୟ।

ଏହିଭଳି ସ୍ୱପ୍ନ ଦେଖାଇ ନୂଆଦିଲ୍ଲୀରେ 'ଆମ୍ ଆଦ୍‌ମୀ ପାର୍ଟି' କ୍ଷମତାକୁ ଆସିଲା। କ୍ଷମତାକୁ ଆସିବା ପରେ ନିଜ ରଙ୍ଗ ବଦଳାଇ ନୂତନ ଶାସନ ବ୍ୟବସ୍ଥାର ଯେଉଁ ମଡେଲ୍ ଦେଶବାସୀଙ୍କୁ ଦେଲା, ତାହା ସମସ୍ତଙ୍କୁ ନିରାଶ କଲା। ଏହି ସମୟରେ ଗୋଳିଆ ପାଣିରୁ ଫାଇଦା ଉଠାଇ ଭାରତୀୟ ଜନତା ପାର୍ଟି ସରକାରକୁ ଆସିଲା। ଏହାର ନେତା ନରେନ୍ଦ୍ର ମୋଦୀ ଦେଶର ପ୍ରଧାନମନ୍ତ୍ରୀ ହେଲେ। 'ଇଣ୍ଡିଆ ଏଗେନଷ୍ଟ କରପ୍ସନ୍' ନାରାକୁ ନରେନ୍ଦ୍ର ମୋଦୀ ନିଜ ଢଙ୍ଗରେ ପରିବର୍ତ୍ତନ କରି 'ନା ଖାଉଁଗା, ନା ଖାନେ ଦୁଙ୍ଗା' ସ୍ଲୋଗାନରେ ପରିବର୍ତ୍ତନ କରାଇ ଲୋକଙ୍କ ଦୃଷ୍ଟି ଆକର୍ଷଣ କଲେ। ଏହା ବାଦ୍ ଧାରା ୩୭୦, ରାମ ମନ୍ଦିର ନିର୍ମାଣ, ନକ୍ସଲ ମୁକ୍ତ ଭାରତ ଆଦି ମୋଦୀଙ୍କ ରାଜନୀତିରେ ସାମିଲ୍ ହେଲା। ଭୁଲ ହେଉ କି ଠିକ୍ ଯେଉଁ କାର୍ଯ୍ୟ ଆରମ୍ଭ କରୁଛନ୍ତି ମାନେ ତାହାକୁ ଶେଷ କରିବା ହିଁ ମୋଦୀଙ୍କ ବଡ଼ ଉପଲବ୍ଧି। ସାଧାରଣ ଜନତାଙ୍କ ସହିତ ମୋଦୀଙ୍କ ସମ୍ପର୍କ ବିଜେପିକୁ ବହୁତ ଫାଇଦା ଦେଇଛି।

ଦୁର୍ନୀତି କିଛି ପରିମାଣରେ ତଳ ସ୍ତରରେ କମିଛି। ଏହି କମିବାର କାରଣ ଯେ ଆମ ଦେଶବାସୀ ଜାଗୃତ ହୋଇଗଲେ ତାହା ନୁହେଁ; କେବଳ ସମ୍ଭବ ହୋଇଛି ଡିଜିଟାଲ ଟ୍ରାଞ୍ଜାକ୍‌ସନ୍ ପାଇଁ। ଅନେକ କ୍ଷେତ୍ରରେ ଏବେ ଡିଜିଟାଲ ନେଣଦେଣ ହେଉଥିବାରୁ ଦୁର୍ନୀତି କରିବାର ଅବସର ଆଉ ନାହିଁ। ଯେମିତିକି ଟୋଲ୍‌ଗେଟ୍‌ରେ ଆପେ ଆପେ ଫାଷ୍ଟଟ୍ୟାଗ୍ ଦ୍ୱାରା ଆକାଉଣ୍ଟରୁ ପଇସା କଟିଯାଉଛି; ଯାହାଫଳରେ କେହିବି ଆଉ ଚେଷ୍ଟା କରୁନାହାନ୍ତି କାହାକୁ ଧରାଧରି କରି ଏଥିରୁ ନିବୃତ୍ତ ହେବା ପାଇଁ। ଠିକ୍ ସେହିପରି ପୂର୍ବରୁ କଲେଜମାନଙ୍କରେ ହଷ୍ଟେଲ ପାଇବା ପାଇଁ କୁହାପୋଛା କରି କିଛି ରୁମ୍ ନିଜ ପିଲା ନାମରେ କରାଇ ନେଉଥିଲେ। କିନ୍ତୁ ଡିଜାଟାଲ୍ ହେବା ଦ୍ୱାରା ଏବେ ନଂ ଆଧାରରେ ପିଲାମାନେ ହଷ୍ଟେଲ ପାଉଛନ୍ତି। ଏହିଭଳି କିଛି 'ଖୁଚୁରା' ଦୁର୍ନୀତି କମିଛି। ବଡ଼ ବଡ଼ ଦୁର୍ନୀତି ଏବେ ବି ଚାଲିଛି।

ଦିଲ୍ଲୀର ଜନ୍ତରମନ୍ତରରେ ଅନଶନ କରୁଥିବା ସୋନମ ୱାଙ୍ଗଚୁକ୍‌ଙ୍କୁ ଲୋକେ ଆଉ ଭରସାକୁ ନେଉ ନାହାନ୍ତି। କଂଗ୍ରେସ ଭଳି ଅନେକ ଦଳ ଭୟ କରୁଛନ୍ତି ଯେ ଆଉ ଏକ ଆପ୍ ଜନ୍ମ ନ ନେଉ। ଏକଦା ଅନଶନରେ ବସୁଥିବା ଲୋକ ସରକାରକୁ ଦୋହଲାଇ ଦେଉଥିଲା। ଗୋଟିଏ ମହତ କାର୍ଯ୍ୟ ବା ଦେଶ ହିତ ପାଇଁ କରାଯାଉଥିବା ଅନଶନରେ ଦେଶର ବିଭିନ୍ନ ଶ୍ରେଣୀର ସାଧାରଣ ଜନତାଙ୍କଠାରୁ ଆରମ୍ଭ କରି ପ୍ରତିଷ୍ଠିତ ବ୍ୟକ୍ତି ଯୋଗ ଦେଇ ସରକାର ଉପରେ ଚାପ ପକାଉଥିଲେ। ସରକାର ମଧ୍ୟ ଭୁଲ କାର୍ଯ୍ୟରୁ ନିବୃତ୍ତ ରହିବା ପାଇଁ କିଛି ପରିମାଣରେ ବାଧ ହେଉଥିଲେ। କିନ୍ତୁ ୱାଙ୍ଗଚୁକ୍‌ଙ୍କ ଦୀର୍ଘ ୨୧ ଦିନର ଅନଶନ ପରେ ମଧ୍ୟ ସରକାର ଅଚିନ୍ତାରେ। କାରଣ ସରକାର ଜାଣିଛନ୍ତି ଏ ଅନଶନର ପ୍ରଭାବ ସରକାର ଉପରେ କିଛି ବି ପଡ଼ିବ ନାହିଁ। କେଜ୍ରିୱାଲ ଯେଉଁ ଅବିଶ୍ୱାସର ମଞ୍ଜି ବୁଣି ଦେଇଯାଇଛନ୍ତି ତାହାର ଭରପୂର ଫାଇଦା ଏନ୍‌ଡିଏ ସରକାର ଉଠାଉଛନ୍ତି।

ଲୋକତନ୍ତ୍ରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଲା ଉତ୍ତରଦାୟୀ। ଯଦି ଉତ୍ତରଦାୟୀ କେହି ନୁହନ୍ତି ତେବେ ଗଣତନ୍ତ୍ର ଧୀରେ ଧୀରେ ଫାଙ୍କ ହେବାରେ ଲାଗିଛି ବୋଲି ଧରିନେବାକୁ ହେବ। ବିଜେପି ଦୀର୍ଘଦିନ କ୍ଷମତାରେ କିପରି ରହିବ, ତାହାର ନିଶା ଧୀରେ ଧୀରେ ଘାରିଲାଣି। ରାଜନୈତିକ ବିଶେଷଜ୍ଞଙ୍କ କହିବା ଅନୁଯାୟୀ ବିଜେପି ଏକଦା ଯାହାକୁ ଦୁର୍ନୀତିଖୋର ଭାବେ ପ୍ରମାଣିତ କରିଥିଲା ସେଇମାନଙ୍କୁ ନିଜ ଦଳରେ ସାମିଲ କରି ଉଚ୍ଚ ପଦପଦବୀରେ ସ୍ଥାପିତ କରାଇବାରେ ଲାଗିଛି। ଓଡ଼ିଶାରେ ମଧ୍ୟ ସେ କାର୍ଯ୍ୟ ଆରମ୍ଭ ହୋଇଗଲାଣି।

ଏବେ ଦୁଇଟି ଘଟଣା ଏବେ ବିଜେପିକୁ ଜନସମାଜରେ ନିନ୍ଦିତ କରିଛି। ଗୋଟିଏ ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ଓ ଅନ୍ୟଟି ରାମ ମନ୍ଦିର ଚୋରି। ବିଜେପିରେ ଉତ୍ତରଦାୟୀ ପରମ୍ପରା ପ୍ରାୟତଃ ନାହିଁ କହିଲେ ଚଳେ। କ୍ଷମତାରେ ଥିବା ବେଳେ ଯଦି କୌଣସି ବଡ଼ ଅଘଟଣ ଘଟୁଥିଲା, ତେବେ ପୂର୍ବରୁ ଉତ୍ତରଦାୟୀ ସ୍ୱରୂପ ରାଜନେତାମାନେ କ୍ଷମତାରୁ ଓହରି ଯାଉଥିଲେ। ଏହାର ଜ୍ୱଳନ୍ତ ଉଦାହରଣ ପାଲଟିଥିଲେ ଲାଲବାହାଦୂର ଶାସ୍ତ୍ରୀ। କିନ୍ତୁ ବାହାନଗା ଭୟଙ୍କର ରେଳ ଦୁର୍ଘଟଣା ହେଉ କି ଲକ୍ଷ୍ମୀପୁର ଖେରୀରେ ମନ୍ତ୍ରୀ ଅଜୟ କୁମାର ମିଶ୍ର(ଟେନୀ)ଙ୍କ ପୁତ୍ରଙ୍କ ଗାଡ଼ିରେ ଚାରିଜଣ କୃଷକଙ୍କ ଜୀବନହାନି ହେଉ କି ନିଟ୍ ପରୀକ୍ଷାରେ ପ୍ରଶ୍ନ ପତ୍ର ପ୍ରଘଟ ଘଟଣା ହେଉ, କେହି ବି ଉତ୍ତରଦାୟୀ ନୁହନ୍ତି ବୋଲି ବିଜେପି ଜଣାଇ ଦେଇଛି। ରାମ ମନ୍ଦିର ନିର୍ମାଣର ସବୁଯାକ ଶ୍ରେୟ ବିଜେପି ନେଉଥିବା ବେଳେ ଚୋରିର ଅପବାଦ ଓ ଉତ୍ତରଦାୟିତ୍ୱ ମଧ୍ୟ ନେବା ଉଚିତ। ଟ୍ରଷ୍ଟଠାରୁ ଆରମ୍ଭ କରି ପରିଚାଳନା ପର୍ଯ୍ୟନ୍ତ ସବୁଥିରେ ନିଜ ଲୋକ ଥିବା ବେଳେ ଏତେବଡ଼ ଘଟଣା କିପରି ଘଟିଲା ତାହା ମଧ୍ୟ ଆଜି ସରକାରକୁ ଲୋକେ ପ୍ରଶ୍ନ ପଚାରୁଛନ୍ତି।

ଉତ୍ତରଦାୟିତ୍ୱ ଆଜି କେଉଁସ୍ତରକୁ ଯାଇଛି ତାହାର ଆଉ ଏକ ଉଦାହରଣ ନେବା। ରାଜଧାନୀ ଏକ୍ସପ୍ରେସ୍, ବର୍ତ୍ତମାନର ତେଜସ୍ ଏକ୍ସପ୍ରେସ୍ ଗତବର୍ଷରେ କେତେ ଥର ବିଳମ୍ବରେ ଓ କେତେ ଥର ଠିକ୍ ସମୟରେ ପହଞ୍ଚିଛି ଜାଣିବା ପାଇଁ କରାଯାଇଥିବା ସୂଚନା ଅଧିକାର ଆଇନ ବଳରେ ଆବେଦନର ଉତ୍ତରରେ ରେଳ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଜଣାଇଲେ ଯେ, ଏହି ରିପୋର୍ଟ ଆମେ ଲିପିବଦ୍ଧ କରି ରଖୁନାହୁଁ, ସେଥିପାଇଁ ଆମ୍ଭେ ଜଣାଇ ପାରିବୁ ନାହୁଁ। ଯଦି ଏକ ଛୋଟିଆ ବିଦ୍ୟାଳୟରେ ପିଲାଟି ଠିକ୍ ସମୟରେ ଆସୁଛି କି ନାହିଁ ଉପସ୍ଥାନ ଖାତା ପ୍ରସ୍ତୁତ କରି ବର୍ଷ ବର୍ଷ ରଖାଯାଇ ପାରୁଛି; ରେଳ ବିଭାଗ ଟିକେଟ ଭଡ଼ା ଉପରେ ଆମଠାରୁ ଜିଏସ୍‌ଟି ନେଇ ମଧ୍ୟ ତାହାର ଉପସ୍ଥାନ ଲିପିବଦ୍ଧ କରି ରଖୁନାହିଁ। ଏହାଠାରୁ ଆଉ ବଡ଼ ବିଡ଼ମ୍ବନା କ'ଣ ହୋଇପାରେ? ରେଳ ବିଭାଗ ଡିଣ୍ଡିମ ପିଟୁଛି ଆମ୍ଭେ ମୂଳରୁ ଚୂଳ ପରିବର୍ତ୍ତନ କରୁଛୁ, ହେଲେ ସମୟାନୁବର୍ତ୍ତିତା ତ ହୋଇପାରିଲା ନାହିଁ, ସଫାସୁତୁରା ଖାଲି କାଗଜକଲମରେ ଯାହା ହେଉଛି। ଏସି ଶ୍ରେଣୀର ଶୌଚାଳୟ ଅବସ୍ଥା ଯାହା ନ କହିବା ଭଲ।

ପେନ୍‌ଠାରୁ ପ୍ଲେନ୍ ପର୍ଯ୍ୟନ୍ତ ଆମଠାରୁ ଜିଏସ୍‌ଟି ନେଉଥିବା ସରକାର ଆମକୁ ମୂଳଭୂତ ବ୍ୟବସ୍ଥାମାନ ଯୋଗାଇବାରେ ବିଫଳ। ବର୍ତ୍ତମାନର ପିଢ଼ି ସରକାରଙ୍କୁ 'ଚାକିରି ମାଗୁ ନାହାନ୍ତି; ମାଗୁଛନ୍ତି - 'ଆମକୁ ଭଲ ସ୍କୁଲ, ଶିକ୍ଷା, ରାସ୍ତା, ସ୍ୱାସ୍ଥ୍ୟ, ଭଲ ବ୍ୟବସ୍ଥା ଦିଅ।' ହେଲେ ସରକାର ତ ନିଦା ବିଷ୍ଣୁ। ଗୁହାରି କରିବା କାହାକୁ?

ମୋ: ୯୪୩୮ ୫୦୪୧୦୩

# ସୁସ୍ଥ ଜୀବନକାଳ ବନାମ ଦୀର୍ଘ ଜୀବନକାଳ

**ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ**

ବିଗତ ଶତାବ୍ଦୀରେ ଘଟି ଯାଇଛି ଦୁଇଟି ବିଶ୍ୱଯୁଦ୍ଧ। ବ୍ୟାପିଛି ଅନେକ ମହାମାରୀ। ଏହା ସତ୍ତ୍ୱେ ମଣିଷର ପ୍ରତ୍ୟାଶିତ ଜୀବନ କାଳ ବୃଦ୍ଧିପାଇଛି ପୃଥିବୀର ସର୍ବତ୍ର। ଏହା ସମ୍ଭବ ହୋଇପାରିଲା ଜୀବନ ଯାପନ ପ୍ରଣାଳୀ ଏବଂ ରୋଗ ନିର୍ଣ୍ଣୟ ଓ ଚିକିତ୍ସାରେ ଉନ୍ନତ ଯୋଗୁଁ। ବିଜ୍ଞାନର ଅଗ୍ରଗତି ସହିତ ଉପଲବ୍ଧ ହେଲା ବିଶୁଦ୍ଧ ଜଳ; ଉନ୍ନତ ହେଲା ପରିମଳ ବ୍ୟବସ୍ଥା। ଖାଦ୍ୟାଭାବ ଦୂର ହେଲା। ବୃଦ୍ଧି ପାଇଲା ଶିକ୍ଷାର ପ୍ରସାର। ଜନସାଧାରଣଙ୍କ ଆୟ ବଢ଼ିଲା। ମହିଳାମାନଙ୍କ ସ୍ଥିତିରେ ଉନ୍ନତି ସଂଘଟିତ ହେଲା। ବିଶେଷକରି ଶିକ୍ଷାଗତ ଓ ଅର୍ଥନୈତିକ ବିକାଶ ହିଁ ପ୍ରଗତିକୁ ତ୍ୱରାନ୍ୱିତ କରିଦେଲା। ଫଳରେ ବୃଦ୍ଧି ପାଇଚାଲିଲା ଆୟୁକାଳ। ମାତ୍ର ବହୁ ବ୍ୟାଧି ଛାଡ଼ି ଦେଇଗଲା ତା'ର ପଦଚିହ୍ନ। ତଥାକଥିତ ଆରୋଗ୍ୟ ବ୍ୟକ୍ତିଠାରେ ପରିଲକ୍ଷିତ ହେଲା ଅସୁସ୍ଥତା ଜନିତ ଶାରୀରିକ ଅସାମର୍ଥ୍ୟ। ଅନ୍ୟମାନଙ୍କ ଉପରେ ନିର୍ଭରଶୀଳତା ବଢ଼ିଲା। ଦୀର୍ଘକାଳିକ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ କରିଦେଲା ପରିବାରର ଆର୍ଥିକ ସ୍ଥିତିକୁ।

ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ବିଜ୍ଞାନ ଓ ପ୍ରଯୁକ୍ତି କ୍ଷେତ୍ରରେ ସଂଘଟିତ ହେଲା ଅସାଧାରଣ ପ୍ରଗତି। ହ୍ରାସ ପାଇଲା ସଂକ୍ରାମକ ରୋଗଗୁଡ଼ିକର ପ୍ରାଦୁର୍ଭାବ। କିନ୍ତୁ ଖାଦ୍ୟାଭାବ ଜନିତ ରୋଗ ଏବଂ ମାତୃ ଓ ଶିଶୁସ୍ୱାସ୍ଥ୍ୟରେ ସମାନୁପାତିକ ଉନ୍ନତି ପରିଲକ୍ଷିତ ହୋଇ ନ ପାରିବା କାରଣରୁ ଅସୁସ୍ଥତା, ଶାରୀରିକ ଅମାସର୍ଥ୍ୟ ଓ ମୃତ୍ୟୁହାର ଆଶାନୁରୂପ ଭାବରେ ହ୍ରାସ ପାଇଲା ନାହିଁ। ଅଧିକନ୍ତୁ ରାଜୁତି ଚଳେଇବା ଆରମ୍ଭ କରି ଦେଲା ହୃଦଧମନୀ ରୋଗ, ଯେପରିକି ହାର୍ଟ ଆଟାକ, ବ୍ରେନ ଆଟାକ ବା ଷ୍ଟ୍ରୋକ, ଡାଇବେଟିସ, ଦୀର୍ଘକାଳୀନ ଫୁସଫୁସ ତଥା ଶ୍ୱାସତନ୍ତ୍ର ରୋଗ, କ୍ୟାନ୍ସର, ଲିଭର, କିଡନି, ଗଣ୍ଠି, ଚକ୍ଷୁ ଓ କର୍ଣ୍ଣ ଆଦିର ଅଣସଂକ୍ରାମକ ରୋଗମାନ। ବିଂଶଶତାବ୍ଦୀର ଶେଷଆଡ଼କୁ ଉଭା ହୋଇ ପଡ଼ିଲା ଶରୀରର ଓଜନ ବୃଦ୍ଧି ଓ ପୃଥୁଳତା। ପୃଥିବୀର ବହୁରାଷ୍ଟ୍ରରେ ଏହା ବଡ ଆତଙ୍କ ଜନକ ଭାବରେ ବୃଦ୍ଧି ପାଇଲା।

ଏହିସବୁ ରୋଗକୁ କୁହାଗଲା ଜୀବନଶୈଳୀ ରୋଗ ବା ଲାଇଫଷ୍ଟାଇଲ ଡିଜିଜେସ୍। ମୁଖ୍ୟତଃ ଆର୍ଥିକ ଲାଭକୁ ଦୃଷ୍ଟିରେ ରଖି ବ୍ୟବସାୟୀ ଗୋଷ୍ଠୀ ଏହାକୁ ଜନସାଧାରଣଙ୍କ ଉପରେ ଲଦି ଦେଲେ ଏବଂ ଜନସାଧାରଣ ଏହାକୁ ବିନାଦ୍ୱିଧାରେ ଗ୍ରହଣ କରିନେଲେ। ତମାଖୁ ଜାତୀୟ ପଦାର୍ଥ, ଅତିପ୍ରକ୍ରିୟାକୃତ ଖାଦ୍ୟ ଦ୍ରବ୍ୟ, ଅଧିକ ଶର୍କରା ପଡ଼ିଥିବା ଖାଦ୍ୟ ଓ ପାନୀୟ, ମାଦକ ଦ୍ରବ୍ୟ ଇତ୍ୟାଦିର ବ୍ୟବହାର ବିପର୍ଯ୍ୟସ୍ତ କରିଦେଲା ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟକୁ। ଆକର୍ଷଣୀୟ ବିଜ୍ଞାପନଗୁଡ଼ିକ ଦ୍ୱାରା ପ୍ରଲୁବ୍ଧ ହୋଇ ଜନସାଧାରଣ ଏଗୁଡ଼ିକରେ ପାଲରେ ପଡ଼ିଗଲେ ଏବଂ ବିପତ୍ତିକୁ ଆମନ୍ତ୍ରଣ କରି ଆସିଲେ ନିଜ ଉପରକୁ। ତା' ସାଙ୍ଗକୁ ବୃଦ୍ଧି ପାଇଲା ଯାନବାହନର ସଂଖ୍ୟା। ଘରେ ଘରେ ଶୋଭା ପାଇଲା ଟେଲିଭିଜନ। ଇଣ୍ଟରନେଟ୍ ହୋଇପଡ଼ିଲା ହାତବାରିସୀ। ଫଳରେ ଜନସାଧାରଣ ଶାରୀରିକ ଶ୍ରମରୁ ଏକରକମର ମୁକ୍ତି ପାଇ ଉପଭୋଗ କରିଚାଲିଲେ ଶ୍ରମବିହୀନ ଜୀବନ। ଡିଜିଟାଲ ଦୁନିଆ ସହ ଜନସାଧାରଣଙ୍କ ସଂପୃକ୍ତି ବୃଦ୍ଧି ପାଇ ଚାଲିବାରୁ ସେମାନେ ଆବେଗିକ ସଂପର୍କ ସ୍ଥାପନରୁ ବିଚ୍ଛିନ୍ନ ହୋଇପଡ଼ିଲେ। ଏପରି ପ୍ରବଣତା ବେଶୀ ବୃଦ୍ଧି ପାଇଛି ଯୁବଗୋଷ୍ଠୀରେ। ସବୁଠାରେ ଲୋକେ ଏବେ ପ୍ରଦୂଷଣରେ ଅତିଷ୍ଠ। ନୂଆ ନୂଆ ବ୍ୟାଧିମାନଙ୍କୁ ଜନ୍ମ ଦେଇ ଚାଲିଛି ଜଳବାୟୁ ପରିବର୍ତ୍ତନ। ଏହା ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ଆହ୍ୱାନ ରୂପେ ଉଭା ହୋଇ ପଡ଼ିଲାଣି।

ଏକବିଂଶ ଶତାବ୍ଦୀରେ ସଭ୍ୟତାର ଏହି ବିକୃତ ପ୍ରଗତି ଫଳରେ ପ୍ରତ୍ୟାଶିତ ଆୟୁକାଳ ବା ଜୀବନକାଳ ବୃଦ୍ଧି ପାଇଛି ସିନା, କିନ୍ତୁ ପଛେଇ ଯାଇଛି ସୁସ୍ଥ ପ୍ରତ୍ୟାଶିତ ଆୟୁକାଳ ବା ସୁଦୀର୍ଘ ସୁସ୍ଥ ଆୟୁକାଳ। ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ଆନୁକୂଲ୍ୟରେ ୧୮୩ଟି ରାଷ୍ଟ୍ରରେ କରାଯାଇଥିବା ଏକ ଅନୁଧ୍ୟାନରୁ ପ୍ରକାଶ ଯେ ୨୦୦୦ ରୁ ୨୦୧୯ ମସିହା ଭିତରେ ପ୍ରତ୍ୟାଶିତ ଆୟୁକାଳ ଏବଂ ପ୍ରତ୍ୟାଶିତ ସୁସ୍ଥ ଆୟୁକାଳ ମଧ୍ୟରେ ରହିଥିଲା ୯.୬ରୁ ବର୍ଷର ବ୍ୟବଧାନ। ପୁରୁଷମାନଙ୍କ ତୁଳନାରେ ମହିଳାମାନଙ୍କ କ୍ଷେତ୍ରରେ ଏହି ବ୍ୟବଧାନ ଥିଲା ୨.୪ ବର୍ଷ ଅଧିକ। ସର୍ବାଧିକ ବ୍ୟବଧାନ ପରିଲକ୍ଷିତ ହୋଇଥିଲା ଯୁକ୍ତରାଷ୍ଟ୍ର ଆମେରିକାରେ (୧୨.୪ ବର୍ଷ) ଏବଂ ୟୁକେରେ (୧୧.୩ବର୍ଷ)। ଅର୍ଥନୈତିକ ପ୍ରଗତି କାରଣରୁ ଏହି ରାଷ୍ଟ୍ରଦୁଇଟିରେ ପ୍ରତ୍ୟାଶିତ ଆୟୁକାଳ ବୃଦ୍ଧି ପାଇଥିବା ବେଳେ ସେମାନେ ସୁସ୍ଥ ଜୀବନ ଉପଭୋଗ କରିପାରି ନଥିଲେ। ଅନ୍ୟ ପକ୍ଷରେ, ଲେସୋଥୋ ଭଳି ରାଷ୍ଟ୍ରଗୁଡ଼ିକରେ ପ୍ରତ୍ୟାଶିତ ଆୟୁକାଳ ଓ ପ୍ରତ୍ୟାଶିତ ସୁସ୍ଥ ଆୟୁକାଳ ମଧ୍ୟରେ ବ୍ୟବଧାନ ଥିଲା ଊଣା।

୨୦୦୦-୨୦୧୯ ମସିହା ଭିତରେ ଭାରତରେ ପ୍ରତ୍ୟାଶିତ ଆୟୁକାଳ ବର୍ଷକୁ ୦.୪୩ ହାରରେ ବୃଦ୍ଧି ପାଇଥିବା ବେଳେ ପ୍ରତ୍ୟାଶିତ ସୁସ୍ଥ ଆୟୁକାଳ ବୃଦ୍ଧି ପାଇଥିଲା ବର୍ଷକୁ ୦.୩୭ ହାରରେ। ପ୍ରତ୍ୟାଶିତ ସୁସ୍ଥ ଆୟୁକାଳ ୨୦୨୨ ମସିହାରେ ମୋଟାମୋଟି ଭାବେ ପ୍ରତ୍ୟାଶିତ ଆୟୁକାଳଠାରୁ ଥିଲା ଗୋଟିଏ ଦଶକ ପଛରେ। ଏହି ବ୍ୟବଧାନ ଥିଲା ପୁରୁଷମାନଙ୍କ କ୍ଷେତ୍ରରେ ୯.୨୨ ବର୍ଷ ଓ ମହିଳାମାନଙ୍କ କ୍ଷେତ୍ରରେ ୧୧.୭୭ ବର୍ଷ।

୨୦୪୭ ମସିହା ସୁଦ୍ଧା ଭାରତରେ ବିକାଶର ସ୍ତରକୁ ଆହୁରି ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରହିଛି। ସୁତରାଂ ଆମ ନାଗରିକମାନଙ୍କ ପାଇଁ ସ୍ୱାସ୍ଥ୍ୟର ପ୍ରୋତ୍ସାହନ ଓ ସୁରକ୍ଷା ପାଇଁ ଆହୁରି ଅଗ୍ରାଧିକାର ଦେବାକୁ ପଡ଼ିବ। ଏହା ସାକାର ହୋଇ ନ ପାରିଲେ ଭାରତର ଅଧିକତର ବିକାଶ ଫଳବତୀ ହୋଇ ପାରିବନି କି ଅର୍ଥନୈତିକ ଅତିଶକ୍ତିଶାଳୀ ରାଷ୍ଟ୍ର ବା ଇକୋନୋମିକ ସୁପରପାୱାର ହେବାର ଆକାଂକ୍ଷା ପୂରଣ ହୋଇ ପାରିବନି।

ଭାରତୀୟମାନଙ୍କ ସ୍ୱାସ୍ଥ୍ୟକୁ ବିପନ୍ନ କରିବାରେ ଅସ୍ୱାସ୍ଥ୍ୟକର ଖାଦ୍ୟ ହିଁ ପ୍ରଧାନତଃ ଦାୟୀ। ତେଣୁ ଯୋଜନା ପ୍ରଣୟନ ସମୟରେ ଏଥିପ୍ରତି ସମୁଚିତ ଧ୍ୟାନ ଦେବା ବାଞ୍ଛନୀୟ। ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଭାରତର ଏକ ବିରାଟ ଜନସମୁଦାୟ ଜୀବନର ବହୁବର୍ଷ ନିମ୍ନ ସ୍ୱାସ୍ଥ୍ୟ ଓ ନିମ୍ନ କର୍ମଦକ୍ଷତା ମଧ୍ୟରେ ଅତିବାହିତ କରିବା ଦେଶର ପ୍ରଗତି ପାଇଁ ଆଦୌ ଅନୁକୂଳ ନୁହେଁ। ତେଣୁ ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ ବ୍ୟାଧି ଓ ଶାରୀରିକ ଅସାମର୍ଥ୍ୟର ବୋଝରୁ ମୁକ୍ତ ରହିବା ନିମିତ୍ତ ନିରନ୍ତର ସ୍ୱାସ୍ଥ୍ୟର ସୁରକ୍ଷା ଅପରିହାର୍ଯ୍ୟ।

ଆୟୁକାଳ ସୁସ୍ଥ ଆୟୁକାଳ ମଧ୍ୟରେ ରହିଥିବା ବ୍ୟବଧାନର ଅନେକାଂଶ ଜାତ ହୋଇଯାଏ ଜୀବନକାଳର ଶେଷ ଦୁଇ ଦଶକରେ। କିନ୍ତୁ ସ୍ୱାସ୍ଥ୍ୟର ଅବକ୍ଷୟ ପ୍ରକ୍ରିୟା ଆରମ୍ଭ ହୋଇଯାଏ କମ୍ ବୟସରୁ। ବୟସ୍କମାନଙ୍କ ଠାରେ ହୃଦଧମନୀ ରୋଗ ଓ ଡାଇବେଟିସରେ ସଂଘଟିତ ହେଉଥିବା ବେଳେ ବିକୃତ ଶାରୀରିକ ପ୍ରକ୍ରିୟା ଆଦ୍ୟ ଜୀବନର ଖାଦ୍ୟାଭ୍ୟାସ ଉପରେ ବହୁଳାଂଶରେ ନିର୍ଭରଶୀଳ। ତେଣୁ ପରିଣତ ବୟସରେ ବ୍ୟାଧିଭାରକୁ ହ୍ରାସ କରିବା ନିମିତ୍ତ ପ୍ରୟାସ ଆରମ୍ଭ କରିବା ପାଇଁ ପଡ଼ିବ ଗର୍ଭଧାରଣ ବୟସର ବହୁପୂର୍ବରୁ ଏବଂ ଏହି ପ୍ରୟାସକୁ ଅବ୍ୟାହତ ରଖିବା ପାଇଁ ପଡ଼ିବ ଜୀବନ ସାରା। ସ୍ୱାସ୍ଥ୍ୟନୀତି ତଥା ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମଗୁଡ଼ିକର ସୁପରିଚାଳନା ସୁଚାରୁ ଭାବେ ରୂପାୟିତ କରିପାରିଲେ ହିଁ ଆମେ ଆୟୁକାଳ ଓ ସୁସ୍ଥ ଆୟୁକାଳ ମଧ୍ୟରେ ରହିଥିବା ବ୍ୟବଧାନକୁ ସଂକୁଚିତ କରିବାରେ ସଫଳ ହୋଇପାରିବା।

କଟକ, ମୋ: ୮୨୮୦୨୦୦୩୬୦

# ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ

**ପ୍ରଦ୍ୟୁମ୍ନ କିଶୋର ମିଶ୍ର**

## ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ



'ବ୍ରହ୍ମ' ସ୍ୱରୂପ ଓ ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କର ଦାରୁ ବିଗ୍ରହ ମଧ୍ୟରେ ଅପୂର୍ବ ସମନ୍ୱୟ ରହିଛି। 'ବ୍ରହ୍ମ' ତତ୍ତ୍ୱ ହିଁ ସବୁ ତତ୍ତ୍ୱ ମଧ୍ୟରେ ଶ୍ରେଷ୍ଠ। ଉପନିଷଦର ମୁଖ୍ୟ ପ୍ରତିପାଦ୍ୟ ତତ୍ତ୍ୱ ହେଉଛି 'ବ୍ରହ୍ମତତ୍ତ୍ୱ'। ଉପନିଷଦର ବର୍ଣ୍ଣନା ଅନୁସାରେ ଆଧିଦୈବିକ ପରଂବ୍ରହ୍ମ, ଆଧ୍ୟାତ୍ମିକ ଅକ୍ଷର ବ୍ରହ୍ମ ଏବଂ ଆଧିଭୌତିକ ହେଉଛି କ୍ଷରବ୍ରହ୍ମ (ଜୀବ ଜଗତ ସମୂହ)। ବ୍ରହ୍ମ ଅଦୃଷ୍ଟ ଓ ସଦା ରହସ୍ୟମୟ। ଗୋସ୍ୱାମୀ ତୁଳସୀଦାସ 'ବ୍ରହ୍ମ' ସ୍ୱରୂପ ଦର୍ଶାଇବାକୁ ଯାଇ କହିଛନ୍ତି - 'ବିନୁ ପଦ ଚଲଇ ସୁନଇ ବିନୁ କାନା, କରବିନୁ କରମ କରଇ ବିଧି ନାନା'। ଅର୍ଥାତ୍ ଯିଏ ବିନା ପାଦରେ ଚାଲିପାରେ, ବିନା କାନରେ ଶୁଣିପାରେ ଓ ବିନା ହସ୍ତରେ ନାନା ପ୍ରକାର କର୍ମ କରିପାରେ ସେ ହିଁ 'ବ୍ରହ୍ମ'। ତାହାର ଆଦି-ଅନ୍ତ କିଛି ନାହିଁ। ଆଦି ଶଙ୍କରାଚାର୍ଯ୍ୟଙ୍କ ମତରେ 'ବ୍ରହ୍ମ' ହେଉଛି- ନିର୍ଗୁଣ। ସ୍ୱାଭାବିକ ଭାବେ ବ୍ରହ୍ମ ନିର୍ଗୁଣ। କିନ୍ତୁ ଯେତେବେଳେ ବ୍ରହ୍ମ ମାୟାଯୁକ୍ତ ହୁଏ ବା ମାୟାହେତୁ ବିଭିନ୍ନ ସ୍ଥୂଳ ରୂପ ବା ଅବତାର ଗ୍ରହଣ କରେ ସେତେବେଳେ ବ୍ରହ୍ମ ସଗୁଣ ଅବସ୍ଥା ପ୍ରାପ୍ତ ହୁଏ। ବେଦରେ ମଧ୍ୟ କୁହାଯାଇଛି -'ସହସ୍ରଶୀର୍ଷା ପୁନଃ ଅପାଣିପାଦ'। ଅର୍ଥାତ୍ 'ବ୍ରହ୍ମ' ସହସ୍ରମସ୍ତକ ବିଶିଷ୍ଟ ହେଲେ ମଧ୍ୟ ହସ୍ତପାଦ ବିହୀନ ଅଟେ।

ବେଦରେ ବର୍ଣ୍ଣିତ 'ପୁରୁଷ' ହିଁ ପରବର୍ତ୍ତୀ ପର୍ଯ୍ୟାୟରେ ଅର୍ଥାତ୍ ଉପନିଷଦର ଆବିର୍ଭାବ କାଳରେ 'ବ୍ରହ୍ମ' ନାମରେ ଅଭିହିତ। ପୁରୁଷସୂକ୍ତର ବର୍ଣ୍ଣନାନୁଯାୟୀ ସେହି 'ପୁରୁଷ'ଙ୍କଠାରୁ ହିଁ ସବୁ ପ୍ରାଣୀଙ୍କର ସୃଷ୍ଟି। ସେ ହିଁ ସର୍ବଶକ୍ତିମାନ ଓ ସର୍ବଦ୍ରଷ୍ଟା। ଭଗବତ୍ ଗୀତାରେ 'କ୍ଷର' ଓ 'ଅକ୍ଷର' ଦୁଇ ପ୍ରକାର 'ପୁରୁଷ'ର ବର୍ଣ୍ଣନା ରହିଛି। ଯାହାର କ୍ଷୟ ନାହିଁ, ଯିଏ ଅବିନାଶୀ ସେ ହିଁ 'ଅକ୍ଷର-ପୁରୁଷ'। କିନ୍ତୁ 'କ୍ଷର-ପୁରୁଷ' ବିନାଶଶୀଳ। ଗୀତାର ତ୍ରୟୋଦଶ ଅଧ୍ୟାୟରେ 'କ୍ଷର-ପୁରୁଷ' ବା 'ଶରୀର'କୁ 'କ୍ଷେତ୍ର' ବୋଲି କୁହାଯାଇଛି ଏବଂ କ୍ଷେତ୍ରଜ୍ଞ ବା ଜୀବାତ୍ମାକୁ 'ଅକ୍ଷର-ପୁରୁଷ' ବୋଲି ଅଭିହିତ କରାଯାଇଛି। ଛାନ୍ଦୋଗ୍ୟ ଉପନିଷଦ ଅନୁସାରେ 'ବ୍ରହ୍ମ' ହେଉଛି ଆତ୍ମା, ପୁରୁଷ ସର୍ବଶକ୍ତିମାନ ଏବଂ ତାଙ୍କ ନେତ୍ରରେ ଆତ୍ମା ଦୃଶ୍ୟମାନ ହୁଏ।

ବ୍ରହ୍ମ ଆଦୌ ଜଗତ ରୂପରେ ପରିବର୍ତ୍ତିତ ହୁଏ ନାହିଁ। ମାୟାର ପ୍ରଭାବରେ ହିଁ ସମସ୍ତଙ୍କୁ 'ବ୍ରହ୍ମ'ରେ ଜଗତର ଭ୍ରାନ୍ତ ପ୍ରତୀତି ହୁଏ। ଦ୍ୱୈତ ବେଦାନ୍ତରେ 'ବ୍ରହ୍ମ'କୁ ସର୍ବଜ୍ଞ, ସର୍ବକର୍ତ୍ତା, ସର୍ବଭୋକ୍ତା ଭାବରେ ବର୍ଣ୍ଣନା କରାଯାଇଛି। 'ବ୍ରହ୍ମ'ଠାରୁ ସମଗ୍ର ଜୀବ ଓ ଜଗତ ସୃଷ୍ଟି। ବ୍ରହ୍ମ ନିରାକାର ହେଲେ ମଧ୍ୟ ମାୟାରେ ସାକାର ହୁଏ। ଦ୍ୱୈତ ବେଦାନ୍ତର ସିଦ୍ଧାନ୍ତ ଅନୁଯାୟୀ ସାକାର ମଧ୍ୟରେ ହିଁ ନିରାକାର ବ୍ରହ୍ମ ବିରାଜମାନ କରିଥାଏ। ଅତଏବ ବ୍ରହ୍ମ ଏକ ଓ ଅଭିନ୍ନ ହେଲେ ମଧ୍ୟ ମାୟାହେତୁ ଆମକୁ ଦୁଇପ୍ରକାର ସତ୍ତା ଦୃଷ୍ଟିଗୋଚର ହୁଏ। ଆଦି ଶଙ୍କରାଚାର୍ଯ୍ୟଙ୍କ ମତରେ 'ବ୍ରହ୍ମ ସତ୍ୟଂ ଜଗତ୍ ମିଥ୍ୟା ଜୀବୋ ବ୍ରହ୍ମୈବ ନାପରଃ' -ଅର୍ଥାତ୍ ବ୍ରହ୍ମ ସତ୍ୟ ଓ ଜଗତ ମିଥ୍ୟା, ଜୀବାତ୍ମା ଓ ପରମାତ୍ମା ଏକ ଓ ଅଭିନ୍ନ। କେତେକ ବେଦାନ୍ତ ଭାଷ୍ୟକାରଙ୍କ ମତରେ ପରଂବ୍ରହ୍ମ ହିଁ ହେଉଛନ୍ତି ପୁରୁଷୋତ୍ତମ ନାରାୟଣ ଏବଂ ସେମାନଙ୍କ ମତରେ ବ୍ରହ୍ମ ଓ ଈଶ୍ୱର ଏକ ଓ ଅଭିନ୍ନ। ଭଗବତ୍ ଗୀତାରେ 'ପୁରୁଷୋତ୍ତମ' ଶବ୍ଦର ବ୍ୟାପକ ପ୍ରଚଳନ ରହିଛି। ଅର୍ଜ୍ଜୁନ ଭଗବାନ ଶ୍ରୀକୃଷ୍ଣଙ୍କୁ 'ପୁରୁଷୋତ୍ତମ' ଅର୍ଥାତ୍ 'ଉତ୍ତମ ପୁରୁଷ' ବୋଲି ସମ୍ବୋଧନ କରିଛନ୍ତି। ଉତ୍ତମ ପୁରୁଷର ସଂଜ୍ଞା ଦେବାକୁ ଯାଇ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି- 'ଯିଏ କ୍ଷର ଓ ଅକ୍ଷର ଦୁଇପ୍ରକାର ପୁରୁଷଙ୍କଠାରୁ ଭିନ୍ନ ସେ ହିଁ 'ପୁରୁଷୋତ୍ତମ'। ଗୀତାର ପଞ୍ଚଦଶ ଅଧ୍ୟାୟରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି - 'ଯୋ ମାମେବମସଂମୂଢ଼ୋ ଜାନାତି ପୁରୁଷୋତ୍ତମମ୍, ସଃ ସର୍ବବିଦ୍ ଭଜତି ମାଂ ସର୍ବଭାବେନ ଭାରତ' - ଅର୍ଥାତ୍ ଯେଉଁ ଜ୍ଞାନୀ ତାଙ୍କୁ ପୁରୁଷୋତ୍ତମ ବୋଲି ଜାଣନ୍ତି ସେ ହିଁ ସର୍ବଜ୍ଞ ଅଟନ୍ତି।

ପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଦାରୁ ଓ ବ୍ରହ୍ମ ଉଭୟର ଏକ ଅପୂର୍ବ ସମନ୍ୱୟ। ଅର୍ଥାତ୍ ସ୍ଥୂଳ ଓ ସୂକ୍ଷ୍ମ ବା ଅକ୍ଷର ଓ କ୍ଷର ପୁରୁଷଠାରୁ ଊର୍ଦ୍ଧ୍ୱରେ ଏକ ଉତ୍ତମପୁରୁଷ ବା 'ପୁରୁଷୋତ୍ତମ'। ଶ୍ରୀଜଗନ୍ନାଥଙ୍କର ଦାରୁବିଗ୍ରହ ବ୍ରହ୍ମର ସ୍ୱରୂପ ଭଳି ହସ୍ତପଦ ବିହୀନ ହୋଇଥିବାରୁ ଅନେକ ମନିଷୀ ଏହି ସ୍ଥୂଳବିଗ୍ରହକୁ 'ବ୍ରହ୍ମ' ନାମରେ ଅଭିହିତ କରିଛନ୍ତି।

ବିଜ୍ଞାନୀମାନଙ୍କ ମତରେ ଦାରୁ ଜୀବଜଗତର ପ୍ରତୀକ ଏବଂ ଯେ ପର୍ଯ୍ୟନ୍ତ ପୃଥିବୀପୃଷ୍ଠରେ ଅନ୍ତିମ ଦାରୁ ବିଦ୍ୟମାନ ଥିବ ସେ ପର୍ଯ୍ୟନ୍ତ ଜୀବଜଗତ ବଞ୍ଚିରହିଥିବ। ଏଥିପାଇଁ ଶ୍ରୀଜଗନ୍ନାଥ ଦାରୁମୟ ଶକ୍ତିରେ ପ୍ରତିଷ୍ଠିତ ଚତୁର୍ଦ୍ଧାମୂର୍ତ୍ତି। ଏହି ବିଗ୍ରହ ଦର୍ଶନ କଲେ ବ୍ରହ୍ମ ଦର୍ଶନ ହୁଏ। ଏହା ହିଁ ଜଗତକର୍ତ୍ତାଙ୍କର କଳ୍କୀ କଳେବର।

ଶ୍ରୀଜଗନ୍ନାଥଙ୍କର ଦାରୁବିଗ୍ରହ ମଧ୍ୟରେ ଯେଉଁ 'ବ୍ରହ୍ମ' ସଂସ୍ଥାପିତ, ସେ ହେଉଛନ୍ତି 'ଅକ୍ଷର ପୁରୁଷ'। ସେ ଅବିନାଶୀ ଓ ଅପରିବର୍ତ୍ତନଶୀଳ। ଯେଉଁ ସ୍ଥୂଳ ରୂପ ଆମର ଦୃଷ୍ଟିଗୋଚର ହୁଏ, ତାହା ହେଉଛି 'କ୍ଷର ପୁରୁଷ'। ସୁତରାଂ ପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଉଭୟ କ୍ଷର ଓ ଅକ୍ଷର ପୁରୁଷର ସମନ୍ୱୟରୁ ସମ୍ଭୂତ ଏକ ଅପୂର୍ବ, ସାମଗ୍ରିକ ସତ୍ତା ଯାହା ଯଥାର୍ଥରେ 'ପୁରୁଷୋତ୍ତମ'।

ସେ ମଧ୍ୟ ଗୁଣାତୀତ ଓ ଇନ୍ଦ୍ରିୟାତୀତ। ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କର ବିଗ୍ରହ ହିଁ ପୂର୍ଣ୍ଣ ଚୈତନ୍ୟମୟ ଓ ସଚ୍ଚିଦାନନ୍ଦ। ସ୍ଥୂଳତଃ ସେ ହସ୍ତପାଦ ବିହୀନ ହେଲେ ମଧ୍ୟ ସେ ଯେ ସର୍ବଦ୍ରଷ୍ଟା, ସର୍ବକର୍ତ୍ତା ଓ ସର୍ବହର୍ତ୍ତା ଏଥିରେ ସନ୍ଦେହ ନାହିଁ। ବୈଜ୍ଞାନିକ ଦୃଷ୍ଟିରୁ ଅନୁଶୀଳନ କଲେ ଜଣାଯାଏ ଯେ ନିରାକାର ଶକ୍ତିରୁ ହିଁ ସାକାର ବସ୍ତୁର ସୃଷ୍ଟି ହୋଇଥାଏ। ଶ୍ରୀଜଗନ୍ନାଥଙ୍କ ଦାରୁବିଗ୍ରହକୁ ଲକ୍ଷ୍ୟ କଲେ ଏହାର ସତ୍ୟତା ପରିଦୃଷ୍ଟ ହୁଏ।

ବ୍ରହ୍ମ ଅସୀମ ଓ ଅନନ୍ତ ହୋଇଥିବାରୁ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ଅସୀମ ମହାକାଶର ବର୍ଣ୍ଣ ଅର୍ଥାତ୍ କୃଷ୍ଣବର୍ଣ୍ଣ ଧାରଣ କରିଛନ୍ତି। ଶ୍ରୀମନ୍ଦିରର ତିନୋଟି ଦାରୁବିଗ୍ରହରେ ଦେହ ଓ ଦେହୀ, ସୃଷ୍ଟି ଓ ସ୍ରଷ୍ଟା, ଗୁଣ ଓ ଗୁଣୀର ଭାବ ପ୍ରକାଶିତ ହୁଏ। ସ୍ରଷ୍ଟା ଓ ସୃଷ୍ଟି ମଧ୍ୟରେ ଭେଦ, ଅଭେଦ ଓ ଭେଦାଭେଦ ନାମରେ ଯେଉଁ ତିନି ପ୍ରକାର ସମ୍ବନ୍ଧ ରହିଛି। ତାହାକୁ ସାଧାରଣତଃ ପୁରୁଷ, ପ୍ରକୃତି ଓ ପରମ ନାମରେ ଅଭିହିତ କରାଯାଇଥାଏ। ରତ୍ନସିଂହାସନରେ ଆସୀନ ତ୍ରିମୂର୍ତ୍ତି ମଧ୍ୟରେ ଶ୍ରୀବଳଭଦ୍ର ହେଉଛନ୍ତି ପୁରୁଷ, ସୁଭଦ୍ରା ହେଉଛନ୍ତି ପ୍ରକୃତି ଏବଂ ଶ୍ରୀଜଗନ୍ନାଥ ପରମ ବା ପୁରୁଷୋତ୍ତମ। ଅତଏବ ଶ୍ରୀଜଗନ୍ନାଥଙ୍କ ଦାରୁବିଗ୍ରହ ବେଦ ଓ ଶାସ୍ତ୍ରାଦି ଦୃଷ୍ଟିରୁ ପ୍ରକୃତ ବ୍ରହ୍ମତ୍ୱ ପ୍ରତିପାଦିତ କରୁଥିବାରୁ ସେ ହିଁ ଯଥାର୍ଥରେ ଜଗତର ନାଥ ବା ବିଶ୍ୱନିୟନ୍ତା ରୂପେ ଅଧିଷ୍ଠିତ।

କଟକ, ମୋ: ୬୩୭୧୫୫୨୮୬୬

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଏସ୍‌ସିବି ସମ୍ପ୍ରସାରଣ ସମୀକ୍ଷା



କଟକ,୨୧।୭(ସମିସ): ଆଜି କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ପରିଦର୍ଶନ କରି ପ୍ରକଳ୍ପ ଭିତ୍ତିଭୂମି, ଅଗ୍ନି ନିରାପତ୍ତା ବ୍ୟବସ୍ଥା ଏବଂ ଚାଲିଥିବା ସମ୍ପ୍ରସାରଣ କାର୍ଯ୍ୟର ଅଗ୍ରଗତିର ବିସ୍ତୃତ ସମୀକ୍ଷା କରିଛନ୍ତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ। ପ୍ରତ୍ୟେକ ପର୍ଯ୍ୟାୟରେ ଗୁଣାତ୍ମକମାନ ଉପରେ ସ୍ୱତନ୍ତ୍ର ନଜର ରଖିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଶ୍ରୀ ମହାଲିଙ୍ଗ ନୂତନ ନିର୍ମାଣାଧୀନ ହସ୍ପିଟାଲ ବ୍ଲକ, ହଷ୍ଟେଲ ଏବଂ ସହକାରୀ ପ୍ରଫେସରମାନଙ୍କ ବାସଭବନ ବୁଲି ଦେଖିଥିଲେ। ସେହିଭଳି ହସ୍ପିଟାଲର ପ୍ରତ୍ୟେକ ଭବନରେ ଅଗ୍ନି ନିର୍ବାପକ ଉପକରଣ, ଜରୁରିକାଳୀନ ନିର୍ଗମନ ପଥ, ଫାୟାର ଆଲାର୍ମ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ସୁରକ୍ଷା ବ୍ୟବସ୍ଥାର କାର୍ଯ୍ୟକାରିତା ସୁନିଶ୍ଚିତ କରିବା ସହିତ ନିୟମିତ ଅଡିଟ୍ ଓ ମକ୍ ଡ୍ରିଲ୍ ଆୟୋଜନ କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ। ହସ୍ପିଟାଲ ପରିସରର ପରିମଳ ବ୍ୟବସ୍ଥା, ରୋଗୀ ସୁବିଧା, ଜଳ ଓ ବିଦ୍ୟୁତ ଯୋଗାଣ, ଯାତାୟତ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ମଧ୍ୟ ଅନୁଧ୍ୟାନ କରିଥିଲେ। ଏହି ପରିଦର୍ଶନ ଅବସରରେ କଟକ ସଦର ବିଧାୟକ ପ୍ରକାଶଚନ୍ଦ୍ର ସେଠୀ, ଚୌଦ୍ୱାରକଟକ ବିଧାୟକ ସୌଭିକ ବିଶ୍ୱାଳ, ସ୍ୱାସ୍ଥ୍ୟ ବିଭାଗର ସଚିବ ତଥା କମିସନର ଅଶ୍ୱତୀ ଏସ୍, ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର କର୍ତ୍ତୃପକ୍ଷ, କାର୍ଯ୍ୟନିର୍ବାହୀ ସଂସ୍ଥାର ଅଧିକାରୀମାନେ ଉପସ୍ଥିତ ଥିଲେ।

## କେବଳ ନିଖୋଜ ଘଟଣାରେ ହେବିୟସ୍ କର୍ପସ୍ ରିଟ୍ ଆବେଦନ ଗ୍ରହଣଯୋଗ୍ୟ ନୁହେଁ: ହାଇକୋର୍ଟ

କଟକ,୨୧।୭(ସମିସ): କେବଳ ଜଣେ ନିଖୋଜ ହେବା ଏବଂ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି ତାଙ୍କୁ ଅଟକ ରଖିଥିବା ନେଇ ସ୍ପଷ୍ଟ ଅଭିଯୋଗ ନ ଥିଲେ, ହେବିୟସ କର୍ପସ ଭଳି ରିଟ୍ ଆବେଦନ ବ୍ୟବହାର କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାସଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ହେବିୟସ୍ କର୍ପସ୍ ଜାରି କରିବା ପାଇଁ ବ୍ୟକ୍ତି ଜଣକ ବେଆଇନ ଭାବେ ଅଟକ ଥିବା ପ୍ରମାଣିତ ହେବା ଆବଶ୍ୟକ। ମାମଲାରୁ ପ୍ରକାଶ ଯେ କଟକ ଜିଲ୍ଲାର ଜଣେ ବ୍ୟକ୍ତି ତାଙ୍କର ନାବାଳିକା ଝିଅ ଗତ ଏପ୍ରିଲ ୨୫ରୁ ଘରୁ ନିଖୋଜ ଥିବା ନେଇ ଥାନାରେ ଏତଲା ପ୍ରଦାନ ସହ ହେବିୟସ କର୍ପସ ଆବେଦନ ଜରିଆରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀ ଅପହରଣ ସନ୍ଦେହ କରୁଥିଲେ ସୁଦ୍ଧା, ଥାନାରେ ଦିଆଯାଇଥିବା ଅଭିଯୋଗରେ ଝିଅଟି କେବଳ ନିଖୋଜ ଥିବା କଥା ଦର୍ଶାଯାଇଥିଲା। କେବଳ କୌଣସି ବ୍ୟକ୍ତି ନିଖୋଜ ଥିଲେ, ତାଙ୍କୁ କୋର୍ଟରେ ହାଜର କରିବା ପାଇଁ ହେବିୟସ୍ କର୍ପସ୍ ଆବେଦନ ଆଇନଗତ ଭାବେ ଗ୍ରହଣଯୋଗ୍ୟ ନୁହେଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିବା ସହ ଆବେଦନକାରୀଙ୍କ ତରଫରୁ ରୁଜୁ ଏହି ରିଟ୍ ପିଟିସନ୍‌କୁ ଖାରଜ କରିଛନ୍ତି। ଆବେଦନ ଖାରଜ ସତ୍ତ୍ୱେ ନିଖୋଜ ଝିଅକୁ ଖୋଜିବା ପାଇଁ ଆଇନ ଅନୁଯାୟୀ ଆବଶ୍ୟକୀୟ ପଦକ୍ଷେପ ନେବାରେ ପୁଲିସ ପାଇଁ କୌଣସି ବାଧା ସୃଷ୍ଟି ହେବ ନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି।

## ଶାଳ କାଠ ବୋଝେଇ ଭ୍ୟାନ୍ ଜବତ

ବ୍ରହ୍ମପୁର, ୨୧।୭(ସମିସ): ଗଞ୍ଜାମ ଜିଲ୍ଲା ବଡ଼ଗଡ଼ ବନାଞ୍ଚଳ ଅଧିନ ଅମୃତୁଲୁ ବାଳିଆପିଟାରାସ୍ତାର ଖାରୀଗୁଡା ଛକ ରାସ୍ତାରେ ଶାଳ କାଠଗଣ୍ଡି ବୋଝେଇ ମ୍ୟାକ୍ସ ପିକପ ଭ୍ୟାନ ଜବତ କରିଛି ବଡ଼ଗଡ ବନବିଭାଗ। କାଠ ମାଫିଆମାନେ ସନ୍ଧ୍ୟା ସମୟରେ ଶାଗୁଆନ କାଠ ବୋଝେଇ କରି ଚୋରା ଚାଲାଣ କରୁଥିବା ଖବର ବନବିଭାଗ ନିକଟରେ ପହଞ୍ଚି ଥିଲା। ବଡ଼ଗଡ଼ ବନାଞ୍ଚଳ ଅଧିକାରୀ ଏକ ଟିମ କାଠ ଗାଡିକୁ ଦେଖିବା ପରେ ପିଛା କରିଥିଲେ। ଅମୃତୁଲୁ ଠାରୁ ବାଳିଆପିଟା ଛକ ନିକଟରେ କାଠ ବୋଝେଇ ଗାଡିକୁ ଛାଡି ଦୌଡ଼ି ପଳାଇଥିଲେ ଗାଡ଼ି ଚାଳକ। ୬୫ ଘନ ଫୁଟ ସାଳ କାଠ ଗଣ୍ଡି ବୋଝେଇ ମ୍ୟାକ୍ସ ପିକ୍‌ଅପ୍ ଭ୍ୟାନକୁ ଜବତ କରିଛି ବନ ବିଭାଗ। ଗିରଫ ବିହୀନ ମାମଲା ଦ୍ୱାରା ଜବତ କାଠର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହବ।


**AFFIDAVIT**

I, Shaikh Umar, S/o-Shaikh Hamid, Resident of At-Agarda, P.0.-Mohagab, P.S.-Kamarda, Dist-Balasore, Odisha, Pin-756035, declare by this Affidavit No.3778 dtd. 18/07/2026, that now onwards I shall be known as **SHEIKH UMAR**, S/o-**SHEIKH HAMID** for all future purposes.

**AFFIDAVIT**

By virtue of an affidavit sworn before The Executie Magistrate, Bargarh, vide affidavit no. 381 dated 21.07.2026 I, Pintu Bhue, S/o- Mani Bhue, At/Po.-Tungaon, Ps./Dist.- Bargarh, Odisha, PIN- 768029 declare that, I have changed my son's name from **Prem Bhue** to **Divyansh Bhue**, S/o- Pintu Bhue (father) and Sita Bhue (mother). Hence he shall be known as **Divyansh Bhue** for all purposes.

**AFFIDAVIT**

I, MOHAMAD HANIPH, aged about 52 years, S/o-HAJI IDRIS, Res-WARD NO-7, LALSAHB PADA, NEAR POST OFFICE, KHARIAR, DIST - NUADAPADA, PIN-766107, ODISHA, declared by this Affidavit No.841/2026 Dated.16.07.2026, That now onwards I shall Be Known as **MOHAMMED HANIF** for all future Purposes .

**AFFIDAVIT**

I, Bugata Rohit Kumar @ B. Rohit, aged about 25 years, Son Of Sri Bhagata Saikrishna @ B Sai krishana, permanent resident of Patel Marg, Near Axis Bank, Backside of Jain Mandir, Nabarangpur, in the District of Nabarangpur, declare by this affidavit No-788 dated-21/07/2026, that myself B Rohit, son of B Sai Krishna and Bugata Rohit Kumar, son of Bhagata Saikrishna is one and same person for all purposes.

**AFFIDAVIT**

I, SOPHIA BANU, aged about 47 years, W/o-ABDUL SAMAD, Res-WARD NO-7, LALSAHB PADA, NEAR POST OFFICE, KHARIAR, DIST- NUADAPADA, PIN-766107, ODISHA, declared by this Affidavit No.840/2026 Dated.16.07.2026, That now onwards I shall Be Known as **SOFIA BANU** for all future Purposes .

**LOST**

I, **Jaspreet Singh** do hereby declare that, the Original Money Receipt No. SDA 0949022, dated- 30.11.2018, issued by WESCO Utility towards a Security Deposit of ₹ 5,45,624/- in the name of Indera Garments Private Limited, Rourkela, has been lost / misplaced.
If the original receipt is found in future, Indera Garments Private Limited shall have no claim for refund of the said security deposit on the basis of the original receipt.
Sd/- Jaspreet Singh,
Managing Director,
Indera Garments Pvt. Ltd.,
Rourkela

**AFFIDAVIT**

I, Labanga Lata Meher, aged about 45 years, W/o- Arjun Meher, resident of Sudpada, Balangir, Po- Balangir, Ps- Bolangir Town, Dist-Balangir, Odisha, PIN-767001, do hereby declare by this affidavit No-1462, dtd-21/07/2026, that now onwards I shall be known as **LATA MEHER** for all future purposes.

**AFFIDAVIT**

I, Arjuna Meher, aged about 50 years, S/o-Sukru Meher, resident of Sudpada, Balangir, Po-Balangir, Ps- Bolangir Town, Dist- Balangir, Odisha, PIN- 767001, do hereby declare by this affidavit No-1461, dtd-21/07/2026, that now onwards I shall be known as **ARJUN MEHER** for all future purposes.



**ପିଏମ ଶ୍ରୀ ସ୍କୁଲ ଜବାହର ନବୋଦୟ ବିଦ୍ୟାଳୟ,**
**ତରଭା, ଜିଲ୍ଲା- ସୋନପୁର (ଓଡିଶା)ର**
**୨୦୨୭-୨୮ ଶିକ୍ଷାବର୍ଷ ପାଇଁ ଷଷ୍ଠ ଶ୍ରେଣୀରେ ନାମାଙ୍କନ ନିମିତ୍ତ ପ୍ରବେଶିକା ପରୀକ୍ଷା**

ସୋନପୁର ଜିଲ୍ଲାସ୍ଥିତ ତରଭା ପିଏମ ଶ୍ରୀ ସ୍କୁଲ ଜବାହର ନବୋଦୟ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ନାମାଙ୍କନ ନିମିତ୍ତ ଆସନ୍ତା ୨୮ ନଭେମ୍ବର ୨୦୨୬ ତାରିଖ ଶନିବାର ଦିନ ପ୍ରାତଃ ୧୧ ଘଟିକା ୩୦ ମିନିଟ୍ ସମୟରେ ପ୍ରତି ବ୍ଲକ୍‌ର ଏକ ପ୍ରମୁଖ ହାଇସ୍କୁଲରେ ପରୀକ୍ଷା କରାଯିବ। ସୋନପୁର ଜିଲ୍ଲାର ସରକାରୀ/ ସରକାରୀ ସ୍ୱୀକୃତୀ ପ୍ରାପ୍ତ ବିଦ୍ୟାଳୟରେ ୨୦୨୬-୨୭ ଶିକ୍ଷା ବର୍ଷରେ ପଞ୍ଚମ ଶ୍ରେଣୀରେ ପଢୁଥିବା ଓ ସୋନପୁର ଜିଲ୍ଲାର ବାସିନ୍ଦା ହୋଇଥିବା ପ୍ରାର୍ଥୀମାନେ ତାଙ୍କର ପିତାମାତା କିମ୍ବା ଅଭିଭାବକଙ୍କ ସହ ନବୋଦୟ ବିଦ୍ୟାଳୟ ସମିତିର ୱେବସାଇଟ : https://navodaya.gov.in କିମ୍ବା ଏହି ବିଦ୍ୟାଳୟର ୱେବସାଇଟ୍ https://www.navodaya.gov.in/nvs/nvs school/Sonepur/en/home/ କିମ୍ବା କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦର ୱେବସାଇଟ : https://cbseitms.rcil.gov.in/nvs/ ରେ ଦିଆ ଯାଇଥିବା ଲିଙ୍କ (link) ମାଧ୍ୟମରେ ନିଃଶୁଳ୍କରେ ଅନଲାଇନ (Online) ସମ୍ପୂର୍ଣ୍ଣ ବିବରଣୀ ପାଇପାରିବେ ଓ ଆବେଦନ କରିପାରିବେ। ଆବେଦନ କରିବାର ଶେଷ ତାରିଖ ହେଉଛି ୩୧ ଜୁଲାଇ ୨୦୨୬ ଆବେଦନ କରୁଥିବା ପ୍ରାର୍ଥୀ ୦୧.୦୫.୨୦୧୫ ପୂର୍ବରୁ କିମ୍ବା ୩୧.୦୭.୨୦୧୭ ପରେ ଜନ୍ମ ଗ୍ରହଣ କରି ନଥିବେ। ବିଶେଷ ବିବରଣୀ ଜାଣିବା ନିମନ୍ତେ ବିବରଣୀ ତଥା ବିଜ୍ଞପ୍ତି ପୁସ୍ତିକା ଦେଖିପାରିବେ।

**ଅଧକ୍ଷ, ପିଏମ ଶ୍ରୀ ସ୍କୁଲ ଜ.ନ.ବି. ତରଭା,**
**ଜିଲ୍ଲା-ସୋନପୁର (ଓଡିଶା)**



**STEEL AUTHORITY OF INDIA LIMITED**
Rourkela Steel Plant
Rourkela - 769 011,Odisha, India
Great Place To Work. Certified

Engagement of Apprentices

Total Vacancy-1110
Qualification-ITI, Diploma, BE/B. Tech & Graduate
Last Date of Apply-26.08.2026
For Trade Apprentices: NAPS (apprenticeshipindia.org)
For Graduate/Technician Apprentices : NATS (nats.education.gov.in)
Candidates shall visit the Careers page (https://sailcareers.com) of SAIL for detailed advertisement of Engagement of Apprentice.
The walk-in interview date is mentioned against each trade and branch in the advertisement. Kindly refer to it.

Registered Office : Ispat Bhawan, Lodi Road, New Delhi 110 003
Corporate Identity Number : L27109DL1973GOI006454, Website : www.sail.co.in
There's a little bit of SAIL in everybody's life


1001/112/2627

**GOVERNMENT OF ODISHA**
**DEPARTMENT OF AGRICULTURE AND FARMERS' EMPOWERMENT**
**OFFICE OF THE EXECUTIVE ENGINEER (AGRIL), GANJAM DIVISION, BERHAMPUR**
Notice No. 991//EE. (Agril.) Dt. 21.07.26

**INVITATION FOR BIDS (IFB)**
e-procurement notice
Bid identification number / Tender call notice no – EE (A), Ganjam-01 of 2026-27

The Executive Engineer (Agril.), Ganjam Division, Berhampur who has been authorized as the procuring officer for Ganjam Division is directed to invite percentage rate bid on behalf of the Governor of Odisha for the Civil construction works under AE-Ganjam Division. The tender cost of the project is approximately **Rs.1.00 Lakhs – Rs.15.00 Lakhs (Excluding GST & LC).** Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documents can be downloaded from **https://tendersodisha.gov.in** from **23.07.26 at 11.00 hours to 04.08.26 at 17.00 hours.** The bid will be opened on 06.08.26 at 11:00 hours onwards in the O/o. Executive Engineer (Agril.), Ganjam Division, Berhampur, inside RITE Campus, Rangeilunda. All other details regarding terms and conditions, corrigendum from time to time if any, DTCN etc. can be seen and downloaded from **https://tendersodisha.gov.in.**

OIPR:1001/1056/1/26-27/0001

Executive Engineer (Agril)
Ganjam Division, Berhampur

**GOVERNMENT OF ODISHA** 25001/762/2627
**OFFICE OF THE EXECUTIVE ENGINEER**
**RURAL WORKS DIVISION, JEYPORE**
**e-Procurement for Road works**
**Bid Identification No: EERWJYP – Online -05/2026-27**

Letter No. 3491 Date: 17.07.2026

01. Name of the work :: Road works
02. Total Number of works :: 03 (Three) Nos.
03. Approximate Estimated cost :: Rs. 57.58 lakhs to Rs. 75.13 lakhs (approximately)
04. Class of Contractor : "B" Class
05. Period of Completion :: within 6 months
06. Other Details

| Procurement Officer | Bid Identification No. | Sl.No. of work in notice | Availability of Tender online for bidding | | Last Date & Time of seeking tender clarification | Date & Time of Opening of Tender in O/o E.E., R.W. Division, Jeypore. | |
|---|---|---|---|---|---|---|---|
| | | | From | To | | Technical Bid | Financial Bid (Sl.No. 1 to 4) |
| 1 | 2 | 3 | 4 | 5 | 6 | 7 | 8 |
| Executive Engineer, Rural Works Division, Jeypore | Online Tender/05/ RWD-JYP/2026-27 | 03 Nos. | 24.07.2026 at 10.00 A.M. | 03.08.2026 up to 5.00 P.M. | 01.08.2026 up to 2.00 P.M. | 04.08.2026 at 10.00 A.M. | To be intimated separately |

Further details can be seen from the website www.tendersodisha.gov.in/nicgep/app
All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.
*N.B. Any Addendum or Corrigendum will be available in the Website only.

OIPR-25001/25160/1/26-27/0005

Executive Engineer,
Rural Works Division: Jeypore.

**GOVT OF ODISHA** 25001/757/2627
**OFFICE OF THE SUPERINTENDING ENGINEER, RURAL WORKS DIVISION, NAYAGADA**
At/Po-Nabaghanpur, Dist-Nayagada, Ph-06753-252049
E-mail: nayagarhrw2006@yahoo.in
**No:- Tender – Online – Nayagada Divn.-06/2026-27,** **Date:** 15.07.2026

**e-Procurement Notice**

1. **Name of the work** : Building works.
2. **Total No. of Projects** : 13 (Thirteen) Nos of projects
3. **Class of contractor**
   a) Estimated cost above Rs. 20.00 Lakhs & up to Rs. 3.00 Crore : **B Class (of Odisha PWD)** or relevant class of other licensing authorities.
   b) Estimated cost up to Rs. 40.00 Lakhs : : **C Class (of Odisha PWD)** or relevant class of other licensing authorities.
   c) Estimated cost up to Rs. 20.00 Lakhs : : **D Class (of Odisha PWD)** or relevant class of other licensing authorities.
4. **Estimated cost put to tender:** Rs. **50.84 Lakhs & Rs. 51.06 lakhs**
5. **Time for completion: 06 (Six) calendar month.**
6. **Other details**

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Nayagada | No:-Tender – Online – Divn. NAYAGADA – 06/2026-27 | 28.07.2026 at 10.00 A.M. | 12.08.2026 upto 5.30 P.M. | 13.08.2026 at 11.00 A.M. | Will be intimated later |

Further details can be seen from the website www.tendersorissa.gov.in

OIPR-25001/25106/1/26-27/0008

Superintending Engineer
Rural Works Division, Nayagada

**GOVERNMENT OF ODISHA** 34001/514/2627
**OFFICE OF THE SUPERINTENDING ENGINEER**
**PHULBANI (R&B) DIVISION, PHULBANI**
**AT/PO./PS- PHULBANI, PIN-762001**
**E-MAIL: - eeplbrb@gmail.com,** Tel-06842-2532102
**INVITATION FOR BID (IFB)/ NOTICE INVITING TENDER (NIT)**
**e-Procurement Tender Call Notice**
**Bid Identification No.: - SE-R&B-PLB-04/2026-27, DATE: - 20.07.2026**

**Letter No. 4329** **Date. 20.07.2026**

The **Superintending Engineer, Phulbani (R&B) Division, Phulbani** on behalf of Governor of Odisha invites percentage rate bid in **Single Cover** system in **ONLINE MODE** for the construction of works detailed in the table below from **"MV", "HT", "D" and "C" Class Contractors** registered with the State Governments and contractors of equivalent Grade/ Class registered with Central Government/ MES/ Railways for execution of Civil and Electrical works. The scanned of proof of registration from the appropriate authority shall be enclosed along with the bid.

| | | | |
|---|---|---|---|
| 1. | Name/Type of Work | : | "Building Works" |
| 2. | No. of Tender | : | 13 (Thirteen) Numbers |
| 3. | Estimated Cost put to Tender. (T.S Amount) | : | Rs.1.43 Lakhs to Rs. 25.05 Lakhs |
| 4. | E.M.D. | : | Rs.1,500/- to Rs. 25,100/- |
| 5. | Period of completion | : | 01 (One) & 12 (Twelve) Calendar Months. |
| 6. | Class of Contractor or Eligibility of the bidders | : | **"MV", "HT", "D" and "C" Class Contractors** (Orissa P.W.D. or equivalent class of other licensing authority) |
| 7. | Tender Cost or Cost of participation in on line Bid | : | Rs. 600/- to Rs. 6000/- (Non-refundable) for Bid Documents. |
| 8. | Availability of Bid document for on line bidding | : | From 24.07.2026 at 10:00 AM to 07.08.2026 up to 05:00 PM |
| 9. | Clarification regarding bidding online | : | From 24.07.2026 at 10:00 AM to 06.08.2026 up to 05:00 PM |
| 10. | Date, Time and Place of opening of the Technical & Financial Bid document | : | On 10.08.2026 at 11:30 AM in the Office of the Superintending Engineer, Phulbani (R&B) Division, at Phulbani, Dist: Kandhamal |

The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future Addendums, corrigendums or cancellations will be available on ONLINE MODE only.

OIPR-34001/34066/1/26-27/0005

**Superintending Engineer**
**Phulbani (R&B) Division, Phulbani**

8001/225/2627

**ବନଖଣ୍ଡ ଅଧିକାରୀ ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ କାର୍ଯ୍ୟାଳୟ,**
**ମାଲକାନଗିରି ବନଖଣ୍ଡ, ମାଲକାନଗିରି**
**OFFICE OF THE DIVISIONAL FOREST OFFICER-CUM-WILDLIFE WARDEN**
**MALKANGIRI FOREST DIVISION, MALKANGIRI**
Contact No. 7077658999, E-Mail: dfo.malkangiri@odisha.gov.in
No. 127 /1F/Acct/2026 Dated, Malkangiri the 18th July, 2026

**POSTPONED NOTICE FOR OPENING OF TENDER**

The opening of the tender for "Procurement of Different Planting Materials for Planting Season - 2026-27", invited vide Bid Identification No. 01 DFO, MKG 01/2026-27, which was scheduled to be held on dated 18.07.2026, is hereby postponed due to unavoidable Circumstances. The tender shall now be opened on dated 22.07.2026 at the designated venue and time. All other terms and conditions of the tender shall remain unchanged.

OIPR:8001/8109/1/26-27/0003

Divisional Forest Officer,
Malkangiri Forest Division

32001/568/2627
GOVERNMENT OF ODISHA
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER,**
**LOWER INDRA CANAL DIVISION, KHARIAR**
Dist:- Nuapada, Odisha, PIN:-766107
**e-Procurement Notice No. SELICD-02/2026-27, Dt.17.07.2026 (online)**
**E-mail ID:** eelicd.kha@gmail.com

**No. 1833** **Date: 20.7.26**

| | | |
|---|---|---|
| 1 | Type/Nature of work | Internal Electrification & Installation of Transformer. |
| 2 | Total No. of works | 02 (Two) Nos. |
| 3 | e-Procurement Notice No. | SELICD-02/2026-27, Dt.20.07.2026 (online) |
| 4 | Approx. value of works | Varies from Rs. 9.63 Lakh to Rs. 24.00 Lakh (Excluding GST). |
| 5 | Period of completion | 01 (One) and 02 (Two) Calendar months |
| 6 | Classification of bidders | "HT" & "LT" Electrical Contractor having "C" Class Civil License registered in CDMS. |
| 7 | Availability of Tender Online | From Date **24.07.2026 at 10.00 A.M.** to Date **04.08.2026 up to 5.00 P.M.** |
| 8 | Date and Time of Opening | **05.08.2026 at 10.30 A.M.** |
| 9 | Bid Security/EMD | Mentioned in DTCN |
| 10 | Cost of Tender Paper | Rs. 4000/- & Rs. 6000/- |
| 11 | Procurement Officer | Superintending Engineer, Lower Indra Canal Division, Khariar, Dist:- Nuapada, Odisha. |

Further details can be seen from the e-procurement portal https://www.tendersodisha.gov.in. Any addendum/Corrigendum/Cancellation to the above notice will be published in the Govt. website https://www.tendersodisha.gov.in.

**(Er. Soumya Kishore Jaipuria)**
**Superintending Engineer**
**Lower Indra Canal Division, Khariar**

OIPR-32001/32335/1/26-27/0001

24001/309/2627

**ଓଡିଶା ସରକାର**
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**
**ଘୋଷଣା**

No **RDM-LAA-MBJ-0032-2022**-9863 R&DM, Dated:07.03.2026

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଛତା ଆଇନ, ୨୦୧୩ (RFCTLAR & R Act, 2013 )ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ରେଣୁଗାଁ, ଥାନା- ବେତନଟୀ ନଂ. ୯୮, ତହସିଲ- ବେତନଟୀ, ଜିଲ୍ଲା- ମୟୂରଭଞ୍ଜ ରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ନୂଆଗାଁ ମାଇନର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୭୦୧ ତା. ୦୧.୦୨.୨୦୨୩ ରିଖରେ ପ୍ରକାଶିତ ହୋଇଅଛି ଏବଂ ପ୍ରଚଳିତ ପରିସ୍ଥିତି କୁ ବିଚାରକୁ ନେଇ ରାଜ୍ୟ ସରକାର ଧାରା ୧୯ ର ଉପଧାରା ୭ ଅଧୀନରେ ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା ୫୪୦୮ ତା. ୦୫/୦୨/୨୦୨୬ ରିଖ ଅନୁସାରେ ଅଧିସୂଚନାର ବୈଧତା ତା. ୧୫/୦୬/୨୦୨୬ ରିଖ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରିଅଛନ୍ତି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ରେଣୁଗାଁ, ଥାନା- ବେତନଟୀ ନଂ. ୯୮, ତହସିଲ- ବେତନଟୀ, ଜିଲ୍ଲା- ମୟୂରଭଞ୍ଜ ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ , ବାରିପଦା ସ୍ଥିତ ମୟୂରଭଞ୍ଜ ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ- କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)
ଜିଲ୍ଲା: ମୟୂରଭଞ୍ଜ ତହସିଲ: - ବେତନଟୀ

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ରେଣୁଗାଁ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୧.୯୭ | ଏକର ୦.୪୬ | ଏଥି ସହିତ ସଂଲଗ୍ନ |

ତଫସିଲ- ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁ ସୂଚୀ)
ଜିଲ୍ଲା:- ମୟୂରଭଞ୍ଜ ତହସିଲ: - ବେତନଟୀ

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବର୍ଦ୍ଧିତ ବୈଧ ତାରିଖ- ୧୫.୦୬.୨୦୨୬ ।

**ଭୂମି ଅନୁସୂଚୀ**
ଭୂଅର୍ଜନ ମାମଲା ସଂଖ୍ୟା- ୯/୨୦୨୨
ଏ.୦.୪୬ଡି.
ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ନୂଆଗାଁ ମାଇନର ନିମନ୍ତେ
ମୌଜା-ରେଣୁଗାଁ, ଥାନା- ବେତନଟୀ ନଂ-୯୮, ତହସିଲ- ବେତନଟୀ, ଜିଲ୍ଲା-ମୟୂରଭଞ୍ଜ

| ଖାତା ନଂ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 21 | 59 | 0.16 | 0.04 | ଶାରଦ ଅଣ ଜଳସେଚିତ ତିନି | ଦୈତାରୀ ମହାନ୍ତ, କୁନି ମହାନ୍ତ, ପୁଷ୍ପା ମହାନ୍ତ ପି: ନରେନ୍ଦ୍ର ମହାନ୍ତ, ଠୁମି ମହାନ୍ତ ସ୍ୱା: ନରେନ୍ଦ୍ର ମହାନ୍ତ ଜା: କୁଡୁମି ବା: ନିଜଗାଁ |
| 28 | 56 | 0.08 | 0.07 | ଶାରଦ ଅଣ ଜଳସେଚିତ ତିନି | ପ୍ରଫୁଲ୍ଲ ମହାନ୍ତ ପି:ଲକ୍ଷ୍ମୀରାମ ମହାନ୍ତ ଜା: କୁଡୁମି ବା: ନିଜଗାଁ |
| 29 | 57 | 0.17 | 0.15 | ଶାରଦ ଅଣ ଜଳସେଚିତ ତିନି | ପାର୍ବତୀ ମହାନ୍ତ ପି:ପଞ୍ଚାନନ ମହାନ୍ତ ଜା: କୁଡୁମି ବା: ନିଜଗାଁ |
| 36 | 51 | 0.34 | 0.01 | ଶାରଦ ଅଣ ଜଳସେଚିତ ତିନି | ବିଦ୍ୟାଧର ମହାନ୍ତ ପି:ଲକ୍ଷ୍ମିରାମ ମହାନ୍ତ ଜା: କୁଡୁମି ବା: ନିଜଗାଁ |
| 45 | 55 | 0.18 | 0.12 | ଶାରଦ ଅଣ ଜଳସେଚିତ ତିନି | ରାନିଆ ମହାନ୍ତ, ଅଞ୍ଜଳୀ ମହାନ୍ତ ପି: ପ୍ରହଲ୍ଲାଦ ମହାନ୍ତ, ଝଲ ମହାନ୍ତ ସ୍ୱା: ପ୍ରହଲ୍ଲାଦ ମହାନ୍ତ ଜା: କୁଡୁମି ବା: ପଣ୍ଡୁଗଡିଆ |
| | 58 | 0.16 | 0.06 | ଶାରଦ ଅଣ ଜଳସେଚିତ ତିନି | |
| 47 | 54 | 0.88 | 0.01 | ଶାରଦ ଅଣ ଜଳସେଚିତ ତିନି | ରାମେଶ୍ୱର ମହାନ୍ତ ପି:ହରମୋହନ ମହାନ୍ତ ଜା: କୁଡୁମି ବା: ନିଜଗାଁ |
| ମୋଟ | ୭ ପ୍ଲଟକୁ | ଏ.୧.୯୭ ଡେ.ମି. | ଏ.୦.୪୬ ଡେ.ମି. | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
(ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

OIPR-24001/24001/3/26-27/0084

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ନ୍ୟାୟ ଦାବିକୁ...

ସ୍ଥିତ ପ୍ରଧାନମନ୍ତ୍ରୀଙ୍କ ବାସଭବନ ଆଗରେ ଧାରଣା ଦେଇଥିଲେ । ଏଥିରେ ମଲ୍ଲିକାର୍ଜୁନ ଖଡ଼ଗେ, ପ୍ରିୟଙ୍କା ଗାନ୍ଧୀ, ବେଣୁଗୋପାଳ, କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଶିବ କୁମାର ଏବଂ କେରଳ ମୁଖ୍ୟମନ୍ତ୍ରୀ ସତୀଶନଙ୍କ ସମେତ ଦଳୀୟ ସାଂସଦ ଓ ବିଧାୟକ ସାମିଲ ହୋଇଥିଲେ । ରାହୁଲଙ୍କ ସହ ଆଲୋଚନା ପାଇଁ ସରକାର କେନ୍ଦ୍ର ମନ୍ତ୍ରୀ ଜିତେନ୍ଦ୍ର ସିଂହଙ୍କୁ ପଠାଇଥିଲେ । ଶ୍ରୀ ସିଂହ ରାହୁଲଙ୍କୁ ଭେଟିବା ସହିତ ଧାରଣା ପ୍ରତ୍ୟାହାର କରିବାକୁ ଅନୁରୋଧ କରିଥିଲେ । ରାହୁଲ ତାଙ୍କ ସମ୍ମୁଖରେ ଦାବି ରଖିଥିଲେ ଯେ ସଂସଦରେ ନିଟ୍ ପରୀକ୍ଷା ବିଭ୍ରାଟ ଉପରେ ଆଲୋଚନା ହେଉ, ଛାତ୍ରଛାତ୍ରୀଙ୍କ ଉପରେ ପୁଲିସ ବର୍ବରତା ପାଇଁ ପ୍ରଧାନମନ୍ତ୍ରୀ ଓ ଗୃହ ମନ୍ତ୍ରୀ କ୍ଷମା ମାଗନ୍ତୁ, ନଚେତ ଇସ୍ତଫା ପ୍ରଦାନ କରନ୍ତୁ । କେନ୍ଦ୍ର ମନ୍ତ୍ରୀଙ୍କ ସହିତ ଗୃହ ସଚିବ ଗୋବିନ୍ଦ ମୋହନ ମଧ୍ୟ ଆସିଥିଲେ । ଆଲୋଚନା ପାଇଁ ସରକାର ପ୍ରସ୍ତୁତ ବୋଲି ମନ୍ତ୍ରୀ କହିବାରୁ ରାହୁଲ କହିଥିଲେ ଯେ ପ୍ରଥମେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଇସ୍ତଫା ଦିଅନ୍ତୁ । କଂଗ୍ରେସକୁ ସମର୍ଥନ ଜଣାଇ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ମଧ୍ୟ ଧାରଣାସ୍ଥଳକୁ ଆସିଥିଲେ ।

ଇତିମଧ୍ୟରେ ମିଳିଥିବା ଖବର ଅନୁଯାୟୀ ଦିଲ୍ଲୀ ପୁଲିସ ଧାରଣାସ୍ଥଳରେ ପହଞ୍ଚି ରାହୁଲ, ପ୍ରିୟଙ୍କା ଓ ଅଖିଳେଶ ସମେତ ଧାରଣାରେ ବସିଥିବା ସମସ୍ତ ନେତାଙ୍କୁ ଉଠାଇ ନେଇ ଅଟକ ରଖିଛି । ପ୍ରଧାନମନ୍ତ୍ରୀଙ୍କ ବାସଭବନ ସମ୍ମୁଖ ଧାରଣା ଆନ୍ଦୋଳନ ସୁରକ୍ଷା ଦୃଷ୍ଟିରୁ ନିରାପଦ ନଥିବାରୁ ପୁଲିସ ବୁଝାଇବା ସହିତ ସେମାନଙ୍କୁ ଉଠାଇ ।ନେଇଥିଲା । କିଛି ନେତାଙ୍କୁ ଥାନାରେ ଅଟକ ରଖାଯାଇଛି, ଆଉ କିଛି ନେତାଙ୍କୁ ଅଜ୍ଞାତ ସ୍ଥାନରେ ରଖାଯାଇଛି । ପୁଲିସ ଉଠାଇ ନେଉଥିବା ବେଳେ ରାହୁଲଙ୍କ ନାକରୁ ରକ୍ତ ବୋହିବାର ଦେଖାଯାଇଛି । ପୁଲିସ କାର୍ଯ୍ୟାନୁଷ୍ଠାନ ବେଳେ ରାହୁଲ କହିଲେ ଯେ ମୋଦୀ ସରକାର ଉତ୍ତରଦାୟିତ୍ୱ ନେବାକୁ ପ୍ରସ୍ତୁତ ନୁହନ୍ତି । ନିଟ୍ ପରୀକ୍ଷା ବିଭ୍ରାଟ ଏବଂ ପୁଲିସ ବର୍ବରତା ସଂପର୍କରେ ଉଭୟ ପ୍ରଧାନମନ୍ତ୍ରୀ ଏବଂ ଗୃହ ମନ୍ତ୍ରୀଙ୍କୁ ଜବାବ ଦେବାକୁ ପଡ଼ିବ ।

ଅନ୍ୟପକ୍ଷରେ ପୁଲିସ ଆକ୍ରମଣରେ ଶତାଧିକ ଛାତ୍ରଛାତ୍ରୀ ଆହତ ହୋଇଥିବା ବେଳେ ଜଣେ ଛାତ୍ରୀଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି ଏବଂ ତାଙ୍କୁ ରାମ ମନୋହର ଲୋହିଆ ହସପିଟାଲର ଭେଣ୍ଟିଲେଟରରେ ରଖାଯାଇଛି । ବିଭିନ୍ନ ମେଡିକାଲରେ ଚିକିତ୍ସାଧୀନ ଆହତ ଆନ୍ଦୋଳନକାରୀଙ୍କୁ ଦେଖିବା ଲାଗି କେନ୍ଦ୍ର ମନ୍ତ୍ରୀଙ୍କ ସମେତ ବିଭିନ୍ନ ଦଳ ଓ ସଂଗଠନର ନେତା ଯାଉଛନ୍ତି । କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡା, ରାହୁଲ ଏବଂ ପ୍ରିୟଙ୍କା ଗାନ୍ଧୀ ମଧ୍ୟ ହସପିଟାଲ ଯାଇ ଆହତ ପିଲାମାନଙ୍କୁ ଦେଖିଛନ୍ତି । ପୁଲିସ ମାଡ଼ରେ ଶତାଧିକ ଛାତ୍ରଛାତ୍ରୀ ଆହତ ହୋଇଥିବା ବେଳେ ପୁଲିସ କହୁଛି ଯେ ୯୦ ଛାତ୍ରଛାତ୍ରୀ ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୭୫ ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଥିବା ବେଳେ ଅନ୍ୟ ୧୫ ଜଣ ଚିକିତ୍ସାଧୀନ ଅଛନ୍ତି । ସେପଟେ କକ୍ରୋଚ ପାର୍ଟିର ଆନ୍ଦୋଳନକୁ ସମର୍ଥନ ଜଣାଇ ଜନ୍ତରମନ୍ତରରେ ଆଜି ସମର୍ଥକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ସରକାରଙ୍କ ଉଦାସୀନତା ଏବଂ ପୁଲିସର ବର୍ବରତା ସେମାନଙ୍କ ମନୋବଳକୁ ବୃଦ୍ଧି କରିଛି ବୋଲି ଆନ୍ଦୋଳନକାରୀ ଘୋଷଣା କରିଛନ୍ତି । ପୁଲିସ ବର୍ବରତା ବିରୋଧରେ ଦେଶର ବିଭିନ୍ନ ଭାଗରେ ଧାରଣା ବିକ୍ଷୋଭ ଚାଲିଥିବାର ଖବର ମିଳିଛି । ଏହି ପ୍ରସଙ୍ଗ ନେଇ ସଂସଦ ଆଜି ମଧ୍ୟ ଅଚଳ ରହିଛି । ପୁଲିସ ବର୍ବରତା ବିରୋଧରେ ହଟ୍ଟଗୋଳ ଯୋଗୁଁ ଉଭୟ ଲୋକସଭା ଏବଂ ରାଜ୍ୟସଭାକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରି ଦିଆଯାଇଛି ।

**ପୂର୍ବ ତଟ ରେଳପଥ**

**ଶୁଦ୍ଧିପତ୍ର**

ଚିକିତ୍ସାଳୟ ଏବଂ ପ୍ୟାଥୋଲୋଜିକାଲ ଓ ଡାଇଗ୍ନୋଷ୍ଟିକ ସେଣ୍ଟର ସୂଚୀବଦ୍ଧ କରିବା ନିମନ୍ତେ ଆଗ୍ରହର ଅଭିବ୍ୟକ୍ତି (EOI) ଆମନ୍ତ୍ରଣ

ଏହି ଆବେଦନ ତା.10.08.2026ରିଖ 1500 ଘଟିକା ସୁଦ୍ଧା କିମ୍ବା ତା' ପୂର୍ବରୁ ଜମା ହେବା ଆବଶ୍ୟକ ।

ମୁଖ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ/ ଭୁବନେଶ୍ୱର

PR-291/R/26-27

## ଇସ୍ତଫା ଦିଅନ୍ତୁ...

ଆସନ୍ତାକାଲି ସକାଳେ କିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ଭୁବନେଶ୍ୱର ଫେରିବାକୁ ପଡୁଛି; କିନ୍ତୁ ଆମର ସାଂସଦମାନେ ଏହି ପ୍ରସଙ୍ଗକୁ ଅତ୍ୟନ୍ତ ଗମ୍ଭୀରତାର ସହ ସଂସଦରେ ଉଠାଇବେ । ଏହି ଘଟଣାରେ ଅନେକ ଯୁବକ ଯୁବତୀ ଗୁରୁତର ଭାବେ ଆହତ ହୋଇଛନ୍ତି । ଏପରି ପରିସ୍ଥିତିରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ପଦତ୍ୟାଗ କରିବା ଉଚିତ ବୋଲି ନବୀନ କହିଛନ୍ତି ।

## ଟନେଲ ଦୁର୍ଘଟଣା...

ଘଟଣାସ୍ଥଳର ସ୍ଥିତି ଅନୁଧ୍ୟାନ କରୁଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଉଦ୍ଧାର କାର୍ଯ୍ୟ ପାଇଁ ଆମ୍ବୁଲାନ୍ସ ଏବଂ ଡାକ୍ତରୀ ଦଳକୁ ଘଟଣାସ୍ଥଳରେ ପ୍ରସ୍ତୁତ ରଖାଯାଇଛି ।

## ହସ୍ପିଟାଲରେ ଆହତଙ୍କୁ...

ଉଚିତ କାର୍ଯ୍ୟାନୁଷ୍ଠାନ ହେବା ପର୍ଯ୍ୟନ୍ତ ବିଜେଡି ସାମ୍ବିଧାନିକ ଓ ଗଣତାନ୍ତ୍ରିକ ପଦ୍ଧତିରେ ଏହି ପ୍ରସଙ୍ଗକୁ ଉଠାଇ ଚାଲିବ ବୋଲି ଛାତ୍ରଛାତ୍ରୀମାନଙ୍କୁ ସାଂସଦମାନେ ଆଶ୍ୱାସନା ଦେଇଥିଲେ । ଏହାପୂର୍ବରୁ ଆଜି ପୂର୍ବାହ୍ନରେ ମାନସ ରଞ୍ଜନ ମଙ୍ଗରାଜଙ୍କ ନେତୃତ୍ୱରେ ବିଜେଡିର ସମସ୍ତ ରାଜ୍ୟସଭା ସାଂସଦମାନେ ଦିଲ୍ଲୀର ବିଜୟ ଚୌକଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଛାତ୍ରଛାତ୍ରୀଙ୍କ ଉପରେ ପୋଲିସର ବର୍ବରୋଚିତ ଆକ୍ରମଣକୁ ତୀବ୍ର ନିନ୍ଦା କରିଥିଲେ । ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ସାଂସଦମାନେ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ ପ୍ରତି ଦଳର ନିଃସର୍ତ୍ତ ସମର୍ଥନ ଘୋଷଣା କରିଥିଲେ । ବିଜେଡିର ସମସ୍ତ ସାଂସଦମାନେ ସଂସଦର ସମସ୍ତ କାର୍ଯ୍ୟବିଧି ସ୍ଥଗିତ ରଖି ଏହି ଗୁରୁତର ପ୍ରସଙ୍ଗ ଉପରେ ସଂସଦରେ ସ୍ୱତନ୍ତ୍ର ଆଲୋଚନା ଦାବି କରିଥିଲେ । ଆହତ ଛାତ୍ରଛାତ୍ରୀଙ୍କୁ ନ୍ୟାୟ ଏବଂ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଗୃହ ମଧ୍ୟରେ ତୀବ୍ର ପ୍ରତିବାଦ କରିଥିଲେ । ବିରୋଧୀ ଦଳମାନଙ୍କ ହଟ୍ଟଗୋଳ ଯୋଗୁଁ ପରବର୍ତ୍ତୀ ସମୟରେ ଗୃହକୁ ମୁଲତବୀ କରାଯାଇଥିଲା । ବିଭିନ୍ନ ବିରୋଧୀ ଦଳର ସାଂସଦମାନେ ମଧ୍ୟ ଏହି ପ୍ରତିବାଦରେ ସାମିଲ ହୋଇ ଛାତ୍ରଛାତ୍ରୀଙ୍କ ପ୍ରତି ପୋଲିସର ଅମାନୁଷିକ ଆକ୍ରମଣକୁ ନିନ୍ଦା କରିଥିଲେ । ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିବା ପ୍ରତ୍ୟେକ ନାଗରିକଙ୍କ ମୌଳିକ ଅଧିକାର ଏବଂ ଏହାର ସୁରକ୍ଷା ସୁନିଶ୍ଚିତ କରିବା ସରକାରଙ୍କ ଦାୟିତ୍ୱ । ଶାନ୍ତିପୂର୍ଣ୍ଣ ଆନ୍ଦୋଳନକାରୀଙ୍କ ଉପରେ ବଳପ୍ରୟୋଗ କରିବା, ଗଣତାନ୍ତ୍ରିକ ମୂଲ୍ୟବୋଧକୁ କ୍ଷୁଣ୍ଣ କରୁଛି । ଆହତ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ନ୍ୟାୟ ମିଳିବା ଏବଂ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ପର୍ଯ୍ୟନ୍ତ ଦଳ ସଂସଦ ଭିତରେ ଓ ବାହାରେ ଏହି ଲଢ଼େଇକୁ ଜାରି ରଖିବ ବୋଲି ଦଳ ପକ୍ଷରୁ କୁହାଯାଇଛି ।

## ଏମ୍‌କେସିଜିରେ...

ପାଇଁ କିଛିଦିନ ପୂର୍ବେ ସ୍ଥାନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବା ସିଟି ହସ୍ପିଟାଲରେ ୧୦ଶଯ୍ୟା ବିଶିଷ୍ଟ ସ୍ୱତନ୍ତ୍ର ଆଇସୋଲେସନ ୱାର୍ଡ ପ୍ରସ୍ତୁତ ରଖାଯାଇଛି । ରୋଗୀଙ୍କୁ ତୁରନ୍ତ ଚିହ୍ନଟ ଓ ଚିକିତ୍ସା ସୁବିଧା ଯୋଗାଇବା ପାଇଁ ହସ୍ପିଟାଲରେ ଫିଭର କ୍ଲିନିକ୍ କାର୍ଯ୍ୟକ୍ଷମ କରାଯାଇଛି । ସେଠାରେ ଜ୍ୱର, କାଶ, ଥଣ୍ଡା, ଶ୍ୱାସକଷ୍ଟ ଭଳି ଲକ୍ଷଣ ଥିବା ରୋଗୀଙ୍କୁ ପ୍ରାଥମିକ ଯାଞ୍ଚ କରାଯିବ । ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଆଇସୋଲେସନ ୱାର୍ଡରେ ୨୪ଘଣ୍ଟିଆ ଡାକ୍ତରଙ୍କ ଉପସ୍ଥିତି ସହ ଆବଶ୍ୟକ ଔଷଧ, ସୁରକ୍ଷା ସାମଗ୍ରୀ ଓ ଚିକିତ୍ସା ବ୍ୟବସ୍ଥା କରାଯାଇଛି । ସନ୍ଦିଗ୍ଧ ରୋଗୀଙ୍କ ନମୁନା ସଂଗ୍ରହ ଓ ଆବଶ୍ୟକ ପଡ଼ିଲେ ପରୀକ୍ଷା ପାଇଁ ପଠାଇବା ବ୍ୟବସ୍ଥା ମଧ୍ୟ ରହିଥିବା ମୁଖ୍ୟ ଜିଲ୍ଲା ଚିକିତ୍ସାଧୀକାରୀ ଡ଼ା. ଭବାନୀ ଶଙ୍କର ମିଶ୍ର ସୂଚନା ଦେଇଥିଲେ । ଅନ୍ୟପକ୍ଷରେ ସ୍ୱାସ୍ଥ୍ୟବିଭାଗ ସାଧାରଣ ଲୋକଙ୍କୁ ଅଯଥା ଆତଙ୍କିତ ନହୋଇ ସତର୍କ ରହିବା, ଜ୍ୱର କିମ୍ବା ଶ୍ୱାସଜନିତ ଲକ୍ଷଣ ଦେଖାଦେଲେ ନିକଟସ୍ଥ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ଫିଭର କ୍ଲିନିକ୍‌ରେ ଚିକିତ୍ସା ପରାମର୍ଶ ନେବାକୁ ଅନୁରୋଧ କରିଛି ।

## ୫୮.୩୬ ଲକ୍ଷ...

କରନ୍ତି, ତେବେ ସେମାନଙ୍କ ନାମ ଭୋଟର ତାଲିକାରୁ କଟିଯିବାର ସମ୍ଭାବନା ରହିଛି ।

ସେ କହିଛନ୍ତି ଯେ ରାଜ୍ୟରେ ଏସଆଇଆର ପ୍ରକ୍ରିୟା ସମାପ୍ତ ପରେ ଆସନ୍ତା ସେପ୍ଟେମ୍ବର ୬ ତାରିଖରେ ରାଜ୍ୟରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ । ରାଜ୍ୟରେ ଏଯାବତ୍ ୭ ଲକ୍ଷ ୯୩ ଲକ୍ଷ ୪୯୦ ଜଣଙ୍କୁ ନୋଟିସ୍ ପ୍ରଦାନ କରାଯାଇସାରିଛି । ସେହିପରି ୫୦ ଲକ୍ଷ ୫ ଲକ୍ଷ ୩୯ ୯ ଜଣଙ୍କୁ ନୋଟିସ୍ ପ୍ରଦାନ କରାଯିବ । ଅପହଞ୍ଚ ଅଞ୍ଚଳର ବୟସ୍କ ବ୍ୟକ୍ତି, ଭିନ୍ନକ୍ଷମ, ରୋଗଗ୍ରସ୍ତ ଏବଂ ଶାରୀରିକ ଭାବେ ଅକ୍ଷମ ବ୍ୟକ୍ତିମାନଙ୍କୁ ଶୁଣାଣି ପାଇଁ ବ୍ୟକ୍ତିଗତ ଭାବେ ଶୁଣାଣିରେ ଉପସ୍ଥିତ ହେବାକୁ ପଡ଼ିବ ନାହିଁ । ସେମାନଙ୍କ ସୁବିଧା ପାଇଁ ବିଏଲଓମାନେ ସେମାନଙ୍କ ବାସସ୍ଥାନରୁ ସିଧାସଳଖ ଦସ୍ତାବିଜ ସଂଗ୍ରହ କରୁଛନ୍ତି । ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ ଆସନ୍ତା ୬ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ । ଶୁଣାଣି ସମୟରେ ସେମାନଙ୍କୁ ମୋଟ ୧୩ଟି ଦସ୍ତାବିଜ ମଧ୍ୟରୁ ଗୋଟିଏ ବା ଏକ ବିଏଲଓ ଲେଟର(ପଞ୍ଚନାମା) ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଛି । ଯଦି ଏହି ପଞ୍ଚନାମା ଦେବାରେ ସେମାନେ ବିଫଳ ହେଉଛନ୍ତି, ତାହେଲେ ସେମାନେ ଭୋଟର ତାଲିକାରେ ରହିବେ କି ନାହିଁ, ସେନେଇ ଶେଷ ନିଷ୍ପତ୍ତି ଇଆରଓ ନେବେ । ବର୍ତ୍ତମାନ ଜୁଲାଇ ୫ ତାରିଖରୁ ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ ସମୟସୀମା ଜାରି ରହିଛି । ସେହିପରି ନୋଟିସ ପର୍ଯ୍ୟାୟ ଏବଂ ଦାବି ଓ ଆପତ୍ତିର ସମାଧାନ ପ୍ରକ୍ରିୟା ଜୁଲାଇ ୪ ତାରିଖରୁ ସେପ୍ଟେମ୍ବର ୧ ତାରିଖ ପର୍ଯ୍ୟନ୍ତ ଚାଲିବ ଏବଂ ଆସନ୍ତା ସେପ୍ଟେମ୍ବର ୬ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ।

## ବର୍ଷ ଶେଷ ସୁଦ୍ଧା...

ସରକାର ଋଣ ନେବା ସ୍ୱାଭାବିକ । କିନ୍ତୁ ଯଦି ଋଣର ଗତି ଅର୍ଥନୈତିକ ଅଭିବୃଦ୍ଧିଠାରୁ ଅଧିକ ହୋଇଯାଏ, ତେବେ ଭବିଷ୍ୟତରେ ରାଜକୋଷୀୟ ଚାପ ବଢ଼ିପାରେ । ବିଶେଷକରି ସୁଧ ବାବଦରେ ବଢୁଥିବା ବ୍ୟୟ ସରକାରଙ୍କ ଉନ୍ନୟନମୂଳକ ଖର୍ଚ୍ଚକୁ ପ୍ରଭାବିତ କରିପାରେ । ତେବେ କେନ୍ଦ୍ର ସରକାର ଏହାକୁ ଅସ୍ୱୀକାର କରିଛନ୍ତି । ରାଜକୋଷୀୟ ଶୃଙ୍ଖଳା ବଜାୟ ରଖିବା, ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଏବଂ ଋଣ-ଜିଡିପି ଅନୁପାତକୁ ନିୟନ୍ତ୍ରଣରେ ରଖିବା ପାଇଁ ସରକାର ଦୀର୍ଘମିଆଦି ଆର୍ଥିକ ରଣନୀତି ଅନୁସରଣ କରୁଛନ୍ତି ବୋଲି କହୁଛନ୍ତି । ଏହି ପରିପ୍ରେକ୍ଷୀରେ ଆଗାମୀ ବର୍ଷଗୁଡ଼ିକରେ ଋଣ ପରିଚାଳନା, ରାଜସ୍ୱ ସଂଗ୍ରହ ବୃଦ୍ଧି ଏବଂ ପୁଞ୍ଜି ବ୍ୟୟର ସନ୍ତୁଳନ ରକ୍ଷା ସରକାରଙ୍କ ପାଇଁ ସବୁଠୁ ବଡ଼ ଆର୍ଥିକ ଚ୍ୟାଲେଞ୍ଜ ହୋଇ ରହିବ ବୋଲି ଆକଳନ କରାଯାଉଛି ।

## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଚାକିରିରେ ପରିବର୍ତ୍ତନ ହେବ । ରାଜନୀତିରେ ସଫଳ ହେବେ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ । ପରିବାର ସଦସ୍ୟଙ୍କ ସହଯୋଗ ମିଳିବ ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ । ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ । ସୃଜନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ । ପ୍ରେମ ଜୀବନ ସୁଖମୟ ହେବ ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି । ସ୍ୱାସ୍ଥ୍ୟରେ ସୁଧାର ଆସିବ । ପାରିବାରିକ ଜୀବନ ସୁଖମୟ ହେବ । ବାଦବିବାଦରୁ ଦୂରେଇ ରହିବେ । ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ । ଉଧାର ଧନ ଫେରିପାଇବେ । ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ । ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ ।

**ସିଂହ:** ନିବେଶରୁ ଲାଭ ପାଇବେ । କାର୍ଯ୍ୟରେ ସଫଳତା ମିଳିବ । ବ୍ୟବହାରରେ ସଂଯମତା ରକ୍ଷା କରିବେ । ତରିବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ । ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ । ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ । ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ । ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ । ଧାର କରଜ କରିବାରୁ ରକ୍ଷା ପାଇବେ । ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି । ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ । ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ । ଇଚ୍ଛା ପୂରଣ ହେବ । ଦାମ୍ପତ୍ୟ ଜୀବନ ଖୁସିରେ ବିତିବ । ବନ୍ଧୁଙ୍କ ସହ ବୁଲିବାକୁ ଯିବେ ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି । ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ । ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ ।

**ମକର:** ନାଚ, ଗୀତରେ ସଫଳତା ମିଳିବ । ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ । ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ । ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ । ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ । ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ । ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ । ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ । ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ । ବ୍ୟବସାୟରେ ପରିବର୍ତ୍ତନ ଆଣିବେ ।

---

24001/304/2627

**ଓଡିଶା ସରକାର**
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**
**ଘୋଷଣା**

**No. RDM-LAB-GM-0020-2025- 15866 / R&DM, Dated 15.04.2026**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 )ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- **ବାଙ୍ଗରଡା**, ଥାନା- **ପାଟପୁର**, ତହସିଲ- **ଦିଗପହଣ୍ଡି**, ଜିଲ୍ଲା- ଗଞ୍ଜାମରେ ନିମ୍ନ ସୂଚୀତ 'କ' ତଫସିଲ ଜମିରେ ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଗଞ୍ଜାମ ଜିଲ୍ଲାରେ ଛେଳିଗଡ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା **୧୯୦୮୫ ତା. ୨୭.୦୫.୨୦୨୫** ରିଖ ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- **ବାଙ୍ଗରଡା**, ଥାନା- **ପାଟପୁର**, ତହସିଲ- **ଦିଗପହଣ୍ଡି**, ଜିଲ୍ଲା- ଗଞ୍ଜାମରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ତଥା ପୁନର୍ବାସ ଓ ଥଇଥାନ ଅଧିକାରୀ, (ଛେଳିଗଡ ମଧ୍ୟମ ଜଳସେଚନ ପ୍ରକଳ୍ପ), ମହେନ୍ଦ୍ରଗଡଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

**ତଫସିଲ- କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

ଜିଲ୍ଲା: ଗଞ୍ଜାମ — ତହସିଲ: - ଦିଗପହଣ୍ଡି

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବାଙ୍ଗରଡା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୧୦.୫୦୦ | ଏକର ୬.୧୭୫ | ଏଥି ସହିତ ସଂଲଗ୍ନ |

**ତଫସିଲ- ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

ଜିଲ୍ଲା: ଗଞ୍ଜାମ — ତହସିଲ: - ଦିଗପହଣ୍ଡି

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୧୬.୧୧.୨୦୨୫ ।

**ବାଙ୍ଗରଡା ଗ୍ରାମର ଜମିର ବିବରଣୀ**

ମୌଜା - ବାଙ୍ଗରଡା — ତହସିଲ - ଦିଗପହଣ୍ଡି — ଜିଲ୍ଲା - ଗଞ୍ଜାମ

| କ୍ରମିକ ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | ଚାଷୀଙ୍କ ନାମ ପିତାଙ୍କ ନାମ | ମୋଟ ଏରିଆ | ଶ୍ରେଣୀ ବିଭାଜନ | ରକବା | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୪୪ | ୧୫୭ | ଉଲା ପ୍ରଧାନ ପି: ହେରୁମ୍ବ ପ୍ରଧାନ ଜା: କୁରୁମ ବା: ନିଜଗାଁ | ୦.୨୦୦ | ପଦର | ୦.୦୧୦ | |
| | | ୧୬୧ | | ୦.୧୦୦ | ବିଲ ଅଣଜଳସେଚିତ ଦୁଇ | ୦.୦୮୦ | |
| ୨ | ୬୬ | ୧୪୭ | କୃଷ୍ଣ ଡାକୁଆ ପି: ଅଗାଧୁ ଡାକୁଆ, କାଶି ଡାକୁଆ, ସୁକାନ୍ତ ଡାକୁଆ ପି: ଦଣ୍ଡାସୀ ଡାକୁଆ, ହାର ଡାକୁଆ ସ୍ୱା: ଦଣ୍ଡାସୀ ଡାକୁଆ ଜା: ଭଣ୍ଡାରି ବା: ନିଜଗାଁ | ୦.୦୬୦ | ପଦର | ୦.୦୩୫ | |
| ୩ | ୯୬ | ୧୩୩ | ଗୋବିନ୍ଦ ପ୍ରଧାନ, ସିମାଞ୍ଚଳ ପ୍ରଧାନ, ପଞ୍ଚାନନ ପ୍ରଧାନ, ଶଶୀ ପ୍ରଧାନ ପି: ଭିକାରି ପ୍ରଧାନ, ହାଡିଆଣି ପ୍ରଧାନ ସ୍ୱା: ଭିକାରି ପ୍ରଧାନ ଜା: କୁରୁମ ବା: ନିଜଗାଁ | ୦.୧୯୦ | ପଦର | ୦.୦୧୦ | |
| ୪ | ୧୦୬ | ୩୭୮ | ଚିନ୍ତାମଣି ପ୍ରଧାନ ପି: ଚକ୍ରପାଣି ପ୍ରଧାନ, ପଞ୍ଚାନନ ପ୍ରଧାନ, ବିଶ୍ୱନାଥ ପ୍ରଧାନ ପି: କୃଷ୍ଣ ପ୍ରଧାନ, ବାବୁ ପ୍ରଧାନ ପି: ଶୁକୁ ପ୍ରଧାନ ଜା: କୁରୁମ ବା: ନିଜଗାଁ | ୦.୧୩୫ | ବିଲ ଅଣଜଳସେଚିତ ଦୁଇ | ୦.୦୧୦ | |
| ୫ | ୧୧୪ | ୧୫୨ | ଜୁରିଆ ସେଠି, ଦୁର୍ଯ୍ୟୋଧନ ସେଠି, ଶ୍ରୀଧର ସେଠି, କାଣ୍ଡିଆ ସେଠି ପି:କନ୍ଧ ସେଠି ଜା: ଧୋବା ବା: ନିଜଗାଁ | ୦.୦୯୦ | ପଦର | ୦.୦୦୫ | |
| | | ୧୫୩ | | ୦.୧୨୫ | | ୦.୦୯୦ | |
| | | ୧୫୪ | | ୦.୧୧୦ | | ୦.୦୮୦ | |
| ୬ | ୧୨୪ | ୩୯୬ | ଯୋଗି ସେଠି ପି: ଗୋଲା ସେଠି ଜା: ଧୋବା ବା: ନିଜଗାଁ | ୦.୧୮୦ | ବିଲ ଅଣଜଳସେଚିତ ଦୁଇ | ୦.୦୦୫ | |
| | | ୩୯୭ | | ୦.୧୯୦ | | ୦.୦୩୦ | |
| ୭ | ୧୪୨ | ୮୪୬ | ତାରେଣି ମହାକୁଡ଼ ପି:ଅଗାଧୁ ମହାକୁଡ଼ ଜା: ଗୌଡ଼ ବା: ନିଜଗାଁ | ୦.୧୦୦ | ବିଲ ଅଣଜଳସେଚିତ ଦୁଇ | ୦.୧୦୦ | ଗୋଚର ପ୍ରତି ବଦଳରେ |
| | | ୮୪୮ | | ୦.୩୨୦ | | ୦.୩୨୦ | |
| ୮ | ୧୫୫ | ୩୮୦ | ଦଣ୍ଡାସୀ ଗୌଡ଼ ପି: ଅଗାଧୁ ଗୌଡ଼ ଜା: ଗୌଡ ବା: ନିଜଗାଁ | ୦.୨୬୦ | ବିଲ ଅଣଜଳସେଚିତ ଦୁଇ | ୦.୦୭୦ | |
| ୯ | ୧୭୦ | ୨୯୬ | ଦେବରାଜ ଚୌଧୁରୀ ପି:ଭୀମ ଚୌଧୁରୀ ଜା: କୁରୁମ ବା: ନିଜଗାଁ | ୦.୦୮୦ | ବିଲ ଅଣଜଳସେଚିତ ଦୁଇ | ୦.୦୨୦ | |
| | | ୨୯୭ | | ୦.୦୫୦ | | ୦.୦୫୦ | |
| ୧୦ | ୧୯୫ | ୨୩୨ | ନରସିଂହ ସେଠି, ସତ୍ୟ ସେଠି, ଉପେନ୍ଦ୍ର ସେଠି, କାଲୁ ସେଠି ପି: ଦଣ୍ଡାସି ସେଠି, ହେମ ସେଠି ସ୍ୱା: ଦଣ୍ଡାସି ସେଠି ଜା: ଧୋବା, କ୍ଷେତ୍ର ପଧାନ ପି: ଉଜଳ ପଧାନ ଜା: କୁରୁମ ବା: ନିଜଗାଁ, ଜାଗିଲି ପଧାନ, ଝୁମ୍ପା ପଧାନ ପି: ବୁଧିଆ ପଧାନ, ଅପର୍ଣ୍ଣି ପଧାନ ସ୍ୱା: ବୁଧିଆ ପଧାନ ଜା: କୁରୁମ ବା: ଫାସିଗୁଡ଼ା | ୦.୦୮୦ | ପଦର | ୦.୦୫୦ | |
| ୧୧ | ୨୧୧ | ୩୫୦ | ପଞ୍ଚାନନ ପଣ୍ଡା ପି:ନାରଣ ପଣ୍ଡା ଜା: ବ୍ରାହ୍ମଣ ବା: ନିଜଗାଁ | ୦.୦୫୦ | ବିଲ ଅଣଜଳସେଚିତ ଦୁଇ | ୦.୦୦୫ | |
| ୧୨ | ୨୪୯ | ୩୭୫ | ବାଲୁଙ୍କି ପଣ୍ଡା, ବାବୁ ପଣ୍ଡା, କୃଷ୍ଣ ପଣ୍ଡା, ଜମ୍ବୁ ପଣ୍ଡା, ମାମି ପଣ୍ଡା, ପି: ଗଙ୍ଗାଧର ପଣ୍ଡା, ଝୁମ୍ପା ପଣ୍ଡା ସ୍ୱା:ଗଙ୍ଗାଧର ପଣ୍ଡା, ବିଶ୍ୱନାଥ ପଣ୍ଡା ପି: ଇଶ୍ୱର ପଣ୍ଡା ଜା: ବ୍ରାହ୍ମଣ ବା: ନିଜଗାଁ | ୦.୦୬୦ | ବିଲ ଅଣଜଳସେଚିତ ଦୁଇ | ୦.୦୦୫ | |
| | | ୩୭୬ | | ୦.୦୪୦ | | ୦.୦୪୦ | |
| ୧୩ | ୨୭୩ | ୩୪୮ | ଭଗବାନ ସେଠୀ, ନାଥ ସେଠୀ, ହରି ସେଠୀ ପି: କରୁଣା ସେଠୀ, ମହେଶ୍ୱର ସେଠୀ, ରାଜେନ୍ଦ୍ର ସେଠୀ, ସନାତନ ସେଠୀ, ଝୁନୁ ସେଠୀ, ସୁଲୋଚନା ସେଠୀ ପି: କୈବଲ୍ୟ ସେଠୀ, ହେମ ସେଠୀ ସ୍ୱା: କୈବଲ୍ୟ ସେଠୀ ଜା: ଧୋବା ବା: ନିଜଗାଁ | ୦.୧୧୫ | ବିଲ ଅଣଜଳସେଚିତ ଦୁଇ | ୦.୦୧୫ | |
| | | ୩୪୯ | | ୦.୦୪୦ | | ୦.୦୪୦ | |
| ୧୪ | ୨୮୦ | ୮୪୭ | ଭରତ ଗୌଡ଼ ପି:କନ୍ଧ ଗୌଡ଼ ଜା: ଗୌଡ଼ ବା: ନିଜଗାଁ | ୦.୧୯୦ | ବିଲ ଅଣଜଳସେଚିତ ଦୁଇ | ୦.୧୯୦ | ଗୋଚର ପ୍ରତି ବଦଳରେ |
| ୧୫ | ୩୦୭ | ୧୩୭ | ତୁମୁଲୁ ଶ୍ରୀନିବାସ ପାତ୍ର ପି:ତୁମୁଲୁ ବିଜୟ କୁମାର ପାତ୍ର ଜା: କୁମୁଟି ବା: ବିଷ୍ଣୁଗିରି | ୦.୦୭୦ | ପଦର | ୦.୦୦୫ | |
| | | ୧୩୮ | | ୦.୧୨୫ | | ୦.୦୯୫ | |
| | | ୧୩୯ | | ୦.୨୩୫ | | ୦.୦୦୫ | |
| ୧୬ | ୩୩୯ | ୩୮୪ | ଲକ୍ଷ୍ମୀନାରାୟଣ ପଣ୍ଡା ପି:ଧର୍ମୁ ପଣ୍ଡା ଜା: ବ୍ରାହ୍ମଣ ବା: ନିଜଗାଁ | ୦.୦୭୫ | ବିଲ ଅଣଜଳସେଚିତ ଦୁଇ | ୦.୦୬୦ | |
| ୧୭ | ୩୪୪ | ୮୩୮ | ଶ୍ରୀ ନିଳକଣ୍ଠେଶ୍ୱର ମହାଦେବ ବିଜେ ମଣିଦେଇ ପେଣ୍ଡ ସେବାୟତ ବା:, ଲିଙ୍ଗରାଜ ରଣା ପି: ଭିମ ରଣା, ଇଶ୍ୱର ରଣା ପି: କୃଷ୍ଣ ରଣା, ରବିନ୍ଦ୍ର ରଣା ପି: ଭିମ ରଣା ଜା: ମାଳି ବା: ନିଜଗାଁ | ୦.୧୭୫ | ବିଲ ଅଣଜଳସେଚିତ ଦୁଇ | ୦.୧୭୫ | ଗୋଚର ପ୍ରତି ବଦଳରେ |
| | | ୮୩୯ | | ୦.୧୦୦ | | ୦.୧୦୦ | |
| | | ୮୪୦ | | ୦.୩୬୦ | | ୦.୩୬୦ | |
| | | ୮୪୪ | | ୦.୩୪୫ | | ୦.୩୪୫ | |
| | | ୮୪୫ | | ୦.୧୩୫ | | ୦.୧୩୫ | |
| ୧୮ | ୩୭୬ | ୮୪୨ | ଶ୍ରୀ ରାଧାଦାମୋଦର ଠାକୁର ବିଜେ: ନିଜଗାଁ ମାର୍ଫତ: ବା:, ସିମାଞ୍ଚଳ ଦାସ ପି: ରାମଚନ୍ଦ୍ର ଦାସ, ହରିହର ଦାଶ, ବୈଷ୍ଣବ ଦାଶ ପି: ଲକ୍ଷ୍ମଣ ଦାଶ, ଗୋପାଳ କୃଷ୍ଣ ଦାଶ, ମଦନମୋହନ ଦାଶ, ଲକ୍ଷ୍ମୀ ଚରଣ ଦାଶ ପି: ନଟବର ଦାଶ, ଭାସ୍କର ଦାଶ ପି: ବାଇନ ଦାଶ, ସୋମନାଥ ଦାଶ ପି: ଦିନବନ୍ଧୁ ଦାଶ, ଝରା ଦାଶ ସ୍ୱା: ତ୍ରିନାଥ ଦାଶ, ପ୍ରତାପ ଚନ୍ଦ୍ର ଦାଶ ପି: କାଳୁ ଦାଶ, ପ୍ରମିଳା ଦାଶ ସ୍ୱା: କାଳୁ ଦାଶ, ଚନ୍ଦ୍ରମା ଦାଶ ସ୍ୱା: ରଘୁନାଥ ଦାଶ ଜା: ବ୍ରାହ୍ମଣ ବା: ନିଜଗାଁ | ୦.୨୨୦ | ବିଲ ଅଣଜଳସେଚିତ ଏକ | ୦.୨୨୦ | ଗୋଚର ପ୍ରତି ବଦଳରେ |
| | | ୮୪୩ | | ୦.୨୬୦ | | ୦.୨୬୦ | |
| | | ୮୫୧ | | ୦.୫୧୦ | | ୦.୫୧୦ | |
| | | ୮୪୧ | | ୦.୬୦୦ | ବିଲ ଅଣଜଳସେଚିତ ଦୁଇ | ୦.୦୭୫ | |
| ୧୯ | ୪୧୦ | ୧୩୬ | ଶୋଭାବତୀ ଦାଶ ପି:ତ୍ରିନାଥ ଦାଶ ଜା: ବ୍ରାହ୍ମଣ ବା: ନିଜଗାଁ | ୦.୧୨୦ | ପଦର | ୦.୧୨୦ | |
| ୨୦ | ୪୧୨ | ୧୩୫ | ସୋମନାଥ ଦାଶ ପି:ଦିନବନ୍ଧୁ ଦାଶ ଜା: ବ୍ରାହ୍ମଣ ବା: ନିଜଗାଁ | ୦.୧୪୫ | ପଦର | ୦.୧୩୦ | |
| ୨୧ | ୪୧୭ | ୧୫୫ | ହରି ପଧାନ, କ୍ଷେତ୍ର ପଧାନ ପି: ଉଜଳ ପଧାନ ଜା: କୁରୁମ ବା: ନିଜଗାଁ, ଜାଗିଲି ପ୍ରଧାନ, ଝୁମ୍ପା ପ୍ରଧାନ ପି: ବୁଦ୍ଧିଆ ପ୍ରଧାନ, ଅପର୍ଣ୍ଣି ପ୍ରଧାନ ସ୍ୱା: ବୁଦ୍ଧିଆ ପ୍ରଧାନ ଜା: କୁରୁମ ବା: ଫାସିଗୁଡ଼ା | ୦.୧୧୦ | ପଦର | ୦.୦୭୦ | |
| | | ୨୩୧ | | ୦.୦୭୦ | | ୦.୦୪୦ | |
| | | ୨୩୮ | | ୦.୧୬୦ | | ୦.୧୦୦ | |
| ୨୨ | ୪୧୮ | ୩୮୬ | ହରିହର ଦାଶ ପି:ଲକ୍ଷ୍ମଣ ଦାଶ, ସିମାଞ୍ଚଳ ଦାଶ ପି: ରାମଚନ୍ଦ୍ର ଦାଶ, ରୁନୁ ଦାଶ ପି: ରଘୁନାଥ ଦାଶ, ଚନ୍ଦ୍ରମା ଦାଶ ସ୍ୱା:ରଘୁନାଥ ଦାଶ ଜା: ବ୍ରାହ୍ମଣ ବା: ନିଜଗାଁ | ୦.୧୩୦ | ବିଲ ଅଣଜଳସେଚିତ ଦୁଇ | ୦.୦୮୫ | |
| | | ୩୮୭ | | ୦.୦୯୦ | | ୦.୦୪୦ | |
| ୨୩ | ୪୨୭/୧୭ | ୨୯୮ | ବୃନ୍ଦାବନ ସେଠି ପି: ଭିମ ସେଠି ଜା: ଧୋବା ବା: ବାଙ୍ଗରଡା | ୦.୧୧୦ | ବିଲ ଅଣଜଳସେଚିତ ଦୁଇ | ୦.୧୧୦ | |
| ୨୪ | ୪୨୭/୧୩୯ | ୨୫୨ | ଇଷ୍ଟେନ ହେଟେଚାରୀ ପ୍ରାଇଭେଟ ଲିମିଟେଡ କମ୍ପାନି ତରଫେ ଜେନେରାଲ ମ୍ୟାନେଜର ଦିପକ କୁମାର ସାନ୍ଯାଲ ପି: ପରେଶ ନାଥ ସାନ୍ଯାଲ ଜା: ବ୍ରାହ୍ମଣ ବା: ଅଙ୍ଗାରପଦ ଥାନା ଜମୀପୁର ପୋଷ୍ଟ ଖଇରୀ ଯଶିପୁର ଜିଲ୍ଲା ମୌୟୁରଭଞ୍ଜା | ୦.୦୮୦ | ପଦର | ୦.୦୨୦ | |
| | | ୨୫୦ | | ୦.୧୩୦ | | ୦.୧୩୦ | |
| | | ୧୫୦ | | ୦.୧୫୫ | | ୦.୦୭୦ | |
| | | ୧୪୯ | | ୦.୦୮୦ | | ୦.୦୪୦ | |
| | | ୧୫୧/୩୭୩୮ | | ୦.୧୬୦ | | ୦.୧୪୦ | |
| ୨୫ | ୪୨୭/୧୫୩ | ୧୪୦ | ବିପ୍ର ପ୍ରଧାନ ପି:କୋରା ପ୍ରଧାନ ଜା: କୁରୁମ ବା: ସୁନ୍ଦରପୁର | ୦.୦୫୫ | ପଦର | ୦.୦୫୫ | |
| | | ୧୪୧ | | ୦.୦୭୦ | ବିଲ ଅଣଜଳସେଚିତ ଦୁଇ | ୦.୦୪୦ | |
| ୨୬ | ୪୨୭/୧୫୮ | ୩୮୫ | ରମେଶ ଗୌଡ଼ ପି: ଦଣ୍ଡାସୀ ଗୌଡ଼ ଜା: ଗଉଡ ବା: ବାଙ୍ଗରଡା | ୦.୧୪୦ | ବିଲ ଅଣଜଳସେଚିତ ଦୁଇ | ୦.୧୦୫ | |
| ୨୭ | ୪୨୭/୧୬୦ | ୧୫୬ | ଇଷ୍ଟେର୍ଣ୍ଣ ହେଟେରି ପ୍ରାଇଭେଟ ଲିମିଟେଡ ତରଫେ ଅପରେସନ ମ୍ୟାନେଜର ଲୋକନାଥ ମିଶ୍ର ପି: ହରେକୃଷ୍ଣ ମିଶ୍ର ଜା: ବ୍ରାହ୍ମଣ ବା:ଲୁଇସ ରୋଡ ଭୁବନେଶ୍ୱର, ଖୋର୍ଦ୍ଧା | ୦.୧୨୦ | ପଦର | ୦.୧୦୫ | |
| | | ୨୩୯ | | ୦.୧୬୦ | | ୦.୧୧୫ | |
| | | ୨୪୮ | | ୦.୧୪୦ | | ୦.୦୨୫ | |
| | | ୨୪୯ | | ୦.୦୬୫ | | ୦.୦୬୫ | |
| | | ୧୫୧ | | ୦.୦୫୦ | | ୦.୦୨୦ | |
| | | ୨୫୧ | | ୦.୦୯୦ | | ୦.୦୩୦ | |
| | | ୨୪୦ | | ୦.୧୭୦ | | ୦.୧୧୦ | |
| | | ୧୩୪ | | ୦.୧୭୦ | ବିଲ ଅଣଜଳସେଚିତ ଦୁଇ | ୦.୦୫୫ | |
| | | ୩୪୭ | | ୦.୦୫୫ | | ୦.୦୧୦ | |
| | | ୧୪୩ | | ୦.୧୪୦ | | ୦.୦୫୦ | |
| | | ୧୪୪ | | ୦.୧୦୦ | ପଦର | ୦.୧୦୦ | |
| | | ୧୪୫ | | ୦.୧୧୦ | | ୦.୦୫୫ | |
| ୨୮ | ୪୨୭/୧୮୪ | ୧୧୯ | ତୁମୁଲୁ ଶ୍ରୀନିବାସ ପାତ୍ର ପି: ତୁମୁଲୁ ବିଜୟ କୁମାର ପାତ୍ର ଜା: କୁମୁଟି ବା: ଭୀଷ୍ମଗିରୀ | ୦.୩୦୦ | ଘରବାରି | ୦.୦୩୦ | |
| ୨୯ | ୪୨୭/୨୪୧ | ୩୪୨ | ବିଜୟ କୁମାର ପାତ୍ର ପି: ଉଲ୍ଲା ପାତ୍ର ଜା: କୁରୁମ ବା: ସିନ୍ଦୁରପୁର ତହସିଲ ସାନଖେମୁଣ୍ଡି | ୦.୩୮୦ | ବିଲ ଅଣଜଳସେଚିତ ଦୁଇ | ୦.୧୧୦ | |
| ୩୦ | ୪୨୭/୨୪୨ | ୩୪୫ | ମହେଶ୍ୱର ସେଠି ପି: କୈବଲ୍ୟ ସେଠି ଜା: ଧୋବା ବା: ନିଜଗାଁ | ୦.୧୪୦ | ବିଲ ଅଣଜଳସେଚିତ ଦୁଇ | ୦.୦୨୦ | |
| ୩୧ | ୪୨୭/୨୪୩ | ୩୪୩ | ରମେଶ ଗୌଡ଼ ପି: ଦଣ୍ଡାସୀ ଗୌଡ଼ ଜା: ଗଉଡ ବା: ନିଜଗାଁ | ୦.୧୮୦ | ବିଲ ଅଣଜଳସେଚିତ ଦୁଇ | ୦.୧୦୦ | |
| | | ୩୪୪ | | ୦.୧୦୦ | | ୦.୧୦୦ | |
| | | ୩୭୭ | | ୦.୦୪୦ | | ୦.୦୪୦ | |
| ୩୨ | ୪୨୭/୨୭୫ | ୧୬୨ | ଭଗବାନ ଡାକୁଆ ପି: ଅନନ୍ତ ଡାକୁଆ ଜା: ଭଣ୍ଡାରି ବା: ସିନ୍ଦୁରପୁର ତହସିଲ ସାନଖେମୁଣ୍ଡି | ୦.୨୧୦ | ପଦର | ୦.୧୪୫ | |

ମୋଟ ଏରିଆ ୬.୧୭୫ ଏକର

ରାଜ୍ୟପାଳଙ୍କ ଆଦେଶକ୍ରମେ
(ସୁରଂଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

OIPR-24001/24001/3/26-27/0079

# ବାଲେଶ୍ୱର ଜିଲ୍ଲା ▶ ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନରେ ବ୍ୟାପକ ଅନିୟମିତତା!

ବାଲେଶ୍ୱର, ୨୧।୭ (ରୁଚିକ ରଞ୍ଜନ ମହାପାତ୍ର)

ବାଲେଶ୍ୱର ଜିଲ୍ଲାରେ ଦିବ୍ୟାଙ୍ଗ ପ୍ରମାଣପତ୍ର (ୟୁଡ଼ିଆଇଡ଼ି) ବ୍ୟବସ୍ଥାରେ ମହାଘୋଟାଲା ଓ କୋଟି କୋଟି ଟଙ୍କାର ସରକାରୀ ତହବିଲ୍ ହରିଲୁଟ୍‌ର ପର୍ଦ୍ଦାଫାସ ହୋଇଥିବାର ଅଭିଯୋଗ ହୋଇଛି। କେନ୍ଦ୍ର ସରକାରଙ୍କ ୟୁଡ଼ିଆଇଡ଼ି ପୋର୍ଟାଲ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସରକାରୀ ତଥ୍ୟ ସହ ଜିଲ୍ଲାବାସୀଙ୍କ ଅଭିଯୋଗକୁ ସମୀକ୍ଷା କଲେ ସମଗ୍ର ଜିଲ୍ଲା ପ୍ରଶାସନ, ସାମାଜିକ ସୁରକ୍ଷା ବିଭାଗ ଓ ମେଡିକାଲ ବୋର୍ଡର ନିନ୍ଦନୀୟ କାରସାଦି ପଦାରେ ପଡ଼ିଛି।

୨୦୨୦ କୋଭିଡ଼ ମହାମାରୀ ପରଠାରୁ ଜିଲ୍ଲାରେ ପ୍ରକୃତ ଦିବ୍ୟାଙ୍ଗଙ୍କ ସଂଖ୍ୟା ନ ବଢ଼ି ଦଲାଲ ଓ ଭୂତ ସାର୍ଟିଫିକେଟଧାରୀଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇଛି। ମାତ୍ର ସାଢ଼େ ୫ ବର୍ଷ (୨୦୨୦ରୁ ୨୦୨୬) ମଧ୍ୟରେ ବାଲେଶ୍ୱରରେ ୪୨,୬୨୮ଟି ନୂଆ ୟୁଡ଼ିଆଇଡ଼ି ପ୍ରମାଣପତ୍ର ଜାରି ହୋଇଛି, ଯାହା ପୂର୍ବ ସଂଖ୍ୟା ତୁଳନାରେ ଅଭୂତପୂର୍ବ ୧୬୭ ପ୍ରତିଶତ ବୃଦ୍ଧି ଦର୍ଶାଉଛି। ୨୦୨୦ ସୁଦ୍ଧା ଜିଲ୍ଲାରେ ୨୨,୪୬୫ଟି ଫ୍ରେସ ଓ ୩,୦୭୬ଟି ଡିଜିଟାଲାଇଜ ମିଶି ମୋଟ ୨୫,୫୪୧ଟି ୟୁଡ଼ିଆଇଡ଼ି କାର୍ଡ ଥିବା ବେଳେ ୨୦୨୬ ସୁଦ୍ଧା ଏହା ଅସ୍ୱାଭାବିକ ଭାବେ ବୃଦ୍ଧି ପାଇ ୬୧,୮୨୩ ଫ୍ରେସ ଓ ୬,୩୪୬ ଡିଜିଟାଲାଇଜ ସହ ମୋଟ ୬୮,୧୬୯ ରେ ପହଞ୍ଚିଛି। ସରକାରୀ ପରିସଂଖ୍ୟାନ ଅନୁସାରେ, ୨୦୨୬ ସୁଦ୍ଧା ଆସିଥିବା ମୋଟ ୭୮,୪୩୦ଟି ଫ୍ରେସ

| ବର୍ଷ | ନୂଆ ଦିବ୍ୟାଙ୍ଗ ପ୍ରମାଣ ପତ୍ର ସଂଖ୍ୟା | ପୁରୁଣା ଦିବ୍ୟାଙ୍ଗ ପ୍ରମାଣପତ୍ରରୁ ଡିଜିଟାଲାଇଜ ସଂଖ୍ୟା | ସମୁଦାୟ | ଅଭିବୃଦ୍ଧି ହାର |
|---|---|---|---|---|
| ୨୦୨୦ ସୁଦ୍ଧା | ୨୨,୪୬୫ | ୩,୦୭୬ | ୨୫,୫୪୧ | — |
| ୨୦୨୬ ସୁଦ୍ଧା | ୬୧,୮୨୩ | ୬,୩୪୬ | ୬୮,୧୬୯ | +୧୬୬.୯% |
| ମୋଟ ବୃଦ୍ଧି (ସଂଖ୍ୟା) | +୩୯,୩୫୮ (+୧୭୫.୨%) | +୩,୨୭୦ (+୧୦୬.୩%) | +୪୨,୬୨୮ | +୧୬୬.୯% |

ଆବେଦନ ମଧ୍ୟରୁ ୧୨,୨୭୮ଟି ଆବେଦନ ବିଭିନ୍ନ କାରଣରୁ ପ୍ରତ୍ୟାଖ୍ୟାନ (ରିଜେକ୍ଟ) ହୋଇଥିବା ବେଳେ ୪,୩୨୯ଟି ବିଚାରାଧୀନ (ପେଣ୍ଡିଙ୍ଗ) ଅଛି। ସେହିପରି ୯,୦୬୧ଟି ଡିଜିଟାଲାଇଜଡ଼ ଆବେଦନ ମଧ୍ୟରୁ ୨,୩୬୨ଟି ପ୍ରତ୍ୟାକ୍ଷାନ (ରିଜେକ୍ଟ) ଓ ୩୫୩ଟି ବିଚାରାଧୀନ ରହିଛି। ପ୍ରାୟ ୧୫ ହଜାରରୁ ଅଧିକ ଆବେଦନ ପ୍ରତ୍ୟାଖ୍ୟାନ ହେବା ଦ୍ୱାରା ନିଜେ ପ୍ରଶାସନିକ ସ୍ୱୀକାରୋକ୍ତି ଯେ ଜିଲ୍ଲାରେ ଜାଲ୍ ତଥ୍ୟ ଦେଇ କାର୍ଡ ହାସଲ କରିବାକୁ ଏକ ବିଶାଳ ରାକେଟ୍ ସକ୍ରିୟ ଅଛି। କିନ୍ତୁ ଅସଲ ସାଂଘାତିକ ସତ୍ୟ ହେଉଛି ଜିଲ୍ଲାରେ ୫୦ରୁ ଉର୍ଦ୍ଧ୍ୱ ସଂଗଠିତ ଦଲାଲ ଗାଁ ଗାଁରେ ସକ୍ରିୟ ହୋଇ ଭତ୍ତା, ସରକାରୀ ଚାକିରି, ଶିକ୍ଷାନୁଷ୍ଠାନରେ ସଂରକ୍ଷଣ ଓ ଟ୍ୟାକ୍ସ ରିହାତିର ଲୋଭ ଦେଖାଉଛନ୍ତି। ସମ୍ପୂର୍ଣ୍ଣ ସୁସ୍ଥ ଓ ସବଳ ଲୋକଙ୍କୁ ଦିବ୍ୟାଙ୍ଗ ସଜାଇବା ପାଇଁ ୧୦ ହଜାରରୁ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ଖୋଲାଖୋଲି ଲାଞ୍ଚ ଆଦାୟ କରାଯାଉଛି। ଯାହାର ପ୍ରମାଣ ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ, ଔପଦା ବ୍ଲକ, ଜଳେଶ୍ୱର, ସୋରୋ, ବାଲିଆପାଳ ଆଦି ବ୍ଲକକୁ ନିଆଯାଇପାରେ। ଏହି ବିଶାଳ ଦଲାଲ ଲିଙ୍କ୍ କେବଳ ଗ୍ରାମାଞ୍ଚଳ କିମ୍ବା ବ୍ଲକ୍ ସ୍ତରରେ ସୀମିତ ନାହିଁ; ଏହା ବ୍ଲକ୍ କାର୍ଯ୍ୟାଳୟରୁ ଆରମ୍ଭ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଫକୀର ମୋହନ ମେଡିକାଲ କଲେଜ ଓ ହସ୍ପିଟାଲ ପର୍ଯ୍ୟନ୍ତ ଲମ୍ବିଛି। ବିଭିନ୍ନ ବ୍ଲକ୍ ଓ ମେଡିକାଲରେ ଆୟୋଜିତ ହେଉଥିବା ଦିବ୍ୟାଙ୍ଗ କ୍ୟାମ୍ପ୍ କେବଳ ଲୋକଦେଖାଣିଆ ହୋଇଥିବା ବେଳେ ସେଠାରେ ଦଲାଲମାନେ ସୁସ୍ଥ ଲୋକଙ୍କୁ ଆଣି ଡାକ୍ତରଙ୍କ ସହ ପୂର୍ବ ନିର୍ଦ୍ଧାରିତ ସଲାସୁତୁରା' ଓ ଅର୍ଥ କାରବାର ଭିତ୍ତିରେ ଦିବ୍ୟାଙ୍ଗତା ପ୍ରତିଶତ ସ୍ଥିର କରାଉଥିବାର ଅଭିଯୋଗ ହେଉଛି। ସବୁଠାରୁ ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି, କେବଳ ଅସ୍ଥିଶଲ୍ୟ ବିଭାଗ ନୁହେଁ, ଅସାଧୁ ଡାକ୍ତର ଓ କର୍ମଚାରୀଙ୍କ ମିଶାମିଶିରେ ସମ୍ପୂର୍ଣ୍ଣ ସୁସ୍ଥ ବ୍ୟକ୍ତିଙ୍କୁ 'ମାନସିକ ବିକାରଗ୍ରସ୍ତ' ସାଜାଯାଇଛି ଏବଂ ଦୃଷ୍ଟିଶକ୍ତି ଥିବା ଲୋକଙ୍କୁ 'ସମ୍ପୂର୍ଣ୍ଣ ଦୃଷ୍ଟିହୀନ', କାନକୁ ସଠିକ ଶୁଣା ଯାଉଥିଲେ ସୁଦ୍ଧା ତାଙ୍କୁ କାଲ ଦର୍ଶାଇ ଭୂତ ସାର୍ଟିଫିକେଟ୍ ଖୋଲାଖୋଲି ବଣ୍ଟାଯାଉଛି। ଅସାଧୁ ଉପାୟରେ ଜାଲ୍ ପ୍ରମାଣପତ୍ର ହାସଲ କରି ସୁସ୍ଥ ଲୋକମାନେ ସରକାରୀ କୋଷାଗାରରୁ ମାସିକ ଭତ୍ତା ଓ ସଂରକ୍ଷଣର ସୁବିଧା ହାତଉଥିବା ବେଳେ ଜିଲ୍ଲାର ପ୍ରକୃତ ଦିବ୍ୟାଙ୍ଗମାନେ ଅଧିକାରରୁ ବଞ୍ଚିତ ହୋଇ ଦହଗଞ୍ଜ ଭୋଗୁଛନ୍ତି ଏବଂ ପ୍ରଶାସନିକ ଦୁଆର ଦୁଆର ବୁଲି ନିରାଶ ହେଉଛନ୍ତି। ଏତେ ବଡ଼ ବୃଦ୍ଧି ଓ ବ୍ୟାପକ ଭିତିରି କାରବାର ସତ୍ତ୍ୱେ ଜିଲ୍ଲା ପ୍ରଶାସନ କିମ୍ବା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ କୌଣସି ବ୍ଲକ୍-ଭିତ୍ତିକ ସମୀକ୍ଷା, ରାଣ୍ଡମ୍ ମେଡିକାଲ ଯାଞ୍ଚ କିମ୍ବା ଅଡିଟ୍ ନ କରାଯିବା ପ୍ରଶାସନିକ ନୀରବତା ଓ ପ୍ରତ୍ୟକ୍ଷ ସମ୍ପୃକ୍ତିକୁ ପଦାରେ ପକାଇଛି। ଏହି ସମ୍ବେଦନଶୀଳ ମହାସ୍କାମ୍ ସମ୍ପୂର୍ଣ୍ଣ ରାଜ୍ୟ ପ୍ରଶାସନ ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ୨୦୨୦ ପରଠାରୁ ଜାରି ହୋଇଥିବା ସମସ୍ତ ୪୨,୬୨୮ଟି ୟୁଡ଼ିଆଇଡ଼ି କାର୍ଡର କ୍ରାଇମବ୍ରାଞ୍ଚ କିମ୍ବା ଭିଜିଲାନ୍ସ ଦ୍ୱାରା ତଦନ୍ତ, ରାଜ୍ୟ ବାହାରର ନିରପେକ୍ଷ ମେଡିକାଲ ଟିମ୍ ଦ୍ୱାରା ପ୍ରତ୍ୟେକ କାର୍ଡଧାରୀଙ୍କର ପୁନଃ ମେଡିକାଲ ଯାଞ୍ଚ (ସ୍ୱଟ - ରି ଭେରୀଫିକେସନ) ଏବଂ ଜାଲିଆତିରେ ସମ୍ପୃକ୍ତ ଡାକ୍ତର, ସରକାରୀ କର୍ମଚାରୀ ଓ ଦଲାଲଙ୍କ ବିରୋଧରେ ଦୃଢ଼ ଫୌଜଦାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ଜୋର୍ ଧରିଛି। ଏନେଇ ବାଲେଶ୍ୱର ସିଡ଼ିଏମଓ ଡା. ଦିଲ୍ଲୀପ କୁମାର ଜେନାଙ୍କ ପ୍ରତିକ୍ରିୟା ପାଇଁ ବାରମ୍ବାର ଚେଷ୍ଟା କରାଯାଇଥିଲେ ସୁଦ୍ଧା ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

## ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ବାଲେଶ୍ୱର,୨୧।୭ (ସମିସ):** ଲାୟନ୍ସ କ୍ଲବ ସାଣ୍ଡ ସିଟି ବାଲେଶ୍ୱର ଶାଖା ଆନୁକୂଲ୍ୟରେ ହରି ମେରାଇନ୍ ସହଯୋଗରେ ବିରୁଆଁ ଠାରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଲାୟନ୍ସ କ୍ଲବ ସାଣ୍ଡ ସିଟିର ସଭାପତି ଲାୟନ୍ ଦୀପକ ରଣା, ସମ୍ପାଦକ ଲାୟନ୍ ଅନିତ୍ୟ ଦାସ, ହରି ମେରାଇନ ପ୍ରାଇଭେଟ୍ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଲାୟନ୍ ସଂଗ୍ରାମ ଦାସ,ଲାୟନ୍ ଆନନ୍ଦ ଝା, ଲାୟନ୍ ଧର୍ମେନ୍ଦ୍ର ପ୍ରସାଦ ମୋର,ଲାୟନ୍ ଶାନ୍ତନୁ ଦାସ , ଲାୟନ୍ ସୁଜିତ୍ ରଣା, ଲାୟନ୍ ମନୋରଞ୍ଜନ, ଲାୟନ୍ ସୁନିଲ ମହାରଣା, ଲାୟନ୍ ସିତାଂଶୁ ଆଚାର୍ଯ୍ୟ, ଲାୟନ୍ ଶଶିଭୂଷଣ ମିଶ୍ର,ଗଣମାଧ୍ୟମ ସଂଯୋଜକ ଲାୟନ୍ ଙ୍କ ବିଭୂପଦ ଦାସଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ। ହରି ମେରାଇନର ପରିଚାଳନା ନିର୍ଦ୍ଦେଶକ ଲାୟନ୍ ସଂଗ୍ରାମ ଦାସ ଧନ୍ୟବାଦ ଦେଇଥିଲେ।

## ଫାଙ୍କା ପଡ଼ିଛି ସାମାଜିକ ଗୋଷ୍ଠୀ ସାମାଜିକ ସୁରକ୍ଷା ପଦ

**ଜଳେଶ୍ୱର ବ୍ଲକ, ୨୧।୭ (ସମିସ):** ସାଧାରଣତଃ ବ୍ଲକ କାର୍ଯ୍ୟାଳୟକୁ ଗ୍ରାମ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଠାରୁ ଆରମ୍ଭ କରି ଜନ ସାଧାରଣ ମାନେ ବିଶେଷ କରି ଭତ୍ତା, ରାସନ, ଆବାସ ଗୃହ ,ପିଇବା ପାଣି ସମସ୍ୟା ନେଇ ନେଇ ବ୍ଲକ କାର୍ଯ୍ୟାଳୟକୁ ଆସିଥାନ୍ତି। ଜଳେଶ୍ୱର ବ୍ଲକରେ ଆଜକୁ ୮ ମାସ ଧରି ଗୋଷ୍ଠୀ ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ଅଚଳ ହୋଇ ପଡିଛି। ସାମାଜିକ ସୁରକ୍ଷା ବିଭଗାର ଅଧକାରୀ ଙ୍କ ବଦଳି ପରେ ଯଦି ବା ଅନ୍ୟ ଅଧିକାରୀ ମାନେ ଦାୟିତ୍ୱ ଗ୍ରହଣ କରିଛନ୍ତି କିନ୍ତୁ ତାହା ସାଧାରଣ ଲୋକଙ୍କ ଭତ୍ତା ପାଇବାର ସମସ୍ୟାକୁ ଠିକ ଭାବେ ସମାଧାନ କରିବାରେ ସମସ୍ୟା ଉପୁଜୁଛି। ସରକାରଙ୍କ ନୂଆ ନିଷ୍ପତ୍ତି ପାଇଁ ବ୍ୟାଙ୍କ ଜରିଆରେ ପାଉଥିବା ଭତ୍ତା ହିତାଧିକାରୀ ମାସ ମାସ ଭତ୍ତା ପାଇବାରୁ ବଞ୍ଚିତ ରହିଛନ୍ତି। ଯାହାର ସଠିକ ସୂଚନା ପାଇବାରେ ଅସମର୍ଥ ହୋଇ ବାରମ୍ବାର ବ୍ଲକ କାର୍ଯଳୟ ଦୌଡି ନୟାନ୍ତ ହେବାକୁ ପଡୁଛି। ଦେଖିବାକୁ ବାକି ରହିଲା ଡବଲ ଇଂଜିନ ସରକାରରେ ଲୋକେ କେବେ ଉତ୍ତମ ସେବା ପାଇବାରେ ସଫଳ ହେଉଛି।

## ୩ ଚୋରା ମଦ ବେପାରୀ ଗିରଫ

**ରାଜଘାଟ, ୨୧।୭ (ସମିସ):** ବସ୍ତା ଅବକାରୀ ବିଭାଗ ପକ୍ଷରୁ ରଣାମୁଣ୍ଡଳୀ ଗ୍ରାମରେ ଚଢ଼ଉ କରାଯାଇ ୩ ମଦ ବେପାରୀଙ୍କୁ ଗିରଫ୍ କରାଯାଇଥିବା ବେଳେ ସେମାନଙ୍କ ନିକଟରୁ ୫୫ଲିଟର ଦେଶୀମଦ ଓ ଗୋଟିଏ ମୋଟଲ ସାଇକେଲ ଜବତ୍ ହୋଇଛି। ଗିରଫ୍ ଅଭିଯୁକ୍ତ ମାନେ ହେଲେ କୁଶଡ଼ିହା ଗ୍ରାମର ନାରାୟଣ ସେନାପତି(୬୪), ରଣାମୁଣ୍ଡଳୀ ଗ୍ରାମର ରାଜୁ ରାମ(୫୩) ଓ କଟି ସିଂ(୭୧)। ଏ ସଂକ୍ରାନ୍ତରେ ତିନୋଟି ପୃଥକ ମାମଲା ରୁଜୁ ହୋଇ ସମସ୍ତ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ଉକ୍ତ ଚଢାଉରେ ଏ ଏସ୍ଆଇ ଦିଲ୍ଲୀପ କୁମାର ଟୁଡୁଙ୍କ ସମେତ ଅନ୍ୟ କର୍ମଚାରୀ ମାନେ ସାମିଲ ଥିଲେ।

## ପକ୍ଷୀବାବାଙ୍କ ସ୍ମୃତିସଭା

**ନୀଳଗିରି, ୨୧।୭ (ସମିସ):** ସ୍ୱର୍ଗତ ପକ୍ଷୀବାବାଙ୍କ ସ୍ମୃତି ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇ ଯାଇଛି। ନୀଳଗିରି ବ୍ଲକ, ତେଲିପାଳ ପଞ୍ଚାୟତ, ଛତ୍ରପୁର ଗାଁ ନିକଟସ୍ଥ ତଳଭଗାବନ୍ଧ ଠାରେ ନିତାଇ ଗୌର ଆଶ୍ରମଟି ଅବସ୍ଥିତ। ଏହି ଆଶ୍ରମ ଟି ଦେବଗିରି ପାହାଡ ଶୃଙ୍ଖଳା ର ତୁଙ୍ଗଭଦ୍ରା ପାହାଡ ଉପରେ ଅବସ୍ଥିତ। ଉକ୍ତ ଆଶ୍ରମକୁ ୨୦୧୦ ମସିହାରେ ପକ୍ଷୀବାବା ନିରଞ୍ଜନ ଦାସ, କେନ୍ଦୁଝର ଜିଲ୍ଲା ଆନନ୍ଦପୁର, ଶାଳପଡା ମୂଳ ଆଶ୍ରମରୁ ଆସି ଏଠାରେ ନିତାଇ ଗୌର ଆଶ୍ରମ ପ୍ରତିଷ୍ଠା କରିଥିଲେ। ମନ୍ଦିର ନିର୍ମାଣ ଓ ଆଶ୍ରମ ପ୍ରତିଷ୍ଠାରେ ସ୍ଥାନୀୟ ସମାଜସେବୀ ଦୀପ୍ତିକାନ୍ତ ମହାପାତ୍ର, ସୁଧାରଞ୍ଜନ ଦାସ, କୈଳାଶ ମିଶ୍ର, ସୀତାରାମ ନାୟକ ଓ ସ୍ୱର୍ଗତ ଚିତ୍ତରଂଜନ ଚୌଧୁରୀଙ୍କ ଅବଦାନ ଥିବା କୁହାଯାଇଛି। ପକ୍ଷୀବାବା ଗତ ୧୦ତାରିଖରେ ଦେହତ୍ୟାଗ କରିଥିଲେ। ତାଙ୍କର ଅବର୍ତ୍ତମାନ ରେ ତାଙ୍କର ଅନୁଗାମୀ ମାନେ ଏକାଦଶାହ କ୍ରିୟା କରିବା ସହିତ ଏକ ସ୍ମୃତି ଓ ଶ୍ରଦ୍ଧାଞ୍ଜଳୀ ସଭାର ଆୟୋଜନ କରିଥିଲେ।

## ସାମ୍ବାଦିକ କୃପାସିନ୍ଧୁ ପଣ୍ଡାଙ୍କ ପରଲୋକ



**କାଳିପଦା, ୨୧।୭ (ସମିସ):** ବରିଷ୍ଠ ସାମ୍ବାଦିକ କୃପାସିନ୍ଧୁ ପଣ୍ଡାଙ୍କ ସୋମବାର ବିଳମ୍ବିତ ରାତ୍ରିରେ ତାଙ୍କ ବିଶ୍ୱନାଥପୁର ବାସଭବନରେ ପରଲୋକ ହୋଇ ଯାଇଛି। ମୃତ୍ୟୁବେଳକୁ ତାଙ୍କୁ ମାତ୍ର ୫୬ ବର୍ଷ ବୟସ ହୋଇଥିଲା। ଏକ ସଡ଼କ ଦୁର୍ଘଟଣା ପରଠୁ ସେ ଗୁରୁତର ଅସୁସ୍ଥ ହୋଇ ଚିକିତ୍ସାଧୀନ ଅବସ୍ଥାରେ ରହିଥିଲେ। ଗତ ରାତିରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନିଆ ଯାଇଥିଲା। ସେଠାରୁ ଚିକିତ୍ସିତ ହୋଇ ଘରକୁ ଫେରି ଥିଲେ। ମାତ୍ର ସେ ବଞ୍ଚିପାରିଲେ ନାହିଁ ଶେଷ ନିଶ୍ୱାସ ତ୍ୟାଗ କଲେ। ଆଜି ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷ କୃତ୍ୟ ସମ୍ପନ୍ନ ହୋଇଛି। ପୁତ୍ର ତ୍ରିଶୋଭ ପଣ୍ଡା ମୁଖାଗ୍ନି ଦେଇଛନ୍ତି। ସେ ବାଲିଆପାଳର ଅଗ୍ରଣୀ ସାମ୍ବାଦିକ ସଂଗଠକ 'ସୁବର୍ଣ୍ଣ ରେଖା ପ୍ରେସ କ୍ଲବ' ର ସଭାପତି ଥିଲେ। ତାଙ୍କ ମୃତ୍ୟୁରେ କ୍ଲବର ଆବାହକ ଡ଼ଃ ସୁକାନ୍ତ କୁମାର ଗିରି, ଉପଦେଷ୍ଟା ମନ୍ମଥ କୁମାର ସାହୁ, ସୁଧାଂଶୁ ପଣ୍ଡା, ସାମ୍ବାଦିକ ଗୋପାଳ କୃଷ୍ଣ ବିଶ୍ୱାଳ, ଦିଲ୍ଲୀପ କୁମାର ଦାସ, ଜ୍ୟୋତି ରଞ୍ଜନ ପଟ୍ଟାୟତ, ହରେକୃଷ୍ଣ ତ୍ରିପାଠୀ, ସନ୍ୟାସୀ ବେହେରା,ସାମ୍ବାଦିକା କବିତା ଗିରି, ରମିତା ବିଶ୍ୱାଳ, ସଦାଶିବ ସେଠୀ, ସଞ୍ଜୟ କୁମାର ଗିରି ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ଚକ୍ଷୁ ପରୀକ୍ଷା ଶିବିର

**ବାଲେଶ୍ୱର,୨୧।୭ (ସମିସ):** ଜ୍ଞାନଶ୍ରୀ ସ୍ୱେଚ୍ଛାସେବୀ ସଂଗଠନ ଆନୁକୂଲ୍ୟରେ ଏକ ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଏବଂ ବୃଦ୍ଧାଶ୍ରମ ଅନ୍ତେବାସୀ ନିମନ୍ତେ ରାତ୍ରି ଭୋଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁରୁଡ଼ା ସ୍ଥିତ ଟେକ୍ନୋସଫ୍ଟ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ର ପରିସରରେ ଆୟୋଜିତ ଶିବିରକୁ ରେମୁଣା ବିଧାୟକ ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ଗିରି, ସୁସାହିତିକ କବି ପ୍ରଶାନ୍ତ ଦାଶ ଏବଂ ସମାଜସେବୀ ନମିତା ନାୟକ ମିଳିତ ଭାବେ ଉଦ୍ଘାଟନ କରିଥିଲେ। ସଂଗଠନ ସମ୍ପାଦକ ପ୍ରଶାନ୍ତ କୁମାର ପଟେଲଙ୍କ ସଂଯୋଜନାରେ ଆୟୋଜିତ ଚକ୍ଷୁ ପରୀକ୍ଷା ଶିବିର ବାଲେଶ୍ୱର ସ୍ଥିତ ଏଲଭି ପ୍ରସାଦ ଚକ୍ଷୁ ଚିକିତ୍ସାଳୟର ପ୍ରତିନିଧିମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ପ୍ରଣାମ ପ୍ରତିଭାର ଉପଦେଷ୍ଟାଙ୍କ ପୁତ୍ର ଆର୍ଯ୍ୟମାନଙ୍କ ଜନ୍ମଦିନ ଅବସରରେ ମୋତିଆ ବିନ୍ଦୁ ଚିହ୍ନଟ ରୋଗୀମାନଙ୍କୁ ମାଗଣାରେ ଅସ୍ତ୍ରୋପଚାର ନିମନ୍ତେ ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଜ୍ଞାନଶ୍ରୀ ସଦସ୍ୟ ସଦସ୍ୟା ପରିଚାଳନ କରିଥିବା ବେଳେ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ର ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ଯାତ୍ରୀ ବିଶ୍ରାମଗାର ଭାଙ୍ଗିବାର ତଦନ୍ତ ଦାବିରେ ବିଡିଓଙ୍କୁ ଦାବିପତ୍ର

**କାଳିପଦା, ୨୧।୭ (ସମିସ):** ବାଲିଆପାଳ ବସ୍ତା ମୁଖ୍ୟ ରାସ୍ତାର ଦନ୍ତୁଣିଦା ଛକରେ ସରକାରୀ ଜାଗା ଓ ସରକାରୀ ଟଙ୍କାରେ ନିର୍ମାଣ ହୋଇ ଥିବା ଯାତ୍ରୀ ବିଶ୍ରାମଗାର ଭାଙ୍ଗିବାକୁ ବିରୋଧ କରି ସୋମବାର ଦାନ୍ତୁଣୁଦା ଗ୍ରାମବାସୀ ବାଲିଆପାଳ ବିଡିଓ ରାଧା ରଞ୍ଜନ ଦାସଙ୍କ ଠାରେ ଅଭିଯୋଗ କରିବା ସହିତ ଏହାର ନ୍ୟାୟିକ ତଦବନ୍ତ ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବାଲିଆପାଳ ବସ୍ତା ମୁଖ୍ୟ ରାସ୍ତାର ଦାନ୍ତୁଣିଦା ଛକ ନିକଟରେ ୨୦୧୯ ମସିହାରେ ତତ୍କାଳୀନ ଓଡ଼ିଶା ସରକାରଙ୍କ ଦ୍ୱାରା ଯାତ୍ରୀଙ୍କ ବସିବା ପାଇଁ ପ୍ରାୟତଃ ୪ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ଯାତ୍ରୀ ବିଶ୍ରାମଗାର କରଯାଇଥିଲା। ସେହି ସମୟରେ ଯାତ୍ରୀ ବିଶ୍ରାମଗାର କୁ ଗୋଟିଏ ବଡ ଘର କରାନଯାଇ ଛୋଟ ଛୋଟ ଦୁଇଟି କୋଠରୀ ବିଶିଷ୍ଟ କରାଯାଇଥିଲା। ଏ ନେଇ ମଧ୍ୟ ସେତେ ବେଳେ ଗ୍ରାମବାସୀ ଏହାକୁ ବିରୋଧ କରି ତତ୍କାଳୀନ ବିଡ଼ିଓଙ୍କ ଠାରେ ଅଭିଯୋଗ କରିଥିଲେ। ଫଳ କିଛି ହୋଇ ନଥିଲା। ପରେ ଉକ୍ତ ବିଶ୍ରାମଗାର ଲକ୍ଷ୍ମୀ ବସ ଷ୍ଟାଣ୍ଡରେ ରୂପାନ୍ତରୀତ କରାଗଲା। ମାତ୍ର ସେତେବେଳେ ବି ମଝିରେ ଥିବା କାନ୍ଥ ଭଙ୍ଗା ହୋଇ ପାରିଲା ନାହିଁ। ମାତ୍ର ଚଳିତ ଜୁଲାଇ ମାସ ୧୩ ତାରିଖରେ ଗୋପୀନାଥ ଦଳାଇ ନାମକ ଜଣେ ବ୍ୟକ୍ତି ବିଶ୍ରାମ ଗାରର ତାଜାକୁ ଡ୍ରିଲ ମେସିନ ଲଗାଇ ଭାଙ୍ଗୁଥିଲେ। ଗ୍ରାମବାସୀ ବିରୋଧ କରିବାରୁ ଶ୍ରୀ ଦଳାଇ ସ୍ଥାନୀୟ ସରପଞ୍ଚଙ୍କ ନିର୍ଦ୍ଦେଶ କ୍ରମେ ଭଙ୍ଗା ଯାଉଛି ବୋଲି କହିଥିଲେ। ଏ ନେଇ ଦେଭୋଗ ପଞ୍ଚାୟତର ପୂର୍ବତନ ସରପଞ୍ଚ ନରହରି ଜେନା, ଦାନ୍ତୁଣିଦା ଗ୍ରାମର ମୁଖିଆ ରାମଚନ୍ଦ୍ର ରାଉତ, ଗୌରହରି ଦାସ, ଉମାକାନ୍ତ ଦଳାଇ, ବରେନ୍ଦ୍ର ଦଳାଇ, ପଙ୍କଜ କୁମାର ଦଳାଇ, ବାଞ୍ଛାନିଧି ଦଳାଇ, ଗୋପାଳକୃଷ୍ଣ ଦାସ, ଅଜୟ ଦଳାଇ ପ୍ରମୁଖ ଉପସ୍ଥିତ ହୋଇ ଏହାର ନ୍ୟାୟିକ ତଦନ୍ତ କରିବାକୁ ଦାବି କରି ବିଡ଼ିଓ ଶ୍ରୀ ଦାସଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ଗୃହରକ୍ଷୀ ନିଯୁକ୍ତି ପରୀକ୍ଷା ଫଳ ଶୀଘ୍ର ପ୍ରକାଶ ଦାବି




**ବାଲେଶ୍ୱର,୨୧।୭ (ସମିସ):** ଜିଲ୍ଲା ଗୃହରକ୍ଷୀ ନିଯୁକ୍ତି ପରୀକ୍ଷା ସମାପ୍ତ ହେବାର ଦୀର୍ଘ ୪ ମାସରୁ ଅଧିକ ଦିନ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପରୀକ୍ଷା ଫଳ ପ୍ରକାଶ ହୋଇନାହିଁ। ବିଗତ ଦୁଇ ମାସ ହେଲା ବାରମ୍ବାର ଆଶାୟୀ ଗୃହରକ୍ଷୀ ପ୍ରାର୍ଥୀ ମାନେ ଜିଲ୍ଲାପାଳ ଏବଂ ଏସପିଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏବଂ ଏସପି ନିଜେ ପରୀକ୍ଷା ଫଳ ପ୍ରକାଶ କରିବାର ତାରିଖ ଗତ ୨ ମାସ ଧରି କହି ଆସୁଛନ୍ତି। ହେଲେ ତାଙ୍କ ପ୍ରତିଶୃତି, କେବଳ ପ୍ରତିଶୃତି ରେ ରହିଯାଇଛି। କେବଳ ତାରିଖ ପରେ ତାରିଖ ଅତିକ୍ରମ କରୁଛି କିନ୍ତୁ ପରୀକ୍ଷା ଫଳ ପ୍ରକାଶ ହେଉନାହିଁ ବୋଲି ଗୃହରକ୍ଷୀ ଆଶାୟୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି। ଏସପି ଗୋଟିଏ କଥା ବାରମ୍ବାର କହୁନ୍ତି, ରେଜଲଟ କଟକ ସ୍ଥିତ ଡିଜି ଅଫିସକୁ ପଠାଯାଇଛି। ମାତ୍ର ୩ ମାସରୁ ଅଧିକ ସମୟ ହୋଇ ଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। କେଉଁ କାରଣ ପାଇଁ ୩ ମାସ ରୁ ଅଧିକ ସମୟ ବିତିଗଲାଣି ରେଜଲ୍ଟକୁ ସ୍ଥଗିତ କରି ରଖାଯାଇଛି ? କାହା ସ୍ୱାର୍ଥରେ ବୋଲି ପ୍ରଶ୍ନ କରାଯାଇଛି। ପରୀକ୍ଷା ଫଳ ବିଳମ୍ବ ହେବା ଏବଂ ଆଜିକୁ ଦୀର୍ଘ ୪ ମାସ ରୁ ଅଧିକ ଦିନ ପର୍ଯ୍ୟନ୍ତ ପ୍ରକାଶ ନ ହେବା କେଉଁଠି ନା କେଉଁଠି ଦୁର୍ନୀତି ଏବଂ ରାଜନୈତିକ ଚାପର କାରଣ ଜଣାପଡୁଛି। ବାଲେଶ୍ୱର ଗୃହରକ୍ଷୀ ପରୀକ୍ଷା ଫଳ ଅବିଳମ୍ବେ ପ୍ରକାଶ କରାଯାଉ, ସ୍ୱଚ୍ଛତା, ନିରପେକ୍ଷତା ଓ ଯୋଗ୍ୟତା ଆଧାରରେ ପ୍ରାର୍ଥୀ ଚୟନ କରାଯାଉ ବୋଲି ଦାବି କରାଯାଇଛି।

## ଜଗାଇ କଲେଜର ନୂତନ ଅଧ୍ୟକ୍ଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**କାଳିପଦା, ୨୧।୭ (ସମିସ):** ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ପତ୍ର ସଂଖ୍ୟା - ୩୯୦୭୭/୨୬ ମୂଳେ ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷିସ୍ଥିତ ଲକ୍ଷ୍ମୀକାନ୍ତ ଡିଗ୍ରୀ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଧାପକ ରତିକାନ୍ତ ବେହେରା ସୋମବାର ଭାରପ୍ରାପ୍ତ ଅଧ୍ୟକ୍ଷ ଭାବରେ ବାଲିଆପାଳ ବ୍ଲକ ଜଗାଇ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟରେ ଅଧ୍ୟକ୍ଷ ଦାୟିତ୍ୱ ବହନ କରିଛନ୍ତି। ପୂର୍ବତନ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଧାପକ ଜଗଦୀଶ ଚନ୍ଦ୍ର ବିଶ୍ୱାଳ ଅଧ୍ୟକ୍ଷ ଭାର ଅର୍ପଣ କଲାପରେ ପ୍ରଧାପକ ବେହେରାଙ୍କୁ ଜଗାଇ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଅଣ ଶିକ୍ଷକ କର୍ମଚାରୀ ବିପୁଳ ସମ୍ବର୍ଦ୍ଧନା କରିବା ସହ ସ୍ୱାଗତ କରିଥିଲେ । ଏହି ସମ୍ବର୍ଦ୍ଧନା ପର୍ବରେ ପୂର୍ବତନ ଅଧ୍ୟକ୍ଷ ଜଗଦୀଶ ଚନ୍ଦ୍ର ବିଶ୍ୱାଳ,ରାଜନୀତି ବିଜ୍ଞାନ ମୁଖ୍ୟ ଅଧ୍ୟାପକ ପ୍ରଭାତ କୁମାର ଜେନା, ଇତିହାସ ବିଭାଗ ମୁଖ୍ୟ ଅଧ୍ୟାପିକା ଅନ୍ନପୂର୍ଣ୍ଣା ପାଣିଗ୍ରାହୀ, ଇଂରାଜୀ ବିଭାଗ ମୁଖ୍ୟ ସନ୍ତୋଷ କୁମାର ମହାନା, ସଂସ୍କୃତ ବିଭାଗ ମୁଖ୍ୟ ଡ଼କ୍ଟର ବାମଦେବ ଆଚାର୍ଯ୍ୟ, ଶିକ୍ଷା ବିଭାଗ ମୁଖ୍ୟ ପ୍ରଧାପକ ପ୍ରହ୍ଲାଦ ବତ୍ସଳ ବେହେରା, ଓଡ଼ିଆ ବିଭାଗ ମୁଖ୍ୟ ଡ଼କ୍ଟର ଦୟାନିଧି ସାହୁ, ଅଧ୍ୟାପକ ବିଦ୍ୟାଧର କୁହ୍ଲାରୀ, ସଞ୍ଜୟ କୁମାର ଦାସ, ରାଧାକାନ୍ତ ମହାନ୍ତି, ମନୋରଞ୍ଜନ ମହାନ୍ତି, ବିକାଶ ରଞ୍ଜନ ପ୍ରଧାନ, ଅଭିଳାଷ ବେହେରା, ଆଶିଷ କୁମାର ଓଝା, ଅଧ୍ୟାପିକା ସୁପ୍ରସନୀ ବେହେରା, ସସ୍ମିତା ସିଂ, ମନସ୍ୱିନୀ ଆଚାର୍ଯ୍ୟ ସମେତ ବିଦ୍ୟାଧର ପରିଡା, ପ୍ରକାଶ କୁମାର ସାହୁ, ଶାନ୍ତନୁ କୁମାର ସାମଲ, କାହ୍ନୁ ଚରଣ ଆଦକ, ଅମୂଲ୍ୟ କୁମାର ମଣ୍ଡଳ ପ୍ରମୁଖ ଉପସ୍ଥିତ ରହି ସ୍ୱାଗତ କାର୍ଯ୍ୟକ୍ରମକୁ ସମ୍ପାଦିତ କରିଥିଲେ।

## ଆଡ଼ପମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭିଡ଼



**ବାଲେଶ୍ୱର,୨୧।୭ (ସମିସ):** ବାଲେଶ୍ୱର ସହରର ସିନେମାଛକ ସ୍ଥିତ ମାଉସୀମା ମନ୍ଦିରରେ ଭକ୍ତଙ୍କ ଭିଡ ଦେଖିବାକୁ ମିଳିଥିଲା। ସିନେମାଛକ ଶ୍ରୀଗୁଣ୍ଡିଚା ମନ୍ଦିରର ଆଡ଼ପମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତଙ୍କର ବେଶ୍ ଭିଡ଼ ଲାଗି ରହିଛି। ଦୈନିକ ବିଶେଷ ନୀତିପୂଜା ଓ ଆରତୀ ସମୟରେ ଭକ୍ତମାନେ ଚତୁର୍ଦ୍ଧାମୂର୍ତିଙ୍କୁ ବିଭିନ୍ନ ବେଶରେ ଦର୍ଶନ କରୁଛନ୍ତି। ପୁରାଣ ଶାସ୍ତ୍ର ଅନୁଯାୟୀ ଶ୍ରୀମନ୍ଦିରରେ ଦଶବର୍ଷ ଦର୍ଶନର ପୂଣ୍ୟ ଆଡ଼ପମଣ୍ଡପରେ ଗୋଟିଏ ଦିନ ଦର୍ଶନ ସହ ସମାନ। ତେବେ ଦିନ ଦର୍ଶନ ଠାରୁ ରାତ୍ରି ଦର୍ଶନର ପୂଣ୍ୟ ଦଶ ଗୁଣ ଅଧିକ। ସେଥିପାଇଁ ସଂଧ୍ୟାରେ ଆରତୀ ସମୟରେ ଶ୍ରଦ୍ଧାଳୁଙ୍କର ଅଧିକ ଭିଡ଼ ହେଉଛି। ଏଥି ସହିତ ଦୈନିକ ବିଳମ୍ବିତ ରାତି ପର୍ଯ୍ୟନ୍ତ ଜାରି ରହୁଥିବା ଭଜନ ସଂଧ୍ୟା ଦେଖିବାକୁ ଭକ୍ତମାନେ ଦେଶ ଦୀର୍ଘ ସମୟ ଅଟକି ରହୁଥିବା ଦେଖିବାକୁ ମିଳିଛି।

## ଲାୟନ୍ସ କ୍ଲବ୍ ଅଫ୍ ବାଲେଶ୍ୱରର ପଦାଧିକାରୀ ସ୍ଥାପନ ଉତ୍ସବ




**ବାଲେଶ୍ୱର,୨୧।୭ (ସମିସ):** ଲାୟନ୍ସ କ୍ଲବ୍ ଅଫ୍ ବାଲେଶ୍ୱରର ୫୨ତମ ବାର୍ଷିକ ପଦାଧିକାରୀ ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଲାୟନ୍ ରାଜେନ୍ଦ୍ର ଗୁପ୍ତା କ୍ଲବର ନୂତନ ସଭାପତି ପଦ ଓ ଗୋପନୀୟତାର ଶପଥ ଗ୍ରହଣ କରି ପୂର୍ବତନ ସଭାପତି ଲାୟନ୍ ଶିବ କୁମାର ପୋଦ୍ଦାରଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ସେହିପରି ଲାୟନ୍ ନିତିନ ଶର୍ମା ସମ୍ପାଦକ, ଲାୟନ୍ ରାଜେନ୍ଦ୍ର ମହାୱାର ପ୍ରଥମ ଉପସଭାପତି, ଲାୟନ୍ ଅନିଲ ଖଣ୍ଡେଲୱାଲ ଦ୍ୱିତୀୟ ଉପସଭାପତି, ଲାୟନ୍ ଚିରାଗ ଚୌହାନ ଯୁଗ୍ମ ସମ୍ପାଦକ ଏବଂ ଲାୟନ୍ କମଲ ମୋଦି କୋଷାଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଲାୟନିଷ୍ଟିକ ବର୍ଷ ୨୦୨୬୨୭ ପାଇଁ ନବନିର୍ବାଚିତ ପଦାଧିକାରୀମାନଙ୍କୁ ଲାୟନ୍ସ ଜିଲ୍ଲା ୩୨୨-ବି୨, କୋଲକାତାର ପୂର୍ବତନ ଜିଲ୍ଲା ଗଭର୍ଣ୍ଣର ଲାୟନ୍ କିଶନ କୁମାର ପୋଦ୍ଦାର ବିଧିବଦ୍ଧ ଭାବେ ଶପଥ ପାଠ କରାଇ ସ୍ଥାପନ କରିଥିଲେ। ସମାରୋହରେ ଲାୟନ୍ସ କ୍ଲବ୍ ଅଫ୍ ବାଲେଶ୍ୱରର ସଦସ୍ୟମାନଙ୍କ ସମେତ ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଲାୟନ୍ସ କ୍ଲବ୍ ସଦସ୍ୟ ଓ ପଦାଧିକାରୀ ଉପସ୍ଥିତ ଥିଲେ।

## ବକେୟା ପଡ଼ିଛି ଅଙ୍ଗନବାଡ଼ି କେନ୍ଦ୍ରର ଘର ଭଡ଼ା

ବାଲେଶ୍ୱର,୨୧।୭ (ସମିସ)



ନିଖିଳ ଓଡ଼ିଶା ଅଙ୍ଗନବାଡି କର୍ମୀ ସଂଘର ବାଲେଶ୍ୱର ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲାପାଳଙ୍କୁ ୧୦ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ସରକାର ଅଙ୍ଗନବାଡି କର୍ମୀ ଓ ସହାୟିକାଙ୍କ ସମସ୍ୟାର ସମାଧାନ କରୁନଥିବା ଅଭିଯୋଗ କରି ତୁରନ୍ତ ହସ୍ତକ୍ଷେପ ଦାବି କରିଛନ୍ତି। ସଂଘ ଅଭିଯୋଗ କରିଛି ଯେ, ଗତ ମାର୍ଚ୍ଚ ମାସରୁ ଅନିୟମିତ ଭତ୍ତା ପ୍ରଦାନ କରାଯାଉଛି। ନିଜସ୍ୱ ପୋଷାକ ସିଲେଇ ସଂସ୍ଥା ନ ଥିବା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ନିୟମ ଉଲ୍ଲଂଘନ କରି ନିମ୍ନମାନର ପୋଷାକ ଯୋଗାଯାଉଛି। ଖୋଲା ବଜାରରେ ଅଣ୍ଡା ଦାମ୍ ୧୦ ଟଙ୍କାରୁ ଅଧିକ ହେଉଥିବା ବେଳେ ଅଙ୍ଗନବାଡି କେନ୍ଦ୍ରକୁ ମାତ୍ର ୬ ଟଙ୍କା ୪୬ ପଇସା ଦିଆଯାଉଛି। ସେହିପରି ଗରମ ରନ୍ଧା ଖାଦ୍ୟ ପାଇଁ ଦିଆଯାଉଥିବା ଚାଉଳ ପ୍ୟାକେଟ୍ ପ୍ରତି ୪-୫ କିଲୋ ସ୍ୱଳ୍ପ ରହୁଛି। ମେନୁ

**ଜିଲ୍ଲାପାଳଙ୍କୁ ଭେଟିଲା ନିଖିଳ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ସଂଘ**

ଅନୁସାରେ ସକାଳ ଜଳଖିଆ ପ୍ରସ୍ତୁତି ପାଇଁ ଅଧିକ ଗ୍ୟାସ ଆବଶ୍ୟକ ହେଉଥିଲେ ମଧ୍ୟ ଅତିରିକ୍ତ ସିଲିଣ୍ଡର ଯୋଗାଇ ଦିଆଯାଉନାହିଁ। ୨୦୨୨ ମସିହାରୁ ମମତା ଇନ୍‌ସେଣ୍ଟିଭ୍ ବକେୟା ରହିଛି। ୨୦୨୫ ମାର୍ଚ୍ଚରୁ ୨୦୨୬ ଏପ୍ରିଲ ପର୍ଯ୍ୟନ୍ତ ଦିଆଯାଇଥିଲେ ମଧ୍ୟ ୨୦୨୨, ୨୦୨୩, ୨୦୨୪ ଓ ୨୦୨୫ ଫେବୃଆରୀ ପର୍ଯ୍ୟନ୍ତର ବକେୟା ମିଳିନାହିଁ।ଅନ୍ୟ ଦାବି ମଧ୍ୟରେ ରହିଛି ପୋଷଣ କାର୍ଯ୍ୟକ୍ରମରେ କର୍ମୀଙ୍କୁ ନିଜ ଘରୁ ଖାଦ୍ୟ ଆଣିବାକୁ ବାଧ୍ୟ ନକରିବା, ସରକାରୀ ୪ ଜିବି/୬୪ ଜିବି ମୋବାଇଲରେ ସମସ୍ତ ଆପ୍ ଲୋଡ୍ ହେଉନଥିବାରୁ ନୂତନ ମୋବାଇଲ୍ ଯୋଗାଣ, ୬ ପ୍ୟାକେଜ୍ ବ୍ୟତୀତ ଅନ୍ୟ କାର୍ଯ୍ୟରେ ସାମିଲ ନକରିବା ଏବଂ ଭଡ଼ା ଘରେ ଚାଲୁଥିବା ଅଙ୍ଗନବାଡି କେନ୍ଦ୍ରର ଘରଭଡ଼ା ତୁରନ୍ତ ପ୍ରଦାନ। ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ସଭାପତି ପ୍ରତିଭା ପାଲ, ସମ୍ପାଦିକା ଲକ୍ଷ୍ମୀପ୍ରିୟା ଦାସ, ନୀୟତି ସାହୁ, ସୁଷମା ପାତ୍ର, ନିର୍ମଳା ପ୍ରଧାନ, ନିର୍ବାସିନୀ ପ୍ରଧାନ, ସୁଶାନ୍ତି ବର, ନୀଳିମା ଦେ, ନମିତା ଶତପଥୀ, ପ୍ରତିଭା ନାୟକ, ମାଳିନୀ ଆଚାର୍ଯ୍ୟ, ମାଳତୀ ମିଶ୍ର, ଦୁର୍ଗା ଦାସ, ସସ୍ମିତା ଜେନା, ସ୍ମୃତି ରେଖା ମଲ୍ଲିକ, ଗୀତାରାଣୀ ଦଳ, ଶକୁନ୍ତଳା ମାଇତିଙ୍କ ସମେତ ଅନେକ କର୍ମୀ ଉପସ୍ଥିତ ଥିଲେ।

## ଜଳିଗଲା ଫୁଲ ଦୋକାନ

**ବାଲେଶ୍ୱର,୨୧।୭ (ସମିସ):** ସଦର ବ୍ଲକ ଅନ୍ତର୍ଗତ ରସାଲପୁର ଗ୍ରାମର ଜାଗୁଲାଇ ଛକ ନିକଟରେ ଆଜି ଏକ ଅଘଟଣ ଘଟିଛି। ସେଠାରେ ଥିବା ଏକ ଫୁଲ ଦୋକାନରେ ନିଆଁ ଲାଗି ସମ୍ପୂର୍ଣ୍ଣ ଜଳି ଯାଇଛି। ନିମିକ୍ ସଡ଼କ ପାର୍ଶ୍ୱରେ ଉମାଶଙ୍କର ରଣାଙ୍କ ଦୀର୍ଘ ୧୫ବର୍ଷ ଧରି ଫୁଲ ଦୋକାନ କରି ନିଜର ପରିବାର ଚଳାଉଥିଲେ। ଗତ କାଲି ବିଳମ୍ବିତ ରାତିରେ ଆକ୍ରସମୂଳକ ଭାବେ କିଛି ଦୁର୍ବୃତ୍ତ ଦୋକାନକୁ ନିଆଁ ଲଗାଇ ଦେଇଛନ୍ତି ବୋଲି ଅଭିଯୋଗ କରିଛନ୍ତି। ନିଆଁ ଲାଗିଯିବା ଫଳରେ ଦୋକାନଟି ସମ୍ପୂର୍ଣ୍ଣ ଭାବେ ପୋଡି ପାଉଁଶ ହୋଇଯାଇଛି। ଖବର ପାଇ ଦମକଳ ବାହିନୀ ଆସି ନିଆଁ କୁ ଆୟତ କରିଥିଲେ। ଦୋକାନରେ ପାଖାପାଖି ୫ଲକ୍ଷରୁ ଅଧିକ ଟଙ୍କାର କ୍ଷତି ହେଇଥିବା ଅନୁମାନ କରାଯାଇଛି।

## ମୟୂରଭଞ୍ଜରେ ବିପର୍ଯ୍ୟସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଓ ଏହାର ପରିଚାଳନା ପ୍ରସଙ୍ଗ

# ସୁଧାର ଆଣିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଭଞ୍ଜସେନାର ନିବେଦନ

ବାରିପଦା, ୨୧।୭ (ସମିସ)

ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ଥିବା ଅଙ୍ଗନବାଡି କେନ୍ଦ୍ରର ପରିଚାଳନା ଅବ୍ୟବସ୍ଥା ମଧ୍ୟରେ ଗତି କରୁଥିବାରୁ ସରକାରଙ୍କ ପ୍ରଣିତ ମହିଳା ଓ ଶିଶୁଙ୍କ ଯତ୍ନଠାରୁ ସ୍ୱାସ୍ଥ୍ୟ ଓ ପ୍ରାକ୍ ପ୍ରାଥମିକ ଶିକ୍ଷା ଯୋଜନାରେ ଗୁରୁତର ବିଭ୍ରାଟ ନେଇ ଖବର ପ୍ରକାଶ ପରେ ଭଞ୍ଜସେନା ଟ୍ୱିଟ କରି 'ଏକ୍ସ'ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଷ୍ଟି ଆକର୍ଷଣ କରିଛି। ତତସହିତ ଏପରି ଅବ୍ୟବସ୍ଥା ନେଇ ସଙ୍ଗଠନ ପକ୍ଷରୁ ରିଲ୍ସ ପ୍ରତିଯୋଗିତାରେ ସରକାରଙ୍କ ନିଦ ଭାଙ୍ଗିବା ଓ ସମସ୍ୟା ସମାଧାନ ପାଇଁ ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ତୁରନ୍ତ ଆନ୍ଦୋଳନ ଚେତାବନୀ ଦେଇଛନ୍ତି।




ସୂଚନା ମୁତାବକ, ଜିଲ୍ଲାର ୫୧୫୩ ଅଙ୍ଗନବାଡି କେନ୍ଦ୍ର ଜରିଆରେ ୧,୯୨,୨୭୬ ହିତାଧିକାରୀ ନିର୍ଭରଶୀଳ। ଏହି ବିରାଟ ସଂଖ୍ୟକ ହିତାଧିକାରୀଙ୍କ ମଧ୍ୟରୁ ବିଶେଷକରି ଆଦିବାସୀ ଅଞ୍ଚଳର ମହିଳା ଓ ଶିଶୁଙ୍କ ପାଇଁ ପୁଷ୍ଟିକର ଖାଦ୍ୟ, ସ୍ୱାସ୍ଥ୍ୟ ସେବା ଓ ପ୍ରାଥମିକ ଶିକ୍ଷା ପ୍ରଦାନ କରିବାର ଦାୟିତ୍ୱ ଅଙ୍ଗନବାଡି କେନ୍ଦ୍ର ଉପରେ ରହିଛି। କିନ୍ତୁ ସୁବିଧାର ଅଭାବ ଓ ଜନବଳର ଅଭାବ ଯୋଗୁଁ ଏହି କାର୍ଯ୍ୟକ୍ରମ ପ୍ରଭାବଶାଳୀ ହୋଇପାରୁନାହିଁ। କାରଣ ୫୧୩୫ ଅଙ୍ଗନବାଡି କେନ୍ଦ୍ରରୁ ୧୧୮୨ଟିର ନିଜସ୍ୱ ଗୃହ ନ ଥିବାରୁ ୩୧୩ଟି କେନ୍ଦ୍ର ଭଡ଼ା ଘରେ, ୧୯୪ଟି ବିଦ୍ୟାଳୟ ପରିସର ଓ ୬୭୫ଟି ଗୋଷ୍ଠୀ ସାଧନ ଗୃହରେ ଚାଲିଛି। ଏମାନଙ୍କ

### ସତ୍ୟତା ପଦାକୁ ଆଣିବା ପାଇଁ ହେବ ରିଲ୍ସ ପ୍ରତିଯୋଗିତା

ମଧ୍ୟରୁ ୧୫୯୬ଟି କେନ୍ଦ୍ରରେ ରୋଷେଇ ଘର ନାହିଁ। ୧୭୮୩ଟି କେନ୍ଦ୍ରରେ ପରିମଳ ବ୍ୟବସ୍ଥା ନାହିଁ। ୨୦୧୮ କେନ୍ଦ୍ରରେ ବିଦ୍ୟୁତ ସୁବିଧା ନାହିଁ। ତେବେ ଉପଲବ୍ଧ ପାନୀୟ ଜଳ ସୁବିଧା ସମସ୍ତ କେନ୍ଦ୍ରରେ ଥିବା କଥା କୁହାଯାଉଛି। ବାସ୍ତବରେ ଅନେକ ସ୍ଥାନରେ ଏହାର ମଧ୍ୟ ଅଭାବ ଦେଖାଯାଉଛି। ଏହି କେନ୍ଦ୍ର ପରିଚାଳନା ପାଇଁ ଜିଲ୍ଲା ମୁଖ୍ୟ ଭାବେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ବାରମ୍ବାର ବଦଳୁଥିବାରୁ ୨ ବର୍ଷରେ ପରିଚାଳନା ବିଭ୍ରାଟ ସର୍ବାଧିକ ହୋଇଛି। ବିଗତ ୩ ଅଧିକାରିଣୀ ଅବସର ଗ୍ରହଣ କିଛିଦିନ ପୂର୍ବରୁ ଯୋଗଦେଇ ସମସ୍ତେ ଅବସର ନେଇଥିବାବେଳେ ନୂତନ ଭାବେ ଏବେ ବଦଳି ହୋଇଆସୁଥିବା ଅଧିକାରିଣୀ ମଧ୍ୟ ୪ ମାସ ପରେ ଅବସର ନେବେ। ବୃହତ୍ତ ଜିଲ୍ଲାର ସ୍ଥିତି ପରଖିବା ବେଳକୁ ତାଙ୍କ କାର୍ଯ୍ୟକାଳ ଶେଷ ଅନ୍ତରାୟ ଆଣୁଛି। ସେହିପରି ଜିଲ୍ଲାର ୨୬ଟି ବ୍ଲକରୁ ୨ଟି ବ୍ଲକରେ ସିଡିପିଓ ପଦବୀ ଖାଲିପଡିଛି। ସେହିପରି ୧୯୨ଟି ସୁପରଭାଇଜର ପଦରୁ ୧୧୯ଟି, ୫୧୫୩ ଅଙ୍ଗନବାଡି କର୍ମୀ ପଦରୁ ୯୮ଟି ଓ ଅଙ୍ଗନବାଡି ସହାୟକା ପଦ ୧୪୨ଟି ମିଶି ମୋଟ ୩୬୧ଟି ପଦ ଖାଲିଥିଲେ ହେଁ ପୂରଣ କରାଯାଉନାହିଁ। ଫଳରେ କେନ୍ଦ୍ରଗୁଡ଼ିକର ଦୈନନ୍ଦିନ କାର୍ଯ୍ୟ ପ୍ରଭାବିତ ହେଉଛି ଓ ସେବା ପ୍ରଦାନର ମାନ ଖରାପ ହେଉଛି। ବିପର୍ଯ୍ୟସ୍ତ ହୋଇପଡିଥିବା ଅଙ୍ଗନବାଡିର ସତ୍ୟତାକୁ ପଦାକୁ ଆଣିବା ପାଇଁ ଆଗକୁ ଆକର୍ଷଣୀୟ ପୁରସ୍କାର ରାଶି ସହିତ ହେବ ରିଲ୍ସ ପ୍ରତିଯୋଗିତା ଓ ଯଥାଶୀଘ୍ର ଏପରି ଅବ୍ୟବସ୍ଥାରେ ସୁଧାର ନ ଆସିଲେ ସଂଗଠନ ପକ୍ଷରୁ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ଜିଲ୍ଲା ମୁଖପାତ୍ର ଜ୍ୟୋତି ରଞ୍ଜନ ପୃଷ୍ଟି ସୂଚନା ପ୍ରଦାନ କରିଛନ୍ତି।



କେନ୍ଦୁଝର: ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲ୍‌ଠାରେ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ କେନ୍ଦୁଝର ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ 'କେନ୍ଦୁଝର ଜିଲ୍ଲା ବାଲ୍ୟବିବାହ ନିରୋଧୀ କାର୍ଯ୍ୟଖସଡ଼ା ୨୦୨୬-୨୦୨୯'କୁ ଉନ୍ମୋଚନ କରାଯାଇଛି

## ଜାତୀୟ ଯୋଗାସନ ପ୍ରତିଯୋଗିତାରେ ମୟୂରଭଞ୍ଜର ୭ ପ୍ରତିଯୋଗୀ

ବାରିପଦା, ୨୧।୭ (ସମିସ): ରାଜସ୍ଥାନଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଯୋଗାସନ ସବ୍‌ଜୁନିୟର ଓ ଜୁନିୟର ପ୍ରତିଯୋଗିତାରେ ମୟୂରଭଞ୍ଜର ୫ ଜଣ ଓ ପାଟନାରେ ସିନିୟର ବିଭାଗରେ ୨ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ସ୍ୱାମୀ ବିବେକାନନ୍ଦ ଯୋଗ ରିସର୍ଚ୍ଚ ସେଣ୍ଟରର ସମ୍ପାଦକ ଜ୍ୟୋତିରଞ୍ଜନ ଦାସ ଜଣାଇଛନ୍ତି। ଚଳିତ ମାସରେ ଓଡ଼ିଶା ଯୋଗ ଆସୋସିଏସନ ଦ୍ୱାରା କଟକରେ ଅନୁଷ୍ଠିତ ୩୨ତମ ରାଜ୍ୟସ୍ତରୀୟ ଯୋଗାସନ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାରୁ ୬୧ ଜଣ ବାଳକ ଓ ବାଳିକା, ପୁରୁଷ ଓ ମହିଳା ଅଂଶଗ୍ରହଣ କରିଥିବାବେଳେ ସବଜୁନିୟର ଓ ଜୁନିୟର ବିଭାଗରେ ବିଜୟଲକ୍ଷ୍ମୀ ଗିରି ୩ୟ, ନିହାର ରଞ୍ଜନ ସାହୁ ୨ୟ, ବିଷ୍ଣୁ ପ୍ରସାଦ ସାମଲ ୨ୟ, କ୍ରିଷ୍ଣା ନାୟକ ୧ମ ଓ ବିଶ୍ୱଜିତ ମହାନ୍ତି ୨ୟ ସ୍ଥାନ ଓ ସିନିୟର ବିଭାଗରେ ଶିବଶଙ୍କର ଦାସ ୧ମ ଓ ପ୍ରକାଶ ବେହେରା ୨ୟ ସ୍ଥାନ ଅଧିକାର କରି ଜାତୀୟ ସ୍ତରରେ ଅଂଶଗ୍ରହଣ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ତତସହିତ ଶୁଭଶ୍ରୀ ନିକିତା ଜେନା ୫ମ, ଶୁଭ୍ରାଂଶୁ ପୃଷ୍ଟି ୬ଷ୍ଠ, ପ୍ରସାଦ ବାରିକ ୫ମ, ପ୍ରିୟାଂଶୀ ପୃଷ୍ଟି ୬ଷ୍ଠ, ବିଷ୍ଣୁ ଶିବରାଜ ସୋରେନ ୪ର୍ଥ, ଯାଜ୍ଞଶିନୀ ସାହୁ ୬ଷ୍ଠ, ସଂଗୀତା ପାଢ଼ୀ ୪ର୍ଥ, ରୁପମ ମଣ୍ଡଳ ୫ମ, ନେହା ଅଗ୍ରୱାଲ ୫ମ, ଦେବାଶିଷ ବାରିକ ୫ମ ଓ ଆରତୀ ସିଂ ୪ର୍ଥ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। କ୍ରିଷ୍ଣା ନାୟକ 'ଯୋଗ କୁମାର' ଓ ଶିବଶଙ୍କର ଦାସ ଯୋଗଶ୍ରୀ ଉପାଧି ଲାଭ କରିଛନ୍ତି। ଜିଲ୍ଲା କ୍ରୀଡା ଅଧିକାରୀ ଡ ସୁଭାଶିଷ ନାୟକ କୃତୀ ପ୍ରତଯୋଗୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ଜାତୀୟ ସ୍ତରରେ ସଫଳତା କାମନା କରିଛନ୍ତି।



## ଝାଡ଼ାବାନ୍ତିରେ ବୃଦ୍ଧଙ୍କ ମୃତ୍ୟୁ

କୁଆମରା,୨୧।୭ (ସମିସ): ଖୁଣ୍ଟା ବ୍ଲକ୍ ଅନ୍ତର୍ଗତ ଗଡ଼ିଗାଁ ଗ୍ରାମର ଜଣେ ବୃଦ୍ଧଙ୍କ ଝାଡ଼ାବାନ୍ତିରେ ମୃତ୍ୟୁ ଘଟିଛି। ମୃତକ ସୁକୁଲ ସୋରେନ (୭୫)। ଦୁଇଦିନ ହେବ ସୁକୁଲଙ୍କୁ ଝାଡ଼ା ହେଉଥିବାବେଳେ ପରିବାର ଲୋକେ ସୋମବାର ଦିନ ଉଦଳା ଡାକ୍ତରଖାନା ନେଇଥିଲେ। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ଖୁଣ୍ଟା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବାବେଳେ ଆଜି ଡାକ୍ତରଖାନାରେ ବ୍ୟବଚ୍ଛେଦ ହୋଇଛି। ସୁକୁଲଙ୍କ ଝାଡ଼ାବାନ୍ତିରେ ହୋଇଥିବା ନେଇ ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଥିବା ଏଏସ୍‌ଆଇ ସବ୍ୟସାଚୀ ସାମଲ କହିଛନ୍ତି।

## ଆନ୍ତଃଜିଲ୍ଲା ଚୋର ଗ୍ୟାଙ୍ଗର ମୁଖ୍ୟ ଗିରଫ

ବୈଶିଙ୍ଗା, ୨୧।୭ (ସମିସ): ବୈଶିଙ୍ଗା ଥାନା ଅଧୀନ ଗୋବିନ୍ଦରାୟପୁର ଗ୍ରାମରୁ କୁଖ୍ୟାତ ଆନ୍ତଃଜିଲ୍ଲା ଚୋର ଗ୍ୟାଙ୍ଗର ମୁଖ୍ୟଙ୍କୁ ଭଦ୍ରକ ପୁଲିସ ଗିରଫ କରିଛି। ଭଦ୍ରକ ସଦର ଏସଡିପିଓ ବିଚିତ୍ରାନନ୍ଦ ସେଠୀ ଓ ବାସୁଦେବପୁର ଥାନା ଅଧିକାରୀ ନିରୋଜ ସାମଲଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୁଲିସ ଟିମ୍ ଏହି ଚଢ଼ାଉ କରିଥିଲା। ଅଭିଯାନରେ ବୈଶିଙ୍ଗା ଥାନାର ସବ୍‌ଇନ୍ସପେକ୍ଟର ସରୋଜ ଜେନା ଓ ସ୍ଥାନୀୟ ପୁଲିସ କର୍ମଚାରୀ ସହଯୋଗ କରିଥିଲେ। ପୁଲିସ ଗୋବିନ୍ଦରାୟପୁର ଗ୍ରାମରେ ପହଞ୍ଚି ଆନ୍ତଃଜିଲ୍ଲା ଚୋର ଗ୍ୟାଙ୍ଗ ସରଦାର ୟୁସୁଫ ଖାନର ପୁଅ ଅନସର ଖାନକୁ ଘରୁ ଉଠାଇ ନେଇଥିଲା। ବର୍ତ୍ତମାନ ତାକୁ ପଚରାଉଚରା କରାଯାଉଥିବାବେଳେ ବାସୁଦେବପୁର ଥାନା ଅଞ୍ଚଳରେ ଘଟିଥିବା ବଡ଼ଧରଣର ଚୋରି ଘଟଣାରେ ତାଙ୍କ ଗ୍ୟାଙ୍ଗର ସମ୍ପୃକ୍ତି ଥିବା ସନ୍ଦେହରେ ପୁଲିସ ତଦନ୍ତ ଚଳାଇଛି।

## ଚୋରାମଦ ଜବତ, ୪ ଗିରଫ

ଉଦଳା,୨୧।୭ (ସମିସ): ଅବକାରୀ ବିଭାଗ ଅଧୀକ୍ଷକ ପ୍ରଶାନ୍ତ କୁମାର କନହରଙ୍କ ନିର୍ଦ୍ଦେଶକ୍ରମେ ଉଦଳା ଥାନା ଅନ୍ତର୍ଗତ ଉର୍ମଳ, ଉତ୍ତରପାଳ, ତୁଳୀଆପୋଷି ଗ୍ରାମରେ ଚଢ଼ଉ କରାଯାଉ ସୀତା ମାରାଣ୍ଡି, ରାଉଣ୍ଡେ ହାଁସଦା, ମଙ୍ଗଳ ମୁର୍ମୁ ଓ ବିଳାସିନୀ ମାରାଣ୍ଡିଙ୍କୁ ଗିରଫ କରଯାଇ ୬୯ ଲିଟର ମଦ ଜବତ ହୋଇଛି। ସେମାନଙ୍କୁ ଉଦଳା ଏସ୍‌ଡିଜେଏମ୍ କୋର୍ଟକୁ ପଠାଯାଇଥିଲା। ଚଢ଼ଉରେ ସୂର୍ଯ୍ୟକାନ୍ତ ମଲ୍ଲିକ, ଏସ୍.ରବିନ୍ଦ୍ର ରେଡ୍ଡୀ, ଦିବ୍ୟାଙ୍ଗସୁ ପଣ୍ଡା, ଦୀପଞ୍ଜଳି ଦାସ, ସୁମନ୍ତ ମହନ୍ତ ପ୍ରମୁଖ ସାମିଲ ଥିଲେ।

## ଆଡ଼ପ ମଣ୍ଡପରେ ଦର୍ଶକଙ୍କ ମନମୋହିଲା ସମ୍ବଲପୁରୀ ନୃତ୍ୟ



ଉଦଳା,୨୧।୭ (ସମିସ): ଉଦଳା କଲେଜ ରୋଡସ୍ଥ ମାଉସୀମା ମନ୍ଦିରରେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି। ଏ ଅବସରରେ ଗତକାଲି ସନ୍ଧ୍ୟାରେ ବୈଶିଙ୍ଗା ଅଞ୍ଚଳର ବିନରୀ ସଙ୍ଗୀତ ଏକାଡେମୀ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଏଥିରେ ବାଦ୍ୟ, ଗୀତ ଓ ନୃତ୍ୟକୁ ଦର୍ଶକ ବେଶ ହୃଦବୋଧ କରିଥିଲେ। ରାଜ୍ୟ ସରକାର ତଥା ସ୍ଥାନୀୟ ବିଧାୟକଙ୍କ ସହଯୋଗରେ ପ୍ରଥମ ଦିନ ଚକାଡୋଳା ଭଜନ ସମାରୋହ ଓ ଗତକାଲି ବିନରୀ ସଙ୍ଗୀତ ଏକାଡେମୀ ଦ୍ୱାରା କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଆଜି ଭଜନ ନୃତ୍ୟ ପ୍ରତିଯୋଗିତା ପରିବେଷଣ କରାଯିବା ସହିତ ଆସନ୍ତାକାଲି ସ୍ୱରାରବିନ୍ଦ ବିଶ୍ୱଶାନ୍ତି ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ରହିଛି। ଯେଉଁଥିରେ ଭୁବନେଶ୍ୱରର କଣ୍ଠଶିଳ୍ପୀ ଜଗବନ୍ଧୁ ମୁଦୁଲି ଓ ତାଙ୍କ ସାଥୀ କାର୍ଯ୍ୟକ୍ରମ ପରିବେଷଣ କରିବେ। ସେହିପରି ୨୨ ଓ ୨୩ ତାରିଖ ଔପଦା ଅଞ୍ଚଳର ଗାୟିକା ଉଷାମଣୀ ଦାସ ପାଲା ପରିବେଷଣ କରିବେ। ଉକ୍ତ କାର୍ଯ୍ୟକ୍ରମକୁ ସଭାପତି ଲମ୍ବୋଦର ବେହେରା, ସମ୍ପାଦକ ରଞ୍ଜନ ଚାନ୍ଦ, ଉପସଭାପତି ସତ୍ୟାନନ୍ଦ ବେହେରା, ଗୁରୁଚରଣ ଦାସପଟ୍ଟନାୟକ, ଜିତେନ କୁମାର ଦତ୍ତ, ସୁରେନ୍ଦ୍ର ବାରିକ, ନଳିନୀ ପଟ୍ଟନାୟକ, ମନୋରଞ୍ଜନ ସେଠୀ, ଅଭିନ୍ନ ଚନ୍ଦ୍ର ମାଇତି, ଭଗବାନ ଆରୁଖ ପ୍ରମୁଖ ପରିଚାଳନା କରୁଛନ୍ତି।

## ଯୋଡ଼ା ଟାଟା ଷ୍ଟିଲ ମୁଖ୍ୟଙ୍କ ବଦଳି

ଯୋଡ଼ା, ୨୧।୭ (ସମିସ): ଦୀର୍ଘ ପ୍ରାୟ ୧୩ ବର୍ଷ ଧରି ଯୋଡ଼ାରେ ଟାଟା ଷ୍ଟିଲର ମୁଖ୍ୟ ଭାବେ କାର୍ଯ୍ୟ କରିଆସିଥିବା ରାଜେଶ କୁମାରଙ୍କ ଜାମସେଦପୁର ବଦଳି ହୋଇଛି। ସେ ନିଜର ଦକ୍ଷ ପ୍ରଶାସନିକ କ୍ଷମତା, ସରଳ ବ୍ୟବହାର ଓ ଲୋକଙ୍କ ସହ ସୁସମ୍ପର୍କ ପାଇଁ ବେଶ୍ ପରିଚିତ ହୋଇପାରିଥିଲେ। ପ୍ରଥମେ ଟାଟାଷ୍ଟିଲର ଖଣ୍ଡବନ୍ଧ ଖଣିରେ ଏକ ବର୍ଷ, ନୀଳାଚଳ ଇସ୍ପାତରେ ଏକ ବର୍ଷ ରହିବା ପରେ ନିୟମିତ ଭାବେ ୧୧ ବର୍ଷ ଯୋଡ଼ାରେ ନିଜର କାର୍ଯ୍ୟଭାର ତୁଲାଇଥିଲେ। ଅନେକ ସ୍ଥାନୀୟ ଓଡ଼ିଆ ଯୁବକ ଓ ଯୁବତୀଙ୍କୁ ନିଯୁକ୍ତିର ସୁଯୋଗ ମିଳିଥିବା କଥା ସ୍ଥାନୀୟ ଲୋକେ ଉଲ୍ଲେଖ କରୁଛନ୍ତି। ଏହାସହ ସାମାଜିକ, ଶିକ୍ଷା, ସ୍ୱାସ୍ଥ୍ୟ ଓ କ୍ରୀଡ଼ା କ୍ଷେତ୍ରରେ ବିଭିନ୍ନ ଅନୁଷ୍ଠାନକୁ କମ୍ପାନୀ ପକ୍ଷରୁ ସହଯୋଗ ଯୋଗାଇବାରେ ସେ ସଦା ଆଗ୍ରହୀ ଥିଲେ। ସ୍ଥାନୀୟ ଲୋକଙ୍କ ଆବଶ୍ୟକତା ଅନୁଯାୟୀ ସାହାଯ୍ୟ କରିବାରେ ସେ କେବେ ମଧ୍ୟ କୁଣ୍ଠା ପ୍ରକାଶ କରି ନଥିଲେ। ତାଙ୍କ ବଦଳି ଖବର ପ୍ରକାଶ ପାଇବା ପରେ କମ୍ପାନୀ କର୍ମଚାରୀ, ସାମାଜିକ ସଂଗଠନ ଓ ବହୁ ସ୍ଥାନୀୟ ବାସିନ୍ଦା ଭାବବିହ୍ୱଳ ହେବା ସହ ଶୁଭେଚ୍ଛା ଜଣାଇଛନ୍ତି।



## ବସ୍‌କୁ ଧକ୍କା ଦେଲା ଟ୍ରକ୍, ବର୍ତ୍ତିଲେ ଯାତ୍ରୀ

ବିଶୋଇ,୨୧।୭ (ସମିସ): ବିଶୋଇ ଥାନା ଅନ୍ତର୍ଗତ ୪୯ନଂ ଜାତୀୟ ରାଜପଥର ବିଶୋଇ ଫୁଟ ଓଭରବ୍ରିଜ ତଳେ ଆଜି ଏକ ଯାତ୍ରୀବାହୀ ବସକୁ ଏକ ଟ୍ରକ ଧକ୍କା ଦେଇଥିବାବେଳେ ସମସ୍ତ ବସ୍ ଯାତ୍ରୀ ସମେତ ଟ୍ରକ ଚାଳକ ଏଥିରୁ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ବାରିପଦାରୁ ବାଦାମପାହାଡ଼ ଯାଉଥିବା 'ଆନନ୍ଦ' ନାମକ ଏକ ଘରୋଇ ବସ୍ ୪୯ନଂ ଜାତୀୟ ରାଜପଥ ଓ ବିଶୋଇ ବଜାର ରାସ୍ତା ମିଳନ ସ୍ଥଳ ଫୁଟ ଓଭରବ୍ରିଜ ନିକଟରେ ରାସ୍ତା ପାର ହେବା ସମୟରେ ଯଶିପୁର ପଟୁ ଆସୁଥିବା ଏକ ମାଲବାହୀ ଟ୍ରକ୍ ଭାରସାମ୍ୟ ହରାଇ ବସ୍‌ର ବାମ ପଟ ପଛରେ ଧକ୍କା ଦେଇଥିଲା। ବିଶୋଇ ପୁଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବସ୍ ଓ ଟ୍ରକକୁ ଥାନାକୁ ଆଣିବା ସହିତ ଉଭୟ ଗାଡ଼ି ଚାଳକଙ୍କୁ ଥାନାରେ ପଚାରାଉଚରା ଜାରି ରଖିଛି। ଏହି ଘଟଣାକୁ ନେଇ ବସ୍ କର୍ମଚାରୀ ବିଶୋଇ ଥାନାରେ ଅଭିଯୋଗ ଦେବାପରେ ବିଶୋଇ ଥାନାରେ ଏକ ମାମଲା ରୁଜୁ ହୋଇଛି।



## ଉଦଳା ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷଙ୍କ ଯୋଗଦାନ



ଉଦଳା, ୨୧।୭ (ସମିସ): ମଙ୍ଗଳବାର ଉଦଳା କଲେଜର ନୂତନ ଅଧ୍ୟକ୍ଷ ଭାବେ ବସନ୍ତ କୁମାର ପାତ୍ର ଯୋଗ ଦେଇଛନ୍ତି। ନୂତନ ଅଧ୍ୟକ୍ଷଙ୍କୁ ମହାବିଦ୍ୟାଳୟର କର୍ମଚାରୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପ୍ରଥମ ଦିନରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀଙ୍କ ସହିତ ପରିଚିତ ହୋଇଥିଲେ। ସେ ପୂର୍ବରୁ ମେଘାସନ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗରେ ପ୍ରଧାପକ ଭାବେ କାର୍ଯ୍ୟ କରୁଥିବାରୁ ଉଦଳା ମହାବିଦ୍ୟାଳୟ ସହିତ ଭଲ ଭାବେ ଜଡ଼ିତ ଥିବା ପ୍ରକାଶ କରିଛନ୍ତି। ତେବେ ମହାବିଦ୍ୟାଳୟରେ ଶାନ୍ତିଶୃଙ୍ଖଳା ସହିତ ଉତ୍ତମ ଶିକ୍ଷା ବ୍ୟବସ୍ଥା ପାଇଁ ଚେଷ୍ଟା କରିବା ସହିତ ଉଦଳା ମହାବିଦ୍ୟାଳୟର ମାନ ବଜାୟ ରଖିବେ ବୋଲି ପ୍ରକାଶ କରିଛନ୍ତି। ପୂର୍ବରୁ ଇଂରାଜୀ ବିଭାଗ ଅଧ୍ୟପିକା ରେହେନା ସୁଲତାନା ଅସ୍ଥାୟୀ ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଉଥିଲେ। ସେ ଶ୍ରୀ ପାତ୍ରଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି।

## ସହାୟିକା ନିଯୁକ୍ତିରେ ଅନିୟମିତତା ଅଭିଯୋଗରେ ଅଙ୍ଗନବାଡ଼ିରେ ତାଲା

କୁଆମରା, ୨୧।୭ (ସମିସ): ଗୋପବନ୍ଧୁନଗର ବ୍ଲକ କୁଆମରା ପଞ୍ଚାୟତର କୁସୁମିଆ ପାଟପୁର ଗ୍ରାମରେ ଅବସ୍ଥିତ ଅଙ୍ଗନବାଡି କେନ୍ଦ୍ରର ସହାୟିକା ନିଯୁକ୍ତିରେ ଅନିୟମିତତା ହୋଇଥିବା ଅଭିଯୋଗ କରି ଗ୍ରାମର କିଛି ବାସିନ୍ଦା ଅଙ୍ଗନବାଡି କେନ୍ଦ୍ରରେ ଆଜି ତାଲା ପକାଇ ଦେବା ଯୋଗୁଁ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ଉକ୍ତ ଅଙ୍ଗନବାଡି କେନ୍ଦ୍ରର ସହାୟିକା ଭାବେ ସ୍ୱର୍ଗତ ଧରଣୀଧର ସିଂଙ୍କ ପତ୍ନୀ କବିତା ଦୁଇବର୍ଷ ହେବ ସହାୟିକା ଭାବେ କାର୍ଯ୍ୟରତ ଥିଲେ। ଅଚାନକ ପକ୍ଷାଘାତ ରୋଗରେ ପୀଡିତ ହେବାରୁ କବିତାଙ୍କ ଝିଅ କଲ୍ୟାଣୀ ସିଂ ସେହି କାର୍ଯ୍ୟକୁ ତୁଲାଇ ଆସୁଥିଲେ। ତେବେ କିଛିଦିନ ତଳେ କଲ୍ୟାଣୀଙ୍କୁ ବାହାର କରି ଦିଆଯାଇଥିଲା। ତାଙ୍କ ସ୍ଥାନରେ ବିଭାଗ ପକ୍ଷରୁ ସେହି ଗ୍ରାମର ତୁଳସୀ ପାତ୍ର ନାମକ ଜଣେ ଯୁବତୀଙ୍କୁ ସପ୍ତାହ ତଳେ ନିଯୁକ୍ତି ଦିଆଯିବାରୁ ଗ୍ରାମରେ ଅସନ୍ତୋଷ ଦେଖାଦେଇଥିଲା। ତେବେ ନିଯୁକ୍ତିରେ ଅନିୟମିତତା ଦର୍ଶାଇ ଗ୍ରାମର କିଛି ମହିଳା ଓ ପୁରୁଷ ଏକତ୍ରିତ ହୋଇ ଉଦଳା ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ଦର୍ଶାଇବା ସହ କାର୍ଯ୍ୟରତ କଲ୍ୟାଣୀଙ୍କୁ ପୂର୍ଣ୍ଣ ନିଯୁକ୍ତି ଦେବାକୁ ଦାବି ଜଣାଇଥିଲେ। ଯଦି ପ୍ରଶାସନ ଏ ଦିଗରେ ହସ୍ତକ୍ଷେପ ନ ନିଏ, ତେବେ ମଙ୍ଗଳବାରଠାରୁ ଅଙ୍ଗନବାଡି କେନ୍ଦ୍ରରେ ତାଲା ପଡିବ ବୋଲି ଚେତାବନୀ ଦିଆଯାଇଥିଲା। ପ୍ରଶାସନ ପକ୍ଷରୁ ସୋମବାର ସୁଦ୍ଧା କୌଣସି ପଦକ୍ଷେପ ନ ନେବାରୁ ଆଜି ଗ୍ରାମବାସୀ ତାଲା ପକାଇଥିଲେ। ଆଜି ଦିନ ତମାମ ତାଲା ପଡ଼ିଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ କିମ୍ବା ଉପରିସ୍ଥ ପ୍ରଶାସନ କେହି ବି ଆସି ନ ଥିବା ଅଭିଯୋଗ ହେଉଛି।



## ବଡ଼ାମତଳିଆ ଶ୍ରୀଗୁଣ୍ଡିଚା ମନ୍ଦିରରେ ବିପଦ ତାରିଣୀ ବ୍ରତ

ଖିଚିଂ,୨୧।୭ (ସମିସ): ଉତ୍କଳୀୟ ମହାନ୍ ଶ୍ରୀଜଗନ୍ନାଥ ସଂସ୍କୃତି ସହିତ ଜଡ଼ିତ ରହିଛି କେନ୍ଦୁଝରର ଆରାଧ୍ୟ ଦେବୀ ମା' ତାରିଣୀଙ୍କ ସଂସ୍କୃତି। ପ୍ରଚଳିତ ପ୍ରାଚୀନ ପରମ୍ପରା ଅନୁସାରେ ଗୁଣ୍ଡିଚା ଯାତ୍ରା ଓ ବାହୁଡା ଯାତ୍ରା ମଧ୍ୟରେ ପଡୁଥିବା ମଙ୍ଗଳବାର ଦିନ ଶ୍ରୀଗୁଣ୍ଡିଚା ମନ୍ଦିରରେ ପାଳିତ ହୋଇଥାଏ ସଙ୍କଟ ତାରିଣୀ ମା' ତାରିଣୀ ବ୍ରତ। ଏ ଅବସରରେ ମୟୂରଭଞ୍ଜ ଜିଲ୍ଲା ଶୁକୃଳି ଜଗନ୍ନାଥ ମନ୍ଦିରଠାରୁ ନବଦିନ ପାଇଁ ଶ୍ରୀଜଗନ୍ନାଥ ଭାଇ ଓ ଭଉଣୀଙ୍କ ସହ ବଡାମତଳିଆସ୍ଥ ମାଉସୀମା' ମନ୍ଦିରରେ ଅବସ୍ଥାନ କରିଥିବାବେଳେ ଶହ ଶହ ବ୍ରତଧାରୀ ମହିଳା ନିଜ ପରିବାର ତଥା ଆତ୍ମୀୟସ୍ୱଜନଙ୍କ ମଙ୍ଗଳ କାମନା କରି ନିଷ୍ଠାର ସହ ବିପଦ ତାରିଣୀ ବ୍ରତ ପାଳନ କରିଥିବା ଦେଖିବାକୁ ମିଳିଛି। ଏହି ଭବ୍ୟ କାର୍ଯ୍ୟକ୍ରମରେ ପୁରୋହିତ ପଦ୍ମଲୋଚନ ଦାଶଙ୍କ ପୌରୋହିତ୍ୟରେ ଯଥାବିଧି ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଛି।



## ପୂର୍ବତନ ପାଟଣା ବିଧାୟକ କାହ୍ନୁଚରଣ ନାଏକ ଗୁରୁତର

ତୁରୁମୁଙ୍ଗା, ୨୧।୭ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ କାହ୍ନୁଚରଣ ନାଏକ ଗୁରୁତର ଅସୁସ୍ଥ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଗତ ଜୁନ ୨୭ ତାରିଖରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି କରାଯାଇଛି ବୋଲି ପରିବାର ସାନ ପୁଅ ତଥା ପୂର୍ବତନ ବିଧାୟକ ଜଗନ୍ନାଥ ନାଏକ କହିଛନ୍ତି। ୮୦ ବର୍ଷୀୟ କାହ୍ନୁଚରଣ ନାଏକ ବାର୍ଦ୍ଧକ୍ୟଜନିତ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାରେ ଦୀର୍ଘଦିନ ଧରି ପୀଡ଼ିତ ଥିଲେ। କାହ୍ନୁଚରଣ ନାଏକ ୧୯୯୦ରୁ ୧୯୯୫ ପର୍ଯ୍ୟନ୍ତ ଜନତା ଦଳ ପକ୍ଷରୁ ପାଟଣା ନିର୍ବାଚନମଣ୍ଡଳୀର ବିଧାୟକ ଭାବେ ଜନପ୍ରତିନିଧିତ୍ୱ କରିଥିଲେ। ଜଣେ ସରଳ ଲୋକପ୍ରିୟ ନେତା ଭାବେ ସେ ଅଞ୍ଚଳରେ ପରିଚିତ ଥିଲେ। ସେ ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାଏକଙ୍କ ପିତା ଅଟନ୍ତି। କାହ୍ନୁଚରଣ ନାଏକଙ୍କ ଶୀଘ୍ର ଆରୋଗ୍ୟ କାମନା କରି ବିଭିନ୍ନ ରାଜନୈତିକ ନେତା, ସମର୍ଥକ ଓ ଶୁଭେଚ୍ଛୁମାନେ ପ୍ରାର୍ଥନା କରିଛନ୍ତି।




# ବନ୍ଦ ରହିଛି କଚେରି କ୍ୟାଣ୍ଟିନ; ପାଲଟିଛି ଭୂତକୋଠି

ରାଇରଙ୍ଗପୁର,୨୧।୭ (ସମିସ)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଞ୍ଚଳର ବିକାଶ ନିମନ୍ତେ ଅନେକ ପଦକ୍ଷେପ ଗ୍ରହଣ କରାଯାଉଛି। ଏହା ସଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନି। ରାଇରଙ୍ଗପୁରରେ ନୂତନ ଭାବେ ନିର୍ମାଣ ହୋଇଥିବା କଚେରୀ କ୍ୟାଣ୍ଟିନ ବ୍ୟବହାର ନ ହୋଇ ବନ୍ଦ ହୋଇ ପଡିରହିଛି। ଫଳରେ ନବନିର୍ମିତ କ୍ୟାଣ୍ଟିନ ଭୂତକୋଠି ପାଲଟିଛି। ଏହାକୁ ପୁନଃ କାର୍ଯ୍ୟକ୍ଷମ କରାଯିବାକୁ ଦାବି ହେଉଛି।

୨୦୨୬ ଜାନୁଆରୀରେ ସ୍ଥାନୀୟ ଲୋକଙ୍କୁ ସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପରିବେଷଣ କରିବାକୁ କଚେରୀରେ କ୍ୟାଣ୍ଟିନ ବ୍ୟବସ୍ଥା କରାଯାଇଥିଲା। ଏବେ ଅବହେଳିତ ଓ ପରିତ୍ୟକ୍ତ ହୋଇ ପଡିରହିଛି। ସମନ୍ୱୟ ଅଭାବ ପାଇଁ ଆରମ୍ଭ ହୋଇପାରିଲାନାହିଁ। ଅନେକ ଦିନ ହେବ ବନ୍ଦ ହେବା ଫଳରେ ବର୍ତ୍ତମାନ ପରିସରରେ ଅନାବନା ଘାସ ଓ ଗଛ ଉଠି ନଷ୍ଟ ହେଲାଣି। ସରକାରୀ ଅର୍ଥରେ ନିର୍ମିତ ଉକ୍ତ କଚେରୀ କ୍ୟାଣ୍ଟିନ ଆଜି ତାହାର ପରିଚୟ ଖୋଜୁଛି। ଜିଲ୍ଲା ପ୍ରଶାସନ ଏହାକୁ ଆରମ୍ଭ କରିବାକୁ ମଧ୍ୟ କୌଣସି ପ୍ରୟାସ କରୁନାହାଁନ୍ତି। ରାଇରଙ୍ଗପୁର ବିକାଶ ପାଇଁ ଅନେକ ଯୋଜନା ହେଉଥିବାବେଳେ ତାହା ଦିଗହରା ହେଉଛି। ଯାହାକି ଲୋକଙ୍କୁ ସୁଫଳ ଦେବା ପରିବର୍ତ୍ତେ ପ୍ରକଳ୍ପର ବିଫଳତାକୁ ଦର୍ଶାଉଛି। ରାଇରଙ୍ଗପୁର ବିକାଶ ପାଇଁ ଅନେକ ଯୋଜନା ହେଉଥିବାବେଳେ ଏଭଳି କାର୍ଯ୍ୟକାରିତା ନେଇ ପ୍ରକଳ୍ପ ସନ୍ଦେହ ଘେରରେ ରହିଛି।



# ମଦ ଜବତ, ୩ ଗିରଫ

କୁଆମରା,୨୧।୭(ସମିସ): ବେଆଇନ ମଦ କାରବାର ଅଭିଯୋଗରେ ଖୁଣ୍ଟା ଓ ଉଦଳା ଅବକାରୀ ଥାନା ପକ୍ଷରୁ ପୃଥକ ସ୍ଥାନରେ ଚଢ଼ଉ କରାଯାଇ ଜଣେ ମହିଳା ସମେତ ତିନିଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯିବା ସହ ୪୫ ଲିଟର ମଦ ଜବତ ହୋଇଛି। ବାସିପିଠା ଗ୍ରାମର ପାର୍ବତୀ ମୁର୍ମୁ, ରବିନ୍ଦ୍ର ସିଂ ଓ ନୂଆଗାଁ ଗ୍ରାମର କହ୍ନେଇଲାଲ ମୁର୍ମୁଙ୍କଠାରୁ ୧୫ ଲିଟର ଲେଖାଏଁ ଦେଶୀ ମଦ ଜବତ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ ପୃଥକ ମାମଲା ରୁଜୁ ହୋଇଛି। ସେହିପରି ନୂଆଗାଁ ଗ୍ରାମର ଏକ ନିଛାଟିଆ ସ୍ଥାନରେ ଦେଶୀ ମଦ ପ୍ରସ୍ତୁତ ହେଉଥିବା କାରଖାନା ଉପରେ ଚଢ଼ଉ କରାଯାଇଥିବାବେଳେ କୌଣସି ସୂତ୍ରରୁ ଖବର ପାଇ ଅଭିଯୁକ୍ତ ଚମ୍ପଟ ମାରିଥିଲେ। ଫଳରେ ସେଠାରେ ଗଚ୍ଛିତ ଥିବା ୧୫୫୦ କେଜି ପୋଚ ଓ ୧୨୫ ଲିଟର ଦେଶୀ ମହୁଲି ମଦ ନଷ୍ଟ କରାଯିବା ସହ ବିଭିନ୍ନ ସାମଗ୍ରୀ ଜବତ ହୋଇଛି। ଖୁଣ୍ଟା ଅବକାରୀ ଥାନା ଓଆଇସି ଅଞ୍ଜନ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଏଏସ୍ଆଇ କୃଷ୍ଣସୁନ୍ଦର ସେଠୀ, ରବିନ୍ଦ୍ର ରେଜ୍ଡୀ, ନିରଞ୍ଜନ ମହାନ୍ତ, କିଶୋର ଚନ୍ଦ୍ର ସୋରେନ, ସୁମନ୍ତ ମହାନ୍ତ, ଦିବ୍ୟାଂଶୁ ପଣ୍ଡା, ପାର୍ବତୀ ମାରାଣ୍ଡି ପ୍ରମୁଖ ଚଢ଼ଉରେ ସାମିଲ ଥିଲେ।

### ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ଘୋଷଯାତ୍ରା

# ରାମ, ପର୍ଶୁରାମ ବେଶ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼

ବାରିପଦା, ୨୧।୭(ସମିସ):



ମଙ୍ଗଳବାର ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ପରମ୍ପରା ଅନୁଯାୟୀ ଆଡ଼ପ ମଣ୍ଡପରେ ବିଜେ ଦିଅଁ ରାମ, ପର୍ଶୁରାମ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ପୂର୍ବ ଦିନମାନଙ୍କ ଭଳି ମଙ୍ଗଳବାର ସମସ୍ତ ନୀତି ପରେ ଦିଅଁଙ୍କ ବେଶ କାର୍ଯ୍ୟ ଆରମ୍ଭ ହୋଇଥିଲା। ସନ୍ଧ୍ୟା ବେଳକୁ ବେଶ ଦେଖିବାକୁ ପ୍ରବଳ ଗହଳି ଲାଗିଥିଲା। ରାମଙ୍କ ଅବତାର ଭଗବାନ ରାବଣକୁ ପରାସ୍ତ କରି ଲଙ୍କା ବିଜୟ ସହିତ ସୀତା ମା'ଙ୍କୁ ଉଦ୍ଧାର କରିଥିଲେ। ସେହିଭଳି ପର୍ଶୁରାମ ଭଗବାନଙ୍କ ଦ୍ୱିତୀୟ ଅବତାର କ୍ଷତ୍ରୀୟଙ୍କ ଦୋଷତ୍ରୁଟି ସୁଧାରିବା ପାଇଁ ସେ ଏହି ଅବତାରରେ ପୃଥିବୀକୁ ୨୧ଥର ନିକ୍ଷତ୍ରୀୟ କରିଥିଲେ। କୁହାଯାଏ ପର୍ଶୁରାମ ଓଡ଼ିଶାର ମହେନ୍ଦ୍ର ପର୍ବତରେ ଅବସ୍ଥାନ କରନ୍ତି। ଏହା ହିଁ ବେଶର ତାତ୍ପର୍ଯ୍ୟ। ବୁଧବାର ରାଜରାଜେଶ୍ୱର ବେଶରେ ତିନିଦିଅଁ ଦର୍ଶନ ଦେବେ।

## ସିଂହାସନ ଓ ଚାରମାଳର ଦକ୍ଷିଣ ମୋଡ଼

ଅପରପକ୍ଷରେ ତିନି ରଥର ଚାରମାଳ ଓ ସିଂହାସନ ଦକ୍ଷିଣ ମୋଡ କରାଯାଇଛି। ଏଠାରେ ରଥଗୁଡିକର ଦକ୍ଷିଣ ମୋଡ ନ ହୋଇ ଚାରମାଳ ଓ ସିଂହାସନ ଦକ୍ଷିଣ ମୋଡ କରାଯାଇଥାଏ। ବାହୁଡ଼ା ଯାତ୍ରାରେ ପ୍ରଥମେ ଜଗନ୍ନାଥ, ପରେ ଭଉଣୀ ସୁଭଦ୍ରା ଓ ଶେଷରେ ବଳଭଦ୍ର ଶ୍ରୀମନ୍ଦିର ବିଜେ କରିଥା'ନ୍ତି। ବଡଦାଣ୍ଡରେ ଶ୍ରୀଶ୍ରୀ ହରିବଳଦେବ ମହାପ୍ରଭୁଙ୍କ ରଥଯାତ୍ରା ପରାମର୍ଶଦାତା କମିଟି ପକ୍ଷରୁ ଆନନ୍ଦ ବଜାରରେ ସହସ୍ରାଧିକ ଭକ୍ତଙ୍କୁ ପ୍ରସାଦ ବଣ୍ଟନ କରାଯାଇଛି।

# ରାମମନ୍ଦିର ଟ୍ରଷ୍ଟରେ ଅର୍ଥ ଆତ୍ମସାତ ଘଟଣାକୁ ଜିଲ୍ଲା କଂଗ୍ରେସର ନିନ୍ଦା



ବାରିପଦା, ୨୧।୭(ସମିସ): ଅଯୋଧ୍ୟା ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟରେ କଥିତ ଅର୍ଥ ଓ ସ୍ୱର୍ଣ୍ଣ ଅଳଙ୍କାର ଆତ୍ମସାତ ଘଟଣାକୁ ଜିଲ୍ଲା କଂଗ୍ରେସ ନେତା ବିରୋଧ କରିବା ସହିତ ନିନ୍ଦା କରିଛନ୍ତି। ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର ବାରିପଦା ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଦେଇ ବାରିପଦା ବାର୍ ଆସୋସିଏସନର ସଭାପତି ଜ୍ୟୋତି ପ୍ରକାଶ ରଥ, କଂଗ୍ରେସ ଆଦିବାସୀ ସେଲର ରାଜ୍ୟ ଉପାଧ୍ୟକ୍ଷ ଚୈତନ ହାଁସଦା, ଜିଲ୍ଲା କଂଗ୍ରେସ ଉପସଭାପତି ନାରାୟଣ ପଟ୍ଟନାୟକ କହିଥିଲେ ଯେ, ରାମ ଜନ୍ମଭୂମି ଟ୍ରଷ୍ଟରେ ଭକ୍ତଙ୍କ ଦ୍ୱାରା ଦାନ କରାଯାଇଥିବା ହଜାର ହଜାର କୋଟି ଟଙ୍କା ଓ ସ୍ୱର୍ଣ୍ଣ ଅଳଙ୍କାରର ଲୁଟ୍ ଏକ ଲଜ୍ଜାଜନକ ଘଟଣା। ଘଟଣାର ନିରପେକ୍ଷ ତଦନ୍ତ ସହିତ ଏହାର ଚେର ଆହୁରି ଉପର ପର୍ଯ୍ୟନ୍ତ ଯାଇଥିବା କହିଥିଲେ। ଜିଲ୍ଲା କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ଅଭିଯୋଗ କରି କହିଥିଲେ ଯେ, ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କ ନିରବତା ଦୁର୍ଭାଗ୍ୟଜନକ ଓ ଏହା ଭକ୍ତଙ୍କ ଆସ୍ଥା ଓ ଭାବାବେଗ ସହ ବିଶ୍ୱାସଘାତ ସଦୃଶ। ଘଟଣାର ସମ୍ପୂର୍ଣ୍ଣ ସତ୍ୟାସତ୍ୟ ସାମ୍ନାକୁ ଆଣିବା ପାଇଁ ସ୍ୱଚ୍ଛ ତଦନ୍ତର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୀବ କୁମାର ପଣ୍ଡା, ଅସିତ ଦାସ, ବନମାଳୀ ବାରିକ, ରଣା ସତ୍ୟକାମ ସେନାପତି, ପ୍ରଫୁଲ୍ଲ ଦାସ, ଚନ୍ଦନ କିସ୍କୁ, ରତନ ମହାନ୍ତ, ସୁନାରାମ ସୋରେନ, ଉତ୍ତମ ବେହେରା, ଶଶୀ ଯାଦବ, ଅଭିଷେକ ଯାଦବ, ନାରୀନେତ୍ରୀ ସବିତା ସୋରେନ, ସମର ଦାସ, ଜୀବନ ବାରିକ, ଅନୁସୂଚିତ ଜାତି ସେଲର ଜିଲ୍ଲା ସଭାପତି ସସ୍ମିତା ବେହେରାଙ୍କ ସମେତ ବହୁ କଂଗ୍ରେସ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ।

# ହରେକୃଷ୍ଣପୁରରେ ୧୩୨/୩୩ କେଭି ବିଦ୍ୟୁତ୍ ଗ୍ରୀଡ୍ ନିର୍ମାଣ ଦାବି

ରାସଗୋବିନ୍ଦପୁର,୨୧।୭ (ସମିସ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଓ ମୋରଡା ବ୍ଲକ ଅଞ୍ଚଳରେ ଦୀର୍ଘଦିନ ଧରି ଲାଗି ରହିଥିବା ବିଦ୍ୟୁତ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ହରେକୃଷ୍ଣପୁରଠାରେ ୧୩୨/୩୩ କେଭି ବିଦ୍ୟୁତ ଗ୍ରୀଡ୍ ସ୍ଥାପନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



ସ୍ୱାଧୀନତା ପରଠାରୁ ଏହି ଅଞ୍ଚଳର ବିଦ୍ୟୁତ ସମସ୍ୟାର ସମାଧାନ ପାଇଁ ବାରମ୍ବାର ଦାବି ହୋଇଆସୁଥିଲେ ମଧ୍ୟ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ରାସଗୋବିନ୍ଦପୁର ଅଞ୍ଚଳରେ ଲୋ-ଭୋଲଟେଜ୍ ଓ ୩୩ କେଭି ବିଦ୍ୟୁତ ଯୋଗାଣରେ ବାରମ୍ବାର ବିଭ୍ରାଟ ଦେଖାଦେଉଛି। ଫଳରେ ଘରୋଇ ଉପଭୋକ୍ତାଙ୍କ ସହିତ ବ୍ୟବସାୟୀ ଓ ଚାଷୀ ମଧ୍ୟ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଗ୍ରୀଷ୍ମଋତୁରେ ଲୋ-ଭୋଲଟେଜ୍ ସମସ୍ୟା ଅଧିକ ଗୁରୁତର ହୋଇପଡୁଛି। ବାରିପଦାରୁ ବେତନଟୀ ଓ ବେତନଟୀରୁ ଜଙ୍ଗଲ ମଧ୍ୟ ଦେଇ ବରକନ୍ଦ ରାସ୍ତାରେ ରାସଗୋବିନ୍ଦପୁର ବିଦ୍ୟୁତ ଷ୍ଟ୍ରକଚରକୁ ୩୩ କେଭି ବିଦ୍ୟୁତ ଯୋଗାଣ ହୋଇଥାଏ। ଦୀର୍ଘ ଦୂରତା ଯୋଗୁଁ ଭୋଲଟେଜ୍ ହ୍ରାସ ଓ ଯୋଗାଣ ବାଧାପ୍ରାପ୍ତ ହେଉଥିବା ଅଞ୍ଚଳବାସୀ କହିଛନ୍ତି। ଏହି ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ହରେକୃଷ୍ଣପୁରଠାରେ ୧୩୨/୩୩ କେଭି ବିଦ୍ୟୁତ ଗ୍ରୀଡ୍ ସ୍ଥାପନ କରାଗଲେ ରାସଗୋବିନ୍ଦପୁର ଓ ମୋରଡା ଅଞ୍ଚଳର ହଜାର ହଜାର ଉପଭୋକ୍ତା ଉପକୃତ ହେବେ ବୋଲି ଦାବି କରାଯାଇଛି। ଏ ନେଇ ବିଦ୍ୟୁତ ବିଭାଗ ଓ ସରକାର ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି।

### ନବଗଠିତ ବେତନଟୀ ଏନଏସି

# ଅଧ୍ୟକ୍ଷ ପଦ ଏସ୍‌ଟି ମହିଳା ସଂରକ୍ଷଣକୁ ଭୋଟରଙ୍କ ବିରୋଧ

ବେତନଟୀ, ୨୧।୭(ସମିସ): ରାଜ୍ୟ ସରକାରଙ୍କ ପକ୍ଷରୁ ୨୯ଟି ଏନଏସି ଓ ୬ଟି ମ୍ୟୁନିସିପାଲିଟିର ଅଧ୍ୟକ୍ଷ ପଦବୀ ସଂରକ୍ଷଣ ପାଇଁ ପ୍ରକାଶ ପାଇଛି। ଏଥିରେ ନବଗଠିତ ବେତନଟୀ ଏନଏସି ଅଧ୍ୟକ୍ଷ ପଦବୀ ଅନୁସୂଚୀତ ଜନଜାତି (ଏସଟି) ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ଏହାକୁ ଭୋଟର ବିରୋଧ କରୁଛନ୍ତି। ବେତନଟୀ ବ୍ଲକର ୨୪ଟି ଓ ବଡ଼ସାହି ବ୍ଲକର ୨୧ଟି ଗ୍ରାମ ପଞ୍ଚାୟତକୁ ନେଇ ବିଧାନସଭା ନିର୍ବାଚନମଣ୍ଡଳୀ ଗଠନ କରାଯାଇଛି। ଏହା ଗତ ୨୦୦୯ରୁ ଅନୁସୂଚୀତ ଜାତି (ଏସସି) ପାଇଁ ସଂରକ୍ଷିତ ରଖାଯାଇଛି। ଯାହା ଅବିଭକ୍ତ ମୟୂରଭଞ୍ଜ ଜିଲ୍ଲାରେ ଥିବା ୯ଟି ବିଧାନସଭା ଆସନ ମଧ୍ୟରୁ ବଡ଼ସାହି ଏକମାତ୍ର ଆସନ ଅନୁସୂଚୀତ ଜାତି (ଏସସି) ପାଇଁ ଭୋଟର ଅଧିକ ଥିବା ହେତୁ ନିର୍ବାଚନ କମିଶନର ସଂରକ୍ଷିତ ରଖି ଆସିଛନ୍ତି। ସେହିପରି ନବଗଠିତ ବେତନଟୀ ସହର ଏନଏସି ମାନ୍ୟତା ପାଇବା ପରେ ବେତନଟୀ ଓ ସଠିଲ ଦୁଇଟି ଗ୍ରାପର ୱାର୍ଡ ପୁର୍ନଗଠନ କରାଯାଇ ଯେଉଁ ୧୭ଟି ୱାର୍ଡ ଗଠନ କରାଯାଇ ବିଜ୍ଞପ୍ତି ପ୍ରକାଶ ପାଇ ସାରିଛି, ସେହି ୱାର୍ଡରେ ୬ଟି ଏସଟି ଅନୁସୂଚିତ ଜନଜାତି ପାଇଁ ସଂରକ୍ଷିତ ରଖାଯାଇଥିବାବେଳେ ଅନୁସୂଚୀତ ଜାତି (ଏସସି) ପାଇଁ ମାତ୍ର ଗୋଟିଏ ୧୩ନଂ ୱାର୍ଡ ସଂରକ୍ଷିତ ଥିବାବେଳେ ବାକି ୧୦ଟି ଯାକ ୱାର୍ଡ ଅଣସଂରକ୍ଷିତ ତାଲିକାରେ ରହିଛି। ମୋଟ ୧୭ଟି ୱାର୍ଡ ମଧ୍ୟରୁ ୬ଟି ଏସଟି ଓ ଗୋଟିଏ ଏସସି ପାଇଁ ସଂରକ୍ଷିତ ଥିବାବେଳେ ୧୦ଟି ଅଣସଂରକ୍ଷିତ ଥିବା ଜିଲ୍ଲାପାଳଙ୍କ ଚିଠି ନଂ ୧୭୮୩, ୧୩/୨/୨୬ରେ ପ୍ରକାଶ ପାଇଛି। ତେବେ ବେତନଟୀ ଏନଏସି ଅଧ୍ୟକ୍ଷ ପଦ କେଉଁ ଆଧାରରେ ଏସଟି ଅନୁସୂଚୀତ ଜନଜାତି ପାଇଁ ସଂରକ୍ଷିତ ରଖାଗଲା, ଏହାକୁ ନେଇ ଏନଏସିର ଭୋଟରଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବେତନଟୀ ବ୍ଲକ ଓ ଏନଏସି ବଡ଼ସାହି ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟର ଓ ଜନସଂଖ୍ୟା ଏସସି ଅନୁସୂଚୀତ ଜାତି ବର୍ଗର ଅଧିକ ଥିବାହେତୁ ଏହା ଏସସି ବର୍ଗରେ ମଧ୍ୟ ସଂରକ୍ଷିତ ନିର୍ବାଚନ କମିଶନର ରଖିଛନ୍ତି। ବିଧାନସଭା ଆସନ ପାଇଁ ଏକ ପ୍ରକାରର ନିୟମ ସଂରକ୍ଷଣ ପାଇଁ ନିର୍ବାଚନ କମିଶନର ଧାର୍ଯ୍ୟ କରିଥିବାବେଳେ ସ୍ୱାୟତ୍ତ ଶାସନ ପାଇଁ ଭିନ୍ନ ନିୟମ ରହିଛି କି ବୋଲି ବିଭିନ୍ନ ଅନୁଷ୍ଠାନ ଓ ଫୋରମ ପକ୍ଷରୁ ପ୍ରଶ୍ନ କରାଯାଇଛି। ବାପ ରାଣ ଢିଙ୍କି ଗିଳ ନ୍ୟାୟରେ ବେତନଟୀ ଏନଏସି ଅଧ୍ୟକ୍ଷ ପଦ ଅନୁସୂଚିତ ବର୍ଗ ପାଇଁ ସଂରକ୍ଷିତ ରଖାଯାଇଥିବାରୁ ସହରବାସୀଙ୍କ ପକ୍ଷରୁ ଏହାର ପ୍ରତିବାଦ କରାଯିବା ସହିତ ଯଦି ଏହାକୁ ପରିବର୍ତ୍ତନ କରାଯାଇ ସାଧାରଣ ଅଣସଂରକ୍ଷିତ କରା ନ ଯାଏ, ତେବେ ଭୋଟ ବର୍ଜନ କରାଯିବ ବୋଲି ସଚେତନ ଭୋଟରଙ୍କ ପକ୍ଷରୁ ସତର୍କ କରାଯିବା ସହିତ ପୁନର୍ବିଚାର କରାଯିବା ପାଇଁ ଦାବି କରାଯାଇଛି।

# ବେଆଇନ ଗଚ୍ଛିତ ବାଲି ଡିପୋ ଉପରେ ମାଇନିଂ ବିଭାଗର ଚଢ଼ଉ



ସାରସକଣା,୨୧।୭(ସମିସ): ସାରସକଣା ବ୍ଲକ ସାରସକଣା ତହସିଲ ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀ ଜାମଶୋଳାଠାରେ ବେଆଇନ ଲଘୁ ଖଣିଜ ଚୋରା ଚାଲାଣ ଉପରେ ଖଣି ବିଭାଗ ଚଢ଼ଉ କରିଛି। ଜାମଶୋଳା ଅଞ୍ଚଳରେ ହଜାର, ହଜାର ଟ୍ରିପ ବେଆଇନ ବାଲି ଗଚ୍ଛିତ କରାଯାଇ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ଭଳି ପଡୋଶୀ ରାଜ୍ୟକୁ ଚାଲାଣ ହେଉଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ହେଉଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ମାଫିଆ ବେଫିକର ଭାବେ ବାଲି ଚାଲାଣ କରି କୋଟି କୋଟି ଟଙ୍କା ରାଜସ୍ୱ ହରିଲୁଟ କରୁଛନ୍ତି। ଆଜି ଦ୍ୱିପ୍ରହରରେ ମାଇନିଂ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଆକସ୍ମିକ ଚଢ଼ଉ କରାଯାଇ ବେଆଇନ ବାଲି ଡିପୋକୁ ଜବତ କରାଯାଇଛି। ଉଚ୍ଚ ପଦାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ନେଇ ସମ୍ପୃକ୍ତ ଅଧିକାରୀ ସୂଚନା ଦେଇଛନ୍ତି।

ଖଣି ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଆଜି ଜାମଶୋଳାର ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା। ଝାରପୋଖରୀଆ ଥାନା ଅନ୍ତର୍ଗତ ଜାମଶଳା ଅଞ୍ଚଳର ବେଆଇନ ଗଚ୍ଛିତ ବାଲି ଡିପୋ ଉପରେ ଚଢ଼ଉ କରାଯାଇଥିଲା। ନୂତନ ଥାନା ଅଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ସହଯୋଗ କରିଥିଲେ। ସରକାରୀ ବାଲିଘାଟରୁ ବାଲି ଉତ୍ତୋଳନ ବନ୍ଦ ରଖିବାକୁ ନିର୍ଦ୍ଦେଶ ଥିବାବେଳେ ନିର୍ଦ୍ଦିଷ୍ଟ ସ୍କ୍ରିନିଂ ପ୍ଲାଣ୍ଟକୁ ଏତେ ପରିମାଣର ବାଲି କେଉଁଠାରୁ ଆସୁଛି ଓ ଶହ ଶହ ଟ୍ରିପ୍ ବେଆଇନ୍ ବାଲି ଗଚ୍ଛିତ କରି ବାହାର ରାଜ୍ୟ ଚାଲାଣ କରୁଛି। କାରବାର ପଛରେ ଖଳନାୟକ କିଏ ଓ କାହା ଛତ୍ରଛାୟା ତଳେ ଏଭଳି ବ୍ୟବସାୟ ଚାଲିଛି, ତାହାକୁ ନେଇ ପ୍ରଶ୍ନ ଉଠିଛି। ଏଭଳି ଚଢ଼ଉ ଜାରି ରହିବ ଓ ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ଚେତାବନୀ ଦିଆଯାଇଛି।

### ■ ବୈଶିଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା

# ବିପର୍ଯ୍ୟସ୍ତ ଶୌଚାଳୟ, ବାହାରେ ଶୌଚ ହେଉଛନ୍ତି ରୋଗୀ



ବେତନଟୀ,୨୧।୭(ସମିସ): ସରକାରୀ ସ୍କୁଲରେ ଶୌଚାଳୟର ଅଭାବ, ସରକାରୀ କାର୍ଯ୍ୟାଳୟରେ ଅଚଳ ଶୌଚାଳୟ କିମ୍ବା ପୌର ପରିଷଦ ଦ୍ୱାରା ନିର୍ମିତ ଭଙ୍ଗା ଶୌଚାଳୟ ବିଷୟରେ ଖବର ଆସିବା କୌଣସି ନୂଆ କଥା ନୁହେଁ। ମାତ୍ର ଏକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଶୌଚାଳୟ ଭଳି ଅତି ମୌଳିକ ଭିତ୍ତିଭୂମି ବିପର୍ଯ୍ୟସ୍ତ ହୋଇପଡ଼ିଥିବାରୁ ରୋଗୀ ବାଧ ହୋଇ ବାହାରେ ଶୌଚ କରିବା ଘଟଣା ସାରା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ୍ ଅନ୍ତର୍ଗତ ବୈଶିଙ୍ଗା ସ୍ୱାସ୍ଥ୍ୟ ଓ ୱେଲ୍‌ନେସ୍ କେନ୍ଦ୍ରରେ ଏଭଳି ଏକ ସମ୍ବେଦନଶୀଳ ତଥା ନିନ୍ଦନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଯାହା ସ୍ୱାସ୍ଥ୍ୟ ବିଭାଗର ଦାୟିତ୍ୱହୀନତାକୁ ପଦାରେ ପକାଇଦେଇଛି।

ସୂଚନା ମୁତାବକ, ବୈଶିଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରତିଦିନ ଶହ ଶହ ରୋଗୀ ଚିକିତ୍ସା ପାଇଁ ଆସିଥା'ନ୍ତି। ମାତ୍ର ଏଠାରେ ସ୍ୱାସ୍ଥ୍ୟସେବା ନାଁରେ ରୋଗୀଙ୍କୁ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗିବାକୁ ପଡୁଛି। ଏହି ସମସ୍ୟାର ଶିକାର ହୋଇଛନ୍ତି ଜଣେ ଦିବ୍ୟାଙ୍ଗ ରୋଗୀ ଓ ତାଙ୍କ ପରିବାର। ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିବା ଦିଲ୍ଲୀପ ସିଂ ନାମକ ଜଣେ ଦିବ୍ୟାଙ୍ଗ ଯୁବକ ଝାଡ଼ାବାନ୍ତି ରୋଗରେ ପୀଡ଼ିତ ହେବାରୁ ତାଙ୍କ ଭାଇ ପ୍ରତାପ ସିଂ ତାଙ୍କୁ ଆଜି ସୋମବାର ଭୋର ସମୟରେ ବୈଶିଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ଡାକ୍ତର ତାଙ୍କ ପ୍ରାଥମିକ ପରୀକ୍ଷା ନିରୀକ୍ଷା କରିବା ପରେ ୱାର୍ଡରେ ଭର୍ତ୍ତି କରିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ଦିଲୀପଙ୍କୁ ପୁନର୍ବାର ଶୌଚ ପାଇଁ ଯିବାର ଆବଶ୍ୟକତା ପଡ଼ିଥିଲା। ୱାର୍ଡ ସଂଲଗ୍ନ ଦୁଇଟି ଶୌଚାଳୟ ଶୋଚନୀୟ ଭାବେ ଭାଙ୍ଗିରୁଜି ଅଚଳ ହୋଇପଡ଼ିଛି। ମୁଁ ମୋ ଦିବ୍ୟାଙ୍ଗ ଭାଇକୁ ଧରି ବାହାରେ ଥିବା ଅନ୍ୟ ତିନୋଟି ଶୌଚାଳୟ ନିକଟକୁ ନେଇଥିଲି, ମାତ୍ର ସେଗୁଡ଼ିକରେ ତାଲା ପଡ଼ିଥିଲା। ଶେଷରେ କୌଣସି ଉପାୟ ନପାଇ ଡ୍ୟୁଟିରେ ଥିବା ନର୍ସଙ୍କ ପରାମର୍ଶ କ୍ରମେ ମୋ ଭାଇକୁ ବାହାର ପଡ଼ିଆକୁ ନେଇ ଶୌଚ କରାଇବାକୁ ବାଧ ହୋଇଛି। ଏହା କେବଳ ପ୍ରତାପ କିମ୍ବା ଦିଲୀପଙ୍କ ଗୋଟିଏ କାହାଣୀ ନୁହେଁ; ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ପ୍ରତ୍ୟେକ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କୁ ନିୟମିତ ଭାବେ ଏହିପରି ଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ପଡୁଛି। ଝାଡ଼ାବାନ୍ତି ଭଳି ସଂକ୍ରାମକ ରୋଗରେ ପୀଡ଼ିତ ରୋଗୀ ବାହାରେ ଶୌଚ ହେବା ଦ୍ୱାରା ଅନ୍ୟମାନଙ୍କୁ ସଂକ୍ରମଣ ବ୍ୟାପିବାର ଆଶଙ୍କା ମଧ୍ୟ ବୃଦ୍ଧି ପାଉଛି। ଏହି ଗୁରୁତର ସମସ୍ୟା ସମ୍ପର୍କରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ବିଶ୍ୱନାଥ ଦାସଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ସେ କହିଛନ୍ତି ଯେ, ଏହି ସମସ୍ୟା ବାବଦରେ ସେ ପୂର୍ବରୁ ଅବଗତ ନଥିଲେ। ଘଟଣାର ଗାମ୍ଭୀର୍ଯ୍ୟକୁ ଦୃଷ୍ଟିରେ ରଖି ଖୁବଶୀଘ୍ର ଏହାର ଅନୁସନ୍ଧାନ କରାଯିବ ଏବଂ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ଆଶ୍ୱାସନା ଦେଇଛନ୍ତି। ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାର ବିକାଶ ଓ "ସ୍ୱଚ୍ଛ ଭାରତ ଅଭିଯାନ" ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ଦାବି କରୁଥିବା ବେଳେ, ବୈଶିଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରର ଏହି ଚିତ୍ର ବାସ୍ତବତାକୁ ପ୍ରତିଫଳିତ କରୁଛି। ବିଶେଷ କରି ଜଣେ ଦିବ୍ୟାଙ୍ଗ ରୋଗୀଙ୍କୁ ଏଭଳି ଅମାନବୀୟ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିବା ଆମର ସ୍ୱାସ୍ଥ୍ୟ ଭିତ୍ତିଭୂମି ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସ୍ୱାସ୍ଥ୍ୟ ବିଭାଗ କେବଳ ଆଶ୍ୱାସନାରେ ସୀମିତ ନରହି, ଭଙ୍ଗାରୁଜା ଶୌଚାଳୟଗୁଡ଼ିକର ମରାମତି କରିବା ସହ ତାଲା ପଡ଼ିଥିବା ଶୌଚାଳୟଗୁଡ଼ିକୁ ରୋଗୀଙ୍କ ବ୍ୟବହାର ପାଇଁ ତୁରନ୍ତ ଖୋଲିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଠାକୁରମୁଣ୍ଡା ତହସିଲ କାର୍ଯ୍ୟାଳୟ

# କର୍ମଚାରୀ ଅଭାବ, ଲୋକଙ୍କୁ ମିଳୁନି ସଠିକ୍ ସେବା

ମହୁଲଡିହା,୨୧।୭(ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ତହସିଲଦାରଙ୍କ କାର୍ଯ୍ୟାଳୟରେ ଏବେ କର୍ମଚାରୀ ଅଭାବ ପରିଲକ୍ଷିତ ହେଉଛି। ସଠିକ୍ ସମୟରେ ହୋଇପାରୁନି ଜନସାଧାରଣଙ୍କ କାମ। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଠାକୁରମୁଣ୍ଡା ତହସିଲରେ କର୍ମଚାରୀ ଅଭାବ ହେତୁ କାର୍ଯ୍ୟ ଧିମେଇ ଯାଇଛି। ବିଭିନ୍ନ କାମରେ ହନ୍ତସନ୍ତ ହେଉଛନ୍ତି ଅଞ୍ଚଳବାସୀ। କାର୍ଯ୍ୟ ଦିବସରେ ତହସିଲକୁ ଆସିଲେ ହଇରାଣର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ଏ ସମସ୍ୟାର ସମାଧାନ କରାଯିବାକୁ ଦାବି ହେଉଛି।

ଠାକୁରମୁଣ୍ଡା ତହସିଲଦାରଙ୍କ କାର୍ଯ୍ୟାଳୟରେ ୪ ଜଣ କନିଷ୍ଠ କିରାଣି ପଦବୀ ରହିଛି। ଚାରିଟି ପଦବୀରେ କେହି ନାହାନ୍ତି। ୪ ବରିଷ୍ଠ କିରାଣି ପଦବୀ ଥିବାବେଳେ ୨ ଜଣ ବରିଷ୍ଠ କିରାଣି କାର୍ଯ୍ୟ କରୁଛନ୍ତି। ୨ ବର୍ଷ ଧରି ରାଜସ୍ୱ ସୁପରଭାଇଜର ପଦ ଖାଲି ପଡ଼ିଛି। ଠାକୁରମୁଣ୍ଡା ତହସିଲ ଅଧୀନରେ ୫ଟି ଅମିନ ପଦବୀ ଥିବାବେଳେ ଅଛନ୍ତି ମାତ୍ର ଜଣେ। ୭ ଜଣ ସହକାରୀ ରାଜସ୍ୱ ନୀରିକ୍ଷକଙ୍କ ଜାଗାରେ ଅଛନ୍ତି ୨ ଜଣ। ସରକାର ନିଯୁକ୍ତି ଦେଉନାହାନ୍ତି କିମ୍ବା ଅନ୍ୟ ସ୍ଥାନରୁ ବଦଳି କରି ଭରଣା କରାଯାଉନାହିଁ। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଲୋକଙ୍କ ସରକାରରେ ଏଭଳି ଚାଲିଛି ବିକାଶ। କେବଳ ଧର୍ମକୁ ଆଖିଠାର ଭଳି ସେବା ଯୋଗାଉଛି ତହସିଲ। ତହସିଲ ଉପରେ ଚାପ ଲମ୍ବା ନାହିଁ। ପୁଣି ଜମି ପଞ୍ଜୀକରଣ ଦାୟିତ୍ୱ ମଧ୍ୟ ରହିଛି। ଆବଶ୍ୟକ କର୍ମଚାରୀ ବିନା କେମିତି ମିଳିବ ସେବା। ଏ ସମ୍ପର୍କରେ ତହସିଲଦାରଙ୍କୁ ପଚାରିବାରୁ କର୍ମଚାରୀ ଅଭାବ ଥିବା ସ୍ୱୀକାର କରିଛନ୍ତି।



### ପ୍ରଶାସନିକ ଉଦାସୀନତା

# ଜମି ପ୍ରଦାନ ପରେ ବି ପ୍ରତିଷ୍ଠା ହେଲାନି ଦମକଳ କେନ୍ଦ୍ର

କୁଳିଅଣା,୨୧।୭ (ସମିସ):

କୁଳିଅଣା ବ୍ଲକ୍‌ର ସୀମାନ୍ତ ତଥା ଅଳ୍ପ ଜନବସତିପୂର୍ଣ୍ଣ ଅଞ୍ଚଳ ଚାନ୍ଦୁଆଠାରେ ଏକ ସରକାରୀ କୋଠାରେ ଅସ୍ଥାୟୀ ଭାବେ ୨୦୨୨ରୁ ଅଗ୍ନିଶମ କେନ୍ଦ୍ର କାର୍ଯ୍ୟ କରୁଥିବାବେଳେ ଏହାର ନୂତନ ଗୃହ ନିର୍ମାଣ କାର୍ଯ୍ୟ ମଧ୍ୟ ଜାରି ରହିଛି। ମାତ୍ର ଭୌଗୋଳିକ ସ୍ଥିତିରୁ କୁଳିଅଣା ବ୍ଲକର ଅତି ସଘନ ଜନବସତିପୂର୍ଣ୍ଣ ୮ ନମ୍ବର ଜୋନର ବାସିନ୍ଦା ସଠିକ୍ ଜରୁରିକାଳୀନ ସେବା ପାଇବାରୁ ସମ୍ପୂର୍ଣ୍ଣ ବଞ୍ଚିତ ହେଉଛନ୍ତି। କୁଳିଅଣା କିମ୍ବା ଏହାର ଆଖପାଖ ଜନବସତି ଅଞ୍ଚଳରେ ନିଆଁ ଲାଗିବା, ଜାତୀୟ ରାଜପଥରେ ଭୟାବହ ସଡ଼କ ଦୁର୍ଘଟଣା ଘଟିବା କିମ୍ବା ନଦୀରେ କେହି ଭାସିଯିବା ସମୟରେ ଚାନ୍ଦୁଆ ଅଗ୍ନିଶମ କେନ୍ଦ୍ରକୁ ଉଦ୍ଧାର ପାଇଁ ଯୋଗାଯୋଗ କଲେ ମଧ୍ୟ ଗାଡ଼ି ଏତେ ବିଳମ୍ବରେ ପହଞ୍ଚୁଛି ଯେ ସେତେବେଳକୁ ସବୁକିଛି ପୋଡ଼ି ପାଉଁଶ ହୋଇଯାଉଛି। ପ୍ରଶାସନର ଏଭଳି ଦାୟିତ୍ୱହୀନ ବ୍ୟବସ୍ଥା ବିପଦରେ ଥିବା ଲୋକଙ୍କ ପାଇଁ ଏକ କ୍ରୂର ଅଟ୍ଟହାସ୍ୟ ପାଲଟିଛି। ବାଧ ହୋଇ ସ୍ଥାନୀୟ ଲୋକେ ବାଙ୍ଗିରିପୋଷି କିମ୍ବା ବାରିପଦା ଅଗ୍ନିଶମ କେନ୍ଦ୍ର ଉପରେ ନିର୍ଭର କରୁଛନ୍ତି। ମାତ୍ର ଅତ୍ୟଧିକ ଦୂରତା ଯୋଗୁଁ ସେଠାରୁ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏହି ଗମ୍ଭୀର ସମସ୍ୟାର ସମାଧାନ ପାଇଁ ପୂର୍ବରୁ କୁଳିଅଣା ତହସିଲ ପକ୍ଷରୁ ପାରିଆକୁଲି ମୌଜାରେ କୁଳିଅଣା ଅଗ୍ନିଶମ କେନ୍ଦ୍ର ନିମନ୍ତେ ଖାତା ନଂ ୧୪୮ ଏ ୧. ୭୦ ଡେସିମିଲ ସରକାରୀ ଜମି ଓଡ଼ିଶା ସରକାରଙ୍କ ଗୃହ ବିଭାଗ ପକ୍ଷରୁ ମୁଖ୍ୟ ଅଗ୍ନିଶମ ଅଧିକାରୀ କଟକଙ୍କୁ ହସ୍ତାନ୍ତର କରାଯାଇଥିଲା। ଉପଜିଲ୍ଲାପାଳ ବାରିପଦାଙ୍କ ସୁପାରିଶକ୍ରମେ ତାଙ୍କ ମାଧ୍ୟମରେ କୁଳିଅଣା ତହସିଲଦାରଙ୍କଠାରୁ ଏହା ଗ୍ରହଣ କରାଯାଇଛି। ଏସବୁ ସତ୍ତ୍ୱେ କୁଳିଅଣାରେ ଅଗ୍ନିସେବା କେନ୍ଦ୍ର ଖୋଲିବା ପରିବର୍ତ୍ତେ ଉପାନ୍ତ ଅଞ୍ଚଳ ଚାନ୍ଦୁଆରେ କରୋନା ସମୟରେ ୧୮/୫/୨୦୨୨ରେ ଆଭାସୀ ମାଧ୍ୟମରେ ସରକାର ଅତି ତରବରିଆ ଭାବେ ଲୋକାର୍ପିତ କରିଥିଲେ। ଏବେବି ବ୍ଲକ ମୁଖ୍ୟ ଦପ୍ତରର ସରକାରୀ କ୍ୱାଟରରେ ଅଗ୍ନି ସେବା କେନ୍ଦ୍ରଟି କାର୍ଯ୍ୟ କରୁଛି।

ଚାନ୍ଦୁଆ ଆରଆଇ ସର୍କଲ ଅନ୍ତର୍ଗତ ବଡ଼ତିଳଉ ମୌଜା ଖାତା ନମ୍ବର ୧୧୮, ପ୍ଲଟ୍ ନମ୍ବର ୧/୭୯୩ ଅଧୀନରେ ୧.୫୦ ଡେସିମିଲ୍ ଜମି ଅଗ୍ନିଶମ ବିଭାଗକୁ ହସ୍ତାନ୍ତର କରାଯାଇସାରିଛି। ସେହି ସ୍ଥାନରେ ଏବେ ଅଗ୍ନିଶମ ସେବାକେନ୍ଦ୍ର ଦପ୍ତର ନିର୍ମାଣ କାର୍ଯ୍ୟ ଚାଲିଛି। ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ କେବଳ ରାଜନୈତିକ ଓ ଅମଲାତାନ୍ତ୍ରିକ ଉଦାସୀନତା ଯୋଗୁଁ ଦମକଳ କେନ୍ଦ୍ର କାମ ଶେଷ ହେଉନି କିମ୍ବା ସେହି ଜମିକୁ ତହସିଲକୁ ମଧ୍ୟ ଅଗ୍ନିଶମ ବିଭାଗ ଫେରସ୍ତ କରୁନାହିଁ। କୁଳିଅଣା ଏକ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ ହେବା ସହ ଏହା ଦେଇ ଯାଇଥିବା ଜାତୀୟ ରାଜପଥ ଏକ ପ୍ରମୁଖ ଦୁର୍ଘଟଣାପ୍ରବଣ ଅଞ୍ଚଳ ହୋଇଥିବାରୁ ଏହି ଚିହ୍ନିତ ଜମିରେ ତୁରନ୍ତ ଆଉଏକ ସ୍ଥାୟୀ ଦମକଳ କେନ୍ଦ୍ର ସ୍ଥାପନ କରିବାକୁ ସାଧାରଣ ଜନତା, ବୁଦ୍ଧିଜୀବୀ ଓ ବ୍ୟବସାୟୀ ସଂଘ ଦାବି କରିଛନ୍ତି। ସ୍ଥାନୀୟ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କୁ ବାରମ୍ବାର ଗୁହାରି କରାଯାଇଥିଲେ ସୁଦ୍ଧା ସରକାର ଏହି ସମ୍ବେଦନଶୀଳ ସମସ୍ୟା ପ୍ରତି ନିରବଦ୍ରଷ୍ଟା ସାଜିଛନ୍ତି। ତେଣୁ ସରକାର ଯଦି ଏହି ଜନଦାବିକୁ ତୁରନ୍ତ ପ୍ରାଥମିକତା ଭିତ୍ତିରେ ପୂରଣ ନ କରନ୍ତି, ତେବେ ଆଗାମୀ ପଞ୍ଚାୟତ ନିର୍ବାଚନରେ ୮ ନମ୍ବର ଜୋନରେ ଏହାର ପ୍ରଭାବ ପଡ଼ିବ।



# ହକି ବିଶ୍ୱକପ୍: ଭାରତୀୟ ଦଳରେ ଅମିତ୍ ଓ ଶିଳାନନ୍ଦ

ନୂଆଦିଲ୍ଲୀ, ୨୧।୭ (ଏଜେନ୍ସି)

ପୁରୁଷ ହକି ବିଶ୍ୱକପର ଷୋଡ଼ଶ ସଂସ୍କରଣ ଅଗଷ୍ଟ ୧୫ରୁ ନେଦରଲ୍ୟାଣ୍ଡସ ଓ ବେଲ୍‌ଜିୟମରେ ମିଳିତ ଭାବେ ଆୟୋଜିତ ହେବାକୁ ଯାଉଛି। ଏଥିଲାଗି ହକି ଇଣ୍ଡିଆ ପକ୍ଷରୁ ମଙ୍ଗଳବାର ୨୦ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଅଭିଜ୍ଞ ଡିଫେଣ୍ଡର ହରମନପ୍ରୀତ୍ ସିଂହଙ୍କୁ ଘୋଷିତ ଦଳର ନେତୃତ୍ୱ ଭାର ଦିଆଯାଇଛି। ସେହିଭଳି ଘୋଷିତ ଦଳରେ ଓଡ଼ିଶାରୁ ଦୁଇଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ଡିଫେଣ୍ଡର ଅମିତ୍ ରୋହିଦାସ ଓ ଯୁବ ଫରୱାର୍ଡ ଶିଳାନନ୍ଦ ଲାକ୍ରା। ୩୩ ବର୍ଷୀୟ ଅମିତ୍‌ଙ୍କ ଏହା ତୃତୀୟ ହକି ବିଶ୍ୱକପ୍ ହେବ। ଏଥିପୂର୍ବରୁ ସେ ୨୦୧୮ ଓ ୨୦୨୩ରେ ଓଡ଼ିଶାରେ ଅନୁଷ୍ଠିତ କ୍ରମାଗତ ଦୁଇଟି ବିଶ୍ୱକପରେ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଥିଲେ। ଅପରପକ୍ଷରେ ୨୭ ବର୍ଷୀୟ ଶିଳାନନ୍ଦଙ୍କ ଏହା ପ୍ରଥମ ସିନିଅର ବିଶ୍ୱକପ୍ ହେବ। ଆଗାମୀ ବିଶ୍ୱକପରେ ଭାରତ ପୁଲ୍-ଡି'ରେ ସ୍ଥାନ ପାଇଛି। ଏହି ପୁଲ୍‌ରେ ଭାରତ ସମେତ ଇଂଲଣ୍ଡ, ପାକିସ୍ତାନ ଓ ୱେଲ୍ସ ଦଳ ରହିଛି। ଉଦ୍‌ଘାଟନୀ ଦିବସରେ ୱେଲ୍ସ ବିପକ୍ଷରେ ଖେଳି ଭାରତ ଏହାର ଅଭିଯାନ ଆରମ୍ଭ କରିବ। ଏହାପରେ ଅଗଷ୍ଟ ୧୭ରେ ଇଂଲଣ୍ଡ ଓ ୧୯ରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି। ଭାରତ ଏହାର ସମସ୍ତ ପୁଲ୍ ପର୍ଯ୍ୟାୟ ମ୍ୟାଚ ନେଦରଲ୍ୟାଣ୍ଡସର ଆମଷ୍ଟେଲଭିନରେ ଖେଳିବ। ସର୍ବାଧିକ ୪ଟି ବିଶ୍ୱକପ ଜିତି ପାକିସ୍ତାନ ସବୁଠୁ ସଫଳ ଦଳ ରହିଛି। '୫୦ ବର୍ଷ ପରେ ଭାରତ ଦ୍ୱିତୀୟଥର ଟାଇଟଲ୍ ଜିତି ଇତିହାସ ରଚିବ' ବୋଲି ମୁଖ୍ୟ ପ୍ରଶିକ୍ଷକ କ୍ରେଗ୍ ଫୁଲଟନ ଆଶାବାଦୀ ରହିଛନ୍ତି। ଭାରତ ପ୍ରଥମ ଓ ଶେଷଥର ଲାଗି ୧୯୭୫ ସଂସ୍କରଣରେ ଚାମ୍ପିଅନ ହୋଇଥିଲା।


ଶିଳାନନ୍ଦ ଓ ଅମିତ୍

### ଘୋଷିତ ଭାରତୀୟ ଦଳ

ଡିଫେଣ୍ଡର: ହରମନପ୍ରୀତ୍ ସିଂହ (ଅଧିନାୟକ), ଜରମନପ୍ରୀତ୍ ସିଂହ, ଅମିତ ରୋହିଦାସ, ଜୁଗରାଜ ସିଂହ, ସଞ୍ଜୟ, ସୁମିତ, ଯଶଦୀପ ସ୍ୱିଆଚ, ମିଡଫିଲ୍ଡର: ରାଜିନ୍ଦର ସିଂହ, ଆଦିତ୍ୟ ଅର୍ଜୁନ ଲାଲାଗେ, ହାର୍ଦ୍ଦିକ ସିଂହ, ମନପ୍ରୀତ୍ ସିଂହ, ନୀଳକାନ୍ତ ଶର୍ମା, ବିବେକ ସାଗର ପ୍ରସାଦ, ଫରୱାର୍ଡ: ଦିଲପ୍ରୀତ୍ ସିଂହ, ଶିଳାନନ୍ଦ ଲାକ୍ରା, ସୁଖଜିତ୍ ସିଂହ, ମନଦୀପ ସିଂହ, ଅଭିଷେକ।

### ଫିଫା ବିଶ୍ୱକପ୍ ଫୁଟବଲ୍‌ରେ ରେକର୍ଡ

# ୧୪ ଆତ୍ମଘାତୀ, ବଦଳ ଖେଳାଳିଙ୍କ ୫୦ ଗୋଲ୍




ନ୍ୟୁୟର୍କ,୨୧।୭ (ଏଜେନ୍ସି)

ସ୍ଥାନୀୟ ମେଟଲାଇଫ୍ ଷ୍ଟାଡିୟମ୍‌ରେ ଶେଷ ହୋଇଥିବା ୨୦୨୬ ଫିଫା ବିଶ୍ୱକପ୍ ଫାଇନାଲରେ ସ୍ପେନ୍ ୧-୦ ଗୋଲରେ ଆର୍ଜେଣ୍ଟିନାକୁ ପରାସ୍ତ କରି ୧୬ବର୍ଷର ବ୍ୟବଧାନ ପରେ ଚାମ୍ପିଅନ ହୋଇଛି। ଏହି ମୁକାବିଲା ସହ ଚଳିତ ବିଶ୍ୱକପ୍‌ରେ ଏକାଧିକ ରେକର୍ଡ ପ୍ରତିଷ୍ଠା ହୋଇଛି।

#### ୧୦୪ ମ୍ୟାଚ୍‌ରେ ୩୦୮ ଟି ଗୋଲ୍

ଚଳିତ ବିଶ୍ୱକପ୍‌ରେ ପ୍ରଥମଥର ୪୮ଟି ଦେଶ ଅଂଶଗ୍ରହଣ କରିଥିଲେ ଓ ସର୍ବାଧିକ ୧୦୪ଟି ମ୍ୟାଚ୍ ଖେଳାଯାଇଥିଲା। ଏହି ୧୦୪ଟି ମ୍ୟାଚ୍‌ରେ ମୋଟ ୩୦୮ଟି ଗୋଲ୍‌ସ୍କୋର ହୋଇଛି। ମ୍ୟାଚ୍ ପ୍ରତି ୨.୯୮ ହାରରେ ଗୋଲ୍ ହୋଇଛି। ତାହା ମଧ୍ୟରୁ ଇଂଲଣ୍ଡ ଓ ଫ୍ରାନ୍ସ ଟିମ୍ ସର୍ବାଧିକ ୨୦ଟି ଲେଖାଏଁ ଗୋଲ୍ ଦେଇଛନ୍ତି। ଆର୍ଜେଣ୍ଟିନା ୧୯ଟି ଗୋଲ୍ ଦେଇ ଦ୍ୱିତୀୟ ସ୍ଥାନରେ ରହିଛି। ସ୍ପେନ୍ ଓ ବେଲଜିୟମ୍ ୧୪ଟି ଲେଖାଏଁ ଗୋଲ ଦେଇଛନ୍ତି। ନରୱେ ୧୩ଟି ଗୋଲ ଦେଇଥିଲାବେଳେ ୯ଟି ଦେଶ ୨ଟି ଲେଖାଏଁ, ୪ଟି ଦେଶ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲାବେଳେ ପାନାମା ଆଦୌ ଗୋଲ ସ୍କୋର କରିପାରି ନାହିଁ। କତାର ସର୍ବାଧିକ ୯ଟି ଗୋଲ୍ ବରଣ କରିଛି।

#### ସର୍ବାଧିକ ଗୋଲ୍ ହୋଇଥିବା ମ୍ୟାଚ୍ ଇଂଲଣ୍ଡ ୬ ବନାମ ଫ୍ରାନ୍ସ ୪

ବିଶ୍ୱକପର ତୃତୀୟ ସ୍ଥାନ ଲାଗି ଅନୁଷ୍ଠିତ ମ୍ୟାଚ୍‌ରେ ଇଂଲଣ୍ଡ ୬-୪ ଗୋଲରେ ଫ୍ରାନ୍ସକୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ହୋଇଥିବା ୧୦ଟି ଗୋଲ୍ ଚଳିତ ବିଶ୍ୱକପ୍‌ରେ ସର୍ବାଧିକ। ସେହିପରି କ୍ୟୁରାସାଓକୁ ଜର୍ମାନୀ ୭-୧ ଓ କତାରକୁ କାନାଡା ୬-୦ ଗୋଲରେ ପରାସ୍ତ କରିଥିଲା।

#### ଆତ୍ମଘାତୀ ମହମ୍ମଦ୍ ହାନି

ଏହି ବିଶ୍ୱକପ୍‌ରେ ୧୩ ଜଣ ଖେଳାଳି ୧୪ଟି ଆତ୍ମଘାତୀ ଗୋଲ୍ ସ୍କୋର କରିଛନ୍ତି। ୨୦୧୮ ରୁଷିଆରେ ହୋଇଥିବା ବିଶ୍ୱକପ୍‌ଠାରୁ ଏହା ୨ଟି ଅଧିକ। ଏଥିରେ ଇଜିପ୍ଟର ମହମ୍ମଦ୍ ହାନି ବିଶ୍ୱର ପ୍ରଥମ ଖେଳାଳି ଭାବେ ବିଶ୍ୱକପ୍‌ରେ ୨ଟି ଆତ୍ମଘାତୀ ଗୋଲ୍ ସ୍କୋର କରିଛନ୍ତି।



#### କିଲିଆନ୍ ଏମ୍‌ବାପେ ନଂ-୧

ଫ୍ରାନ୍ସର ଅଧିନାୟକ କିଲିଆନ୍ ଏମବାପେ ଏହି ବିଶ୍ୱକପ୍‌ରେ ସର୍ବାଧିକ ୧୦ଟି ଗୋଲ୍ ସ୍କୋର କରି ଗୋଲ୍ଡେନ୍ ବୁଟ ପୁରସ୍କାର ହାସଲ କରିଛନ୍ତି। ଆର୍ଜେଣ୍ଟିନାର ଲିଓନେଲ ମେସି ୮ଟି, ଇଂଲଣ୍ଡର ଜୁଡ୍ ବେଲିଂହାମ୍ ଓ ନରୱେର ଏର୍ଲିଙ୍ଗ ହଲାଣ୍ଡ ୭ଟି ଲେଖାଏଁ ଗୋଲ ଦେଇଛନ୍ତି। ଇଂଲଣ୍ଡ ଅଧିନାୟକ ହ୍ୟାରୀ କେନ ଓ ଫ୍ରାନ୍ସର ବାଲନ ଡି'ଓର ପୁରସ୍କାର ବିଜେତା ଓଉସ୍‌ମାନେ ଡେମ୍ବେଲେ ୬ଟି ଲେଖାଏଁ ଗୋଲ ଦେଇଛନ୍ତି।

#### ୪ଟି ହ୍ୟାଟ୍ରିକ୍

ଏଥର ବିଶ୍ୱକପ୍‌ରେ ୧୦୪ଟି ମ୍ୟାଚ୍ ହୋଇଥିଲେ ମଧ୍ୟ ମାତ୍ର ୪ଟି ହ୍ୟାଟ୍ରିକ୍ ଦେଖିବାକୁ ମିଳିଛି। ଏହା ମଧ୍ୟରୁ ଗ୍ରୁପ୍ ପର୍ଯ୍ୟାୟରେ ୩ଟି ଓ ପ୍ଲେ ଅଫ୍‌ରେ ଗୋଟିଏ ହ୍ୟାଟ୍ରିକ୍ ହୋଇଥିଲା। ଫ୍ରାନ୍ସ ବିପକ୍ଷ ପ୍ଲେ ଅଫ' ମୁକାବିଲାରେ ଇଂଲଣ୍ଡର ବୁକାୟୋ ସାକା ଚତୁର୍ଥ ଖେଳାଳି ଭାବେ ହ୍ୟାଟ୍ରିକ୍ ଗୋଲ୍ ସ୍କୋର କରିଥିଲେ। ଗ୍ରୁପ ପର୍ଯ୍ୟାୟରେ ଆଲଜେରିଆ ବିପକ୍ଷରେ ଆର୍ଜେଣ୍ଟିନାର ଲିଓନେଲ ମେସି, କତାର ବିପକ୍ଷରେ କାନାଡାର ଜୋନାଥନ ଡେଭିଡ୍ ଓ ନରୱେ ବିପକ୍ଷରେ ଫ୍ରାନ୍ସର ଓଉସମାନେ ଡେମ୍ବେଲେ ହ୍ୟାଟ୍ରିକ ଅର୍ଜନ କରିଥିଲେ।



#### ବଦଳ ଖେଳାଳିଙ୍କ ରାଜୁତି

ଏହି ବିଶ୍ୱକପ୍‌ରେ ବଦଳ ଖେଳାଳିଙ୍କ ଦ୍ୱାରା ହୋଇଥିବା ଗୋଲରେ ଅନେକ ମ୍ୟାଚ୍‌ର ଭାଗ୍ୟ ନିର୍ଦ୍ଧାରଣ କରାଯାଇଛି। ଏହି ବଦଳ ଖେଳାଳିମାନେ ଏଥର ୫୦ଟି ଗୋଲ ଦେଇଛନ୍ତି। ଜର୍ମାନୀର ଡେନିଜ୍ ଉନ୍ଦାଭ ଓ ସ୍ୱିଜରଲାଣ୍ଡର ଜୋହାନ ମାନଜାମ୍ବି ବ୍ୟକ୍ତିଗତ ଭାବେ ୩ଟି ଲେଖାଏଁ ଗୋଲ୍ ସ୍କୋର କରିଛନ୍ତି। ଫାଇନାଲରେ ସ୍ପେନ୍‌ର ଫେରାନ ଟୋରେସ୍ ବଦଳ ଖେଳାଳିଭାବେ ଦେଇଥିବା ଗୋଲ୍‌ଟି ଥିଲା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏହି ଗୋଲ୍ ବଳରେ ସ୍ପେନ୍ ଚାମ୍ପିଅନ ହୋଇଥିଲା।୨୦୧୪ରେ ସର୍ବାଧିକ ୩୦ଟି ଗୋଲ ବଦଳ ଖେଳାଳି ସ୍କୋର କରିଥିଲେ।

### ସ୍ୱଦେଶରେ ସ୍ପେନ୍‌କୁ ବିପୁଳ ସମ୍ବର୍ଦ୍ଧନା

ମାଦ୍ରିଦ୍/ବୁଏନସ ଆଇରିସ୍,୨୧।୭ (ଏଜେନ୍ସି): ଫିଫା ବିଶ୍ୱକପ୍ ଫାଇନାଲ ପରେ ଚାମ୍ପିଅନ ସ୍ପେନ୍ ଓ ରନର୍ସ ଅପ୍ ଆର୍ଜେଣ୍ଟିନା ଦଳ ସ୍ୱଦେଶ ଫେରିବା ପରେ ସେମାନଙ୍କୁ ନିଜ ନିଜ ଦେଶରେ ବିପୁଳ ସ୍ୱାଗତ କରାଯାଇଛି। ମାଦ୍ରିଦ୍ ଏହି ସମ୍ବର୍ଦ୍ଧନାରେ ଉତ୍ସବ ମୁଖର ହୋଇଥିଲାବେଳେ ଆର୍ଜେଣ୍ଟିନାର ରାଜଧାନୀର ଲକ୍ଷ ଲକ୍ଷ ସମର୍ଥକ ନାଚି ନାଚି ସେମାନଙ୍କ ଖେଳାଳିଙ୍କୁ ସମର୍ଥନ ଜଣାଇଥିଲେ। ଚାମ୍ପିଅନ୍ ସ୍ପେନ୍ ଦଳ ମାଦ୍ରିଦ୍‌ରେ ପହଞ୍ଚିବା ପରେ ରାଜପରିବାର ପକ୍ଷରୁ ପ୍ରଥମେ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହାପରେ ଏକ ଖୋଲା ବସ୍‌ରେ ଖେଳାଳିମାନଙ୍କୁ ମାଦ୍ରିଦ୍ ସହର ମଧ୍ୟ ଦେଇ 'ଆମେ ଚାମ୍ପିଅନ୍' ବ୍ୟାନର ସହ ଏକ ପଡ଼ିଆକୁ ନିଆଯାଇଥିଲା। ସେଠାରେ ପ୍ରଧାନମନ୍ତ୍ରୀ ପେଡ୍ରୋ ସାନ୍‌ଚେଜ୍ ଖେଳାଳିମାନଙ୍କୁ ସ୍ୱାଗତ କରି ତୁମମାନଙ୍କ ଲାଗି ଆମେ ଓ ଆମ ଦେଶ ଗର୍ବିତ ବୋଲି କହିଥିଲେ। ସେହିଭଳି ସ୍ପେନର ବିଶିଷ୍ଟ ଗାୟକମାନେ ଯଥା ଆଇତାନା, ଆନା ମେନା ଓ ଲୋଲା ଇଣ୍ଡିଗୋ ପ୍ରମୁଖ ଉପସ୍ଥିତ ଥିଲେ। ଫରୱାର୍ଡ ଖେଳାଳି ଇଗ୍ଲେସିଆସ୍ ଡିଜେ ବଜାଇଥିଲେ। ଏଠାରେ ଲକ୍ଷେ କୋଡ଼ିଏ ହଜାରରୁ ଉର୍ଦ୍ଧ୍ୱ ସମର୍ଥକ ଉପସ୍ଥିତ ଥିଲେ। ଅନ୍ୟ ପକ୍ଷରେ ଆଇକନ୍ ଖେଳାଳି ଲିଓନେଲ ମେସିଙ୍କ ବ୍ୟତୀତ ଲିଓନେଲ ସ୍କୋଲାନିଙ୍କ ସହ ଅନ୍ୟ ସମସ୍ତ ଖେଳାଳି ବୁଏନସ ଆଇରିସ୍ ବିମାନବନ୍ଦରରେ ପହଞ୍ଚିବା ପରେ ସମର୍ଥକମାନେ ସ୍ଲୋଗାନ ଦେଇ ସ୍ୱାଗତ କରିଥିଲେ। ଆର୍ଜେଣ୍ଟିନା ରନର୍ସ ଅପ୍ ହୋଇଥିଲେ ମଧ୍ୟ ସମର୍ଥକମାନେ ଚାମ୍ପିଅନ ଭଳି ସ୍ୱାଗତ କରିଥିଲେ। ଯଦିଓ ସେମାନଙ୍କ ଲାଗି କୌଣସି ସଭାର ଆୟୋଜନ ହୋଇ ନ ଥିଲା, ତଥାପି ଏତେ ସଂଖ୍ୟକ ସମର୍ଥକଙ୍କ ଉପସ୍ଥିତି ଖେଳାଳି ଓ କର୍ମକର୍ତ୍ତାଙ୍କୁ ଭାବ ପ୍ରବଣ କରିଥିଲା। ୪ ବର୍ଷ ପୂର୍ବେ ଆର୍ଜେଣ୍ଟିନା ଚାମ୍ପିଅନ ହୋଇ ସ୍ୱଦେଶ ଫେରିବା ପରେ ସମର୍ଥକ ମାନେ ବିପୁଳ ସ୍ୱାଗତ କରିଥିଲେ।

## ଫିଫା ର୍‍ୟାଙ୍କିଙ୍ଗ; ଆର୍ଜେଣ୍ଟିନାକୁ ହଟାଇ ଶୀର୍ଷରେ ସ୍ପେନ୍

ଜୁରିଚ,୨୧।୭ (ଏଜେନ୍ସି): ଦ୍ୱିତୀୟଥର ଲାଗି ଫିଫା ବିଶ୍ୱକପ ଚାମ୍ପିଅନ ହୋଇଥିବା ସ୍ପେନ ବିଶ୍ୱ ର୍‍ୟାଙ୍କିଙ୍ଗରେ ମଧ୍ୟ ଏକ ନମ୍ବର ସ୍ଥାନ ହାସଲ କରିଛି। ବିଶ୍ୱ ଫୁଟବଲର ସର୍ବୋଚ୍ଚ ସଂସ୍ଥା ଫିଫା ପକ୍ଷରୁ ସଦ୍ୟ ପ୍ରକାଶିତ ର୍‍ୟାଙ୍କିଙ୍ଗରେ ଲିଓନେଲ ମେସିଙ୍କ ଆର୍ଜେଣ୍ଟିନାକୁ ହଟାଇ ସ୍ପେନ ଶୀର୍ଷକୁ ଉଠିଛି। ସେହିଭଳି ବିଶ୍ୱକପରେ କାଂସ୍ୟ ପଦକ ହାସଲ କରିଥିବା ଇଂଲଣ୍ଡ ପୂର୍ବଭଳି ୪ର୍ଥ ସ୍ଥାନରେ ସ୍ଥିର ରହିଛି। କାଂସ୍ୟ ପଦକ ଲଢ଼େଇ ମୁକାବିଲାରେ ପରାସ୍ତ ହୋଇଥିବା ଫ୍ରାନ୍ସ ମଧ୍ୟ ତୃତୀୟସ୍ଥାନରେ ଅପରିବର୍ତ୍ତିତ ରହିଛି। ସେହିଭଳି ୨୦୨୨ ବିଶ୍ୱକପ ସେମିଫାଇନାଲିଷ୍ଟ ମରୋକ୍କୋ ସପ୍ତମରୁ ୬ଷ୍ଠ ସ୍ଥାନକୁ ଉଠିଛି। ଯାହାକି ଫିଫା ଇତିହାସରେ ମରୋକ୍କୋର ସର୍ବୋଚ୍ଚ ମାନ୍ୟତା। ରେକର୍ଡ ପାଞ୍ଚଥରର ବିଜେତା ବ୍ରାଜିଲ ଗୋଟିଏ ପାହାଚ ଉପରକୁ ଉଠି ୫ମ ସ୍ଥାନ ଲାଭ କରିଛି। ତେବେ ସଦ୍ୟ ମାନ୍ୟତାରେ ନରୱେର ବଡ଼ ଉନ୍ନତୀ ଦେଖିବାକୁ ମିଳିଛି। ଏର୍ଲିଙ୍ଗ ହଲାଣ୍ଡଙ୍କ ନରୱେ ଦଳ ଏକାଥରକେ ୧୨ଟି ସ୍ଥାନ ଲମ୍ଫ ପ୍ରଦାନ କରି ୧୯ରେ ପହଞ୍ଚିଛି। ତେବେ ଚାରିଥରର ଚାମ୍ପିଅନ ଜର୍ମାନୀ ଟପ୍-୧୦ରୁ ବାଦ୍ ପଡ଼ିଛି। ରାଉଣ୍ଡ-୩୨ରେ ପାରାଗୁଲ ନିକଟରୁ ହାରିଥିବା ଜର୍ମାନୀ ଦୁଇଟି ପାହାଚ ତଳକୁ ଖସି ୧୨ତମ ସ୍ଥାନ ଲାଭ କରିଛି।

## ଲଢ଼େଇ ଏକପାଖିଆ ହେବନି: ରାଜା

ହରାରେ, ୨୧।୭ (ଏଜେନ୍ସି): ଘରୋଇ ଜିମ୍ବାୱେ ଓ ଭାରତୀୟ କ୍ରିକେଟ୍ ଦଳ ମଧ୍ୟରେ ୩ ମ୍ୟାଚବିଶିଷ୍ଟ ଟି-୨୦ ସିରିଜ ଗୁରୁବାରଠାରୁ ଆରମ୍ଭ ହେବାକୁଯାଉଛି। ଏହାପୂର୍ବରୁ ଜିମ୍ବାୱେ ଅଧିନାୟକ ସିକନ୍ଦର ରାଜା ବଡ଼ ବୟାନ ଦେଇଛନ୍ତି। ଭାରତକୁ ଚ୍ୟାଲେଞ୍ଜ କରି ରାଜା କହିଛନ୍ତି ଯେ ଉଭୟ ଦେଶ ଏହି ସିରିଜ୍ ଜିତିବା ପାଇଁ ସମାନ ସମ୍ଭାବନା ରଖିବେ। ମୁଁ ନିଶ୍ଚିତ ଯେ ଜିମ୍ବାୱେ ନିରନ୍ତର ବହୁତ ଭଲ କ୍ରିକେଟ୍ ଖେଳିଛି। ତେଣୁ ମୁଁ ନିଶ୍ଚିତ କହିପାରିବି ଯେ ଏହି ସିରିଜ୍ ଏକପାଖିଆ ହେବନାହିଁ। ଶ୍ରେୟସ ଆୟରଙ୍କ ନେତୃତ୍ୱରେ ଟିମ୍ ଇଣ୍ଡିଆ ନିକଟରେ ଆୟର୍ଲାଣ୍ଡ ଓ ଇଂଲଣ୍ଡ ନିକଟରୁ ଟି-୨୦ ସିରିଜ ହାରିଥିବାରୁ ବେଶ୍ ଚାପରେ ରହିଛି।

## ବାସନ୍ଦ ହୋଇପାରନ୍ତି ଆର୍ଜେଣ୍ଟିନା ଖେଳାଳି

ନ୍ୟୁୟର୍କ,୨୧।୭ (ଏଜେନ୍ସି): ଚଳିତ ଫିଫା ବିଶ୍ୱକପ୍ ଫାଇନାଲରେ ସ୍ପେନ୍‌ଠାରୁ ୧-୦ ଗୋଲରେ ହାରିଯିବା ପରେ ଆର୍ଜେଣ୍ଟିନା ଖେଳାଳିମାନେ ହିଂସାତ୍ମକ ଆଚରଣ ପ୍ରଦର୍ଶନ କରିଛନ୍ତି। ଯାହା ଫଳରେ କି ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ସ୍ପେନ୍ ଖେଳାଳିମାନେ ତଳେ ପଡ଼ିଯାଇଥିଲେ। ବିଶେଷ କରି ଆର୍ଜେଣ୍ଟିନା। ଫୁଲ୍‌ବ୍ୟାକ୍ ନାହୁଏଲ ମୋଲିନା, ମିଡ୍‌ଫିଲ୍ଡର ଲିଆଣ୍ଡର ପାରାଡେସ୍ ଓ ଆସିଷ୍ଟାଣ୍ଟ ରେଫରୀ ଫାବିଆ ଆୟଲାଙ୍କ ଆଚରଣ ଫିଫା ଆଚରଣ ସଂହିତାକୁ ଉଲ୍ଲଙ୍ଘନ କରୁଛି। ଏହି ଘଟଣାର ତଦନ୍ତ କରିବାକୁ ଫିଫା ପକ୍ଷରୁ ଘୋଷଣା କରାଯାଇଛି। ଏହି ଘଟଣାରେ ଖେଳାଳିମାନେ ଯଦି ଦୋଷୀ ସାବ୍ୟସ୍ତ ହୁଅନ୍ତି, ତେବେ ସେମାନେ ଅତିକମ୍‌ରେ ୩ଟି ମ୍ୟାଚ୍‌ର ବାସନ୍ଦ ହେବେ। ଆର୍ଜେଣ୍ଟିନା ଖେଳାଳିଙ୍କ ଆଚରଣ ଉପରେ ଫିଫା ପକ୍ଷରୁ ଏହା ଦ୍ୱିତୀୟ ତଦନ୍ତ। ସେମିଫାଇନାଲରେ ଇଂଲଣ୍ଡକୁ ୨-୧ ଗୋଲରେ ହରାଇବା ରେ ଆର୍ଜେଣ୍ଟିନାର କିଛି ଖେଳାଳି ଫାକ୍‌ଲାଣ୍ଡ ଆମର ଶୀର୍ଷକ ଏକ ବ୍ୟାନର ପ୍ରଦର୍ଶନ କରିଥିଲେ। ଯାହାକି ଫିଫାର ଆଚରଣ ସଂହିତାକୁ ଉଲ୍ଲଙ୍ଘନ କରୁଛି। ଉଭୟ ଘଟଣାର ତଦନ୍ତ ଭିନ୍ନ ଭିନ୍ନ ଏଥିକ୍ସ ଅଫିସର କରୁଛନ୍ତି।

## ଫାଓକୁ ଏଆଇଏଫ୍‌ଏଫ୍‌ର ଶୀର୍ଷସ୍ତରୀୟ ମାନ୍ୟତା

ଭୁବନେଶ୍ୱର, ୨୧।୭ (ସମିସ): ଗତ ୩ ବର୍ଷର ସାମଗ୍ରିକ ପ୍ରଦର୍ଶନ ଆଧାରରେ ଫୁଟବଲ୍ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଦେଶରେ ପ୍ରଥମ-ସ୍ତରୀୟ ରାଜ୍ୟ ସଂଘ ମଧ୍ୟରେ ସ୍ଥାନିତ ହୋଇଛି। ସର୍ବଭାରତୀୟ ଫୁଟବଲ୍ ମହାସଂଘ (ଏଆଇଏଫ୍‌ଏଫ୍) ପକ୍ଷରୁ ଫାଓକୁ ଏହି ମାନ୍ୟତା ମିଳିଛି। ଏଆଇଏଫଏଫ'ର ଏହି ମାନ୍ୟତା ପ୍ରଶାସନ, ତୃଣମୂଳ ବିକାଶ, ପ୍ରଶିକ୍ଷକ ଏବଂ ରେଫରୀ ଶିକ୍ଷା, ମହିଳା ଫୁଟବଲ୍, ଯୁବ ବିକାଶ, ପ୍ରତିଯୋଗିତା ଏବଂ ପ୍ରଶାସନିକ ଉତ୍କର୍ଷତା ସମେତ ଫୁଟବଲର ବିକାଶରେ ଫାଓର ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରୁଛି। ଏଆଇଏଫ୍‌ଏଫ'ର ଶୀର୍ଷସ୍ତରୀୟ ଜାତୀୟ ଫୁଟବଲ ପ୍ରତିଯୋଗିତାରେ ଓଡ଼ିଶାର ବିଭିନ୍ନ ଦଳ ଯଥା ସିନିଅର ପୁରୁଷ, ସିନିଅର ମହିଳା, ଜୁନିଅର ବାଳକ ଓ ବାଳିକା, ସବ୍‌ଜୁନିଅର ବାଳକ ଓ ବାଳିକା ବର୍ଗରେ ସେମାନଙ୍କ ଶ୍ରେଷ୍ଠତ୍ୱ ଦେଇଆସୁଛି।

## ପରାଜୟର ଯନ୍ତ୍ରଣା ଗଭୀର, ଶୁଖିବାକୁ ସମୟ ଲାଗିବ



ନୂଆଦିଲ୍ଲୀ, ୨୧।୭ (ଏଜେନ୍ସି)


ଫିଫା ବିଶ୍ୱକପର ଫାଇନାଲରେ ସ୍ପେନ ନିକଟରୁ ହାରିବା ପରେ ଆର୍ଜେଣ୍ଟିନାର କ୍ରମାଗତ ଟାଇଟଲ ଜିତିବା ସ୍ୱପ୍ନ ଧୂଳିସାତ୍ ହୋଇଥିଲା। ଏହି ପରାଜୟକୁ ନେଇ ଆର୍ଜେଣ୍ଟିନା ଅଧିନାୟକ ଲିଓନେଲ ମେସି ପ୍ରଥମଥର ମୁହଁ ଖୋଲିଛନ୍ତି। ସାମାଜିକ ଗଣମାଧ୍ୟମ ଇନଷ୍ଟାଗ୍ରାମରେ ମେସି ଉଲ୍ଲେଖ କରିଛନ୍ତି ଯେ 'ଏହି ଯନ୍ତ୍ରଣା ବହୁତ ଗଭୀର, ଏହି କ୍ଷତକୁ ଶୁଖିବାକୁ ସମୟ ଲାଗିବ। କିନ୍ତୁ ମୁଁ ସମସ୍ତ ଭଲ ଜିନିଷକୁ ମଧ୍ୟ ଆଦର କରେ... ଯେଉଁ ମ୍ୟାଚ୍‌ଗୁଡ଼ିକରେ ଆମେ ଆମର ସର୍ବସ୍ୱ ଦେଇଥିଲୁ ଏବଂ ମୋଡ଼ ବଦଳାଇ ଦେଇଥିଲୁ, ସେହି ମ୍ୟାଚ୍‌ଗୁଡ଼ିକ ସର୍ବଦା ସ୍ମୃତିରେ ଲିପିବଦ୍ଧ ହୋଇ ରହିବ। ସମଗ୍ର ଦେଶର ସମର୍ଥନ ଯାହା ଏହି ଦଳର କଠିନ ପରିଶ୍ରମ ଏବଂ ପ୍ରୟାସ ସହିତ ମିଶି ଆମକୁ ପୁଣିଥରେ ବିଶ୍ୱର ଶ୍ରେଷ୍ଠ ଖେଳାଳିମାନଙ୍କ ମଧ୍ୟରେ ସାମିଲ ହେବାର ସୁଯୋଗ ଦେଇଛି। ଆଜି ଆମେ କ'ଣ ହାସଲ କରିଛୁ ତାହା ସମ୍ପୂର୍ଣ୍ଣ ଭାବରେ ବୁଝିବା କଷ୍ଟକର, କିନ୍ତୁ ଏହି ଦଳ ଲଗାତାର ଦୁଇଟି ବିଶ୍ୱକପ୍ ଫାଇନାଲରେ ପହଞ୍ଚିଛି। ମେସି ଆହୁରି ମଧ୍ୟ କହିଛନ୍ତି, "ପ୍ରତ୍ୟେକ ଅଭିନନ୍ଦନ ଓ ବାର୍ତ୍ତା ପାଇଁ ମୁଁ ସମସ୍ତଙ୍କୁ ଆନ୍ତରିକର ସହ ଧନ୍ୟବାଦ ଜଣାଉଛି। ପୁଣିଥରେ, ଆମେ ଏକ ଦେଶ ପକ୍ଷରୁ ଏକତ୍ରିତ ହୋଇଛୁ ଓ ମିଳିତ ଭାବରେ ଆର୍ଜେଣ୍ଟିନାର ନାଗରିକ ହେବାରେ ଅପାର ଗର୍ବ ଅନୁଭବ କରିଛୁ। ଚାମ୍ପିଅନ ସ୍ପେନକୁ ମଧ୍ୟ ଅଭିନନ୍ଦନ ଜଣାଉଛି' ବୋଲି ମେସି କହିଛନ୍ତି।

ସକାଳ
THE SAKALA
www.thesakala.in
The Sakala require the following post for Head Office urgently.
ADVERTISEMENT EXECUTIVE
Qualification: MBA with 5 yrs. experience.
Send your CV by 31.07.2026 to
Asst. Manager HR
Email: hr@thesakala.com
Mob.: 8249526803
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

### ବଳାତ୍କାର ଅଭିଯୋଗ

## କ୍ରିକେଟର୍ ପୋରେଲଙ୍କୁ ଗିରଫ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କୋଲକାତା, ୨୧।୭ (ଏଜେନ୍ସି): ବଳାତ୍କାର ମାମଲାରେ ପଶ୍ଚିମବଙ୍ଗ ତଥା ଦିଲ୍ଲୀ କ୍ୟାପିଟାଲ୍ସ କ୍ରିକେଟର୍ ଅଭିଷେକ ପୋରେଲ ବିବାଦରେ ଫସିଛନ୍ତି। ଅଭିଷେକ ଓ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ କଲକାତା ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ତାଙ୍କର ଇଲେକ୍ଟ୍ରୋନିକ ଡିଭାଇସଗୁଡ଼ିକୁ ଜବତ କରିବାକୁ ମଧ୍ୟ କୋଲକାତା ପୋଲିସକୁ କୁହାଯାଇଛି। ଜଣେ ଡାକ୍ତରୀ ଛାତ୍ରୀଙ୍କ ଅଭିଯୋଗ ଉପରେ ଦାୟର ହୋଇଥିବା ଏକ ଫୌଜଦାରୀ ମାମଲାରେ ହାଇକୋର୍ଟ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଅଭିଷେକଙ୍କ ବିରୋଧରେ ବଳାତ୍କାର ସମେତ ଅପରାଧିକ ଧମକ ଏବଂ ଅନ୍ୟାନ୍ୟ ଗୁରୁତର ଅଭିଯୋଗ ଲାଗିଛି। ଜୁନ୍ ମାସର ପ୍ରାରମ୍ଭରେ ଜଣେ ଯୁବତୀ ଅଭିଷେକଙ୍କ ବିରୋଧରେ ଅଭିଯୋଗ ଦାଖଲ କରିଥିଲେ। ଯୁବତୀ ଜଣଙ୍କ କହିଥିଲେ ଯେ ପୋରେଲ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ତାଙ୍କ ସହ ୩ ବର୍ଷ ହେବ ଶାରୀରିକ ସମ୍ପର୍କ ରଖିଥିଲେ। ପରବର୍ତ୍ତୀ ସମୟରେ ମତଭେଦ ଯୋଗୁ ତାଙ୍କୁ ବିବାହ ନ କରି ଅନ୍ତରଙ୍ଗ ଫଟୋ ଏବଂ ଭିଡିଓ ଭାଇରାଲ କରିବାକୁ ପୋରେଲ ଧମକ ଦେଇଥିଲେ। ଅପରପକ୍ଷରେ ବର୍ତ୍ତମାନ ବେଙ୍ଗାଲୁରୁରେ ଥିବା ପୋରେଲ ଏହି ଅଭିଯୋଗଗୁଡ଼ିକୁ ଅସ୍ୱୀକାର କରିଛନ୍ତି। ଅଭିଷେକ ଏହା ମଧ୍ୟ କହିଛନ୍ତି ଯେ ପୋଲିସ ଏପର୍ଯ୍ୟନ୍ତ ତାଙ୍କ ସହିତ ଯୋଗାଯୋଗ କରିନାହିଁ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS